# ଧରିତ୍ରୀ
DHARITRI

ବ୍ରହ୍ମପୁର, ବୁଧବାର, ଅଗଷ୍ଟ ୨୯/୨୦୧୮ (୨୦ ପୃଷ୍ଠା) Berhampur, Wednesday, August 29 / 2018 ★★★

୧୪ ଶ ଭାଗ ୨୧୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




ଧରିତ୍ରୀ
DHARITRI
ବୁଧବାର, ୨୯ ଅଗଷ୍ଟ, ୨୦୧୮



“୨୦୧୯ ଲୋକ ସଭା ନିର୍ବାଚନରେ ଭାଜପା ପୂରା ସଫା ହୋଇଯିବ। କାହିଁକିନା ଗୈରିକ ଦଳର ପ୍ରଦର୍ଶନ ଏବେଠାରୁ ଜଣାପଡ଼ିଗଲାଣି। ତେବେ ଜାତୀୟ ନାଗରିକ ପଞ୍ଜୀକରଣ (ଏନ୍ଆରସି) ବ୍ୟବସ୍ଥା ପଶ୍ଚିମବଙ୍ଗରେ ଲାଗୁ କରିବାକୁ କେନ୍ଦ୍ରକୁ ଅନୁମତି ଦେବୁ ନାହିଁ।

-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ



## ସଂକ୍ଷେପରେ

### ଉତ୍ତରାଧିକାରୀଙ୍କ ନାମ ସୁପାରିସ ପାଇଁ ସିଜେଆଇଙ୍କୁ ପରାମର୍ଶ

**ନୂଆଦିଲ୍ଲୀ, ୨୮ା୮(ପି.ଟି.):** ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେଆଇ) ଦୀପକ ମିଶ୍ରଙ୍କ କାର୍ଯ୍ୟକାଳ ଅକ୍ଟୋବର ୨ରେ ଶେଷ ହେବାକୁ ଯାଉଛି। ଏବେଠାରୁ ତାଙ୍କୁ ଉତ୍ତରାଧିକାରୀ ଚୟନ କରିବା ଲାଗି କେନ୍ଦ୍ର ସରକାର କହିଛନ୍ତି। ନୂଆ ସିଜେଆଇଙ୍କ ନାମ ସୁପାରିସ କରିବା ଲାଗି ଜଷ୍ଟିସ୍ ମିଶ୍ରଙ୍କୁ କେନ୍ଦ୍ର ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ ଏନେଇ ଜଷ୍ଟିସ୍ ମିଶ୍ରଙ୍କ ପାଖକୁ ନିକଟରେ ଏକ ପତ୍ର ପଠାଯାଇଛି। ଉଚ୍ଚ ନ୍ୟାୟାଳୟରେ ନିଯୁକ୍ତି ପ୍ରକ୍ରିୟା ପରିଚାଳନା ନିମିତ୍ତ ଥିବା ମେମୋରେଣ୍ଡମ୍ ଅଫ୍ ପ୍ରୋସିଜ୍ୟୁର୍ ଅନୁଯାୟୀ ସୁପ୍ରିମକୋର୍ଟର ବରିଷ୍ଠତମ ବିଚାରପତି ସିଜେଆଇ ହୋଇପାରିବେ। ଏବେ ସୁଦ୍ଧା ସିଜେଆଇ ମିଶ୍ରଙ୍କ ପରେ ସର୍ବୋଚ୍ଚ ଅଦାଲତର ବରିଷ୍ଠତମ ବିଚାରପତି ହେଲେ ଜଷ୍ଟିସ୍ ରଞ୍ଜନ ଗୋଗୋଇ। ତେଣୁ ତାଙ୍କ ନାମ ସୁପାରିସ ହୋଇପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି।

### [ଇତିହାସର ଆଇନାରେ]

### ଅଗଷ୍ଟ ୨୯ର ପ୍ରମୁଖ ଘଟଣା

୧୯୪୪ ଅଗଷ୍ଟ ୨୯ରେ ନାଜି ବିରୋଧରେ ଜାତୀୟ ବିଦ୍ରୋହ ଆରମ୍ଭ ହୋଇଥିଲା। ବନ୍ସ୍କା ବିଷ୍ଟ୍ରିକାଠାରୁ ଏହି ବିଦ୍ରୋହ ଆରମ୍ଭ ହୋଇଥିଲା ଏବଂ ସ୍ଲୋଭାକ୍ ରାଜ୍ୟ ଯୋଜେଫ୍ ଟିସୋ ଦଖଲ କରିବା ଥିଲା ମୁଖ୍ୟ ଉଦ୍ଦେଶ୍ୟ।

୨୦୦୫ ଅଗଷ୍ଟ ୨୯ରେ ଆମେରିକା ଉପସାଗର ଉପକୂଳରେ ସାମୁଦ୍ରିକ ଝଡ଼ କ୍ୟାଟ୍ରିନାର ତାଣ୍ଡବ ଦେଖିବାକୁ ମିଳିଥିଲା। ସମଗ୍ର ଲୁଇଜିଆନାଠାରୁ ଫ୍ଲୋରିଡା ପାନହାଣ୍ଡେଲ ପର୍ଯ୍ୟନ୍ତ ଉପକୂଳ ଅଞ୍ଚଳ ଛାରଖାର ହୋଇଯାଇଥିଲା।

## ରାଫେଲ୍ ଯୁଦ୍ଧବିମାନକୁ ନେଇ କଂଗ୍ରେସର ସାନି ଆକ୍ରମଣ

# ମୋଦି-ଅମ୍ବାନୀ ପ୍ରତ୍ୟକ୍ଷ ଚୁକ୍ତି

ନୂଆଦିଲ୍ଲୀ, ୨୮ା୮(ପି.ଟି.)

### ପ୍ରଧାନମନ୍ତ୍ରୀ ମଧ୍ୟଯୁଗୀୟ ଶାସକଙ୍କ ଭଳି କାର୍ଯ୍ୟ କରୁଛନ୍ତି





ରାଫେଲ୍ ଚୁକ୍ତିକୁ ନେଇ ପୁଣି ସରଗରମ ହୋଇଛି ଜାତୀୟ ରାଜନୀତି। ଯୁଦ୍ଧବିମାନ କ୍ରୟ ଲାଗି ଫ୍ରାନ୍ସ ସହ ଚୁକ୍ତି କରିବାବେଳେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଶିଳ୍ପପତି ଅନିଲ ଅମ୍ବାନୀଙ୍କୁ ଆକ୍ରମଣ କରିଛି ବିରୋଧୀ କଂଗ୍ରେସ। ମୋଦି ଏବଂ ଅମ୍ବାନୀଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଚୁକ୍ତି ହୋଇଛି। ପ୍ରଧାନମନ୍ତ୍ରୀ ବିଧିବଦ୍ଧ ନିୟମ ପାଳନ ନ କରି ମଧ୍ୟଯୁଗୀୟ ଶାସକଙ୍କ ଭଳି ମନମୁଖୀ ଭାବେ ରାଫେଲ୍ ଚୁକ୍ତି କରିଛନ୍ତି ବୋଲି କଂଗ୍ରେସ କହିଛି। ଯୁଦ୍ଧବିମାନ ଚୁକ୍ତିରେ ଦୁର୍ନୀତି ଗନ୍ଧ ବାରି ସାନି ସ୍ୱର ଉଠାଇବା ସହ କଂଗ୍ରେସ କହିଛି ଯେ, ଦଳ ଆଣୁଥିବା ଅଭିଯୋଗରେ ସତ୍ୟତା ରହିଛି। ଯଦି ସତ୍ସାହସ ଅଛି କେନ୍ଦ୍ର ସରକାର କୋର୍ଟକୁ ଯାଇ ଅଭିଯୋଗ ମିଛ ବୋଲି ପ୍ରମାଣ କରିଦିଅନ୍ତୁ। ଖାଲି ସେତିକି ନୁହେଁ, ରାଫେଲ୍ ଚୁକ୍ତି ସମ୍ପର୍କରେ ସରକାର ତଥ୍ୟ ଲୁଚାଉଛନ୍ତି। ଏସବୁକୁ ପ୍ରଘଟ କରିବା ଲାଗି ସରକାରଙ୍କୁ ଏକପ୍ରକାର ବାଧ୍ୟ କରିଦିଆଯିବ। କିନ୍ତୁ ସରକାର ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେହିପରି କଂଗ୍ରେସର ଅନେକ ନେତା ବିବାଦୀୟ ମନ୍ତବ୍ୟ ଦେଇଥିବାରୁ ରାଲାଏନ୍ସ ଗ୍ରୁପ୍ ମୁଖ୍ୟ ଅନିଲ ଅମ୍ବାନୀ ସେମାନଙ୍କୁ ନୋଟିସ ପଠାଇ ପାଟି ବନ୍ଦ କରିବାକୁ କହିଛନ୍ତି। ମିଥ୍ୟା ତଥା ମାନହାନିଜନକ କଥାରୁ ବିରତ ନ ରହିଲେ ଆଇନଗତ କାର୍ଯ୍ୟାନୁଷ୍ଠାନର ସାମ୍ନା କରିବେ ବୋଲି କଂଗ୍ରେସ ନେତାଙ୍କୁ ଅମ୍ବାନୀ ଚେତାବନୀ ଦେଇଛନ୍ତି।

ଅନେକ ଦୁର୍ନୀତି ସାମ୍ନାକୁ ଆସିବା ପରେ ୨୦୧୪ରେ ଧରାଶାୟୀ ହୋଇଥିଲା କଂଗ୍ରେସ ନେତୃତ୍ୱାଧୀନ ଉପା। ଏହାପରେ ଭାଜପା ନେତୃତ୍ୱାଧୀନ ଏନ୍ଡିଏ ଶାସନ ମଙ୍ଗ ଧରିଲା। ଚାରିବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ସୁଦ୍ଧା ମୋଦି ସରକାର ସେଭଳି କୌଣସି ଦୁର୍ନୀତି ମାମଲା ପାଇଁ ଅଡୁଆରେ ପଡ଼ି ନାହାନ୍ତି। ଆଗକୁ ୨୦୧୯ ନିର୍ବାଚନ ଆସୁଥିବାରୁ କଂଗ୍ରେସ ରାଫେଲ ଯୁଦ୍ଧବିମାନ କିଣାରେ ଦୁର୍ନୀତି ହୋଇଥିବା ଦର୍ଶାଇ ବାରମ୍ବାର କେନ୍ଦ୍ରକୁ ଟାର୍ଗେଟ କରୁଛି। ସଦ୍ୟ ଆକ୍ରମଣ କରି କଂଗ୍ରେସ ମୁଖପାତ୍ର ଜୟପାଲ ରେଡ୍ଡୀ କହିଛନ୍ତି ଯେ, ନିଜ ଶିଳ୍ପପତି ବନ୍ଧୁଙ୍କୁ ଫାଇଦା ଦେବା ପାଇଁ ପ୍ରଧାନମନ୍ତ୍ରୀ ରାଫେଲ୍ ଚୁକ୍ତିରେ ନିୟମ ଉଲ୍ଲଂଘନ କରିଛନ୍ତି। ଚୁକ୍ତି ବାବଦରେ ମୋଦିଙ୍କ ବାଦ୍ ଅମ୍ବାନୀଙ୍କୁ ହିଁ ଜଣା। ସପ୍ତଦଶ ଶତାବ୍ଦୀର ଫ୍ରାନ୍ସର ଏକଛତ୍ରବାଦୀ ଶାସକ ଲୁଇସ୍ ଚତୁର୍ଦ୍ଦଶଙ୍କ ସହିତ ସେ ପ୍ରଧାନମନ୍ତ୍ରୀଙ୍କୁ ତୁଳନା କରିଛନ୍ତି। ଦାସଲ୍ଟ କମ୍ପାନୀ ତୁଳନାରେ ୨୦ ପ୍ରତିଶତ କମ୍ ମୂଲ୍ୟରେ ରାଫେଲ୍ ଯୁଦ୍ଧବିମାନ ଯୋଗାଇଦେବା ଲାଗି ୨୦୧୫ ଜୁଲାଇ ୧୪ରେ ୟୁରୋ ଫାଇଟର୍ସ କମ୍ପାନୀ କେନ୍ଦ୍ରକୁ ଚିଠି ଲେଖିଥିଲା। କିନ୍ତୁ ସରକାର ଏହା ଉପରେ ଥରେ ଚିନ୍ତା ମଧ୍ୟ କଲେ ନାହିଁ ବୋଲି ରେଡ୍ଡୀ କହିଛନ୍ତି।

## ଅପରାଧ ସହ ଜଡ଼ିତ ଆଇନପ୍ରଣେତାଙ୍କୁ ଅଯୋଗ୍ୟ ଘୋଷଣା

# ସୁପ୍ରିମକୋର୍ଟରେ ରାୟ ସଂରକ୍ଷିତ

ନୂଆଦିଲ୍ଲୀ, ୨୮ା୮(ପି.ଟି.)



ଆପରାଧିକ ମାମଲାରେ ଅଭିଯୁକ୍ତ ଥିବା ଏମ୍ପି ଓ ଏମ୍ଏଲଏଙ୍କୁ ଦୋଷୀ ସାବ୍ୟସ୍ତ ହେବା ପୂର୍ବରୁ ଅଯୋଗ୍ୟ ଘୋଷଣା କରାଯାଉ ବୋଲି ଦାବି ହେଉଛି। ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଛି। ମଙ୍ଗଳବାର ଏସବୁର ଶୁଣାଣି ଶେଷ କରି ଦାଗୀ ଆଇନପ୍ରଣେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ରାୟ ସଂରକ୍ଷିତ ରଖିଛନ୍ତି ସର୍ବୋଚ୍ଚ ଅଦାଲତ।

ନିର୍ବାଚନ କମିଶନ (ଇସି) ଏବଂ କେନ୍ଦ୍ର ସରକାରଙ୍କ ଯୁକ୍ତି ଶୁଣିବା ପରେ ପ୍ରଧାନ ବିଚାରପତି ଦୀପକ ମିଶ୍ର ଅଧ୍ୟକ୍ଷତା କରୁଥିବା ପାଞ୍ଚଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଏ ମାମଲାରେ ରାୟ ସଂରକ୍ଷିତ ରଖିଛନ୍ତି। ରାଜନୈତିକ ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ପାଇଁ ସୁପ୍ରିମକୋର୍ଟଙ୍କ ଆଭିମୁଖ୍ୟକୁ କେନ୍ଦ୍ର ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଟର୍ନି ଜେନେରାଲ (ଏଜି) କେ.କେ. ବେଣୁଗୋପାଳ ପ୍ରଶଂସା କରିଛନ୍ତି। ଆଇନପ୍ରଣୟନ କ୍ଷେତ୍ରରେ ନ୍ୟାୟପାଳିକା ପ୍ରବେଶ କରିପାରିବ ନାହିଁ ବୋଲି ଖଣ୍ଡପୀଠଙ୍କୁ ସେ କହିଛନ୍ତି।

# ଷ୍ଟାଲିନ୍ ଡିଏମ୍କେ ସଭାପତି ନିର୍ବାଚିତ

ଚେନ୍ନାଇ,୨୮ା୮(ପି.ଟି.)

### ପ୍ରଥମ ଉଦ୍‌ବୋଧନରେ ମୋଦି ସରକାରଙ୍କୁ ଟାର୍ଗେଟ



ନିର୍ଦ୍ୱନ୍ଦ୍ୱରେ ଡିଏମ୍କେ ସଭାପତି ନିର୍ବାଚିତ ହେଲେ ଦଳର କାର୍ଯ୍ୟକାରୀ ସଭାପତି ଏମ୍.କେ. ଷ୍ଟାଲିନ୍। ପିତା ଏମ୍. କରୁଣାନିଧିଙ୍କ ପରଲୋକ ପରେ ତାମିଲନାଡୁ ବିଧାନସଭାର ମୁଖ୍ୟ ବିରୋଧୀ ଦଳର ସର୍ବେସର୍ବା ପାଲଟିଛନ୍ତି ଷ୍ଟାଲିନ୍। ଦୀର୍ଘ ୫ ଦଶନ୍ଧି ଧରି ଡିଏମ୍କେ ମଙ୍ଗ କରୁଣାନିଧିଙ୍କ ହାତରେ ଥିଲା। ମଙ୍ଗଳବାର ଏଠାରେ ଅନୁଷ୍ଠିତ ଡିଏମ୍କେ ସାଧାରଣ ପରିଷଦ ବୈଠକରେ ଷ୍ଟାଲିନ୍ଙ୍କୁ ସର୍ବସମ୍ମତିକ୍ରମେ ଦଳର ସଭାପତି ଭାବେ ପଦୋନ୍ନତି ମିଳିଛି। ଷ୍ଟାଲିନ୍ଙ୍କ ନିର୍ବାଚନ ପରେ ଦଳର କାର୍ଯ୍ୟକାରୀ ସଭାପତି ପଦକୁ ମଧ୍ୟ ଉଚ୍ଛେଦ କରିଦିଆଯାଇଛି।। 'ଥଲାପାଥି'ଙ୍କ ପଦୋନ୍ନତି ପରେ ଦଳୀୟ ନେତା ଓ କର୍ମୀଙ୍କ ମଧ୍ୟରେ ଅଭିନବ ଉତ୍ସାହ ଦେଖିବାକୁ ମିଳିଥିଲା। ଦଳରେ ଆଉ ଏକ ସୂର୍ଯ୍ୟୋଦୟ ଘଟିଥିବା ପ୍ରକାଶ ପାଇଛି। ଷ୍ଟାଲିନ୍ଙ୍କ ନିଯୁକ୍ତିକୁ ନେଇ ବିଦ୍ରୋହ ମୁଦ୍ରାକୁ ଚାଲି ଆସିଛନ୍ତି ବଡ଼ଭାଇ ଏମ୍.କେ. ଆଲାଗିରି। ଭାଇ-ଭାଇ ସମ୍ଭାବ୍ୟ କଳିର ସମାଧାନ ପାଇଁ ଜୀବଦ୍ଦଶାରେ ସାନପୁଅ ଷ୍ଟାଲିନ୍ଙ୍କୁ ଦଳର କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରି ନିଜର ଉତ୍ତରାଧିକାରୀ ଘୋଷଣା କରିଥିଲେ କରୁଣାନିଧି। ପ୍ରକାଶ ଯେ, ଅଗଷ୍ଟ ୭ରେ କରୁଣାନିଧିଙ୍କ ପରଲୋକ ପରେ ଆଲାଗିରି ନିଜକୁ ପ୍ରକୃତ ଉତ୍ତରାଧିକାରୀ ବୋଲି ଦାବି କରୁଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆଲାଗିରିଙ୍କୁ ୨୦୧୪ରେ ନିଜେ କରୁଣାନିଧି ଦଳରୁ ନିଲମ୍ବନ କରିଥିଲେ। 'କଲାଇଗ୍ନାର' (କରୁଣାନିଧି) ଏବେ ଦଳରେ ନାହାନ୍ତି ଏବଂ ତାଙ୍କୁ ଦଳରେ ସାମିଲ କରାଯାଉ ବୋଲି ସେ ଦାବି କରୁଛନ୍ତି। ଯଦି ତାଙ୍କୁ ପୁଣିଥରେ ଦଳରେ ସାମିଲ କରା ନ ଯାଏ, ତା'ହେଲେ ଡିଏମ୍କେ ଏହାର ପରିଣାମ ଭୋଗିବ ବୋଲି ସେ ସୋମବାର ଧମକ ଦେଇଥିଲେ। ଡିଏମ୍କେ ସଭାପତି ନିର୍ବାଚିତ ହେବା ପରେ ଦଳୀୟ ନେତା ଓ କର୍ମୀଙ୍କୁ ଉଦ୍‌ବୋଧନ ଦେଇ ଷ୍ଟାଲିନ୍ ଭାଜପାକୁ ଟାର୍ଗେଟ୍ କରିଛନ୍ତି। ଭାଜପା ନେତୃତ୍ୱାଧୀନ ଏନ୍ଡିଏ ସରକାରଙ୍କୁ ଉଚିତ ଶିକ୍ଷାଦେବା ଲାଗି ଆହ୍ୱାନ ଦେଇଛନ୍ତି। ସରକାର ଦେଶର ଧ୍ରୁବୀକରଣ କରୁଥିବା ସେ ଅଭିଯୋଗ ଆଣିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାର ଦେଶକୁ ଗୈରିକ ରଙ୍ଗରେ ରଙ୍ଗିବାକୁ ଉଦ୍ୟମ କରୁଥିବା ସେ କହିଛନ୍ତି। ୨୦୧୯ ନିର୍ବାଚନ ପାଇଁ ଡିଏମ୍କେ ଏବଂ ଭାଜପା ମଧ୍ୟରେ ଘନିଷ୍ଠତା ବଢ଼ିବାରେ ଲାଗିଛି ବୋଲି ହେଉଥିବା ଚର୍ଚ୍ଚାକୁ ମଧ୍ୟ ଖଣ୍ଡନ କରିଛନ୍ତି ଷ୍ଟାଲିନ୍। ସେହିପରି ତାମିଲନାଡୁର ଜରାଜୀର୍ଣ୍ଣ ଏଆଇଏଡିଏମ୍କେ ସରକାରଙ୍କୁ ଫିଙ୍ଗି ଫୋପାଡ଼ିବାର ବେଳ ଆସିଛି ବୋଲି ଷ୍ଟାଲିନ୍ କହିଛନ୍ତି।

ସେ ଆହୁରି କହିଛନ୍ତି, ଡିଏମ୍କେ ସଭାପତି ହେବେ ବୋଲି ସେ କେବେ ଚିନ୍ତା କରି ନ ଥିଲେ। ଦଳର ପ୍ରତିଟି ସଦସ୍ୟ ସମାନ ବୋଲି ସେ ବିଶ୍ୱାସ କରନ୍ତି। ଭବିଷ୍ୟତରେ ସେ ନିଜେ ଯଦି କିଛି ଭୁଲ କରନ୍ତି, ତା'ହେଲେ ତୁରନ୍ତ ସେ ବିଷୟରେ ସତର୍କ କରିବା ଲାଗି ଦଳୀୟ ନେତା ଓ କର୍ମୀଙ୍କୁ 'ଥଲାପାଥି' ନିବେଦନ କରିଛନ୍ତି। ସଭାପତି ନିର୍ବାଚିତ ହେବା ପରେ ଷ୍ଟାଲିନ୍ଙ୍କ ନିକଟକୁ ଛୁଟିଛି ଚାରିଆଡୁ ଅଭିନନ୍ଦନର ସୁଅ। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ବିଏସ୍ପି ସୁପ୍ରିମୋ ମାୟାବତୀ, ଏମ୍ଡିଏମ୍କେ ପ୍ରତିଷ୍ଠାତା ଭାଇକୋଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି।

## ଫୁର୍ସତ

# ୨୦୨୨ରେ ଭାରତ ପଠାଇବ 'ଗଗନଯାନ'



ନୂଆଦିଲ୍ଲୀ

୨୦୨୨ରେ ଭାରତ ପ୍ରଥମକରି ମାନବଯୁକ୍ତ ମହାକାଶଯାନ-'ଗଗନଯାନ' ମହାକାଶକୁ ପଠାଇବ। ଏଥିରେ ଜଣେ ମହିଳାଙ୍କ ସମେତ ଦୁଇ ପୁରୁଷ ମହାକାଶକୁ ଯିବେ। ଉକ୍ତ ସ୍ପେସ୍କ୍ରାଫ୍ଟକୁ ପୃଥିବୀର କକ୍ଷପଥଠାରୁ ୩୦୦ରୁ ୪୦୦କିଲୋମିଟର ତଳେ ଅବସ୍ଥାନ କରାଯିବ। ଏଠାରେ ଏକ ଖବରଦାତା ସମ୍ମିଳନୀରେ ବିସ୍ତୃତ ବିବରଣୀ ଦେଇ ଆଣବିକ ଶକ୍ତି ଓ ମହାକାଶ ଗବେଷଣା ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଲେ, ଜିଏସ୍ଏଲ୍ଭି ଏମ୍କେ-୩ ରକେଟ୍ ଦ୍ୱାରା ଗଗନଯାନ ମହାକାଶକୁ ଛଡାଯିବ। ତେବେ ମହାକାଶକୁ ମାନବ ପଠାଇବା ପୂର୍ବରୁ ଦୁଇଟି ମାନବବିହୀନ ମହାକାଶଯାନ ପରୀକ୍ଷାମୂଳକ ଭାବରେ ପ୍ରେରଣ କରାଯିବ। 'ଇସ୍ରୋ' କାର୍ଯ୍ୟସୂଚୀ ଅନୁଯାୟୀ, ୨୦୧୮ ଅଗଷ୍ଟରୁ ଆରମ୍ଭ କରି ୩୦ ଓ ୩୬ ମାସ ମଧ୍ୟରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ମାନବବିହୀନ ସ୍ପେସ୍କ୍ରାଫ୍ଟ ମହାକାଶକୁ ପଠାଯିବ। ତୃତୀୟ ତଥା ମାନବଯୁକ୍ତ ମହାକାଶଯାନ ୪୦ମାସ ମଧ୍ୟରେ ଅର୍ଥାତ୍ ୨୦୨୧ ଡିସେମ୍ବର ଅଥବା ୨୦୨୨ ଜାନୁୟାରୀରେ ପ୍ରେରଣ କରାଯିବ। ଉଭୟ ସର୍ଭିସ ମଡ୍ୟୁଲ୍ ଏବଂ କ୍ରିଉ ମଡ୍ୟୁଲ୍କୁ ନେଇ ଗଠିତ ଗଗନଯାନର ଓଜନ ୭ ଟନ୍। ୩ ମାନବ ଧାରଣ କରୁଥିବା କ୍ରିଉ ମଡେଲ୍ର ବ୍ୟାସ ୩.୭ ମିଟର ଏବଂ ଉଚ୍ଚତା ୭ ମିଟର।

ଏହି କାର୍ଯ୍ୟକ୍ରମ ପାଇଁ ପାଖାପାଖି ୧୦,୦୦୦କୋଟି ଟଙ୍କା ବ୍ୟୟ ହେବ ବୋଲି ସିଂ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତା ଦିବସରେ ଉଦ୍‌ବୋଧନ ଦେବା ବେଳେ ଗଗନଯାନ ମିଶନ୍ ବିଷୟରେ ଘୋଷଣା କରିଥିଲେ। ୨୦୨୨ କିମ୍ବା ତା' ପୂର୍ବରୁ କେତେକ ତରୁଣ ଭାରତୀୟ ମହାକାଶରେ ତ୍ରିରଙ୍ଗା ଉଡାଇବେ ବୋଲି ସେ ପ୍ରକାଶ କରିଥିଲେ। ଏଭଳି ଏକ ବ୍ୟୟବହୁଳ କାର୍ଯ୍ୟକ୍ରମ ପାଇଁ ଭାରତ ପ୍ରୟାସ କରିଥିବାରୁ ଏଥିରେ ଇସ୍ରୋ ସମେତ କେତେକ ସରକାରୀ ଏବଂ ବେସରକାରୀ ସଂସ୍ଥା ଅଂଶୀଦାର ରହିବେ। ଏହାଦ୍ୱାରା ଭାରତ ମହାକାଶକୁ ମାନବ ପଠାଇବା କ୍ଷେତ୍ରରେ ବିଶ୍ୱରେ ଚତୁର୍ଥ ରାଷ୍ଟ୍ରରେ ପରିଗଣିତ ହୋଇପାରିବ। ଉକ୍ତ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ଇସ୍ରୋ କେତେକ ବନ୍ଧୁରାଷ୍ଟ୍ରର ମହାକାଶ ଗବେଷଣା ସଂସ୍ଥାର ସହଯୋଗ ନେବାକୁ ବିଚାର କରୁଛି। ୨୦୦୪ ଠାରୁ ଉକ୍ତ ପ୍ରକଳ୍ପ ଉପରେ କାର୍ଯ୍ୟ ଚାଲିଛି ଏବଂ ୨୦୨୨ରେ ୭୫ତମ ସ୍ୱାଧୀନତା ଦିବସ ପୂର୍ବରୁ ଏହା ସମ୍ପୂର୍ଣ୍ଣ ହୋଇଯିବ ବୋଲି ଇସ୍ରୋ ଅଧ୍ୟକ୍ଷ କେ. ଶିବନ୍ ଆଶାପ୍ରକାଶ କରିଛନ୍ତି।

# ଅଭିନୟରେ ପାଦ ଥାପିବେ ଖୁସୀ



**ନୂଆଦିଲ୍ଲୀ:** କିମ୍ବଦନ୍ତୀ ଅଭିନେତ୍ରୀ ଶ୍ରୀଦେବୀଙ୍କ କନ୍ୟା ଜାହ୍ନବୀ କପୁର କରନ୍ ଜୋହରଙ୍କ ପ୍ରଯୋଜିତ 'ଧଡକ୍'ରେ ପ୍ରବେଶ କରିଥିଲେ। ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଇଶାନ୍ ଖଟ୍ଟର। ଉଭୟ ତରୁଣ କଳାକାର ଦର୍ଶକଙ୍କ ଉପରେ ପ୍ରଭାବ ପକାଇପାରିଥିଲେ। ତେବେ ଜାହ୍ନବୀଙ୍କ ସାନଭଉଣୀ ଖୁସୀ ମଧ୍ୟ ଫିଲ୍ମରେ ପ୍ରଥମ କରି ଅଭିନୟ କରିବାକୁ ଆଶା ରଖିଥିବା ଆଲୋଚନା ହେଉଛି। ସର୍ବଶେଷ ରିପୋର୍ଟ ଅନୁଯାୟୀ ଶାହରୁଖ୍ ଖାନ୍ଙ୍କ ଜ୍ୟେଷ୍ଠପୁତ୍ର ଆର୍ଯ୍ୟନ୍ ଖାନ୍ ଏବଂ ଖୁସୀ କପୁର କରନ୍ ଜୋହରଙ୍କ ଫିଲ୍ମରେ ଅଭିନୟ କରିବାକୁ ଯାଉଛନ୍ତି। ଜାହ୍ନବୀଙ୍କ ଭଳି ଶ୍ରୀଦେବୀଙ୍କ କନିଷ୍ଠ କନ୍ୟା ଖୁସୀ ବଲିଉଡ୍‌ରେ ଲୋକପ୍ରିୟତା ସାଉଁଟିବାକୁ ଯାଉଛନ୍ତି। କରନ୍ ଜୋହରଙ୍କ ଫିଲ୍ମରେ ଅଭିନୟ ଲାଗି ପିତା ଅନୁମତି ଦେଇଥିବା ସୂଚନା ମିଳିଛି। ତେବେ ଖୁସୀଙ୍କ ଭବିଷ୍ୟତ ସ୍ୱପ୍ନ ବିଷୟରେ ବିସ୍ତୃତ ବିବରଣୀ ମିଳିପାରିନାହିଁ। ଉକ୍ତ ରିପୋର୍ଟ ଅନୁଯାୟୀ ଶାହରୁଖ୍ଙ୍କ ପୁତ୍ର ଆର୍ଯ୍ୟନ୍ ଏବଂ ଖୁସୀଙ୍କୁ ସେମାନଙ୍କ ପ୍ରଥମ ଫିଲ୍ମରେ ଦେଖିବାକୁ ମିଳିବ। ଅଭିନେତାଙ୍କୁ ଖୁସି କରିବା ପାଇଁ ଫିଲ୍ମ ନିର୍ମାତା ଉପଯୁକ୍ତ ସ୍କ୍ରିପ୍ଟ ରଚନା ଉପରେ ପ୍ରାଧାନ୍ୟ ଦେଉଛନ୍ତି।

# ଲିଙ୍ଗଗତ ସମାନତା ପାଇଁ ପଦଯାତ୍ରା

**ୱାଶିଂଟନ:** ରବିବାର ଆମେରିକାର କେତେକ ନଗରୀରେ ପୁରୁଷ ଓ ମହିଳାମାନେ ସମନତା ପାଇଁ ଶରୀରର ଊର୍ଦ୍ଧ୍ୱାଂଶ ଅନାବୃତ କରି ପଦଯାତ୍ରା କରିଥିବା ଦେଖାଯାଇଥିଲା। ଏହା ଥିଲା ବାର୍ଷିକ ପଦଯାତ୍ରାର ଏକାଦଶ ସଂସ୍କରଣ। ଆମେରିକାର ୨୦ଟି ସହରରେ ଏଭଳି ପଦଯାତ୍ରା ହୋଇଥିବା ବେଳେ ଜର୍ମାନୀ, କାନାଡା, ଚିଲି, କଲମ୍ବିଆ ଏବଂ ଫ୍ରାନ୍ସ ଭଳି ୪୦ଟି ସହରରେ ଏହା ମଧ୍ୟ ଆୟୋଜିତ ହୋଇଥିଲା। ଏହି ପଦଯାତ୍ରା 'ଇଣ୍ଟରନ୍ୟାଶନାଲ ଗୋ ଟପ୍ଲେସ୍ ଡେ' ନାମରେ ପରିଚିତ। ଆମେରିକାର ଅନେକ ସହରରେ ଊର୍ଦ୍ଧ୍ୱନଗ୍ନ ପୁରୁଷ ଗୋଷ୍ଠୀରେ ମହିଳାମାନେ ସାମିଲ ହୋଇଥିଲେ। ଡାଉନଟାଉନ୍ ଡେନ୍ଭର ଦେଇ ପାଖାପାଖି ୧,୦୦୦ ପୁରୁଷ ଓ ମହିଳା ପଦଯାତ୍ରା କରୁଥିବା ଦେଖାଯାଇଥିଲା। ଏଥିରେ ଅଂଶଗ୍ରହଣ କରିଥିବା ସାନ୍ଦ୍ରା ନାମକ ଜଣେ ମହିଳା କହନ୍ତି, ଏହା ଏପରି ଏକ ଶୋ' ଯେଉଁଠାରେ ପୁରୁଷ ଓ ମହିଳା ସେମାନଙ୍କ ନଗ୍ନ ବକ୍ଷ ପ୍ରଦର୍ଶନ କରିପାରିବେ। ଏହାଦ୍ୱାରା ଲିଙ୍ଗଗତ ଅସମାନତା ଦୂରହେବା ସହିତ ନଗ୍ନତା ଏବଂ ସେକ୍ସ ସମାନ କଥା ନୁହେଁ ବୋଲି ଏହା ସ୍ମରଣ କରାଇଦେବ। କେତେଜଣ ପ୍ରଦର୍ଶକ ପ୍ରଚାରପତ୍ରମାନ ଧରିଥିଲେ। ସେଗୁଡିକରେ 'ଫ୍ରି ଦି ନିପଲ୍', 'ୟୋର ବଡି ଇଜ୍ ନଟ୍ ଏ ମିଷ୍ଟେକ୍' ଏବଂ 'ଲେଟ୍ ଅସ୍ ମେକ୍ ଦି ବଡି ନର୍ମାଲ ଏଗେନ୍' ଆଦି ଲେଖାଯାଇଥିଲା। ପ୍ରତିବର୍ଷ ମହିଳା ସମାନତା ଦିବସର ପୂର୍ବ ରବିବାର ଏହି ପଦଯାତ୍ରା ଅନୁଷ୍ଠିତ ହୁଏ। ୧୯୨୦ ଅଗଷ୍ଟ ୨୬ରେ ଆମେରିକୀୟ ମହିଳାମାନେ ଭୋଟଦାନ ଅଧିକାର ପାଇଥିଲେ। ଏହି ଦିବସକୁ ସ୍ମରଣୀୟ କରିବା ପାଇଁ ୧୯୭୧ରୁ ଏହି ଦିବସ ପାଳିତ ହୋଇ ଆସୁଛି।



ମଙ୍ଗଳବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୨ | ୨୪.୫ |
| ଚାନ୍ଦବାଲି | ୩୧.୬ | ୨୫.୩ |
| କଟକ | ୩୨.୨ | ୨୪.୨ |
| ପାରାଦ୍ୱୀପ | ୩୦.୧ | ୨୬.୨ |
| ଭୁବନେଶ୍ୱର | ୩୧.୪ | ୨୫.୫ |
| ଗୋପାଳପୁର | ୩୨.୫ | ୨୫.୮ |
| ପୁରୀ | ୩୧.୮ | ୨୫.୦ |
| ଅନୁଗୋଳ | ୩୦.୭ | ୨୩.୦ |
| ବାରିପଦା | ୩୧.୮ | ୨୬.୬ |
| ଝାରସୁଗୁଡ଼ା | ୨୮.୦ | ୨୪.୮ |
| କେନ୍ଦୁଝର | ୩୦.୯ | ୨୪.୬ |
| ସମ୍ବଲପୁର | ୨୮.୬ | ୨୨.୩ |
| ସୁନ୍ଦରଗଡ଼ | --- | ୧୮.୦ |
| ହୀରାକୁଦ | ୨୯.୩ | ୨୩.୪ |
| ତାଳଚେର | ୩୧.୧ | ୨୫.୦ |
| ଭବାନୀପାଟଣା | --- | ୨୩.୪ |
| ବଲାଙ୍ଗୀର | ୨୯.୫ | ୨୪.୦ |
| କୋରାପୁଟ | ୨୩.୬ | ୧୯.୦ |
| ଫୁଲବାଣୀ | --- | ୨୧.୫ |
| ଟିଟିଲାଗଡ଼ | ୨୮.୫ | ୨୦.୦ |
| ମାଲକାନଗିରି | ୨୫.୪ | ୨୪.୫ |
| ସୋନପୁର | ୩୦.୦ | ୨୨.୪ |
| ଦାରିଙ୍ଗିବାଡ଼ି | ୨୬.୫ | ୧୮.୦ |
| ଢେଙ୍କାନାଳ | ୩୧.୧ | ୨୪.୯ |

ଡିଗ୍ରୀ ସେଲ୍ସିୟସ୍




ଉପଗ୍ରହରୁ କେରଳ ବନ୍ୟାର ଚିତ୍ର ମଙ୍ଗଳବାର ଜାରି କରିଛି ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା। ଦୁଇଟି ଚିତ୍ରରେ ପ୍ରାକ୍ ବନ୍ୟା ଏବଂ ଏହାର ପରବର୍ତ୍ତୀ ସ୍ଥିତିର ଦୃଶ୍ୟ ଦେଖିବାକୁ ମିଳୁଛି। ପ୍ରଥମ ଚିତ୍ରଟି ଫେବୃୟାରୀ ୬ରେ ନାସାର ଲ୍ୟାଣ୍ଡସାଟ୍ ୮ ଉପଗ୍ରହର ଅପରେଶନାଲ୍ ଲ୍ୟାଣ୍ଡ ଇମେଜର୍ ଉତ୍ତୋଳନ କରିଥିବାବେଳେ ଦ୍ୱିତୀୟଟି ୟୁରୋପିୟାନ୍ ସ୍ପେସ୍ ଏଜେନ୍ସିର ସେଣ୍ଟିନେଲ୍-୨ ଉପଗ୍ରହର ବିଭିନ୍ନ ଉପକରଣରୁ ଗତ ବୁଧବାର କଏଦ ହୋଇଛି।

ଧରିତ୍ରୀ
DHARITRI

ବ୍ରହ୍ମପୁର, ବୁଧବାର, ଅଗଷ୍ଟ ୨୯/୨୦୧୮ | Berhampur, Wednesday, August 29 / 2018 | ପୃଷ୍ଠା-୧



### ମୁଦ୍ରାକୁ ଖସିବାକୁ ଦିଆଯାଉ

ଭାରତୀୟ ମୁଦ୍ରା ଯେଉଁ ସ୍ତର ପର୍ଯ୍ୟନ୍ତ ଖସୁଛି ତାହାକୁ ଖସିବାକୁ ଦିଆଯାଉ ବୋଲି ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ମତ ଦେଇଛନ୍ତି। ୧୫

୧୬

### ମହିଳା ୨୦୦ ମିଟର ଫାଇନାଲରେ ଦୂତୀ

ଜାକର୍ତ୍ତାରେ ଚାଲିଥିବା ଏସିଆନ ଗେମ୍ସର ମହିଳା ୨୦୦ ମିଟର ରେସ୍ ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଦୂତୀ ଚାନ୍ଦ।






Govinda Poddar
Sports Personality

PLEDGE 'PLASTIC-FREE' ODISHA

#PlasticFreeOdisha

ଧରିତ୍ରୀ DHARITRI | TEAM

02 OCTOBER


# ସିନ୍ଧୁ, ମନଜିତ୍‌ଙ୍କ ଐତିହାସିକ ସଫଳତା

## ଏସିଆନ ଗେମ୍ସ

ଜାକର୍ତ୍ତା,୨୮।୮ (ପି.ଟି.)

ଏସିଆନ ଗେମ୍ସର ଦଶମ ଦିବସରେ ଭାରତୀୟ ଖେଳାଳିମାନେ ଆଶାନୁରୂପ ପ୍ରଦର୍ଶନ କରିଛନ୍ତି। ତାରକା ପୁରୁଷ ଧାବକ ମନଜିତ ସିଂ ୮୦୦ମିଟର ଦୌଡ଼ ସ୍ୱର୍ଣ୍ଣ ଓ ପି.ଭି. ସିନ୍ଧୁ ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି।

୨୮ ବର୍ଷୀୟ ମନଜିତ୍ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରି ୧ ମିନିଟ୍ ଓ ୪୬. ୧୫ ସେକେଣ୍ଡ ସମୟ ନେବା ସହ ପ୍ରଥମସ୍ଥାନ ଅଧିକାର କରିଥିଲେ। ପ୍ରଥମଥର ପାଇଁ ସେ କୌଣସି ମେଜର ଆନ୍ତର୍ଜାତିକ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ରେସ୍‌ରେ ମନଜିତ୍ ଆଦୌ ଫେଭରାଇଟ ବିବେଚିତ ହେଉ ନ ଥିଲେ ମଧ୍ୟ ସମସ୍ତଙ୍କୁ ଚକ୍‌ମା ଦେଇ ବାଜି ମାରିଛନ୍ତି। ଦୀର୍ଘ ୩୬ ବର୍ଷପରେ କୌଣସି ଭାରତୀୟ ଧାବକ ୮୦୦ ମିଟର ରେସ୍‌ରେ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ପୂର୍ବରୁ ୧୯୮୨ରେ ଚାର୍ଲ୍ସ ବୋରୋମେଓ ଏହି ଇଭେଣ୍ଟରେ ଭାରତ ଲାଗି ଶେଷଥର ସ୍ୱର୍ଣ୍ଣିମ ସଫଳତା ହାସଲ କରିଥିଲେ। କୋଚ୍ ଅମରୀଶ କୁମାରଙ୍କଠାରୁ ପ୍ରଶିକ୍ଷଣ ନେଇଥିବା ଓ ଚାକିରି ପାଇଁ ସଂଘର୍ଷ କରୁଥିବା ମନଜିତ୍ ଏହି କ୍ରମରେ ଚଳିତବର୍ଷ ଗୁଆହାଟୀରେ ହାସଲ କରିଥିବା ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନରେ ଉନ୍ନତି ଆଣିଛନ୍ତି। ଇଭେଣ୍ଟ ପୂର୍ବରୁ ପ୍ରସ୍ତୁତି ଭଲ କରିଥିଲି ଓ ଫାଇନାଲରେ ଆଶାନୁରୂପ ପ୍ରଦର୍ଶନ କରିବାରେ ସକ୍ଷମ ହୋଇଥିଲି ବୋଲି ମନଜିତ କହିଛନ୍ତି। ☞ପୃଷ୍ଠା-୧୨




# ମହାନଦୀରେ ଆସୁଛି ବନ୍ୟା



- ହୀରାକୁଦ ଡ୍ୟାମ୍‌ର ୨୫ ଗେଟ୍ ଖୋଲିଲା
- ମୁଣ୍ଡଳିରେ ପ୍ରବାହିତ ହେବ ୮ ଲକ୍ଷ କ୍ୟୁସେକ ଜଳ
- ତଳିଆ ଅଞ୍ଚଳ ଲୋକଙ୍କୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ
- ଜିଲାପାଳଙ୍କୁ ସତର୍କ କଲେ ରାଜ୍ୟ ସରକାର
- ଓଡ୍ରାଫ, ଏନ୍‌ଡିଆରଏଫ୍, ଅଗ୍ନିଶମ ବିଭାଗ ସଜାଗ

ଭୁବନେଶ୍ୱର,୨୮।୮(ବ୍ୟୁରୋ)

ମହାନଦୀ ଅବବାହିକାରେ ପୁଣି ଦେଖାଦେଇଛି ବନ୍ୟା ଆଶଙ୍କା। ଛତିଶଗଡରେ ବର୍ଷା ଲାଗି ରହିଥିବାରୁ ପ୍ରବଳ ବନ୍ୟା ଜଳ ହୀରାକୁଦ ଡ୍ୟାମ ଭିତରକୁ ପ୍ରବେଶ କରିବା ଆରମ୍ଭ କରିଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ହୀରାକୁଦ ଡ୍ୟାମ୍ ପୂରି ଉଠିବ। ଏହାକୁ ଦୃଷ୍ଟିରେ ରଖି ଡ୍ୟାମ କର୍ତ୍ତୃପକ୍ଷ ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ୨୫ଟି ଗେଟ୍ ଖୋଲିଛନ୍ତି। ଏଥିଯୋଗୁ ମହାନଦୀରେ ୮ ଲକ୍ଷ କ୍ୟୁସେକ ବନ୍ୟା ଜଳ ପ୍ରବାହିତ ହେବ। ଗଣମାଧ୍ୟମକୁ ସୂଚନା ଦେଇ ହୀରାକୁଦ ଡ୍ୟାମ ମୁଖ୍ୟଯନ୍ତ୍ରୀ ଜ୍ୟୋତିର୍ମୟ ରଥ କହିଛନ୍ତି ଯେ, ଛତିଶଗଡ଼ରେ ଗତ ୩ଦିନ ଧରି ପ୍ରବଳ ବର୍ଷା ହେଉଛି। ରବି ଶଙ୍କର ଡ୍ୟାମରୁ ଛତିଶଗଡ ସରକାର ପ୍ରତି ସେକେଣ୍ଡରେ ୧.୪୦ ଲକ୍ଷ କ୍ୟୁସେକ ଜଳ ନିଷ୍କାସନ କରୁଥିବା ବେଳେ ଅନ୍ୟ ଦୁଇଟି ଡ୍ୟାମରୁ ପ୍ରତି ସେକେଣ୍ଡରେ ୬୦ ହଜାର କ୍ୟୁସେକ ଜଳ ଛାଡୁଛନ୍ତି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହି ପାଣି ହୀରାକୁଦ ଡ୍ୟାମ୍‌ରେ ପ୍ରବେଶ କରିବ। ୨୫ଟି ଗେଟ୍ ଖୋଲାଯାଇଥିବାରୁ ବୁଧବାର ସକାଳ ସୁଦ୍ଧା ମହାନଦୀର ମୁଣ୍ଡଳିଠାରେ ୬ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବ। ☞ପୃଷ୍ଠା-୧୨

## ଉତ୍ତର ଓଡ଼ିଶାରେ ମୃଦୁ ଭୂକମ୍ପ

ଭୁବନେଶ୍ୱର,୨୮।୮(ବ୍ୟୁରୋ)- ମଙ୍ଗଳବାର ସନ୍ଧ୍ୟା ୬ଟା ୩୩ ମିନିଟରେ ଉତ୍ତର ଓଡିଶାର ବିଭିନ୍ନ ଅଞ୍ଚଳରେ ମୃଦ୍ୟୁ ଭୂକମ୍ପ ଝଟକା ଅନୁଭୂତ ହୋଇଛି। ଆନନ୍ଦପୁର, ବାରିପଦା ଓ ବାଲେଶ୍ୱରରେ ଭୂକମ୍ପ ଅନୁଭୂତ ହୋଇଥିବା ଜଣାପଡିଛି। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫.୦ ମପାଯାଇଛି। ଏହାର କେନ୍ଦ୍ରସ୍ଥଳ ପଶ୍ଚିମବଙ୍ଗର ହୁଗୁଳି ଜିଲା ଥିବା ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଭୂକମ୍ପର ତୀବ୍ରତା କମ୍ ଥିବାରୁ କୌଣସି ସ୍ଥାନରେ କ୍ଷୟକ୍ଷତିର ସୂଚନା ନାହିଁ। ଭୂକମ୍ପ ଝଟକା ଅନୁଭବ କରି ଉତ୍ତର ଓଡିଶାର ବିଭିନ୍ନ ଅଞ୍ଚଳର ଲୋକମାନେ ଘରୁ ପଦାକୁ ବାହାରି ଆସିଥିଲେ।

## ଜାତୀୟ କ୍ରୀଡ଼ା ଦିବସ ବିଶେଷ




ପୃଷ୍ଠା-୧୪

### ଆଜିର ସମ୍ପାଦକୀୟ

ଚାକିରି, ଅବସର, ଚାକିରି

### ଆଜିର ମନ୍ତବ୍ୟ

"ଦେଶରେ ଏକପ୍ରକାର ଜରୁରୀ ପରିସ୍ଥିତି ଘୋଷଣା ହୋଇଯାଇଛି।
-ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

### କିଛି ତଥ୍ୟ

୨୦୧୬-୧୭ ଅମଳ ବର୍ଷରେ ଦେଶରେ ମୋଟ ୨୭୫.୧୧ ନିୟୁତ ଟନ ଖାଦ୍ୟ ଶସ୍ୟ ଉତ୍ପାଦନ ହୋଇଥିବା ବେଳେ ସେଥି ମଧ୍ୟରୁ କେବଳ ଗହମ ପରିମାଣ ୯୮.୫୧ ନିୟୁତ ଟନ ଥିଲା।
-କୃଷି ମନ୍ତ୍ରଣାଳୟ

# ଓଡ଼ିଶା ସୀମାରୁ ହଟିଲା ପଶ୍ଚିମବଙ୍ଗର ହୋର୍ଡିଂ

ଭୋଗରାଇ, ୨୮।୮(ଡି.ଏନ.ଏ.)

ଓଡ଼ିଶା ସୀମାକୁ ପ୍ରବେଶ କରି ପଶ୍ଚିମବଙ୍ଗ ପ୍ରଶାସନ ଦୀଘା ସି' ବିଚ୍ ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ରାସ୍ତାକଡରେ ଲଗାଇଥିବା ଏକ ହୋର୍ଡିଂକୁ ବାଲେଶ୍ୱର ଜିଲା ପ୍ରଶାସନ ମଙ୍ଗଳବାର ହଟାଇ ଦେଇଛି। ଏଥିଲାଗି ଘଟଣାସ୍ଥଳରେ ୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ପଶ୍ଚିମବଙ୍ଗ ପ୍ରଶାସନ ବିଭିନ୍ନ ସମୟରେ ଓଡ଼ିଶା ଅଞ୍ଚଳ ଉପରେ ଅଧିକାର ଜାହିର କରି ଦାଦାଗିରି ଚଳାଇ ଆସୁଥିବା ବେଳେ ସମ୍ପ୍ରତି ଓଡ଼ିଶା ସୀମାରେ ଏହି ହୋର୍ଡିଂ ଲଗାଇବାରୁ ସୀମାନ୍ତ ଇଲାକାରେ ବିବାଦ ଓ ଉତ୍ତେଜନା ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ପ୍ରତିବାଦ କରାଯାଇଥିଲେ ମଧ୍ୟ ପଶ୍ଚିମବଙ୍ଗ ସରକାର କର୍ଣ୍ଣପାତ କରି ନ ଥିଲେ। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲା ପ୍ରଶାସନ ପ୍ରଥମ କରି କଠୋର ଆଭିମୁଖ୍ୟ ଗ୍ରହଣ କରିଛି।

ଜିଲା ପ୍ରଶାସନ ପୋଲିସ ଫୋର୍ସ ନେଇ ହୋର୍ଡିଂ ଉଚ୍ଛେଦ କରିବାକୁ ଉଦ୍ୟମ କଲା ବେଳେ ପଶ୍ଚିମବଙ୍ଗ ସୀମାନ୍ତବାସୀ ଓ କେତେକ ଲୋକ ପ୍ରତିନିଧି ଏହାକୁ ବିରୋଧ କରିଥିଲେ। ଫଳରେ ଦୁଇ ରାଜ୍ୟର ପ୍ରଶାସନ ସମେତ ଉପସ୍ଥିତ ଜନସାଧାରଣ ଓ ଲୋକପ୍ରତିନିଧି ମୁହାଁମୁହିଁ ହୋଇଥିଲେ। ଏନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ବାଲେଶ୍ୱର ଜିଲା ପ୍ରଶାସନ କାଳବିଳମ୍ବ ନ କରି ପୋଲିସ ଲଗାଇ ଉକ୍ତ ହୋର୍ଡିଂକୁ ହାଇଡ୍ରା ମେଶିନ୍ ସାହାଯ୍ୟରେ ଭାଙ୍ଗି ଦେଇଥିଲେ। ଉଚ୍ଛେଦ କାର୍ଯ୍ୟ ବେଳେ ଉପସ୍ଥିତ ଓଡ଼ିଶାର ସୀମାନ୍ତବାସୀ ଏବଂ ଉତ୍କଳ ସମ୍ମିଳନୀର ବହୁ ସଦସ୍ୟ 'ବନ୍ଦେ ଉତ୍କଳ ଜନନୀ' ସ୍ଲୋଗାନ ଦେଇ ଏହାକୁ ସମର୍ଥନ କରିଥିଲେ। ଏଭଳି ଜନସମର୍ଥନ ଓ ବହୁ ସଂଖ୍ୟାରେ ପୋଲିସ ବାହିନୀ ଉପସ୍ଥିତିକୁ ଦେଖି ପଶ୍ଚିମବଙ୍ଗ ପ୍ରଶାସନ ନରମି ଯାଇ ନୀରବ ରହିଥିଲା। ବାଲେଶ୍ୱର ଉପଜିଲାପାଳ ନୀଲୁ ମହାପାତ୍ର, ଏସ୍‌ଡ଼ିପିଓ ରାମଚନ୍ଦ୍ର ଗୌଡ଼, ଜଳେଶ୍ୱର ଓ ଭୋଗରାଇ ତହସିଲଦାରଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

ଓଡ଼ିଶା ସରକାର ତଥା ବାଲେଶ୍ୱର ଜିଲା ପ୍ରଶାସନର କଠୋର ଆଭିମୁଖ୍ୟ ପଶ୍ଚିମବଙ୍ଗ ପ୍ରଶାସନକୁ ଆଲୋଡିତ କରିଛି। ☞ପୃଷ୍ଠା-୧୨




ଉଦୟପୁର ବେଳାଭୂମି ରାସ୍ତାରୁ ପଶ୍ଚିମବଙ୍ଗ ହୋର୍ଡିଂକୁ ମେଶିନ୍ ଦ୍ୱାରା ହଟାଯାଉଛି।

- କଠୋର ଆଭିମୁଖ୍ୟ ନେଲା ବାଲେଶ୍ୱର ପ୍ରଶାସନ
- ୫ ପ୍ଲାଟୁନ ଫୋର୍ସ ମୁତୟନ
- ଉଚ୍ଛେଦ ବେଳେ ନରମିଲା ପଶ୍ଚିମବଙ୍ଗ ପ୍ରଶାସନ

# ବାର୍‌ବରାଙ୍କ ସମେତ ୪ ଗିରଫ

## ମାଓବାଦୀ ଲିଙ୍କ୍

- ୬ ରାଜ୍ୟରେ ଚଢ଼ାଉ, ପୋଲିସର ତନାଘନା
- ପ୍ରଧାନମନ୍ତ୍ରୀଙ୍କ ହତ୍ୟା ଷଡ଼ଯନ୍ତ୍ରରେ ସମ୍ପୃକ୍ତି ଅଭିଯୋଗ



ବାର୍‌ବରା ରାଓ

ପୁଣେ,୨୮।୮

ମାଓବାଦୀଙ୍କ ସହ ସମ୍ପର୍କ ରଖିଥିବା ସନ୍ଦେହରେ ମହାରାଷ୍ଟ୍ର ପୋଲିସ ମଙ୍ଗଳବାର କେତେଜଣ ବିଶିଷ୍ଟ ବାମପନ୍ଥୀ କର୍ମୀମାନଙ୍କ ଘରେ ଏକକାଳୀନ ଚଢ଼ାଉ କରିଛି। ମୁମ୍ବାଇ, ପୁଣେ, ଗୋଆ, ତେଲେଙ୍ଗାନା, ଛତିଶଗଡ଼, ଦିଲ୍ଲୀ ଓ ହରିୟାଣାରେ ଚଢ଼ାଉ ପରେ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି ସାମ୍ବାଦିକ, ପ୍ରଫେସର ଓ ମାନବାଧିକାର କର୍ମୀ। ଏହାକୁ ବାମପନ୍ଥୀ ଓ ମାନବାଧିକାର ସୁରକ୍ଷା ସଙ୍ଗଠନଗୁଡ଼ିକ ପକ୍ଷରୁ ବିରୋଧ କରାଯାଇଛି।

ଗତବର୍ଷ ଡିସେମ୍ବର ୩୧ରେ ମହାରାଷ୍ଟ୍ରର ପୁଣେ ନିକଟସ୍ଥ ଭୀମା-କୋରେଗାଓଁରେ 'ଏଲ୍‌ଗାର ପରିଷଦ' ନାମରେ ଏକ କାର୍ଯ୍ୟକ୍ରମ ହୋଇଥିଲା। ଏହା ପରେ ଦଳିତ ଓ ଉଚ୍ଚବର୍ଗର ପେଶୱାଙ୍କ ମଧ୍ୟରେ ହିଂସା ଘଟିଥିଲା। ଏହାର ତଦନ୍ତ ପାଇଁ ମଙ୍ଗଳବାର ଉପରୋକ୍ତ ଚଢ଼ାଉ କରାଯାଇଥିଲା। ସେଥିମଧ୍ୟରେ ହାଇଦ୍ରାବାଦସ୍ଥିତ ପ୍ରଖ୍ୟାତ୍ ତେଲୁଗୁ କବି ବର୍‌ବରା ରାଓ, ମୁମ୍ବାଇର ଭର୍ନନ ଗନ୍‌ସାଲଭେସ୍ ଓ ଅରୁଣ ଫରେଇରା, ଫରିଦାବାଦର ଟ୍ରେଡ୍ ୟୁନିୟନ କର୍ମୀ ସୁଧା ଭରଦ୍ୱାଜ, ନୂଆଦିଲ୍ଲୀର ନାଗରିକ ସ୍ୱାଧୀନତା କର୍ମୀ ଗୌତମ ନଭାଲଖାଙ୍କ ବାସଭବନ ରହିଛି। ଯାଞ୍ଚ ପରେ ବାରବରା, ସୁଧା, ଗୌତମ ଓ ଅରୁଣଙ୍କୁ ମାଓବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତି ଅଭିଯୋଗରେ ଗିରଫ କରାଯାଇଥିବା ପୋଲିସଠାରୁ ଜଣାପଡ଼ିଛି। ଅସମର୍ଥିତ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ରାଞ୍ଚିରେ ସୁସାନ୍ ଆବ୍ରାହମ, କ୍ରାନ୍ତି ଟେକୁଲା, ଫାଦର ଷ୍ଟାନ୍ ସ୍ୱାମୀ ଓ ଗୋଆରେ ଆନନ୍ଦ ତେଲତୁମ୍ବଡେଙ୍କ ବାସଭବନରେ ମଧ୍ୟ ଚଢ଼ାଉ କରାଯାଇଛି। ପୋଲିସ ସେମାନଙ୍କଠାରୁ କେତେକ କମ୍ପ୍ୟୁଟର, ଲାପ୍‌ଟପ, ସିଡୀ, ପୁସ୍ତକ ଓ ଅନ୍ୟ ଦସ୍ତାବିଜ୍ ଜବତ କରିଛି। ଅଭିଯୁକ୍ତମାନେ ମାଓବାଦୀଙ୍କ ପାଇଁ 'ସହରୀ ବିଚାରକ' ଭାବେ କାର୍ଯ୍ୟ କରୁଥିଲେ ବୋଲି ପୋଲିସ କହିଛି।

୧୮୧୮ ଜାନୁୟାରୀ ୧ରେ ଇଷ୍ଟ ଇଣ୍ଡିଆ କମ୍ପାନୀ ମରାଠା ସାମ୍ରାଜ୍ୟର ଶେଷ ☞ପୃଷ୍ଠା-୧୨

# ଜାତିସଂଘରେ ଓଡ଼ିଆ ଅର୍ଥନୀତିଜ୍ଞଙ୍କୁ ଗୁରୁଦାୟିତ୍ୱ

- ସତ୍ୟ ଏସ୍. ତ୍ରିପାଠୀ ୟୁଏନ୍‌ଇପି ସହକାରୀ ମହାସଚିବ ନିଯୁକ୍ତ
- ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ମିଳିତ ଜାତିସଂଘ,୨୮।୮(ପି.ଟି.)

ମିଳିତ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ଇପି)ର ସହକାରୀ ମହାସଚିବ ତଥା ଏହାର ନ୍ୟୁୟର୍କ ମୁଖ୍ୟାଳୟର ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି ବିଶିଷ୍ଟ ଓଡ଼ିଆ ଅର୍ଥନୀତିଜ୍ଞ ସତ୍ୟ ଏସ୍. ତ୍ରିପାଠୀ। କାରିବିୟାନ୍ ଦେଶ ତ୍ରିନିଦାଦ୍ ଆଣ୍ଡ ଟୋବାଗୋର ଏଲିଅଟ୍ ହ୍ୟାରିସ୍‌ଙ୍କ ସ୍ଥାନରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ସୋମବାର ତ୍ରିପାଠୀଙ୍କୁ ନିଯୁକ୍ତ କରିଛନ୍ତି। ୨୦୧୭ ମସିହାଠାରୁ ତ୍ରିପାଠୀ ୟୁଏନ୍‌ଇପିର ନିରନ୍ତର ବିକାଶ ୨୦୩୦ ଏଜେଣ୍ଡାର ପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିଲେ। ଡେଭ୍‌ଲପ୍‌ମେଣ୍ଟ ଇକୋନୋମିଷ୍ଟ ଭାବେ ଖ୍ୟାତ ତ୍ରିପାଠୀଙ୍କ ନିକଟରେ ୩୫ ବର୍ଷର ଓକିଲାତି ଅଭିଜ୍ଞତା ମଧ୍ୟ ରହିଛି। ୧୯୯୮ରୁ ସେ ଜାତିସଂଘ ପାଇଁ ୟୁରୋପ, ଏସିଆ ଏବଂ ଆଫ୍ରିକାରେ ନିରନ୍ତର ବିକାଶ, ☞ପୃଷ୍ଠା-୨



ସତ୍ୟ ଏସ୍. ତ୍ରିପାଠୀ

# ଜୁଆର ମାଡ଼ରେ ପୋଡମ୍‌ପେଟାର ୫ ଘର ଭାଙ୍ଗିଲା

ଗଞ୍ଜାମ,୨୮।୮(ଡି.ଏନ.ଏ.)

ସମୁଦ୍ର କୂଳରେ ଥିବା ଗଞ୍ଜାମ ଜିଲା ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ପୋଡ଼ମ୍‌ପେଟା ଗ୍ରାମର ୫ଜଣଙ୍କ ଘର ସୋମବାର ରାତିରେ ସମୁଦ୍ର ଜୁଆର ମାଡ଼ରେ ଭାଙ୍ଗିଯାଇଛି। ଫଳରେ ସିଏଚ୍ ଅଗାଧୁ, ବି. କୃଷ୍ଣମୂର୍ତ୍ତି, ସିଏଚ୍. ଗାରେୟା, ଏସ. ପୁରୋହିତ ଏବଂ ଏ. ଗୁରେୟା ପ୍ରମୁଖ ପରିବାର ସହ ମାଛ ଧରିବାକୁ ସମୁଦ୍ର ମଧ୍ୟକୁ ଯାଇଥିବାବେଳେ ମଙ୍ଗଳବାର ସକାଳୁ ଆସି ଜୁଆର ମାଡରେ ଘର ଭାଙ୍ଗି ଯାଇଥିବା ଦେଖିଥିଲେ। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା କୌଣସି ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଜଣାପଡ଼ିଛି। ଉକ୍ତ ଗ୍ରାମରେ ୧୨୦ ପରିବାର (ମତ୍ସ୍ୟଜୀବୀ) ବାସ କରୁଥିବା ବେଳେ ସେମାନଙ୍କ ମଧ୍ୟରୁ ୧୫ ପରିବାରକୁ ଓଡିଶା ଡିଜାଷ୍ଟର ରିକଭରି ପ୍ରୋଜେକ୍ଟ (ଓଡିଆରପି) ଯୋଜନାରେ ଘର ମିଳି ନ ଥିବା ନେଇ ଗତ ଅଗଷ୍ଟ ୧୭ରେ ଉକ୍ତ ପରିବାର ସଦସ୍ୟ ସ୍ଥାନୀୟ ସରପଞ୍ଚ ଦିଲୀପ ଛଟରାଏଙ୍କ ନେତୃତ୍ୱରେ ଗଞ୍ଜାମ ବିଡିଓ ଜ୍ୟୋତି ଶଙ୍କର ରାଏଙ୍କୁ ଲିଖିତ ଭାବେ ଜଣାଇଥିଲେ। ବର୍ତ୍ତମାନ ସମୁଦ୍ର କୂଳରେ ଥିବା ଆଉ ୧୦ ଘର ମଧ୍ୟ ଖୁବ୍‌ଶୀଘ୍ର ସମୁଦ୍ରଗର୍ଭରେ ଲୀନ ହୋଇଯିବ ବୋଲି ଗ୍ରାମର ସିଏଚ୍. ମୁସଲେୟା, ବି. ବାବାଜୀ ଓ ଡି. କାମେୟା କହିଛନ୍ତି। ତୁରନ୍ତ ଏହି ୧୫ ପରିବାରକୁ ଘର ଯୋଗାଇ ଦେବାକୁ ଦାବି ହେଉଛି।



ଜୁଆର ମାଡ଼ରେ ଭାଙ୍ଗିଥିବା ଘର।


BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 31,200/- 10gm.
Gold 22 CT - ₹ 30,200/- 10gm.
Silver Rate - ₹ 370/- /10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE 28.08.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 61 | 107 | 117 |
| CTC | 61 | 107 | 117 |
| DKL | 63 | 110 | 120 |
| BDK | 63 | 110 | 120 |
| BLS | 63 | 110 | 120 |
| ANG | 63 | 110 | 120 |

*Conditions Apply
Eggs Retail Price- 43/-Dozen
Issued in the Interest of Consumers

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରୋନି
ପରିବାରବର୍ଗ


ମଣ୍ଟୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




### BRIDE WANTED

ସବୁ ଧର୍ମ, ଜାତି, ବର୍ଗର bride ପାଇଁ candidate's biodata with photo ଏବଂ ଆପଣଙ୍କ requirement send କରନ୍ତୁ। Mobile What's App No.: 6371090682. D-8043

Brahmin boy 1987/ 6'2" B.Tech, MBA, Engineer Hyderabad 11 Lakhs required professional housewife. Barsha. 9338229705, 8339813069. D-62785

### GROOM WANTED

Divorcee bride Govt. Officer 38, Clerk 33 (Caste-no-bar). Contact: 7873374269. D-63480

48 ବର୍ଷ କରଣ ଘରର ଝିଅ Railwayରେ କାର୍ଯ୍ୟରତ। ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। (ଘରଜ୍ୱାଇଁ ପ୍ରାଥମିକତା) 9583402122. D-63718

ସବୁ ଧର୍ମ, ଜାତି, ବର୍ଗର groom ପାଇଁ candidate's biodata with photo ଏବଂ ଆପଣଙ୍କ requirement send କରନ୍ତୁ। Mobile What's App No.: 6371090682. D-8044

Wanted groom preferrable Govt. employee, Engineer, Doctor for Potalibania girl (29-5'2"). Contact: 8763356918. D-60810

Now Matrimonial ads. only on Wednesday & Sunday
Book 1 Get 1 FREE

## classified




### SALE

Indica Vista, Leyland Bus, Bolero Plus, massey, Sonalika Tractor, TVS Scooty. Finance available. 9938424739. D-8087




### SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

ଭୁବନେଶ୍ୱର ପିତାପଲ୍ଲୀ NH-5ରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି। 9583032439. D-63588

Immediate ready for possession with bank finance facility (2/3)BHK flats, duplex available at Hanspal, Bomikhal, Patia, Patrapada. Details: 9937850303. (ଲକ୍ଷ୍ମୀଧର). D-7976

ଭୁବନେଶ୍ୱର KEC, ଗୁଡିଆ-ପୋଖରୀ ଠାରେ 30ft road ଥାଇକି ଅଗ୍ରିମ boundary wall electry , gharabari patta, Temple, ନାମଫଳକ ସହ sqft. Rs. 600ରେ ଦିଆଯାଉଅଛି। 7008045582, 9078967488. D-8082

Fully furnished 3BHK flat, 2nd floor at Ashok Nagar @ 95 Lac. 7978584549 (Broker not allowed). D-64111

Duplex starting from 60 lacs* at Jharapada. Limited offer work in full swing. Call: 9583066080, 7008104326. D-64115

ଭୁବନେଶ୍ୱରର ଅରଗୁଳ IIT ଠାରେ ପିଚୁରୋଡ ସୁବିଧାଥାଇ ଘରବାରି ପ୍ଲଟ ସ୍ୱଳ୍ପମୂଲ୍ୟରେ କିଣନ୍ତୁ ଓ ଗୃହ ନିର୍ମାଣ କରନ୍ତୁ। **Sanjay: 9861812258.** D-63585

### GENERAL

### SALE

Servicing Machine, preser machine sale ହେବ। 9437619903. D-8088




3 bigroom, 2 toilet at Goutam Nagar, 2nd floor for office cum residence. Call: 9437033691. D-63834




Herbal full body massage smart boys therapist home service available. Phone: 9937929638. D-7970

All type of massage and good therapy full body massage Sai herbal spa. 7609005923. D-64201

BBSR opening newly ayurvedic full body massage ladies & gents. 7438851534, 7609923705. D-38525

Madam Monalisa massage club-50% discount full body massage by hiprofile smart lady therapist. 9708545108. D-8085

### AFFIDAVIT

Affidavit before Executive Magistrate, Dhenkanal, 18.07.2018, I have changed my name after marriage from Pranati Satapathy to Pranati Mishra, W/o- Debasisha Mishra, Deulasahi, Dhenkanal Town. Henceforth, I shall be known as Pranati Mishra for all purposes. D-62040

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ପେଟ୍ରୋଲ ପମ୍ପରେ ନିଆଁ

**କଟକ ଅଫିସ,୨୮।୮**



■ ଫାୟାର ସେଫ୍ଟି ଲାଇସେନ୍ସ ନ ଥିଲା
■ କାମ ଦେଲାନି ଅଗ୍ନି ନିର୍ବାପକ ବ୍ୟବସ୍ଥା

ଲିଙ୍କ୍‌ରୋଡ୍‌ସ୍ଥିତ ସନ୍ତୋଷ କୁମାର ଆଣ୍ଡ କୋ ପେଟ୍ରୋଲ ପମ୍ପରେ ମଙ୍ଗଳବାର ରାତି ୭ଟାରେ ଅଗ୍ନିକାଣ୍ଡ ଘଟିଛି। ତେଲ ଅନ୍‌ଲୋଡ୍ ସମୟରେ ଏକ ଟ୍ୟାଙ୍କରେ ହଠାତ୍ ନିଆଁ ଲାଗିଯାଇଥିଲା। ତେବେ ପେଟ୍ରୋଲପମ୍ପ୍‌ରେ ଅଗ୍ନିନିର୍ବାପକ ଯନ୍ତ୍ର କାମ ନ କରିବାରୁ ନିଆଁ ଭୟଙ୍କର ରୂପ ନେଇଥିଲା। ତେବେ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିବାରୁ ବଡ଼ ଧରଣର ବିପଦ ଟଳିଯାଇଛି।

ଅଗ୍ନିଶମ ବିଭାଗର ସୂଚନା ଅନୁଯାୟୀ, ଭାରତ ପେଟ୍ରୋଲିୟମ୍‌ର ଉକ୍ତ ଟ୍ୟାଙ୍କର (ଓଡି ୦୫ ଏକ୍ସ-୪୦୭୭)ଟି ପାରାଦୀପରୁ ତେଲ ନେଇ ଆସିଥିଲା। ପେଟ୍ରୋଲ ପମ୍ପ୍‌ର ଷ୍ଟକ୍ ଟାଙ୍କିରେ ତେଲ ଅନ୍‌ଲୋଡ୍ ପ୍ରାୟ ସରିବା ପରିସ୍ଥିତିରେ ଥିଲା। ଗାଡିଟି ନ୍ୟୁଟ୍ରାଲ ଥିଲେ ମଧ୍ୟ ଚାବି ଅନ୍ ଥିଲା। ଫଳରେ ପେଟ୍ରୋଲ ଗ୍ୟାସ୍ ସଂସ୍ପର୍ଶରେ ଆସି ଟ୍ୟାଙ୍କର ବ୍ୟାଟେରୀ ସ୍ପାର୍କିଂ ହୋଇ ନିଆଁ ଲାଗିଯାଇଥିଲା। ପରେ ନିଆଁ ଟ୍ୟାଙ୍କର କ୍ୟାବିନକୁ ବ୍ୟାପିଯାଇଥିଲା। ନିଆଁ ଅନ୍ୟଆଡକୁ ବ୍ୟାପୁଥିବାବେଳେ ଅଗ୍ନିଶମ ବିଭାଗର ୫ଟି ୟୁନିଟ୍ ପହଞ୍ଚି ମେକାନିକାଲ ଫୋମ୍ ଓ ୱାଟର ସ୍ପ୍ରେ ଜରିଆରେ ନିଆଁକୁ ଆୟତ୍ତ କରିଥିଲେ। ଟ୍ୟାଙ୍କରଟିରୁ ତେଲ ଅନ୍‌ଲୋଡ୍ ସରିଯାଇଥିବାରୁ ଟାଙ୍କି ଫାଙ୍କା ଥିଲା। ଫଳରେ ନିଆଁ ଟାଙ୍କିକୁ ଯାଇପାରି ନ ଥିଲା। ନଚେତ୍ ବଡ଼ଧରଣର କ୍ଷୟକ୍ଷତି ଘଟିଥାନ୍ତା। ଅନ୍ୟପକ୍ଷରେ ଏହି ଦୃଶ୍ୟ ଦେଖିବାକୁ ଘଟଣାସ୍ଥଳରେ ସାଧାରଣ ଲୋକଙ୍କ ଭିଡ ଜମିବାରୁ କଟକ ଡିସିପି, ମଧୁପାଟଣା ଓ ବାଦାମବାଡି ଥାନା ଅଧିକାରୀ ଏବଂ ଟ୍ରାଫିକ ଏସିପି ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ତେବେ ଉକ୍ତ ପେଟ୍ରୋଲ ପମ୍ପ୍‌ର ଫାୟାର ସେଫ୍ଟି ଲାଇସେନ୍ସ ନ ଥିବା ଜଣାପଡିଛି। ବୁଧବାର ଏହାର ମାଲିକଙ୍କୁ ନୋଟିସ ଜାରି କରାଯାଇ ଉତ୍ତର ମଗାଯିବ ବୋଲି ଅଗ୍ନିଶମ ବିଭାଗର ଜଣେ ଅଧିକାରୀ କହିଛନ୍ତି।

# ଅଚଳ ଟଙ୍କା ରଖିପାରିବେ ଆଇଟି, ଇଡି

**ନୂଆଦିଲ୍ଲୀ,୨୮।୮**

## ସଂଶୋଧିତ ବିଜ୍ଞପ୍ତି ଜାରି

ଚଢ଼ଉ ବେଳେ ନିର୍ଦ୍ଦିଷ୍ଟ ସୀମାରୁ ଅଧିକ ଅଚଳ ଟଙ୍କା ଜବତ କରିବା ଆୟକର ବିଭାଗ(ଆଇଟି) ଏବଂ ଏନଫୋର୍ସମେଣ୍ଟ ଡାଇରେକ୍ଟୋରେଟ(ଇଡି) ଭଳି ତଦନ୍ତକାରୀ ଏଜେନ୍ସିଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ଏହାକୁ ଦୂର କରିବା ଲାଗି କେନ୍ଦ୍ର ସରକାର ବିଳମ୍ବରେ ହେଉ ପଛେ ପଦକ୍ଷେପ ନେଇଛନ୍ତି। ସେଣ୍ଟ୍ରାଲ ବୋର୍ଡ ଅଫ ଡାଇରେକ୍ଟ ଟ୍ୟାକ୍ସେସ, ସେଣ୍ଟ୍ରାଲ ବୋର୍ଡ ଅଫ ଇନଡାଇରେକ୍ଟ ଟ୍ୟାକ୍ସେସ ଏବଂ ଇଡି ଜବତ କରିଥିବା ଅଚଳ ଟଙ୍କା ନିଜ ପାଖରେ ରଖିପାରିବେ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ଜରିଆରେ ଦର୍ଶାଯାଇଛି। ପ୍ରଚଳିତ ସ୍ପେସିଫାଏଡ ବ୍ୟାନ୍ ନୋଟ୍‌ସ (ସେସନ୍ ଆଣ୍ଡ ଲାଇବିଲିଟିଜ) ଆକ୍ଟ, ୨୦୧୭ ଅନୁଯାୟୀ ରିଜର୍ଭ ବ୍ୟାଙ୍କ, ଏହାର ସମସ୍ତ ଏଜେନ୍ସି ଓ ଏହାଦ୍ୱାରା ଅନୁମୋଦିତ ବ୍ୟକ୍ତି ତଥା ଅଦାଲତଙ୍କ ନିର୍ଦ୍ଦେଶ ବ୍ୟତୀତ ଅନ୍ୟମାନେ ନିର୍ଦ୍ଧାରିତ ସୀମା ଠାରୁ ଅଧିକ ଅଚଳ ଟଙ୍କା ନିଜ ପାଖରେ ରଖିପାରିବେ ନାହିଁ। ଏହି ଆଇନ ଅନୁଯାୟୀ ଜଣେ ସାଧାରଣ ବ୍ୟକ୍ତି ସର୍ବାଧିକ ୧୦ଟି ଏବଂ ଅନୁଧ୍ୟାନ ଓ ଗବେଷଣା ଲାଗି ୨୫ଟି ଅଚଳ ଟଙ୍କା ନିଜ ପାଖରେ ରଖିହେବ। କେନ୍ଦ୍ର ସରକାର ୨୦୧୬ ନଭେମ୍ବର ୮ରେ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌କୁ ବ୍ୟାନ କରିଥିଲେ। ସେହିବର୍ଷ ଡିସେମ୍ବର ୩୦ ସୁଦ୍ଧା ଏହାକୁ ବ୍ୟାଙ୍କରେ ଜମା କରିବାକୁ କୁହାଯାଇଥିଲା। ଏହା ପରେ ସୀମାବହିର୍ଭୂତ ଅଚଳ ଟଙ୍କା ଜବତ କ୍ଷେତ୍ରରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାର କହିଥିଲେ। ଉକ୍ତ ସମୟସୀମା ପରେ ଜବତ ଅଚଳ ଟଙ୍କାକୁ ନେଇ ଇଡି, ଆୟକର ବିଭାଗର ଚିନ୍ତା ବଢ଼ି ଯାଇଥିଲା। ଜବତ କାଗଜପତ୍ର ଦର୍ଶାଇଲେ ଏହାକୁ ବ୍ୟାଙ୍କରେ ଜମା କରି ହେବ ବୋଲି ସରକାର ପୂର୍ବରୁ ମଧ୍ୟ ଏକ ବିଜ୍ଞପ୍ତି ଜାରି କରିଥିଲେ।

ପ୍ରଥମ ପୃଷ୍ଠାରୁ...

## ଜାତିସଂଘରେ ଓଡ଼ିଆ ...

ମାନବାଧିକାର, ଗଣତାନ୍ତ୍ରିକ ଶାସନ, ଆଇନ ବ୍ୟାପାରରେ ରଣନୀତି କ୍ଷେତ୍ରରେ କାର୍ଯ୍ୟ କରି ଆସିଛନ୍ତି ବୋଲି ଗୁଟେରେସ୍‌ଙ୍କ ମୁଖପାତ୍ର ଷ୍ଟିଫେନ୍ ଦୁଜାରିକ୍ ସୋମବାର ସୂଚନା ଦେଇଛନ୍ତି।

ଏହାପୂର୍ବରୁ ତ୍ରିପାଠୀ ବିକଶିତ ଦେଶଗୁଡ଼ିକରେ ଜଙ୍ଗଲ ନଷ୍ଟ ଯୋଗୁ ଅଙ୍ଗାରକାମ୍ଳ ନିର୍ଗମନ ସମ୍ପର୍କିତ ଜାତିସଂଘ କାର୍ଯ୍ୟାଳୟର ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ସାଇପ୍ରସ୍ ପୁନର୍ଗଠନ ଆଲୋଚନା ଲାଗି ୨୦୦୪ରେ ମଧ୍ୟସ୍ଥତା କରିଥିବା ଜାତିସଂଘର ଆଇନ ଓ ରାଜିନାମା କମିଟିରେ ତ୍ରିପାଠୀ ଥିଲେ ଅଧ୍ୟକ୍ଷ। କ୍ୟାରିୟର ଆରମ୍ଭରେ ସେ ୱାର୍ଲ୍ଡ ଇକୋନୋମିକ୍ ଫୋରମ୍‌ର ଜଙ୍ଗଲ ସମ୍ପର୍କିତ ବିଶ୍ୱ ପରାମର୍ଶ ପରିଷଦ ଏବଂ ୱାର୍ଲ୍ଡ ଆଗ୍ରୋଫରେଷ୍ଟ୍ରି ସେଣ୍ଟର ପ୍ରାକୃତିକ ସମ୍ବଳ ପରିଚାଳନାରେ ବରିଷ୍ଠ ସଦସ୍ୟ ଥିଲେ। ତ୍ରିପାଠୀ ଓଡ଼ିଶାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ କମର୍ସରେ ସମ୍ମାନ, ସ୍ନାତକ ଏବଂ ସ୍ନାତକୋତ୍ତର ଡିଗ୍ରୀ ଏବଂ ଆଇନରେ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି।

ତ୍ରିପାଠୀଙ୍କ ନିଯୁକ୍ତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶାର ଜଣେ ଦକ୍ଷ ପ୍ରଶାସକଙ୍କୁ ଜାତିସଂଘରେ ନିଯୁକ୍ତି ପାଇଁ ଅଭିନନ୍ଦନ ବୋଲି ନବୀନ ଉଲ୍ଲେଖ କରିଛନ୍ତି। ସେହିପରି ତାଙ୍କ ନିଯୁକ୍ତି ଓଡ଼ିଶା ଏବଂ ଭାରତ ପାଇଁ ଏକ ଗର୍ବର ବିଷୟ। ଦିଆଯାଇଥିବା ଦାୟିତ୍ୱରେ ସେ ଖୁବ୍ ସଫଳତା ହାସଲ କରନ୍ତୁ ବୋଲି ଧର୍ମେନ୍ଦ୍ର କହିଛନ୍ତି। ପ୍ରକାଶ ଯେ, ମିଳିତ ଜାତିସଂଘ ପରିବେଶ ଶାଖା ବିଶ୍ୱବ୍ୟାପୀ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିଥାଏ। ଏହା ବିଶ୍ୱସ୍ତରର ସରକାରୀ ତଥା ବେସରକାର ସଂସ୍ଥା, ନାଗରିକ ସମାଜ, ଅନ୍ୟାନ୍ୟ ଅନ୍ତର୍ଜାତୀୟ ସଙ୍ଗଠନ ଏବଂ ଜାତିସଂଘ ସଂସ୍ଥା ସହ କାର୍ଯ୍ୟ କରିଥାଏ।

# ୧୯ ଜୁନିୟର ଓପିଏସ ଅଧିକାରୀଙ୍କୁ ପଦୋନ୍ନତି

**ଭୁବନେଶ୍ୱର, ୨୮।୮(ବ୍ୟୁରୋ):** ୧୯ ଜୁନିୟର ଓପିଏସ୍ ଅଧିକାରୀ ଅତିରିକ୍ତ ଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଛନ୍ତି। ସେମାନେ ଓପିଏସ୍ ଗ୍ରୁପ୍-ଏର ଜୁନିୟର ବ୍ୟାଚ୍‌ର ଥିବାବେଳେ ଓପିଏସ୍‌ର ସିନିୟର ବ୍ୟାଚକୁ ପଦୋନ୍ନତି ମିଳିଛି। ଏ ସଂକ୍ରାନ୍ତରେ ଗୃହ ବିଭାଗ ପକ୍ଷରୁ ମଙ୍ଗଳବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ପଦୋନ୍ନତି ପାଇଥିବା ପୋଲିସ ଅଧିକାରୀମାନେ ହେଲେ ଜୟରାମ ଶତପଥୀ, ଅଭିରାମ କର, ବିନେସ ଚନ୍ଦ୍ର ବେହେରା, ସାନ୍ତନୁ କୁମାର ମହାନ୍ତି, ବିଷ୍ଣୁପଦ ମହନ୍ତ, ସୁନୀଲ କୁମାର ମଣ୍ଡଳ, ସୁଜନ ଦେଓ, ଅର୍ଜୁନ ବାରିକ, ଚିତ୍ତରଞ୍ଜନ ସାମନ୍ତ, ପ୍ରକାଶଚନ୍ଦ୍ର ପରିଡା, ପ୍ରଭାତଚନ୍ଦ୍ର ରାଉତରାୟ, ଶଶି ଶେଖର ମହାପାତ୍ର, ପ୍ରଦ୍ୟୁମ୍ନ କୁମାର ଜେନା, ବିପିନ ବିହାରୀ ମଲ୍ଲିକ, ମଙ୍ଗରା କୁଜୁର, ମାଧୁରୀ ସାମଲ, ତପସ୍ୱିନୀ ଆରୁଖ, ଅମିତା ପଟ୍ଟନାୟକ ଓ ଯଶୋବନ୍ତ ନାରାୟଣ ମହାପାତ୍ର। ଡିଜି ଏବଂ ଆଇଜି ପରବର୍ତ୍ତୀ ସମୟରେ ସେମାନଙ୍କ ପୋଷ୍ଟିଂ ଅର୍ଡର କରିବେ ବୋଲି ବିଜ୍ଞପ୍ତିରେ ପ୍ରକାଶ ପାଇଛି।

## ବ୍ୟବସାୟୀଙ୍କଠାରୁ ୪.୫ଲକ୍ଷ ଲୁଟ୍ ଘଟଣା

# ୩ କନଷ୍ଟେବଲଙ୍କ ସମେତ ୪ ଗିରଫ

**ବରଗଡ଼ ଅଫିସ,୨୮।୮**

ବରଗଡ଼ ସହରର ଭଟଲି ଛକରେ ରବିବାର ବିଳମ୍ବିତ ରାତିରେ ପାଇକମାଲର ବ୍ୟବସାୟୀ ନନ୍ଦଲାଲ ପ୍ରସାଦ(୨୨)ଙ୍କଠାରୁ ପୋଲିସ ପିସିଆର୍ ଟିମ୍ ୪.୫ ଲକ୍ଷ ଲୁଟି ନେବା ଘଟଣାର ପର୍ଦ୍ଦାଫାଶ ହୋଇଛି। ଉକ୍ତ ଘଟଣାରେ ୩ ପୋଲିସ କନଷ୍ଟେବଲଙ୍କ ସମେତ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କନଷ୍ଟେବଲ (ସି/୧୧୯) ସରୋଜ ସେଠ(୪୦), ବରଗଡ଼ ସଦର ଥାନାରେ କାର୍ଯ୍ୟରତ କନଷ୍ଟେବଲ (ସି/୪୩୯) ପପୁ ଓରଫ ସଦାନନ୍ଦ ପ୍ରଧାନ(୪୦), କନଷ୍ଟେବଲ(ସି/୧୧୯) ବିପିନ ବିହାରୀ ବେଦବାକ (୫୦) ଏବଂ ବ୍ୟବସାୟୀ ତଥା ଅଭିଯୋଗକାରୀ ନନ୍ଦଲାଲଙ୍କ ଗତିବିଧି ଉପରେ ପିସିଆରକୁ ସୂଚନା ଦେଇଥିବା ପଦ୍ମପୁର ଶକ୍ତିନଗର ବାସିନ୍ଦା ରାକେଶ ଓରଫ ଜୟପ୍ରକାଶ ଗୁପ୍ତା(୪୮)। ଅଭିଯୁକ୍ତମାନଙ୍କ ପାଖରୁ ପୋଲିସ ନଗଦ ୪ଲକ୍ଷ ୫୧ହଜାର ୮୦୦ ଟଙ୍କା ଜବତ କରିଛି। ବ୍ୟବସାୟୀ ନନ୍ଦଲାଲଙ୍କ ଏତଲାକୁ ଭିତ୍ତି କରି ଅଭିଯୁକ୍ତମାନଙ୍କ ବିରୋଧରେ ବରଗଡ଼ ସଦର ଥାନାରେ ଦଫା ୩୮୭, ୩୮୮, ୧୨୦(ବି) ଆଇପିସିରେ ଏକ ମାମଲା(ନଂ-୧୮୭/୧୮) ରୁଜୁ ହୋଇଛି । ଗିରଫ ଅଭିଯୁକ୍ତମାନଙ୍କୁ ମଙ୍ଗଳବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ସ୍ଥାନୀୟ ସବଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ କନଷ୍ଟେବଲମାନଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି ବୋଲି ଏସ୍‌ପି ମୁକେଶ କୁମାର ଭାମୁ ସୂଚନା ଦେଇଛନ୍ତି । ପ୍ରକାଶ ଯେ, ରବିବାର ରାତିରେ ବ୍ୟବସାୟୀ ନନ୍ଦଲାଲ ସାମଗ୍ରୀ କିଣିବା ପାଇଁ କଲିକତା ଅଭିମୁଖେ ବାହାରିଥିଲେ। ସେ ପାଇକମାଲରୁ ଏକ ଘରୋଇ ବସରେ ଚଢ଼ିଥିଲେ। ବସ୍‌ରେ ସମ୍ବଲପୁର ଯାଇ ସେଠାରୁ ଟ୍ରେନରେ କଲିକତା ଯିବାର ଥିଲା। ତେବେ ନନ୍ଦଲାଲ ବସ୍‌ରେ ଟଙ୍କା ଧରି ଆସୁଥିବା ନେଇ ଅଭିଯୁକ୍ତ ରାକେଶ ଅନ୍ୟତମ ଅଭିଯୁକ୍ତ ସଦର ଥାନାର କନଷ୍ଟେବଲ ପପୁଙ୍କୁ ସୂଚନା ଦେଇଥିଲେ। ଏହାପରେ ପପୁ ପିସିଆର ଟିମକୁ ଖବର ଦେଇଥିଲେ। ଫଳରେ ପିସିଆର ଟିମ ଛପି ରହିଥିଲା। ନନ୍ଦଲାଲ ବସ୍‌ରେ ଆସିବା ବାଟରେ ବରଗଡ଼ ସହରର ଭଟଲି ଛକରେ ତାଙ୍କୁ ଓହ୍ଲାଇ ପୋଲିସ ଭ୍ୟାନରେ ବରଗଡ଼ ସଦର ଥାନାକୁ ନେଇଥିଲା। ସେଠାରେ ଭୟଭୀତ କରାଇ ନନ୍ଦଲାଲ ରଖିଥିବା ଟଙ୍କା ଲୁଟି ନେବା ପରେ ଭ୍ୟାନରେ ବସାଇ ସ୍ଥାନୀୟ ଘରୋଇ ବସଷ୍ଟାଣ୍ଡରେ ଛାଡ଼ି ଦେଇଥିଲେ। ଏ ନେଇ ସ୍ଥାନୀୟ କିଛି ସଚେତନ ନାଗରିକ ନନ୍ଦଲାଲଙ୍କଠାରୁ ଜାଣିବାକୁ ପାଇଥିଲେ। ଏହାପରେ ନନ୍ଦଲାଲ ସେମାନଙ୍କ ମାଧ୍ୟମରେ ସଦର ଥାନାରେ ଏତଲା ଦେବା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇଥିଲା ।


## ମନେ ପଡ଼ନ୍ତି

### ଏକାଦଶାହରେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ମୋତି ଦେବୀ**
ଆଳିଶି ଶାସନ, ବାଲିପାଟଣା, ଖୋର୍ଦ୍ଧା
ତିରୋଧାନ: ୧୯।୦୮।୨୦୧୮

ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆନ୍ତର ପ୍ରାର୍ଥନା। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଉପଦେଶ ଆମର ଚିର ପାଥେୟ ହେଉ। ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅଜ୍ୱାଇଁ, ନାତିନାତୁଣୀ, ଭଣଜାଭାଣିଜୀ, ଅଣନାତିଅଣନାତୁଣୀ, ବନ୍ଧୁ ଓ ପରିବାରବର୍ଗ।

ଧ-୬୩୦୭୭

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ରାଜୀବ କୁମାର ରାୟ**
ବିରତୁଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ
ଆବିର୍ଭାବ: ୦୫।୦୫।୧୯୬୯
ତିରୋଧାନ: ୧୯।୦୮।୨୦୧୮
**ଗଡ଼କରମଳା, ଗୋପ, ପୁରୀ**

**"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ। ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥**

ଆପଣ ହଠାତ୍ ଗୋଟିଏ ମୁହୂର୍ତ୍ତ ଭିତରେ ଇହଧାମ ତ୍ୟାଗ କଲେ ଏହା ଆମ ସ୍ୱପ୍ନର ବାହାରେ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟପରାୟଣତା ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ଆପଣଙ୍କର ଅମର ଆତ୍ମା ପରମାତ୍ମାଙ୍କଠାରେ ଲୀନ ହେଉ ଏହା ଆମର ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

**ଶୋକ ସନ୍ତପ୍ତ ପରିବାରବର୍ଗ ଓ ବିରତୁଙ୍ଗ ଗ୍ରାମପଞ୍ଚାୟତବାସୀ**

ଧ-୮୦୪୭

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ଜୟରାମ ସାହୁ**
ପୂର୍ବତନ ସରପଞ୍ଚ,
ଗ୍ରା.ପ. ଚଅଁରପଦା,
ହଂସପଡ଼ା, ତଳପାଟକ
ଆବିର୍ଭାବ: ୦୧।୦୨।୧୯୩୦
ତିରୋଧାନ: ୧୯।୦୮।୨୦୧୮

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପୁଅ-ବୋହୂ, ଝିଅ-ଜ୍ୱାଇଁ, ଭଣଜା-ଭାଣିଜୀ, ନାତି-ନାତୁଣୀ ଓ ସାହୁ ପରିବାରବର୍ଗ।

ଧ-୬୩୩୫୯


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର କର୍ମକ୍ଷେତ୍ରରେ ସହକର୍ମୀଙ୍କ ଅନୁପସ୍ଥିତି କାରଣରୁ ଉପରିସ୍ଥଙ୍କ ଚାପର ସମ୍ମୁଖୀନ ହୋଇପାରନ୍ତି। ଯାତ୍ରାକାଳରେ କୌଣସି ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ପରିବାରର ଖର୍ଚ୍ଚଭାର କ୍ରମଶଃ ବୃଦ୍ଧି ପାଉଥିବା ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ଗତକାଲିର ଯୋଜନା ମୁତାବକ କାମରେ ଲାଗିପଡନ୍ତୁ, ଅବଶ୍ୟ ସୁଫଳ ପାଇବେ।

**ବୃଷ** ପରୋକ୍ଷ ଶତ୍ରୁତା କରୁଥିବା ଯୋଗୁ ବନ୍ଧୁଙ୍କ କାର୍ଯ୍ୟକଳାପ ଦେଖି ବିଚଳିତ ହୋଇପାରନ୍ତି। ନିଜକାମ ଛାଡି ପରକଥାରେ ମୁଣ୍ଡ ପୂରାନ୍ତୁ ନାହିଁ, ଯଦ୍ଦ୍ୱାରା ଅପଦସ୍ଥ ହେବାକୁ ପଡିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ଅନ୍ୟାନ୍ୟ କେତେକ ଘରୋଇ କାରଣକୁ ନେଇ ମନ ବିଚଳିତ ରହିବ।

**ମିଥୁନ** ପୂର୍ବ ଶତ୍ରୁତା କାରଣରୁ ଆଶା କରି ନ ଥିବା ଖବର ଶୁଣି ବିସ୍ମିତ ହୋଇପାରନ୍ତି। ଆତ୍ମୀୟ ସ୍ୱଜନମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି। ରାଜନୈତିକ ସ୍ତରରେ କଳହ ଘେରରେ ଆକ୍ରାନ୍ତ ହେବାର ସୂଚନା ରହିଛି। ହଜିଯାଇଥିବା କିମ୍ବା ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟଗୁଡିକ ତ୍ୱରାନ୍ୱିତ ହେବ।

**କର୍କଟ** କର୍ମକ୍ଷେତ୍ରରେ ପ୍ରତ୍ୟେକ ବିଫଳତାକୁ ସମୀକ୍ଷା କରି ନିରାକରଣ ପୂର୍ବକ କାର୍ଯ୍ୟକଲେ ସଫଳତା ପାଇବେ। ପରିବାରରେ ସ୍ତ୍ରୀଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ସାଙ୍ଗକୁ ପ୍ରାଧାନ୍ୟତା ମଧ୍ୟ ବଢ଼ିବ। ସାୟାହ୍ନେ ଟେନସନ୍ କମିଯିବା ସହ ଆଳାପ ଆଲୋଚନାରେ ସମୟ କଟାଇବେ।

**ସିଂହ** ପରିବାରର ଆବଶ୍ୟକତା ପୂରଣ କରିବା ସକାଶେ ଧାର ଉଧାର କରିବାକୁ ପଡିପାରେ। କର୍ମଜଞ୍ଜାଳ ବୃଦ୍ଧି ପାଇବା କାରଣରୁ ଖାଦ୍ୟପେୟ ଠିକ୍ ରହିବ ନାହିଁ । କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବ। ଏଜେନ୍ସି, କଳା, ସାହିତ୍ୟ, ସାମ୍ବାଦିକତାରୁ ପ୍ରଶଂସିତ ହେବେ। ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ।

**କନ୍ୟା** ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ଦିଗରେ ବନ୍ଧୁମାନଙ୍କ ସହ ବିଭିନ୍ନ ପ୍ରକାର ଆଲୋଚନା କରିବେ। ସମସ୍ୟା ମଧ୍ୟରେ ଗତି କରୁଥିବା କାରଣରୁ ମନୋବଳ କ୍ରମଶଃ ହ୍ରାସ ପାଇବ। ଭଲ ସମ୍ପର୍କ ଥିବା ବନ୍ଧୁ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ବୁଝିପାରନ୍ତି। ଭ୍ରମଣହେତୁକ କ୍ଳାନ୍ତି ଦେଖାଦେଇପାରେ। ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ।

**ତୁଳା** ପରିସ୍ଥିତିକୁ ଗୁରୁତ୍ୱଦେଇ କାମ କରିବା ଭଲ ହେବ। ପରିବାରରେ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇ ପାରେ। କର୍ମକ୍ଷେତ୍ରରେ ଅଧାପନ୍ତରିଆ କାମଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବେ। ଆନୁଷ୍ଠାନିକ କାମରେ ପଦସ୍ଥବ୍ୟକ୍ତିମାନଙ୍କ ନିକଟରୁ ପ୍ରଶଂସା ମିଳିବ। ନିଜ ମନ ପସନ୍ଦର ଜିନିଷ କ୍ରୟ କରିବା ସକାଶେ ମନ ବଳାଇବେ।

**ବିଛା** ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବା ସହ ଯାହା ଆଶା କରୁଥିଲେ ତାହା ପାଇପାରିବେ । ଯୁକ୍ତିଯୁକ୍ତ କଥା କହିଲେ ମଧ୍ୟ ସ୍ୱାର୍ଥହାନି ଆଶଙ୍କାରେ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ବନ୍ଧୁ ଓ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବା ସହ ଟେନସନ୍ ମଧ୍ୟ ଦୂର ହେବ।

**ଧନୁ** ପାଖ ପଡୋଶୀଙ୍କ ସହାନୁଭୂତିରୁ ପାରିବାରିକ କ୍ଷେତ୍ରରେ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ମାନସିକ ସ୍ଥିତି ବଦଳିଯିବ। ଆପଣଙ୍କ କାର୍ଯ୍ୟଦକ୍ଷତାରେ ପଡୋଶୀମାନେ ଖୁବ୍ ପ୍ରଶଂସା କରିପାରନ୍ତି। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବା ସହ ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**ମକର** ସ୍ୱାସ୍ଥ୍ୟ ସମସ୍ୟା ଧୀରେ ଧୀରେ ସୁଧୁରିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ସହକର୍ମୀଙ୍କ ପ୍ରତ୍ୟେକ କଥାକୁ ନେଇ ଭୁଲ୍ ବୁଝାମଣା ହେତୁ କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେବ। ପଡୋଶୀମାନେ ମନ ବୁଝିଲାଭଳି କଥା କହି କାର୍ଯ୍ୟ ହାସଲ କରିବେ। ସହମତିରେ କାର୍ଯ୍ୟକଲେ ସଫଳତା ପାଇବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ।

**କୁମ୍ଭ** ଆପଣଙ୍କ ଲୋକପ୍ରିୟତା ବୃଦ୍ଧି ହେତୁ ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିପାରନ୍ତି। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ବିବାଦୀୟ ଘଟଣା କିମ୍ବା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ । ପାଖପଡୋଶୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ଆର୍ଥିକ ଅନଟନ ମଧ୍ୟରେ ସମୟ କଟାଇବେ।

**ମୀନ** କର୍ମକ୍ଷେତ୍ରର ବିବାଦୀୟ ପରିସ୍ଥିତି ଭିନ୍ନ ରୂପ ନେଇପାରେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବାର ସମ୍ଭାବନା ରହିଛି। କଳା ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ସରକାରୀ ସ୍ତରରେ ଅଟକି ରହିଥିବା କାମକୁ ସମ୍ପନ୍ନ କରିବା ସକାଶେ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

ଆଜି ଭାଦ୍ରବ କୃଷ୍ଣପକ୍ଷର ଅଙ୍ଗଭେଟ ତୃତୀୟା ବୁଧବାର, ବୁଧିବାମନ ଓଷା ଆରମ୍ଭ, ଅଗଷ୍ଟ ୨୯ ତାରିଖ,ରାଷ୍ଟ୍ରୀୟ କ୍ରୀଡ଼ା ଦିବସ, ରାଶି ନକ୍ଷତ୍ର-ଉତ୍ତରଭାଦ୍ରପଦ/ମୀନ, ଧନୁ ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୫୨ମି. ଗତେ ଘ୮।୩୦ମି. ମଧ୍ୟେ, ଦିବା ଘ୩।୦୬ମି. ଗତେ ଘ୪।୪୫ମି. ମଧ୍ୟେ ଅମୃତବେଳା। ଦିବା ଘ୬।୫୧ମି. ମଧ୍ୟେ ଘ୧୦।୦୯ମି. ଗତେ, ଘ୧୧।୪୮ମି. ମଧ୍ୟେ ଘ୩।୪୨ମି. ଗତେ, ଘ୫।୦୩ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୧୧।୪୭ମି. ଗତେ ଘ୧।୨୧ମି. ମଧ୍ୟେ ରାହୁକାଳ ।




# ରୋଗୀଙ୍କ ମୃତ୍ୟୁ ପରେ ନିଜ ଗଳା କାଟିଦେଲେ କ୍ୱାକ୍

**ବରଗଡ଼ ଅଫିସ୍,୨୮।୮**

ବରଗଡ଼ ସହରରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ସହରର ଏକ ଘରୋଇ କ୍ଲିନିକ୍‌ରେ କାର୍ଯ୍ୟରତ କ୍ୱାକ୍ ସୁବୋଧ ସାହୁ (୩୦)ଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ବରଗଡ଼ ସଦର ଥାନା ଅଞ୍ଚଳର ସାହେବ ସାହୁଙ୍କ ସ୍ତ୍ରୀ ଲବଙ୍ଗ (୪୦)। ତେବେ ମହିଳାଙ୍କ ମୃତ୍ୟୁକୁ ନେଇ ତାଙ୍କ ସମ୍ପର୍କୀୟ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ କ୍ଲିନିକରେ ପହଞ୍ଚିଥିଲା। ହେଲେ ପୋଲିସକୁ ଦେଖି ସୁବୋଧ ପୋଲିସ ସମ୍ମୁଖରେ ହିଁ ନିଜ ଗଳାକାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଲବଙ୍ଗଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇଛି। ଗୁରୁତର ସୁବୋଧଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

ଲବଙ୍ଗଙ୍କ ଦାନ୍ତ ବିନ୍ଧା ହୋଇଥିଲା। ଫଳରେ ସେ ପରିବାର ଲୋକଙ୍କ ସହିତ କ୍ୱାକ୍ ସୁବୋଧଙ୍କ ପାଖକୁ ଆସିଥିଲେ। ଦାନ୍ତ କାଢ଼ିବାକୁ କହି ସୁବୋଧ ଲବଙ୍ଗଙ୍କୁ ନିଶା ଇଞ୍ଜେକ୍ସନ ଦେଇଥିଲେ। ତେବେ ଇଞ୍ଜେକ୍ସନ ନେବା ପରେ ଲବଙ୍ଗ ସଂଜ୍ଞାହୀନ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନା ଆଣିଥିଲେ। ମାତ୍ର ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଲବଙ୍ଗଙ୍କ ମୃତ୍ୟୁ ପରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ଲବଙ୍ଗଙ୍କ ଜଣେ ସମ୍ପର୍କୀୟ ଟାଉନ ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ କ୍ୱାକ୍ ସୁବୋଧଙ୍କ ବିରୋଧରେ ଦଫା ୩୦୪ (ଏ)ରେ ଏକ ମାମଲା (ନଂ. ୪୮୩/୧୮) ରୁଜୁ କରିବା ସହ ତାଙ୍କ କ୍ଲିନିକରେ ପହଞ୍ଚିଥିଲା। ତେବେ ପୋଲିସକୁ ଦେଖିବା ପରେ ସୁବୋଧ ଡ୍ରୟରରୁ ଏକ ଧାରୁଆ ସାମଗ୍ରୀ ବାହାର କରି ନିଜ ଗଳା କାଟିଦେଇଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନା ଆଣିଥିଲା। ମାତ୍ର ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।












କୌଣସି କୌଣସି ଯୁଗରେ ଆମର ଏହି ପୃଥିବୀର ଜୀବନ ଅଲୌକିକ ଭାବେ ଅନେକ ସୋପାନ ପାରି ହୋଇ ଅଳ୍ପସମୟରେ ବହୁ ଊର୍ଦ୍ଧ୍ୱକୁ ଉଠିଯାଏ। କିନ୍ତୁ ଅନ୍ୟ ସବୁ ସମୟରେ ସେତିକି ପଥ ଯିବାକୁ ତାକୁ ହଜାର ହଜାର ବର୍ଷ ଲାଗିଯାଏ। -ଶ୍ରୀମା



# ଚାକିରି, ଅବସର, ଚାକିରି

ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଏବଂ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀମାନେ ଏ ଦେଶରେ ଅତ୍ୟନ୍ତ କ୍ଷମତାଶାଳୀ ରହିଥିବା ବିଷୟ ସମସ୍ତଙ୍କୁ ଜଣା। ସେହିମାନେ ହିଁ ସ୍ଥାୟୀ ସରକାର। ତାଙ୍କ ପାଇଁ ରାଜନେତା ଏବଂ ରାଜନୈତିକ ଦଳ କ୍ଷମତାକୁ ଆସିବେ ଓ ଯିବେ। ତାଙ୍କର ସୁବିଧା ହେଲେ ରାଜନେତାଙ୍କ ସପକ୍ଷରେ କାର୍ଯ୍ୟ କରି ଦୀର୍ଘସ୍ଥାୟୀ କରାଇପାରିବେ। ଏପରିକି ବିଭିନ୍ନ ସରକାରୀ କାର୍ଯ୍ୟକ୍ରମର ସୂତ୍ର ଦେଖାଇ ରାଜନୈତିକ ଦଳକୁ ସରକାରରେ ରହିବାକୁ ସୁଯୋଗ ଦେବେ। ତାହାର ପ୍ରତିବଦଳରେ ତାଙ୍କର ସବୁ ସୁଯୋଗ ଏବଂ ବିପୁଳ ଆର୍ଥିକ ସୁବିଧା ହାତେଇବା ପାଇଁ କୌଣସି ରାଜନୈତିକ ପ୍ରତିରୋଧ ସୃଷ୍ଟି ହେବା ଉଚିତ ନୁହେଁ। ଅପରପକ୍ଷରେ ଜନସାଧାରଣଙ୍କ ଆଶା ଆକାଂକ୍ଷା କାର୍ଯ୍ୟକାରୀ କରାଇବାକୁ ଇଚ୍ଛୁକ ରାଜନେତା ବା ଦଳ ଏହି ଅମଲାତାନ୍ତ୍ରିକ କୋପଦୃଷ୍ଟିରେ ପଡିଗଲେ, କ୍ଷମତାରେ ଦୀର୍ଘକାଳ ରହିବା ଅସମ୍ଭବ ହୋଇପଡିଥାଏ।

କେବଳ ଚାକିରି କାଳ ମଧ୍ୟରେ ନୁହେଁ, ଅବସର ଗ୍ରହଣ ପରେ ସରକାରୀ ସୁବିଧା ପାଇବାକୁ ହାଇଁପାଇଁ ହେଉଥିବା ଅଧିକାଂଶ ଅଫିସରଙ୍କ ଚରିତ୍ର ବିଷୟରେ ବହୁ ଦୃଷ୍ଟାନ୍ତ ରହିଛି। ଶାସନରେ ଥିବା ବ୍ୟକ୍ତିଙ୍କୁ ଖୁସି କରିବାରେ ଯେଉଁ ଅଧିକାରୀ ଯେତେ ସଫଳ ହୋଇଥାଆନ୍ତି, ଅବସର ପରେ ସେମାନଙ୍କୁ ସେହିଭଳି ବଡ଼ ଧରଣର ପଦବୀ ମିଳୁଥିବା ଓଡ଼ିଶାଠାରୁ ଆରମ୍ଭ କରି ସମଗ୍ର ଦେଶରେ ଦେଖିବାକୁ ମିଳିଛି। କ୍ଷଣସ୍ଥାୟୀ ରାଜନେତା ଓ ଦୀର୍ଘସ୍ଥାୟୀ ଅମଲାତନ୍ତ୍ରୀଙ୍କ ମଧ୍ୟରେ ଥିବା ଗୁପ୍ତ ବୁଝାମଣା ବିଷୟରେ ସାଧାରଣ ଲୋକ ସହଜରେ ଜାଣିପାରନ୍ତି ନାହିଁ। ହେଲେ ଉତ୍ତରପ୍ରଦେଶର ଆଇପିଏସ୍ ଅଧିକାରୀ ସୂର୍ଯ୍ୟ କୁମାର ଶୁକ୍ଳା ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଏକ ସରକାରୀ ଲେଟରହେଡ୍‌ରେ ଉଲ୍ଲେଖ କରିଛନ୍ତି ଯେ, ଅବସର ପରେ ତାଙ୍କୁ ୪ଟି ଗୁରୁତ୍ୱପୂର୍ଣ୍ଣ ପଦବୀ ଯଚାଯାଇପାରିବ। ଅଗଷ୍ଟ ୩୧ରେ ଅବସର ନେବା ପରେ ସେ ଉତ୍ତରପ୍ରଦେଶ ଯୋଜନା କମିଶନ ଉପାଧ୍ୟକ୍ଷ, ଖଦି ଗ୍ରାମୋଦ୍ୟୋଗ ବୋର୍ଡ, ରାଜ୍ୟ ସମାଜ କଲ୍ୟାଣ ବୋର୍ଡ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧ୍ୟକ୍ଷ ପଦ ପାଇବାକୁ ହକ୍‌ଦାର ବୋଲି ଲେଖିଥିବା ଚିଠିଟି ଲିକ୍ ହେବା ପରେ ଘଟଣା ପଦାକୁ ଆସିଛି। କୌତୂହଳର ବିଷୟ ଯେ, ଗଣମାଧ୍ୟମ ପକ୍ଷରୁ ତାଙ୍କୁ ଏ ନେଇ ପ୍ରଶ୍ନ କରାଯିବାରୁ ସେ ତାହାକୁ ମାନିଛନ୍ତି। ଜବାବ ଦେବାକୁ ଯାଇ କହିଛନ୍ତି ଯେ, ଏଭଳି ପ୍ରସ୍ତାବ ଦେବାରେ ସେ କୌଣସି ଭୁଲ କରିନାହାନ୍ତି। ତାଙ୍କ କହିବା ଅନୁଯାୟୀ, ପ୍ରତ୍ୟେକ ଅଧିକାରୀ ଅବସର ପରେ ରାଜ୍ୟର ସେବା କରିବାକୁ ଚାହିଁଥାନ୍ତି। ସେ ପୁଣି କହିଛନ୍ତି, ତାଙ୍କ ପୋଲିସ କ୍ୟାରିୟର ଅତ୍ୟନ୍ତ ତ୍ରୁଟିଶୂନ୍ୟ ରହିଛି। ପୋଲିସିଆ ଠାଣିରେ ଶୁକ୍ଳା ଦେଇଥିବା ଉତ୍ତର ସ୍ପଷ୍ଟ କରିଦେଉଛି ଯେ, ବଡ଼ ପଦବୀରେ ରହୁଥିବା ଅଧିକାରୀମାନେ ଶାସକ ଦଳ ସହ ସ୍ୱାର୍ଥଜଡ଼ିତ ଘନିଷ୍ଠତା ବଢ଼ାଇବାରେ ପାରଙ୍ଗମ। ଏଥିରୁ ବୁଝିବାକୁ ହେବ ଯେ ଚାକିରି ସମୟରେ ସେବାର ବିପରୀତ କାର୍ଯ୍ୟ ଏହିଭଳି ଅମଲାତନ୍ତ୍ରୀମାନେ କରିଥାଆନ୍ତି। ଶୁକ୍ଳାଙ୍କର ଏଭଳି ଆଶା କାହିଁକି ବା ନ ହେବ। ସବୁ ରାଜନୈତିକ ଦଳକୁ ଦେଖିଲେ ଜଣାପଡ଼େ ଯେ, ଏବେ ଲୋକଙ୍କ ସେବାକରି ରାଜନୀତିକୁ ଆସୁଥିବା ବ୍ୟକ୍ତିଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ସେଥିପାଇଁ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ବିଧାୟକ, ସାଂସଦ, ରାଜ୍ୟପାଳ ଏବଂ ଅନ୍ୟସବୁ ସାମ୍ବିଧାନିକ ପଦବୀରେ ଅଳଙ୍କୃତ ହେଉଛନ୍ତି। ସରକାରଙ୍କ ସପକ୍ଷରେ ଦୁଇଟି ରାୟଦେଇ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଆଦର୍ଶ କୁମାର ଗୋଏଲ ଜାତୀୟ ସବୁଜ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଅଧ୍ୟକ୍ଷ ହୋଇପାରିଛନ୍ତି। ସେହିଭଳି ଦିଲ୍ଲୀରେ ବିଧାୟିକା ହେବାରେ ଅସଫଳ ହୋଇଥିବା କିରଣ ବେଦୀ ପୁଡୁଚେରୀରେ ଲ୍ୟୁଟ୍‌ନାଣ୍ଟ ଗଭର୍ନର ହୋଇପାରିଛନ୍ତି।

ଭାରତରେ ଅଧିକାଂଶ ଅଧିକାରୀ ଅବସର ପରେ ବିଭିନ୍ନ ଲୋଭାଳିଆ ପଦରେ ରହିବା ଲାଗି ପୂର୍ବରୁ ସେଟିଂ କରିସାରିଥାଆନ୍ତି। ଅବସର ପରେ ତତ୍କ୍ଷଣାତ୍ ସେମାନଙ୍କୁ ତାହା ମିଳିଯାଇଥାଏ। ଏଥିରୁ ବୁଝିବାକୁ ହେବ ଯେ, ଏହିସବୁ ଅଧିକାରୀମାନେ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେବାରେ ପଛାଇ ନ ଥିବେ। ଆଜିର ପରିସ୍ଥିତିରେ ଦେଶ ପଛେ ବୁଡ଼ିଯାଉ, ବ୍ୟକ୍ତିଗତ ସ୍ୱାର୍ଥ ରକ୍ଷା ହୋଇଯାଇଛି ଅନେକଙ୍କ ମୂଳ ଉଦ୍ଦେଶ୍ୟ। କେବଳ ପ୍ରଶାସନିକ ଅଧିକାରୀ ନୁହନ୍ତି, ଇଞ୍ଜିନିୟର, ଡାକ୍ତର, ପ୍ରାଧ୍ୟାପକଙ୍କଠାରୁ ଆରମ୍ଭ କରି ଅବସରପ୍ରାପ୍ତ ବିଚାରପତିଙ୍କ ପର୍ଯ୍ୟନ୍ତ ବ୍ୟକ୍ତିବିଶେଷ ଏହି ପଥରେ ଅଛନ୍ତି। ବ୍ୟବସ୍ଥାକୁ ଝୁଣି ସେଥିରୁ ମହୁ ଶୋଷିବାରେ ଯେଉଁଭଳି ଅଧିକାରୀଙ୍କ ମଧ୍ୟରେ ଲାଗିଯାଇଛି ପ୍ରତିଦ୍ୱନ୍ଦ୍ୱିତା। ଅବସର ପରେ ଯଦି ଜଣେ ଅଧିକାରୀଙ୍କୁ ସରକାର କୌଣସି ଏକ ପଦବୀରେ ଅବସ୍ଥାପିତ କରିବାକୁ ଚାହୁଁଛନ୍ତି, ତେବେ ଏକ କୁଲିଂ-ଅଫ୍ ପିରିୟଡ୍ ବା ନିର୍ଦ୍ଦିଷ୍ଟ ସମୟ ଅତିକ୍ରାନ୍ତ ପରେ ଆବଶ୍ୟକ ସ୍ଥଳେ ଦକ୍ଷତାକୁ ବିଚାର କରାଯାଇ ଏଭଳି ନିଷ୍ପତ୍ତି ନିଆଯାଇପାରେ। ଚାକିରି ସରୁସରୁ ଅଧିକାରୀଙ୍କୁ ପଦବୀ ମିଳିଯାଉଥିବାରୁ ତାହାର ଅନେକେ ଦୁରୁପଯୋଗ କରୁଛନ୍ତି। ଅବସରପ୍ରାପ୍ତଙ୍କୁ ପୁନଃ ଅବସ୍ଥାପିତ କରାଯିବା ପରମ୍ପରାକୁ ରୋକିବା ଲାଗି ଏ ଦେଶରେ ସେଭଳି ସାହସୀ ଶାସକ ଦେଖାଯାଉ ନାହାନ୍ତି।

ଏଠାରେ ମନେରଖିବାକୁ ହେବ ଯେ, ଅବସର ପରେ ଏହିଭଳି ପୁନଃନିଯୁକ୍ତି ପାଉଥିବା ବ୍ୟକ୍ତିବିଶେଷ ଭାରତୀୟ ଯୁବପିଢ଼ିର ସବୁଠାରୁ ବଡ଼ ଶତ୍ରୁ। ଦୀର୍ଘକାଳ ଗାଦି ମାଡ଼ିବସି ରହିଥିବା ଏହିଭଳି ଚରିତ୍ରମାନେ ଯୁବବର୍ଗଙ୍କୁ ଉପରକୁ ଉଠିବାର ସୁଯୋଗ ଦେଉନାହାନ୍ତି।

## ଚିରନ୍ତନୀ

ଆସିବ ସେ ଦିନ କେବେ ହୋଇବ ମିଳନ
ମିଶି ଯିବୁଁ ଦୁଇ ପାରୁଁ ପୁଣି ଦୁଇ ମନ। (ବ୍ୟବଧାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଅଗଷ୍ଟ ୧୯୯୩

- ତାଜିକସ୍ତାନରେ ଏକ ବିମାନ ଦୁର୍ଘଟଣାରେ ୩୫ଜଣ ଯାତ୍ରୀଙ୍କ ପ୍ରାଣହାନି।
- ମଣିପୁରର ନୂତନ ରାଜ୍ୟପାଳ ଭାବେ ଭି.କେ. ନାୟାରଙ୍କ ନିଯୁକ୍ତି।
- ପ୍ରତ୍ୟର୍ପଣ (ସଂଶୋଧନ) ବିଲ୍, ୧୯୯୩ ପାର୍ଲାମେଣ୍ଟରେ ଅନୁମୋଦିତ।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | | | A | | | 9 | | 3 | D | 4 | | | 0 | |
| 9 | 5 | | D | | | | B | C | 6 | | | | | |
| | | 3 | E | | | | | 6 | | 2 | | 4 | | 9 |
| | | 8 | | 3 | | 5 | | | | | 1 | D | | |
| B | | | | | | | 1 | | | | | A | 6 | E |
| | | | 7 | E | | | | | 9 | | | B | 1 | |
| | | | C | | 6 | | | | 1 | E | | | | |
| | | B | | | 2 | | D | | | | 0 | | | |
| | E | | | 1 | | | 8 | | | 3 | 7 | 6 | | D |
| | | 6 | | | | | | | 5 | | | 8 | | A |
| | | 5 | | 7 | | 0 | | | 4 | 6 | C | | B | |
| | | | | | | E | | 9 | A | 1 | 5 | | 8 | |
| | | | 3 | | | 8 | | | | | | 9 | | |
| | 7 | | | | | | | 4 | | | 3 | 1 | 2 | |
| | | | | 9 | C | 1 | 2 | | E | | | | | 5 |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | D | 6 | B | A | 8 | 2 | E | 9 | 7 | 3 | 5 | 4 | 0 | C |
| 0 | 4 | A | 3 | 7 | 5 | 6 | D | B | C | 9 | E | 2 | 1 | 8 |
| 3 | E | C | 1 | 2 | D | 7 | 8 | 4 | 0 | 6 | B | A | 5 | 9 |
| 2 | B | 8 | 6 | 4 | 9 | 5 | C | 0 | 1 | A | D | 7 | E | 3 |
| 5 | 7 | 9 | C | E | 0 | A | 3 | 1 | 8 | 2 | 4 | D | B | 6 |
| A | 6 | 4 | 2 | 1 | 3 | C | 7 | 5 | D | E | 8 | 0 | 9 | B |
| D | 1 | 5 | 8 | C | E | 3 | 9 | A | B | 0 | 2 | 6 | 4 | 7 |
| 7 | 9 | 3 | 4 | 6 | B | E | 0 | 2 | A | 5 | C | 1 | 8 | D |
| 8 | 2 | 0 | 5 | 9 | 7 | B | 6 | D | 3 | 4 | 1 | E | C | A |
| B | C | E | D | 0 | A | 1 | 4 | 8 | 6 | 7 | 9 | 3 | 2 | 5 |
| 9 | 5 | 1 | A | D | 4 | 0 | B | 3 | 2 | C | 6 | 8 | 7 | E |
| 4 | 8 | B | 0 | 5 | 6 | 9 | 2 | 7 | E | D | A | C | 3 | 1 |
| 6 | A | 7 | E | B | 2 | 8 | 5 | C | 4 | 1 | 3 | 9 | D | 0 |
| C | 0 | 2 | 9 | 3 | 1 | D | A | E | 5 | 8 | 7 | B | 6 | 4 |
| E | 3 | D | 7 | 8 | C | 4 | 1 | 6 | 9 | B | 0 | 5 | A | 2 |

ଗତକାଲିର ଉତ୍ତର

# ଐତିହାସିକ ଭୁଲ୍



ଡ. ବାଞ୍ଛାନିଧି ପଣ୍ଡା

ଅତୀତରେ ଜମ୍ମୁ-କଶ୍ମୀର ସମ୍ପର୍କରେ ଭାରତୀୟ ଶାସକମାନଙ୍କ କେତେକ ଭୁଲ୍ ନୀତି ଆଜି କଶ୍ମୀର ସମସ୍ୟାକୁ ଭୟାବହ କରି ଗଢିତୋଳିଛି। ଭାରତ ସ୍ୱାଧୀନ ହେବା ପରେ କଶ୍ମୀରକୁ ବଳପୂର୍ବକ ପାକିସ୍ତାନରେ ମିଶାଇବା ପାଇଁ ୧୯୪୭ ଅକ୍ଟୋବର ୨୦ ତାରିଖରେ କଶ୍ମୀର ରାଜ୍ୟର ଉତ୍ତରପଶ୍ଚିମ ସୀମାରେ କବାଇଲି (ସ୍ଥାନୀୟ ଜନଜାତି)ମାନଙ୍କ ବେଶରେ ପାକିସ୍ତାନୀ ସୈନ୍ୟମାନେ ଆକ୍ରମଣ କଲେ। ଏପରି ସ୍ଥିତିରେ ୧୯୪୭ ଅକ୍ଟୋବର ୨୪ ତାରିଖରେ ମହାରାଜା ହରି ସିଂ ଜମ୍ମୁ-କଶ୍ମୀରକୁ ଭାରତରେ ବିଲୟ କରିବା ପାଇଁ ଭାରତ ସରକାରଙ୍କ ପାଖକୁ ପ୍ରସ୍ତାବ ପଠାଇଲେ। ଅକ୍ଟୋବର ୨୬ରେ ବିଲୟପତ୍ର ସ୍ୱାକ୍ଷରିତ ହେବା ପରେ ୨୭ ତାରିଖରେ ଭାରତୀୟ ସେନା ଶ୍ରୀନଗରରେ ପହଞ୍ଚିଲେ। ଏହି ବାସ୍ତରି ଘଣ୍ଟା ଭାରତବର୍ଷ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଥିଲା, କାରଣ ପାକିସ୍ତାନୀ ସେନା ଯେଉଁ ଗତିରେ ଆଗକୁ ବଢୁଥିଲା ସେହି ସମୟର ପ୍ରତ୍ୟେକ ମିନିଟ୍ ଭାରତର ଭାଗ୍ୟ ନିର୍ଣ୍ଣାୟକ ଥିଲା। ଅସଲ କଥା ହେଲା ଭାରତୀୟ ନେତୃବୃନ୍ଦ ଚାହୁଁଥିଲେ ଯେ ଭାରତ ସହ ମିଶ୍ରଣ ସ୍ୱୀକାର କରିବା ପୂର୍ବରୁ ମହାରାଜା ହରି ସିଂ ଗାଦି ଛାଡି ଶେଖ୍ ଅବଦୁଲ୍ଲାଙ୍କୁ ଶାସନଭାର ସମର୍ପଣ କରିଦିଅନ୍ତୁ। ଶେଖ୍ ଅବଦୁଲ୍ଲା ଜଣେ ଅରାଷ୍ଟ୍ରୀୟ ବ୍ୟକ୍ତି ହୋଇଥିବା ଯୋଗୁ ମହାରାଜା ଓ ଜମ୍ମୁ-କଶ୍ମୀର ଜନତା ଏପରି କରିବାକୁ ପ୍ରସ୍ତୁତ ନ ଥିଲେ। ଯଦି ୨୪ ତାରିଖ ଦିନ ହିଁ ବିଲୟର ଔପଚାରିକତା ସମାପ୍ତ କରି ସେହିଦିନ କିମ୍ବା ୨୫ ତାରିଖରେ ଭାରତୀୟ ସେନା ଶ୍ରୀନଗରରେ ପହଞ୍ଚିଯାଇଥାଆନ୍ତେ ତେବେ ଘଟଣା ଭିନ୍ନ ମୋଡ ନେଇଥାଆନ୍ତା। ଏତେ ପରିମାଣରେ ଧନଜୀବନ ନଷ୍ଟ ହୋଇ ନ ଥାଆନ୍ତା ଏବଂ ଆମର ଏତେ ବିସ୍ତୃତ ଅଞ୍ଚଳ ପାକିସ୍ତାନ କବ୍‌ଜାରେ ରହି ନ ଥାଆନ୍ତା।

ଦ୍ୱିତୀୟତଃ ଭାରତୀୟ ରାଜନୈତିକ ନେତୃବୃନ୍ଦଙ୍କ ସବୁଠାରୁ ବଡ଼ ଭୁଲ୍ ଥିଲା କଶ୍ମୀର ସମସ୍ୟାକୁ ନିଜଆଡୁ ଜାତିସଂଘକୁ ନେବା। ଏହି ପଦକ୍ଷେପ ଆଜି ମଧ୍ୟ ଦୁର୍ବୋଧ ହୋଇ ରହିଛି। ଏଥିପାଇଁ ଦେଶକୁ ବହୁ ମୂଲ୍ୟ ଦେବାକୁ ପଡିଛି, ପଡୁଛି ଓ ପଡୁଥିବ। ଆମର ସୈନ୍ୟବାହିନୀ ବୀରଦର୍ପରେ ପାକିସ୍ତାନୀ ସେନାକୁ ପଛକୁ ତଡିନେଇ ଆମ ଅଞ୍ଚଳକୁ ମୁକ୍ତ କରିବାରେ ଲାଗିଥିଲେ। ମାତ୍ର ବଡଲାଟ ମାଉଣ୍ଟବେଟେନଙ୍କ କଥାରେ ପଡି ଭାରତ ସରକାର ୧୯୪୭ ଡିସେମ୍ବର ୩୦ରେ ଜାତିସଂଘରେ ଫେରାଦ ହୋଇ ଦାବି କଲେ ଯେ ପାକିସ୍ତାନକୁ ଆକ୍ରମଣକାରୀ ବୋଲି ଘୋଷଣା କରାଯାଉ ଏବଂ ଭାରତବର୍ଷର ସମସ୍ତ ଅଞ୍ଚଳକୁ ଖାଲି କରିବା ପାଇଁ ପାକିସ୍ତାନକୁ ନିର୍ଦ୍ଦେଶ ଦିଆଯାଉ। ୧୯୪୮ ଡିସେମ୍ବର ୩୧ରେ ଆମ ନେତୃବୃନ୍ଦ ଏକତରଫା ଭାବେ ଯୁଦ୍ଧବିରତି ଘୋଷଣା କରି ଆମର ବିଜୟକୁ ପରାଜୟରେ ପରିଣତ କରିଦେଲେ। ୧୯୪୯ ଜାନୁୟାରୀ ୧ରେ କଶ୍ମୀରରେ ଜାତିସଂଘ ଦ୍ୱାରା ଯୁଦ୍ଧବିରତି ଘୋଷଣା କରାଗଲା। ସେତେବେଳେ ପାକିସ୍ତାନ ଆମର ୭୮,୧୧୪ ବର୍ଗ କିମି ଅଞ୍ଚଳ ନିଜ କବ୍‌ଜାରେ ଜବରଦସ୍ତ ରଖିନେଲା, ଯାହାକୁ ଆମେ ପାକ୍-ଅଧିକୃତ କଶ୍ମୀର ବୋଲି କହୁଛୁ। ଏହାକୁ ମୁକ୍ତ କରିବାର ସମସ୍ତ ସାମର୍ଥ୍ୟ ଥିବା ସତ୍ତ୍ୱେ ଆମେ କେବଳ ଜଳଜଳ ହୋଇ ଚାହିଁ ରହିଲୁ। ଆମର ଭୁଲ୍ ନୀତି ଯୋଗୁ ଜମ୍ମୁ-କଶ୍ମୀର କିପରି କ୍ଷତିଗ୍ରସ୍ତ ହୋଇଛି ପ୍ରଦତ୍ତ ପରିସଂଖ୍ୟାନରୁ ତାହା ସ୍ପଷ୍ଟ ହୁଏ। ସମ୍ପୂର୍ଣ୍ଣ ଜମ୍ମୁ-କଶ୍ମୀରର କ୍ଷେତ୍ରଫଳ ୨,୨୨,୨୩୬ ବର୍ଗ କିମି (୧୦୦%)। ପାକିସ୍ତାନର ଅବୈଧ କବ୍‌ଜାରେ ଅଛି (POK) ୭୮,୧୧୪ ବର୍ଗ କିମି (୩୫.୧୫%)। ପାକିସ୍ତାନ ଦ୍ୱାରା ଅବୈଧ ଭାବରେ ଚାଇନାକୁ ଦିଆଯାଇଛି ୫,୧୮୦ ବର୍ଗ କିମି (୨.୨୯%)। ୧୯୬୨ ଯୁଦ୍ଧରେ ଚାଇନା-ଅଧିକୃତ ଅଞ୍ଚଳ ୩୭,୫୫୫ ବର୍ଗ କିମି (୧୬.୯୨%) ବର୍ତ୍ତମାନ ଭାରତରେ ଥିବା ଜମ୍ମୁ-କଶ୍ମୀର ଅଞ୍ଚଳ ୧,୦୧,୩୮୭ ବର୍ଗ କିମି (୪୫.୬୪%)ଅର୍ଥାତ୍ ସମ୍ପୂର୍ଣ୍ଣ ବିଧିସଙ୍ଗତ ଭାବରେ ଭାରତରେ ବିଲୟ ହୋଇଥିବା ଜମ୍ମୁ-କଶ୍ମୀରର ମାତ୍ର ୪୫.୬୪% ଅଂଶ ଭାରତରେ ଅଛି, ଅଥଚ ଆମ ହୃଦୟରେ ସେଥିପାଇଁ ବେଦନା ନାହିଁ।

ତୃତୀୟତଃ ୧୯୪୮ ଅଗଷ୍ଟ ୧୩ରେ ଜାତିସଂଘ ଏକ ଅଦ୍ଭୁତ ରାୟ ଦେଲା ଯେ ପାକିସ୍ତାନ ଜମ୍ମୁ-କଶ୍ମୀରରୁ ସମସ୍ତ ସୈନ୍ୟ ପ୍ରତ୍ୟାହାର କରିବା ପରେ ଜନମତ ଦ୍ୱାରା ରାଜ୍ୟର ଭାଗ୍ୟ ନିର୍ଣ୍ଣୟ କରାଯିବ। ଆମ ନେତୃବୃନ୍ଦ କଶ୍ମୀର ବିଲୟକୁ ମଧ୍ୟବର୍ତ୍ତିକାଳୀନ ବୋଲି କହି ଜନମତ ସଂଗ୍ରହ ପ୍ରସ୍ତାବକୁ ମାନିନେଇ ଏକ ଭୟଙ୍କର ଭୁଲ୍ କଲେ। ଭାରତୀୟ ନେତୃବୃନ୍ଦଙ୍କ ଏହି ବକ୍ତବ୍ୟକୁ ଆଧାର କରି ଆଜି ପର୍ଯ୍ୟନ୍ତ ପାକିସ୍ତାନ ସେହି ପ୍ରଚାର ଜାରି ରଖିଛି। ଏଥିପାଇଁ ଜାତିସଂଘର ଦ୍ୱାହି ଦେଉଛି। ଅଥଚ ଅଗଷ୍ଟ ୧୩ତାରିଖର ସୁରକ୍ଷା ପରିଷଦର ପ୍ରସ୍ତାବ କ୍ରମେ POKରୁ ତା'ର ସୈନ୍ୟ ପ୍ରତ୍ୟାହାର କରିବା ପାଇଁ ପ୍ରସ୍ତୁତ ନୁହେଁ। ଏଠାରେ ବିଶେଷ ଦ୍ରଷ୍ଟବ୍ୟ ଯେ ଭାରତରେ କଶ୍ମୀରର ବିଲୟ ସମ୍ପୂର୍ଣ୍ଣ ସାମ୍ବିଧାନିକ ପଦ୍ଧତିରେ ହୋଇଥିବା ଯୋଗୁ ଜନମତ ସଂଗ୍ରହର ପ୍ରଶ୍ନ ହିଁ ଉଠୁନାହିଁ। ୧୪ ନଭେମ୍ବର ୧୯୬୨ରେ ଭାରତୀୟ ସଂସଦରେ ଗୃହୀତ ସଂକଳ୍ପ ଏବଂ ୨୨ ଫେବୃୟାରୀ ୧୯୯୪ରେ ସଂସଦରେ ସର୍ବସମ୍ମତିକ୍ରମେ ଗୃହୀତ ପ୍ରସ୍ତାବରେ ସ୍ପଷ୍ଟ କରାଯାଇଛି ଯେ, ଯେଉଁ କ୍ଷେତ୍ର ଚାଇନା(୧୯୬୨ରେ) ଏବଂ ପାକିସ୍ତାନ (୧୯୪୭ରେ) ଦ୍ୱାରା ହସ୍ତଗତ କରାଯାଇଛି ତାହା ଆମେ ନିଶ୍ଚୟ ଫେରାଇଆଣିବୁ। ଏହି ବିଷୟରେ କୌଣସି ସରକାର କୌଣସି ପ୍ରକାର ସାଲିସ କରିପାରିବେ ନାହିଁ।

ଚତୁର୍ଥତଃ ଗୋଟିଏ ଦେଶର ସୀମାରେଖା ଏକ ପ୍ରାକୃତିକ ଓ ଚିରସ୍ଥାୟୀ ରେଖା। ଯୁଦ୍ଧବିରତି ରେଖା ଅପ୍ରାକୃତିକ ଓ ଅସ୍ଥାୟୀ। ଭାରତର ସୀମା ପାକିସ୍ତାନ ଆଡକୁ ଉତ୍ତରରେ କାରାକୋରମ୍ ହାଇୱେରୁ ଗିଲ୍‌ଗିଟ୍, ବଲ୍‌ଟିସ୍ଥାନ ତଥା ଚାଇନା ଆଡକୁ ହାଜିଲଙ୍ଗର ପର୍ଯ୍ୟନ୍ତ ବ୍ୟାପ୍ତ ରହିଛି। ଏହା ଅନ୍ତଃରାଷ୍ଟ୍ରୀୟ ସୀମା ଓ ସ୍ଥାୟୀ ସୀମା। ଏହାର ଦୈର୍ଘ୍ୟ ୧୪,୭୧୬ କିମି। ୧୯୪୮ରେ ଜାତିସଂଘର ପର୍ଯ୍ୟବେକ୍ଷକମାନେ ଦୁଇଦେଶ ମଧ୍ୟରେ ଚାଲିଥିବା ଯୁଦ୍ଧ ସ୍ଥିତିକୁ ସମାପ୍ତ କରିବା ସକାଶେ ଯେଉଁଠି ଯାହାର ସେନା ଥିଲା ସେଠାରେ ଯୁଦ୍ଧବିରାମ ଘୋଷଣା କରିଥିଲେ। ଏହା ସମ୍ପୂର୍ଣ୍ଣ କଶ୍ମୀର ଘାଟିରେ ବିସ୍ତୃତ ହୋଇ ରହିଛି। ଦୁର୍ଭାଗ୍ୟବଶତଃ ଆଜି ଭାରତବର୍ଷର ଅନେକ ନେତା ଓ ଜନସାଧାରଣ ଏହି ଅସ୍ଥାୟୀ ରେଖାକୁ ଭାରତ ପାକିସ୍ତାନର ସୀମାରେଖା ବୋଲି ଭାବୁଛନ୍ତି। ୧୯୭୨ରେ ହୋଇଥିବା ସିମ୍‌ଲା ରାଜିନାମାରେ ଏହି ରେଖାକୁ ସ୍ୱୀକାର କରି ଆମ ନେତୃବୃନ୍ଦ ନିଜ ଗୋଡରେ ନିଜେ କୁରାଢି ହାଣିଛନ୍ତି।

ପଞ୍ଚମତଃ କଶ୍ମୀରର ବିଲୟ ପରେ ଶେଖ୍ ଅବଦୁଲ୍ଲାଙ୍କୁ ସେହି ରାଜ୍ୟର ପ୍ରଧାନମନ୍ତ୍ରୀ ନିଯୁକ୍ତ କରିବା ତତ୍କାଳୀନ ସରକାରଙ୍କ ଅନ୍ୟତମ ଭୁଲ୍ ପଦକ୍ଷେପ ଥିଲା। 'ସ୍ୱାଧୀନ କଶ୍ମୀର' ସ୍ୱପ୍ନକୁ ସାକାର କରିବା ପାଇଁ ଶେଖ୍ ଅବଦୁଲ୍ଲା ସ୍ୱପ୍ନ ଦେଖୁଥିଲେ। ତାଙ୍କ ଚାପରେ ଆମର ନେତୃମଣ୍ଡଳୀ ଡ. ଆମ୍ବେଦକରଙ୍କ ବିରୋଧ ସତ୍ତ୍ୱେ ୩୭୦ ଧାରାକୁ ଭାରତୀୟ ସମ୍ବିଧାନରେ ସାମିଲ କଲେ। ଶେଖ୍ ଅବଦୁଲ୍ଲା କୁଖ୍ୟାତ ପରମିଟ ପ୍ରଣାଳୀ ଲାଗୁ କରିଥିଲେ। ଗୋଟିଏ ସାର୍ବଭୌମ ଦେଶରେ ଦୁଇଟି ବିଧାନ, ଦୁଇଟି ପ୍ରଧାନ ଓ ଦୁଇଟି ନିଶାନର ଅଦ୍ଭୁତ ବ୍ୟବସ୍ଥା ଲାଗୁ କରାଯାଇଥିଲା। ଆମର ଅଦୂରଦର୍ଶୀ ସରକାର ଏହାକୁ ମଞ୍ଜୁରୀ ଦେଇଥିଲେ। କିନ୍ତୁ ବିଧିର ବିଡମ୍ବନା ଯେ ଶେଷରେ ଭାରତ ସରକାରଙ୍କୁ ୧୯୫୩ ଅଗଷ୍ଟ ୯ରେ ଶେଖ୍ ଅବଦୁଲ୍ଲାଙ୍କୁ ଗିରଫ କରି ଜେଲ୍‌ରେ ରଖିବାକୁ ପଡିଲା। ତା'ପରେ ହିଁ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରରେ ରାଜ୍ୟପାଳଙ୍କ ନିଯୁକ୍ତି କରାଇପାରିଲେ ଏବଂ ଜମ୍ମୁ-କଶ୍ମୀରକୁ ସର୍ବୋଚ୍ଚ ନ୍ୟାୟାଳୟ, ନିର୍ବାଚନ କମିଶନର ଏବଂ ନିୟନ୍ତ୍ରଣ ଓ ମହାଲେଖା ପରୀକ୍ଷକଙ୍କ ପରିଧି ମଧ୍ୟକୁ ଆଣିପାରିଥିଲେ। ଆଜି ଜମ୍ମୁ-କଶ୍ମୀରର ସମସ୍ୟା ଭୟଙ୍କର ରୂପ ଧାରଣ କରିଛି। କଶ୍ମୀରକୁ ସ୍ୱାଧୀନ ରାଷ୍ଟ୍ରରେ ପରିଣତ କରିବା ପାଇଁ ଆତଙ୍କବାଦୀ ଗତିବିଧି ଚାଲିଛି। ପ୍ରତିଦିନ ଆଇଏସ୍‌ଆଇଏସ୍ ଓ ପାକିସ୍ତାନର ପତାକା ଉଡାଯାଉଛି। ଆଜିର ପରିସ୍ଥିତିରେ ସମସ୍ତ ପ୍ରକାର ଭେଦାଭେଦ ଭୁଲି ସମସ୍ତ କଶ୍ମୀର ସମସ୍ୟାର ସମାଧାନ ପାଇଁ ଏକଜୁଟ ହେବା ଉଚିତ।

ପଦ୍ମପୁର, ବରଗଡ, ମୋ-୯୭୭୭୯୧୧୫୯୦

# ପିତୃଦେବୋ ଭବ, ମାତୃଦେବୋ ଭବ

ଡ. ଭାରତ ଭୂଷଣ ରଥ

କଥାରେ ଅଛି- ପରିବାର ସ୍ୱର୍ଗଠାରୁ ବି ସୁନ୍ଦର। ଆଜକୁ ପ୍ରାୟ ୩୦ ବର୍ଷ ତଳେ ଆମ ଦେଶରେ ଯୌଥ ପରିବାରର ଏକ ସୁନ୍ଦର ବାତାବରଣ ଦେଖିବାକୁ ମିଳୁଥିଲା। ବାପା, ମା', ଭାଇ, ଭଉଣୀ ସମସ୍ତେ ଏକାଠି ରହି ପରିବାରର ସୁଖଦୁଃଖରେ ନିଜକୁ ସାମିଲ କରୁଥିଲେ। ବୁଢ଼ା ବାପା, ବୁଢ଼ୀ ମା' ଏବଂ ଗୁରୁଜନଙ୍କଠାରୁ ଯେଉଁ ଶିକ୍ଷା ମିଳୁଥିଲା, ତାହା ପିଲାମାନଙ୍କ ବ୍ୟବହାରକୁ ମାର୍ଜିତ କରୁଥିଲା। ପିତାମାତା, ସ୍ୱଜନ, ବନ୍ଧୁକୁଟୁମ୍ବଙ୍କର ସ୍ନେହ କୌଣସି ମୂଲ୍ୟ ଦେଇ କିଣି ହେବନାହିଁ। ସେ ସ୍ନେହ ମଙ୍ଗଳମୟ ବିଧାତାଙ୍କର ଅଯାଚିତ ଦାନ। ବିଶ୍ୱନିୟନ୍ତାଙ୍କର ଏହି ଦୟାମୟ, ପ୍ରେମମୟ ବିଧାନରେ ମାତା ପ୍ରାଣକୁ ତୁଚ୍ଛ କରି ସନ୍ତାନକୁ ରକ୍ଷା କରେ। ଜଗତରେ ସେ ପ୍ରେମର ପ୍ରତିଦାନ ନାହିଁ। ସେ ଦୟାର ତୁଳନା ନାହିଁ। ମାତାର ପ୍ରେମ, ପିତାର ବାତ୍ସଲ୍ୟ, ବନ୍ଧୁ-ସ୍ୱଜନଙ୍କ ପ୍ରୀତି ଏ ସବୁର ତୁଳନା ଅସମ୍ଭବ।

କିନ୍ତୁ ଏବେକାର ସମାଜ କଥା ବିଚାର କଲେ ଘରର ବୃଦ୍ଧବୃଦ୍ଧାମାନେ ଦୁନିଆର ସବୁଠାରୁ ଅବହେଳିତ ଥିବାର ସ୍ପଷ୍ଟ ଚିତ୍ର ଆମ ନଜରକୁ ଆସେ। ସମୟର ଆହ୍ୱାନକୁ ସମ୍ମାନ ଦେଇ ରୋଜଗାର କରିବା ଲକ୍ଷ୍ୟରେ ଘରର ପୁଅବୋହୂମାନେ ଘର ଛାଡିଲେ। ବର୍ଷରେ ଥରେ ଅଧେ ଘରକୁ ପିକ୍‌ନିକ୍ ପାଇଁ ଆସିବା ଆମର ସହଜାତ ପ୍ରବୃତ୍ତି ହୋଇଗଲା। ସେପଟେ ଭିଟାମାଟିକୁ ଛାଡି ନ ପାରି, ନ ଖାଇ ନ ପିଇ ପଡି ରହିଥିବା ବାପାମା'ମାନେ ନା ଏ କୁଳର ହେଉଛନ୍ତି ନା ସେ କୂଳର। ସେମାନଙ୍କର ଅବସ୍ଥା କଥା ଭାବିବାକୁ ଆମ ପାଖରେ ବେଳ ନାହିଁ।

କିଛିବର୍ଷ ପୂର୍ବେ ଭାରତର ସାମାଜିକ ଏବଂ ଆର୍ଥିକ ସ୍ଥିତି ଅତ୍ୟନ୍ତ ଦୁର୍ବଳ ଥିଲା। ଏବେ ସେ ସ୍ଥିତିରେ ଉନ୍ନତି ହୋଇଛି ସତ, କିନ୍ତୁ ତା' ସହ ଆମମାନଙ୍କର ନୈତିକତାର ଦ୍ରୁତ ସ୍ଖଳନ ଘଟିଛି। ତା'ର ଗୋଟିଏ ଜ୍ୱଳନ୍ତ ନମୁନା ହେଲା ଆମ ଦେଶର ବୃଦ୍ଧବୃଦ୍ଧାମାନଙ୍କ ପ୍ରତି ଅନାଦର। ସେତେବେଳର ଦୁଃଖଦ ସ୍ଥିତିର ଘାତପ୍ରତିଘାତକୁ ସହି ଆମକୁ ମଣିଷ କରିଥିବା ବାପାମା'ମାନେ ଆମ ପାଇଁ ସାକ୍ଷାତ୍ ଦେବତା ନିଶ୍ଚୟ। ସେମାନଙ୍କର ଦୁଃଖକଷ୍ଟର ଫଳ ସ୍ୱରୂପ ଆମେ ଆଜି ଏକବିଂଶ ଶତାବ୍ଦୀର ସୁଖମୟ ଜୀବନ ପାଇଛୁ। ତେବେ ସେମାନେ କରିଥିବା ଦୁଃଖକଷ୍ଟର ମୂଲ୍ୟ କ'ଣ ନିଜ ପିଲାମାନଙ୍କଠାରୁ ଆଜୀବନ ବାସନ୍ଦ ହୋଇ ଏକ ନିର୍ବାସିତ ଜୀବନ ବିତାଇବା?

ପୁଅବୋହୂଙ୍କ ସହିତ ସହରରେ ରହିବା ପାଇଁ ଅନେକ ବାପାମା' ଆଗ୍ରହ ପ୍ରକାଶ କରନ୍ତି ନାହିଁ। ଏହା ସ୍ୱାଭାବିକ ଯେ, ଆଜୀବନ ସରଳ ଜୀବନଯାପନ କରି ସୁସ୍ଥ ପରିବେଶରେ ଚଳି ଆସିଥିବା ମଣିଷଟିଏ ହଠାତ୍ ଅତ୍ୟାଧୁନିକ ପରିବେଶ ସହିତ ଖାପ ଖୁଆଇ ରହିପାରିବ ନାହିଁ। ତେବେ ଏହା ମାନେ ନୁହେଁ ଯେ, ଆମେ ଆମର ବୃଦ୍ଧ ବାପାମା'ଙ୍କୁ ସମ୍ପୂର୍ଣ୍ଣ ଏକୁଟିଆ କରି ଚାଲିଯିବା। ଆମେ ଚାହିଁଲେ ତାଙ୍କ ନିଜ ପରିବେଶରେ ବି ତାଙ୍କୁ ଖୁସି ରଖିବାର ବ୍ୟବସ୍ଥା କରିପାରିବା କିମ୍ବା ଆଧୁନିକ ପରିବେଶରେ ବି ଧୀରେ ଧୀରେ ଖାପ ଖୁଆଇ ଚଳିବାର କଳା ତାଙ୍କୁ ଶିଖାଇ ପାରିବା। ଏଥିପାଇଁ ଆମର ଦୃଢ଼ ମନୋବଳ ଏବଂ ବାପାମା'ଙ୍କ ପ୍ରତି ଶ୍ରଦ୍ଧାଭକ୍ତି ଥିବା ଦରକାର। ବାପାମା'ମାନେ ତାଙ୍କ ପିଲାଙ୍କୁ ଯେଉଁଭଳି ସ୍ନେହ କରନ୍ତି, ଠିକ୍ ସେହିଭଳି ପିଲାମାନେ ମଧ୍ୟ ବାପାମା'ଙ୍କୁ ସ୍ନେହ ଓ ସମ୍ମାନ ଦେବା ଦରକାର।

ଆମକୁ ଶାସ୍ତ୍ର ଉପଦେଶ ଦେଇଛନ୍ତି- ପିତୃଦେବୋ ଭବ ଏବଂ ମାତୃଦେବୋ ଭବ। ଗୂଢ଼ ଅର୍ଥ ନିହିତ ଥିବା ଏହି ଉପନିଷଦ ବାକ୍ୟ କୁହେ, ଆମେ ନିଜର ବାପା ଏବଂ ମା'ଙ୍କଠାରେ ଦେବତାଙ୍କର ସାନ୍ନିଧ୍ୟ ଲାଭ କରିପାରିବା। ସେଥିପାଇଁ ତ ବଞ୍ଚିଥିବା ବେଳେ ବାପାମା' ଆମର ଦେବତା ଏବଂ ମୃତ୍ୟୁ ପରେ ବି ପିତୃଲୋକ ହୋଇ ସେମାନେ ଘରେ ନିତ୍ୟ ପୂଜା ପାଆନ୍ତି। ଯେମିତି ଗଣେଶ ପୂଜା, ସରସ୍ୱତୀ ପୂଜା, ଦୁର୍ଗା ପୂଜା ପ୍ରଭୃତିରେ ଆମେ ସେହି ଦେବତାଙ୍କୁ ପୂଜା କରୁଛେ, ଠିକ୍ ସେହିପରି ପିତୃଲୋକଙ୍କର ଶ୍ରାଦ୍ଧ ଦିବସରେ ଆମେ ଖୁବ୍ ଶ୍ରଦ୍ଧାର ସହ ପିତୃଲୋକଙ୍କୁ ପୂଜା କରୁଛେ। ପିତୃଲୋକଙ୍କୁ ମନେ ପକେଇବା ପାଇଁ ସ୍ୱତନ୍ତ୍ର ପିତୃପକ୍ଷ ମଧ୍ୟ ପାଳନ କରୁଛେ। ଏହାଦ୍ୱାରା ଶାସ୍ତ୍ରମାନେ ଆମକୁ ସୂଚେଇ ଦେଇଛନ୍ତି ଯେ, ବାପା ଏବଂ ମା' ହିଁ ଆମର ପ୍ରତ୍ୟକ୍ଷ ଦେବତା। ଶ୍ରବଣକୁମାର, ଧ୍ରୁବ, ପର୍ଶୁରାମ ପ୍ରଭୃତି ପୁରାଣ ପୁରୁଷମାନେ ଏ କ୍ଷେତ୍ରରେ ଆମର ପଥପ୍ରଦର୍ଶକ। ଏହାର ଜ୍ୱଳନ୍ତ ଉଦାହରଣସ୍ୱରୂପ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କୁ ନିଆଯାଇପାରେ। ପିତୃସତ୍ୟ ପାଳନ କରିବା ପାଇଁ ଶ୍ରୀରାମ ରାଜସୁଖ ଛାଡ଼ି ବନବାସ ଦୁଃଖକୁ ଆଦରି ନେଇଥିଲେ। ତେବେ ବନବାସ ସମୟରେ ବି ବାପାମା'ଙ୍କର ସେବା ପାଇଁ ସେ ବହୁତ ବିବ୍ରତ ଥିଲେ। ସେଥିପାଇଁ ତ ଭରତ ଓ ଶତ୍ରୁଘ୍ନଙ୍କୁ ଅଯୋଧ୍ୟାରେ ହିଁ ରହିବା ପାଇଁ ଶ୍ରୀରାମ ଉପଦେଶ ଦେଇଥିଲେ। ଶ୍ରୀରାମ ଯେତେବେଳେ ରାବଣକୁ ବଧ କରିସାରିଲେ, ଭ୍ରାତା ଲକ୍ଷ୍ମଣ କହିଲେ- ଭାଇ! ଏ ସୁବର୍ଣ୍ଣ ଶ୍ରୀଲଙ୍କା ବର୍ତ୍ତମାନ ଆପଣଙ୍କ ଅଧୀନରେ। ତେଣୁ ଆପଣ ଏହିଠାରେ ରାଜା ହୋଇ ଶାସନ କରନ୍ତୁ। ଏହା ଶୁଣି ଶ୍ରୀରାମ ଲକ୍ଷ୍ମଣଙ୍କୁ କହିଥିଲେ- ଅପି ସ୍ୱର୍ଣ୍ଣମୟୀ ଲଙ୍କା ଲକ୍ଷ୍ମଣ ନ ମେ ରୋଚତେ। ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ। ଅର୍ଥାତ୍- ହେ ଲକ୍ଷ୍ମଣ! ଲଙ୍କା ସ୍ୱର୍ଣ୍ଣମୟୀ ହୋଇଥିଲେ ମଧ୍ୟ ମୋତେ ରୁଚୁନାହିଁ। ମୋର ଜନନୀ ଓ ମୋ ଜନ୍ମଭୂମି ମୋ ପାଇଁ ସ୍ୱର୍ଗଠାରୁ ମଧ୍ୟ ଶ୍ରେଷ୍ଠ। ତା'ପରେ ଶ୍ରୀରାମ ଅଯୋଧ୍ୟା ଫେରିଆସି ନିଜ ତିନି ମା'ଙ୍କର ଯଥୋଚିତ ସେବା କରିଥିଲେ ଏବଂ ଜନ୍ମଭୂମି ଅଯୋଧ୍ୟାର ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ତେବେ ଏଠାରେ ପ୍ରଶ୍ନ ଉଠେ, ଆଜିକାଲି କେତେଜଣ ନିଜର ଜନକ, ଜନନୀ ଏବଂ ଜନ୍ମଭୂମି ପାଇଁ ଆତ୍ମସମର୍ପଣ କରୁଛନ୍ତି? ଯଦି କରୁଥାନ୍ତେ, ଆଜି ଆମର ବୃଦ୍ଧ ବାପାମା'ମାନଙ୍କ ଆଖିରୁ ସବୁଦିନ ଲୁହ ଝରନ୍ତା କାହିଁକି? ଆଧୁନିକ ସମାଜରେ ସୃଷ୍ଟି ହୋଇଥିବା ଏହି ଅସହାୟ ପିତୃତ୍ୱ ଏବଂ ଲୁହଭରା ମାତୃତ୍ୱର ତୁରନ୍ତ ସମାଧାନ ଆମ ସମସ୍ତଙ୍କର କର୍ତ୍ତବ୍ୟ।

ଅଧ୍ୟାପକ, ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି, ମୋ- ୮୮୯୭୪୨୬୨୪୩

## ଏଇ ଭାରତରେ

ଇଚ୍ଛା ଥିଲେ ଉପାୟ ବଳେ ଆସେ। ଛାତ୍ରୀ ଜୀବନର ଅଦମ୍ୟ ଇଚ୍ଛାକୁ ଫଳବତୀ କରିଛନ୍ତି ଶ୍ରୀନଗରର ଜଣେ ଛାତ୍ରୀ। ଇରାମ୍ ହବିବ୍ ନାମ୍ନୀ ଏହି ଛାତ୍ରୀ ଦ୍ୱାଦଶ ଶ୍ରେଣୀ ପାଶ୍‌କରିବା ପରେ ବିମାନ ଚଳାଚଳ କ୍ଷେତ୍ରରେ ପ୍ରବେଶ କରିବାକୁ ମନବଳାଇଥିଲେ। ହେଲେ ତାଙ୍କୁ କୁହାଗଲା, କଶ୍ମୀର୍‌ର ଜଣେ ବାଳିକା କେବେ ପାଇଲଟ୍ ହୋଇପାରିବ ନାହିଁ। ଇରାମ୍ ଡେରାଡୁନ୍ କଲେଜରେ ଫରେଷ୍ଟ୍ରିରେ ସ୍ନାତକ ଏବଂ ଶେର-ଇ-କଶ୍ମୀର ୟୁନିଭର୍ସିଟିରୁ ସ୍ନାତକୋତ୍ତର ପାଶ୍ କଲେ। ତଥାପି ପାଇଲଟ୍ ହେବାର ଆଶା ମଉଳି ନ ଥାଏ। ଏହାପରେ ସେ ୟୁଏସ୍ ଫ୍ଲାଇଟ୍ ସ୍କୁଲ୍‌ରେ ନାମ ଲେଖାଇଲେ। ଇରାମ୍ ୨୦୧୬ରେ ଆମେରିକାର ମାୟାମିରୁ ପାଇଲଟ୍ ତାଲିମ୍ ପୂର୍ଣ୍ଣାଙ୍ଗ କରି ବାଣିଜ୍ୟିକ ପାଇଲଟ୍ ଲାଇସେନ୍ସ ପାଇଁ ଭାରତ ଚାଲିଆସିଲେ। ବର୍ତ୍ତମାନ ସେ 'ଇଣ୍ଡିଗୋ' ଏବଂ 'ଗୋଏୟାର'ରୁ ନିଯୁକ୍ତି ଅଫର ପାଇଛନ୍ତି। ନିଜର ସ୍ୱପ୍ନ ସାକାର କରିବାକୁ ହେଲେ ବହୁ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼େ ବୋଲି ଇରାମ୍‌ଙ୍କ କଠୋର ଅଧ୍ୟବସାୟ, ଧୈର୍ଯ୍ୟ ଏବଂ ପରିଶ୍ରମରୁ ସୂଚନା ମିଳେ। ଇରାମ୍ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ନିଶ୍ଚୟ।



ଜିଲା ଡାଏରୀ
କଳାହାଣ୍ଡି

## ସାର କଳାବଜାର

ସରକାର ଚାଷୀଙ୍କୁ ଉନ୍ନତମାନର ସାର, ବିହନ ତଥା କୃଷି ଯନ୍ତ୍ରପାତି କମ୍ ଦରରେ ଯୋଗାଇ ଦେଉଥିବା ବେଳେ କଳାହାଣ୍ଡି ଜିଲାର ବିଭିନ୍ନ ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖାଯାଉଛି। ରିଟେଲର୍‌ମାନେ ଚାଷୀମାନଙ୍କୁ ସରକାରୀ ଦରଠାରୁ ଚଢା ଦରରେ ସାର ବିକ୍ରି କରୁଛନ୍ତି। ଏପରିକି ଚାଷୀଙ୍କୁ ଏହାର ବିଲ୍ ଦେଉନାହାନ୍ତି। ଚାଷୀମାନେ ବାରମ୍ବାର ଅଭିଯୋଗ କରୁଥିଲେ ସୁଦ୍ଧା ସେମାନଙ୍କ ପାଖରେ ଆବଶ୍ୟକ ପ୍ରମାଣ ଅଭାବରୁ ଅସାଧୁ ରିଟେଲରମାନେ ଖସିଯାଉଛନ୍ତି। ସାରର କଳାବଜାର ରୋକିବା, ଚାଷୀମାନେ ଯେପରି ଉଚିତ ମୂଲ୍ୟରେ ସାର, ବିହନ ଓ କୀଟନାଶକ ପଇପାରିବେ ସେ ଦିଗରେ ପ୍ରଶାସନ ପଦକ୍ଷେପ ନେବା ପାଇଁ ଚାଷୀ ମହଲରେ ଦାବି ହେଉଛି।

-ସଞ୍ଜୀବ କୁମାର ଜୋଷୀ

## ପାଠକ ଶ୍ରେଷ୍ଠ ବିଚାରକ

### ସର୍ବକ୍ଷମା ଯୋଜନା

ମହାଶୟ,

ସରକାରୀ ଜାଗା, ଜମି ଦଖଲ କରିଥିବା ଲୋକମାନଙ୍କ ନାମରେ ସ୍ଥାୟୀ ପଟ୍ଟା କରିବା ପାଇଁ ସରକାର 'ସର୍ବକ୍ଷମା ଯୋଜନା' ଆରମ୍ଭ କରିଛନ୍ତି। ଜାଗା ନ ଥିବା ଗରିବ ଲୋକେ ଏଥିରୁ ଉପକୃତ ହେବେ। ଧନୀଶ୍ରେଣୀର ଲୋକେ, ରାଜନୀତି ଓ ଗୁଣ୍ଡାଗିରି କରୁଥିବା ଲୋକେ ଏଥିରୁ ଢେର୍ ଲାଭ ପାଇବେ। କଙ୍କଡ଼ାକୁ ଗୋଳିପାଣି ସୁହାଇବା ଭଳି ଜବରଦଖଲକାରୀଙ୍କ ପାଇଁ ଆସିଗଲା ସୁବର୍ଣ୍ଣ ସୁଯୋଗ। କେହି ଏହାକୁ ହାତଛଡ଼ା କରନ୍ତୁ ନାହିଁ। ଭବିଷ୍ୟତରେ କାଳେ ଏହି ଯୋଜନା ଚାଲୁ ରହିବ, ତେଣୁ ଏବେଠାରୁ ମଧ୍ୟ କିଛି କିଛି ମୂଲ୍ୟବାନ୍ ଜାଗା ତଥା ଆମର କାମରେ ଲାଗିବା ଭଳି ଜାଗାକୁ ଦଖଲ କରିନେବା ବୁଦ୍ଧିମତ୍ତାର କାମ। କଷ୍ଟ କଲେ କୃଷ୍ଣ ମିଳେ। ଧୈର୍ଯ୍ୟର ଫଳ ମିଠା। ଧୈର୍ଯ୍ୟ ଧରି ଜାଗା ଦଖଲ କଲେ ଆମ ପୁଅନାତିମାନେ ଏହାର ସୁବିଧା ପାଇବେ। ଯଦି ଏହି ନୀତି ଆଗକୁ ଚାଲୁ ରହେ ଭବିଷ୍ୟତରେ ସରକାରଙ୍କର ନିଜସ୍ୱ କିଛି ରହିବ ନାହିଁ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

### ଓଡ଼ିଶାରେ ଡାକ୍ତର ମରୁଡ଼ି

ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ଗତ ଜୁନ୍ ଶେଷ ସୁଦ୍ଧା ଓଡ଼ିଶାରେ ମୋଟ ୬,୭୧୯ ଅନୁମୋଦିତ ଡାକ୍ତର ପଦବୀ ମଧ୍ୟରୁ ୩୩୯୦ ଜଣ ଡାକ୍ତର କାର୍ଯ୍ୟରତ ଥିବା ବେଳେ ୩୩୨୯ଟି ପଦବୀ ଖାଲି ପଡିଥିଲା। ଏହା ନିଶ୍ଚିତ ଭାବେ ଉଦ୍‌ବେଗର ବିଷୟ। ଡାକ୍ତର ନ ଥାଇ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବା ଅସମ୍ଭବ। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ପ୍ରତିବର୍ଷ ରାଜ୍ୟର ମେଡିକାଲ କଲେଜରୁ ବାହାରୁଥିବା ଡାକ୍ତରମାନଙ୍କ ମଧ୍ୟରୁ ଅଧିକାଂଶ ଓଡ଼ିଶାରେ ଚାକିରି ନ କରି ବାହାରକୁ କିମ୍ବା ଘରୋଇ ଚିକିତ୍ସାଳୟକୁ ଚାଲି ଯାଉଛନ୍ତି। ସେମାନେ ଅନ୍ତତଃ ପ୍ରଥମ ୫ ବର୍ଷ ପାଇଁ ରାଜ୍ୟ ସରକାରଙ୍କ ଅଧୀନରେ ଚାକିରି କରିବାକୁ ଡାକ୍ତରଙ୍କ ଚାକିରି ସର୍ତ୍ତାବଳୀ, ଦରମା ଓ ଭତ୍ତା ପ୍ରଭୃତିକୁ ଆକର୍ଷଣୀୟ କରାଯିବା ଆବଶ୍ୟକ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ସମ୍ପ୍ରତି ହୀରା ଚୋରି କରୁଥିବା ଏକ ପିମ୍ପୁଡ଼ିର ଭିଡ଼ିଓ ୟୁଟ୍ୟୁବ୍‌ରେ ଭାଇରାଲ ହୋଇଛି। ହୀରା ଦୋକାନରେ ଥିବା ହୀରାକୁ ପିମ୍ପୁଡି ବୋହି ନେଉଥିବାର ଦୃଶ୍ୟ ଭିଡ଼ିଓରେ ଦେଖିବାକୁ ମିଳୁଛି। ପିମ୍ପୁଡ଼ିର ଘ୍ରାଣ ଶକ୍ତି ଅଧିକ ତେବେ ହୀରାରେ ହୁଏତ କିଛି ମିଠା ଦ୍ରବ୍ୟ ଲାଗିଥିବାରୁ ଏହାକୁ ପିମ୍ପୁଡି ବୋହି ନେଉଥିବା ଅନୁମାନ କରାଯାଉଛି। ପିମ୍ପୁଡ଼ି ନିଜ ଓଜନ ଠାରୁ ୫୦ ଗୁଣା ଅଧିକ ଭାରି ଦ୍ରବ୍ୟ ବୋହି ନେଇପାରେ ବୋଲି ଗବେଷକ ସୂଚିତ କରିଛନ୍ତି।

## ସଂକ୍ଷେପରେ

### ନିଷ୍ପତ୍ତି ଜଣାଇବାକୁ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ନିର୍ଦ୍ଦେଶ

#### ଶିକ୍ଷାନୁଷ୍ଠାନ ପରିସରରେ ଧର୍ମାନୁଷ୍ଠାନ

କଟକ ଅଫିସ,୨୮।୮: ଉତ୍କଳ ବିଶ୍ୱବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା କଲେଜ ପରିସରରେ ବେଆଇନ ଭାବେ ଧର୍ମାନୁଷ୍ଠାନ ଗଢ଼ିଉଠିଛି। ଭାରତ ହେଉଛି ଏକ ଧର୍ମନିରପେକ୍ଷ ରାଷ୍ଟ୍ର। ବିଭିନ୍ନ ଶିକ୍ଷାନୁଷ୍ଠାନରେ ସବୁ ଧର୍ମାବଲମ୍ବୀ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ତେଣୁ ଶିକ୍ଷାନୁଷ୍ଠାନ ପରିସରରେ କୌଣସି ଧର୍ମାନୁଷ୍ଠାନ ଗଢ଼ିଉଠିବା ସମ୍ବିଧାନ ତଥା ଆଇନ ବିରୋଧୀ। ଏହାକୁ ପ୍ରସଙ୍ଗ କରି ଫ୍ରି ଥଟ୍ ପାର୍ଟି ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ଅଧ୍ୟାପକ ବି. ରାମଚନ୍ଦ୍ର ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ଏହାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ ଇନ୍ଦ୍ରଜିତ ମହାନ୍ତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଏ ବାବଦରେ ନିଷ୍ପତ୍ତି ଗ୍ରହଣ କରିବାକୁ ୪ ସପ୍ତାହ ମହଲତ ଦେଇଛନ୍ତି। ଶିକ୍ଷାନୁଷ୍ଠାନ ପରିସରରେ ମନ୍ଦିର କିମ୍ବା ଧର୍ମାନୁଷ୍ଠାନ ରହିବ କି ନାହିଁ ତାହା ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ବି. ରାମଚନ୍ଦ୍ରଙ୍କ ପକ୍ଷରୁ ଆଡ୍‌ଭୋକେଟ କ୍ଷୀରୋଦ ରାଉତ ମାମଲା ପରିଚାଳନା କରୁଛନ୍ତି। ଆଡ୍‌ଭୋକେଟ ଜୟନ୍ତୀ ନାୟକ, ସୁରେନ୍ଦ୍ର କୁମାର ରାଉତ ଓ ଅନିଲ କୁମାର ଦଳାଇ ସହାୟତା କରୁଛନ୍ତି।

### ଓସିସିଏଲ ମ୍ୟାନେଜର ଗିରଫ

ଭୁବନେଶ୍ୱର, ୨୮।୮(ବ୍ୟୁରୋ): ଅର୍ଥ ହେରଫେର ଅଭିଯୋଗରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଓସିସିଏଲ୍(ଓଡ଼ିଶା କନ୍‌ଷ୍ଟ୍ରକ୍ସନ କୋଅପରେଟିଭ ଲିମିଟେଡ୍)ର ସିନିୟର ମ୍ୟାନେଜର ବିଶ୍ୱଜିତ୍ ବିଶ୍ୱାଳଙ୍କୁ ମଙ୍ଗଳବାର ଗିରଫ କରିଛି। ଜାମିନ ନ ମିଳିବାରୁ ବିଶ୍ୱଜିତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଭୁବନେଶ୍ୱର ଇନ୍‌ଫୋଭ୍ୟାଲିର କିଛି ରାସ୍ତା କାମ ପାଇଁ ୨୦୧୭ରେ ଇଡ୍‌କୋ ଓସିସିଏଲକୁ ଟେଣ୍ଡର ଦେଇଥିଲା। ଟେଣ୍ଡରର ମୂଲ୍ୟ ପ୍ରାୟ ୧୨.୯୦ କୋଟି ଟଙ୍କା ରହିଥିଲା। ଏହି କାମ ୨୦୧୮ ଏପ୍ରିଲ ୨୧ରେ ଶେଷ କରିବା ପାଇଁ ନିର୍ଦ୍ଦେଶ ରହିଥିଲା। ଓସିସିଏଲର ସିନିୟର ମ୍ୟାନେଜର ଭାବେ ବିଶ୍ୱଜିତ୍ କାମର ଦାୟିତ୍ୱ ନେଇଥିଲେ। ଇଡ୍‌କୋ ସହ ତାଙ୍କର ମଧ ଏକ ଚୁକ୍ତି ହୋଇଥିଲା। କାମ ପାଇଁ ଆକାଉଣ୍ଟକୁ ଟଙ୍କା ନେଣଦେଣ ଲାଗି ବିଶ୍ୱଜିତ୍ ପ୍ରିୟଦର୍ଶୀ ମାର୍କେଟରେ ଥିବା ଏସ୍‌ବିଆଇ ଏବଂ ଆଇସିଆଇସିଆଇ ବ୍ୟାଙ୍କ୍‌ରେ ଆକାଉଣ୍ଟ ଖୋଲିଥିଲେ। ବରିଷ୍ଠ ଅଧିକାରୀ ଭାବେ ବିଶ୍ୱଜିତ ଏହି ଆକାଉଣ୍ଟକୁ ପରିଚାଳନା କରୁଥିଲେ।

# ବ୍ରହ୍ମପୁର-ସୁରଟକୁ ଦୈନିକ ରେଳ ଚଳାଚଳ ହେଉ

ଭୁବନେଶ୍ୱର, ୨୮।୮(ବ୍ୟୁରୋ)



- ଗୋଏଲଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି
- ଦୈନିକ ୨ଟି ରେଳ ଚଳାଚଳ ପାଇଁ ଦାବି
- ପୁରୀ-ଅହମ୍ମଦାବାଦ, ପୁରୀ-ଓଖା, ପୁରୀ-ଗାନ୍ଧୀଧାମ ଟ୍ରେନ୍ ପୂର୍ବରୁ ଚଳାଚଳ କରୁଛି

ଦକ୍ଷିଣ ଓଡ଼ିଶାର ପ୍ରମୁଖ ସହର ବ୍ରହ୍ମପୁର ଓ ଗୁଜରାଟର ସୁରଟକୁ ଦୈନିକ ୨ଟି ରେଳ ଚଳାଚଳ ହେଉ। ଏହି ମର୍ମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରେଳମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ମଙ୍ଗଳବାର ଚିଠି ଲେଖି ଅନୁରୋଧ କରିଛନ୍ତି। ଦକ୍ଷିଣ ଓଡ଼ିଶାର ପ୍ରାୟ ୭ ଲକ୍ଷ ଲୋକ ସୁରଟରେ କାର୍ଯ୍ୟ କରୁଛନ୍ତି। ହେଲେ ସୁରଟ୍ ସହ ଉକ୍ତ ସହରର ସିଧାସଳଖ ଯୋଗାଯୋଗ ବ୍ୟବସ୍ଥା ନାହିଁ। ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ରେଳ ଚଳାଚଳକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। କିଛିଦିନ ତଳେ ଭୁବନେଶ୍ୱରରୁ ସୁରଟ ସିଧାସଳଖ ବିମାନ ଚଳାଚଳ ପାଇଁ ମଧ ମୁଖ୍ୟମନ୍ତ୍ରୀ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ବିଭାଗକୁ ଚିଠି ଲେଖିଛନ୍ତି। ଗୁଜରାଟରେ ରହୁଥିବା ଓଡ଼ିଆଙ୍କ ମଧ୍ୟରେ ରାଜ୍ୟ ପ୍ରଶାସନ ଓ ଦଳର ଗ୍ରହଣୀୟତା ବଢ଼ାଇବା ପାଇଁ ଏପରି ପଦକ୍ଷେପ ନିଆଯାଉଥିବା ଆଲୋଚନା ହେଉଛି।

ଚିଠି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି, ବ୍ରହ୍ମପୁର-ସୁରଟ ମଧ୍ୟରେ ରେଳ ଚଳାଚଳ କରିବା ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଛି। ଉକ୍ତ ସହରର ବିଭିନ୍ନ ଅର୍ଥନୈତିକ କ୍ଲଷ୍ଟରରେ ବହୁ ସଂଖ୍ୟକ ଓଡ଼ିଆ କାର୍ଯ୍ୟ କରୁଛନ୍ତି। ଓଡ଼ିଆମାନେ ପୋଷାକ ଶିଳ୍ପ, ଡାଇଙ୍ଗ୍, ପ୍ରିଟିଙ୍ଗ୍, ହୀରା କଟିଂ ଓ ଅନ୍ୟ କ୍ଷେତ୍ରରେ କାମ କରୁଛନ୍ତି। ତେଣୁ ଉଭୟ ସହର ମଧ୍ୟରେ ପ୍ରତିଦିନ ରେଳ ଯୋଗାଯୋଗର ଆବଶ୍ୟକତା ରହିଛି। ବର୍ତ୍ତମାନ ପୁରୀ-ଅହମ୍ମଦାବାଦ ଏକ୍ସପ୍ରେସ ସପ୍ତାହକୁ ୪ ଦିନ ଚାଲୁଥିବା ବେଳେ ପୁରୀ-ଓଖା ଏକ୍ସପ୍ରେସ ସପ୍ତାହକୁ ଥରେ ଚଳାଚଳ କରୁଛି। ସେହିପରି ପୁରୀ-ଗାନ୍ଧୀଧାମ ଏକ୍ସପ୍ରେସ ସପ୍ତାହକୁ ଥରେ ଯାତାୟାତ କରୁଛି। ଫଳରେ ଉକ୍ତ ଟ୍ରେନଗୁଡିକରେ ଭିଡ ରହୁଛି। ତେଣୁ ଅଧିକସଂଖ୍ୟକ ଟ୍ରେନ ଯାତାୟାତ କରିବାର ଆବଶ୍ୟକତା ରହିଥିବା ଯୁକ୍ତି ଦର୍ଶାଯାଇଛି।

## ଭଞ୍ଜବିହାର ଛାତ୍ର ସଂସଦ ସଭାପତିଙ୍କୁ ଆକ୍ରମଣ

ବ୍ରହ୍ମପୁର ଅଫିସ,୨୮।୮

ଭଞ୍ଜବିହାର ଛାତ୍ର ସଂସଦ ସଭାପତି ଶ୍ରୀନିବାସ ରାଓଙ୍କୁ ମଙ୍ଗଳବାର ରାତିରେ ଆକ୍ରମଣ ହୋଇଛି। ଅଣଛାତ୍ରଙ୍କ ମାଡରେ ସେ ଗୁରୁତର ହୋଇ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

ପ୍ରକାଶ ଯେ, ମଙ୍ଗଳବାର ରାତି ପ୍ରାୟ ସାଢେ ୯ଟାରେ ଶ୍ରୀନିବାସ ରହୁଥିବା ୪ର୍ଥ ହଷ୍ଟେଲରୁ ବାହାରି ୩ୟ ହଷ୍ଟେଲକୁ ଖାଇବାକୁ ଯାଉଥିଲେ। ଏହି ସମୟରେ ୩ୟ ହଷ୍ଟେଲ ଗେଟ୍ ନିକଟରେ କେତେଜଣ ଅଣଛାତ୍ର ହଷ୍ଟେଲରୁ ବାହାରୁଥିବା ଦେଖିବାକୁ ପାଇଥିଲେ। ସେମାନଙ୍କୁ ଏନେଇ ପଚାରିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଅଣଛାତ୍ରମାନେ ଶ୍ରୀନିବାସଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବାବେଳେ ଏସ୍‌ଡିପିଓ ଅଶୋକ କୁମାର ମହାନ୍ତି, ଗୋପାଳପୁର ଥାନାଅଧିକାରୀ ସୁଶାନ୍ତ ସାହୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିବା ବିଶ୍ୱବିଦ୍ୟାଳୟ ଫାଣ୍ଡି ଅଧିକାରୀ ଶଙ୍କର ରାଓ ସୂଚନା ଦେଇଛନ୍ତି।




## ଭୀମଭୋଇ, ଫକୀରମୋହନଙ୍କ ନାମରେ ନାମିତ ହେଲା ମେଡିକାଲ କଲେଜ

ଭୁବନେଶ୍ୱର, ୨୮।୮(ବ୍ୟୁରୋ)

ସନ୍ଥ କବି ଭୀମଭୋଇ ଏବଂ ବ୍ୟାସକବି ଫକୀରମୋହନ ସେନାପତିଙ୍କ ନାମରେ ନୂତନ ମେଡିକାଲ କଲେଜର ନାମକରଣ ହୋଇଛି। ବାଲେଶ୍ୱର ମେଡିକାଲ କଲେଜକୁ ଫକୀର ମୋହନ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଏବଂ ବଲାଙ୍ଗୀର ମେଡିକାଲ କଲେଜକୁ ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ନାମରେ ନାମିତ କରଯାଇଛି। ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏ ସମ୍ପର୍କରେ ବିଜ୍ଞପ୍ତି ଜାରି ହୋଇଛି।

### ନୋଟିସ

**ମାଡ୍ରାସ ସ୍ଥିତ ନ୍ୟାୟାଧିକରଣର ଉଚ୍ଚ ନ୍ୟାୟାଳୟରେ**

(ସାଧାରଣ ମୂଳ ଦେୱାନୀ ନ୍ୟାୟାଧିକାର)
ଆବେଦନ ନଂ. ୨୦୧୭ର ୮୬୧୬
ମଧ୍ୟସ୍ଥତା ଏବଂ ମୀମାଂସା ଅଧିନିୟମ, ୧୯୯୬ ମାମଲାରେ
ଏବଂ
ମେସର୍ସ ଚୋଲାମଣ୍ଡଳମ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ଫାଇନାନ୍ସ କମ୍ପାନୀ ଲିଃ ଏବଂ ଶ୍ରୀ ଶତ୍ରୁଘ୍ନ ଭୁଏ ଓ ଅନ୍ୟମାନଙ୍କ ମାମଲାରେ ଯାହା ଋଣ ରାଜିନାମା ସଂ ଏକ୍ସଭିଏଫ୍‌ପିଜେଆର୍‌ଏ୦୦୦୦୦୭୧୫୮୪୭ ତାରିଖ ୨୯।୦୨।୨୦୧୨ରୁ ଉତ୍ପନ୍ନ

**ମେସର୍ସ ଚୋଲାମଣ୍ଡଳମ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ଫାଇନାନ୍ସ କମ୍ପାନୀ ଲିମିଟେଡ୍,**
'ଡେୟାର୍ ହାଉସ୍', ନଂ.୨, ଏନ୍.ଏସ୍.ସି. ବୋଷ ରୋଡ୍, ପାରିଜ୍, ଚେନ୍ନାଇ-୬୦୦୦୦୧
ଏହାର ପ୍ରାଧିକୃତ ସ୍ୱାକ୍ଷରକାରୀଙ୍କ ଦ୍ୱାରା ପ୍ରତିନିଧିତ୍ୱ
:ଆବେଦନକାରୀ

ବନାମ

୧. **ଶ୍ରୀ ଶତ୍ରୁଘ୍ନ ଭୁଏ**
ପିତା- ଅଙ୍ଗଦ ଭୁଏ
ସ୍ଥାନ - କୁଲଟାସମାସିଂହ, ଝାରସୁଗୁଡ଼ା
କୋଲାବିରା, ଓଡ଼ିଶା - ୭୬୮୨୧୩

୨. **ଶ୍ରୀ ଅଙ୍ଗଦ ଭୁଏ**
ପିତା- ଡମ୍ବରୁ ଭୁଏ
ସ୍ଥାନ - କୁଲଟାସମାସିଂହ, ଝାରସୁଗୁଡ଼ା
କୋଲାବିରା, ଓଡ଼ିଶା - ୭୬୮୨୧୩
: ପ୍ରତିବାଦୀ

**ପ୍ରାପ୍ତେଷୁ**

୧. **ଶ୍ରୀ ଶତ୍ରୁଘ୍ନ ଭୁଏ**
ପିତା- ଅଙ୍ଗଦ ଭୁଏ
ସ୍ଥାନ - କୁଲଟାସମାସିଂହ, ଝାରସୁଗୁଡ଼ା
କୋଲାବିରା, ଓଡ଼ିଶା - ୭୬୮୨୧୩

୨. **ଶ୍ରୀ ଅଙ୍ଗଦ ଭୁଏ**
ପିତା- ଡମ୍ବରୁ ଭୁଏ
ସ୍ଥାନ - କୁଲଟାସମାସିଂହ, ଝାରସୁଗୁଡ଼ା
କୋଲାବିରା, ଓଡ଼ିଶା - ୭୬୮୨୧୩

ମାନ୍ୟବର ଉଚ୍ଚ ନ୍ୟାୟାଳୟ, ମାଡ୍ରାସ ତା୧୯।୦୩।୨୦୧୮ରିଖ ଦିନ ଉପରୋକ୍ତ ଆବେଦନରେ ଏକ ଆଦେଶ ଗୃହୀତ କରି ଆପଣଙ୍କୁ ଟ.୪,୫୫,୩୬୦/- ପରିମାଣର ଦାବି ରାଶିର ଅମାନତ ଜମା କରିବାର ନିର୍ଦ୍ଦେଶ ଦେଇଥିଲେ। ତା୧୬।୦୮।୨୦୧୮ରିଖ ଦିନ ମାନ୍ୟବର ନ୍ୟାୟାଳୟ ତା୧୪।୦୯।୨୦୧୮ରିଖ ସୁଦ୍ଧା ଫେରସ୍ତଯୋଗ୍ୟ ଖବରକାଗଜ ପ୍ରକାଶନ ଦ୍ୱାରା ନୋଟିସର ଆଦେଶ ଦେଇଛନ୍ତି। ଦୟାକରି ଧ୍ୟାନରେ ରଖନ୍ତୁ ଯେ ଆବେଦନ ତା୧୪।୦୯।୨୦୧୮ରିଖରେ ପ୍ରେରିତ ହୋଇଛି ଏବଂ ଆପଣ ବ୍ୟକ୍ତିଗତ ଭାବେ କିମ୍ବା ଓକିଲଙ୍କ ମାଧ୍ୟମରେ ହାଜିର ହୋଇ ଅମାନତ ଜମା କରନ୍ତୁ।

ମେସର୍ସ ଡି. ପ୍ରଦୀପ କୁମାର
ଆବେଦନକାରୀଙ୍କ ଓକିଲ

### ବାବା ଲଙ୍ଗଳେଶ୍ୱର ଇଣ୍ଡେନ୍ ଗ୍ରାମୀଣ ବିତରକ

ଏତଦ୍ୱାରା ଲଙ୍ଗଳେଶ୍ୱର, ଭେଜିପୁଟ ଓ ଆଖାପାଖ ଅଞ୍ଚଳର ଏଲ.ପି.ଜି. ଗ୍ରାହକମାନଙ୍କୁ ଜଣାଇ ଦିଆଯାଉଅଛି ଯେ ନାରାୟଣୀ ଇଣ୍ଡେନ୍ (ସୁମଣ୍ଡଳ), କୋଦଳା ଇଣ୍ଡେନ୍, ବାଲାଜି ଇଣ୍ଡେନ (ରମ୍ଭା) ଓ ହୁମା ଇଣ୍ଡେନରେ ଥିବା ଏଲ.ପି.ଜି. ଗ୍ରାହକଙ୍କ ସୁବିଧା ନିମନ୍ତେ ଇଣ୍ଡେନ୍ ଅଏଲ୍ କମ୍ପାନୀ ଆପଣଙ୍କ ନିକଟତମ ଡ୍ରିଷ୍ଟିବ୍ୟୁଟର ବାବା ଲଙ୍ଗଳେଶ୍ୱର ଇଣ୍ଡେନ୍ ଗ୍ରାମୀଣ ବିତରକଙ୍କୁ ସ୍ଥାନାନ୍ତର କରାଯାଇଅଛି। ଆପଣଙ୍କ ନିକଟସ୍ଥ ବାବା ଲଙ୍ଗଳେଶ୍ୱର ଇଣ୍ଡେନ୍ ଗ୍ୟାସ୍ ଅଫିସ୍ ସହିତ ଯୋଗାଯୋଗ କରନ୍ତୁ।

ଠିକଣା : ଲଙ୍ଗଳେଶ୍ୱରର ନିକଟତମ ଷ୍ଟେଟ୍ ବ୍ୟାଙ୍କ୍
ମୋବାଇଲ୍ ନଂ: 9437626917, 9337978887
ମୋବାଇଲ ମାଧ୍ୟମରେ ଆପଣଙ୍କ ଗ୍ୟାସ୍ ବୁକିଙ୍ଗ୍ ନିମନ୍ତେ

(1) 9090824365 ନଂ କୁ କଲ କରନ୍ତୁ।
(2) ଭାଷା ଚୟନ କରନ୍ତୁ।
(3) ବିତରକଙ୍କ ମୋବାଇଲ ନଂ 9337978887
(4) ରିଫିଲ୍ ବୁକିଙ୍ଗ୍ କରିବା ନିମନ୍ତେ 1 ଦିଅନ୍ତୁ
(5) ନିଜର କଞ୍ଜ୍ୟୁମର ନଂ ଦିଅନ୍ତୁ।
(6) ରିଫିଲ୍ ବୁକିଙ୍ଗ ସ୍ୱୀକୃତ କରିବା ନିମନ୍ତେ କନଫର୍ମ କରନ୍ତୁ।

**ପ୍ରଶାନ୍ତ କୁମାର ମିଶ୍ର**

### SAHARAYN UNIVERSAL MULTIPURPOSE SOCIETY LIMITED

(Formerly known as Saharayn E-Multipurpose Society Limited) I (Regd. No.-MSCS/CR/935/2014)
195, Zone –1, In front of D.B. Mall, M.P. Nagar, Bhopal, Madhya Pradesh- 462011

**NOTICE**

**THE 5TH ANNUAL GENERAL MEETING OF THE MEMBERS OF SAHARAYN UNIVERSAL MULTIPURPOSE SOCIETY LIMITED IS SCHEDULED TO BE HELD ON 15TH DAY OF SEPTEMBER, 2018 ON SATURDAY AT 11.00 A.M., AT 195, ZONE-1, IN FRONT OF D.B. MALL, M.P. NAGAR, BHOPAL, MADHYA PRADESH-462011.**

**BUSINESS ON AGENDA**

1. To confirm the minutes of last General Body Meeting.
2. To consider and adopt the Audited Financial Statement of accounts for the Financial Year 2017-2018.
3. To consider and approve the Statutory Auditors' Report and Annual Report.
4. To announce the payment of dividend for the Financial Year 2017-18.
5. To consider the creation of specific reserve and other funds.
6. To consider the disposal of net profit.
7. To approve the annual budget for the Financial Year 2019-20.
8. To approve the annual action plan for the Financial Year 2019-20.
9. To consider and approve the appointment of Statutory Auditors.
10. To consider the list of employees who are relatives of members of the Board or of the Managing Director.
11. To consider and approve the process of conducting election for the next Board of Directors and other Office Bearers and confirm the appointment of Returning Officer, as approve by the Board.
12. To consider and approve amendment in the bye-laws of the Society.
13. Any other item, if any, with the permission of Chairperson.

By order of the Board
**For Saharayn Universal Multipurpose Society Limited**
Sd/-
Managing Director

Place: Bhopal
Date: 20th August, 2018

**Note:** Please note that if there is no quorum within half an hour of the time fixed for the scheduled meeting, the meeting shall be adjourned and the adjourned meeting shall be held at 11:30 AM on the same day i.e. 15th September, 2018 to transact the agenda items as aforesaid and that no quorum shall be necessary for transacting the business in the adjourned meeting so held.

### NOTICE
### IN THE DEBTS RECOVERY TRIBUNAL, CUTTACK

C-71, Sector-7, CDA, Cuttack-753014
**O.A. No.: 98/2018**

**State Bank of India,**
**(SARB), Madhupatana, Cuttack** .....Applicant
-Versus-
**M/s J.B. Automobiles and others** .....Defendants

To,
**Sri Nihar Ranjan Baliyarsingh,** (Defendant No.3), S/o: Niranjan Baliyarsingh, Vill/PO: Bhutmundai, PS: Paradip, Dist.: Jagatsinghpur.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 98/2018** in the Court of Debts Recovery Tribunal at Cuttack for a recovery of **Rs.59,02,979.46** only together with current and future interest, costs and other relief's. The above mentioned defendants are therefore hereby directed to appear before this Tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **04th day of October, 2018** at **10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **20th day of August, 2018.**

Sd/- Registrar,
Debts Recovery Tribunal






ଧରିତ୍ରୀ
DHARITRI
ବୁଧବାର, ୨୯ ଅଗଷ୍ଟ, ୨୦୧୮



ହିମାଚଳପ୍ରଦେଶ କଲ୍ଲୁ ଜିଲାରେ ଘଟିଛି ଏକ ଦୁଃଖଦ ଘଟଣା। ଏଠାରେ ଏକ ପାହାଡ଼ ଉପରେ ଗୋରୁ ପଲ ଚରୁଥିବାବେଳେ ହଠାତ୍ ପାହାଡ଼ର ଏକ ଅଂଶ ଧସି ପଡ଼ିଥିଲା। ଏଥିରେ ଗୋରୁ ଚରାଳିଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ୧୧୬ ଗୋରୁଙ୍କ ମୃତ୍ୟୁ ଘଟିଥିବା ସ୍ଥାନୀୟ ପଞ୍ଚାୟତ ମୁଖ୍ୟ ରାକେଶ ଠାକୁର ସୂଚିତ କରିଛନ୍ତି।



## ସଂକ୍ଷେପରେ

### ଏସ୍‌ସିବିରେ ୧୨୯ ଡେଙ୍ଗୁ ରୋଗୀ

**କଟକ ଅଫିସ, ୨୮।୮:** ଏସ୍‌ସିବି ମେଡିକାଲରେ ମଙ୍ଗଳବାର ସନ୍ଧ୍ୟାସୁଦ୍ଧା ୧୨୯ ଜଣ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୧୧୮ଜଣ ୱାର୍ଡରେ ଓ ୧୧ଜଣ ରୋଗୀଙ୍କୁ ଆଇସିୟୁରେ ରଖି ଚିକିତ୍ସା କରାଯାଉଛି। ମଙ୍ଗଳବାର ମେଡିକାଲରେ ମୋଟ ୧୬୫ ଜଣ ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ସେଥିରୁ ୪୩ଟି ନମୁନାରେ ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି। ଏମାନଙ୍କ ମଧ୍ୟରେ କଟକରୁ ୧୩ ଜଣ ରୋଗୀ ରହିଛନ୍ତି।

### ରାସ୍ତାରେ ପ୍ରସବ କଲେ ମହିଳା

**ଦଶମନ୍ତପୁର,୨୮।୮(ଡି.ଏନ୍.ଏ.):** ଗାଁକୁ ପକ୍କା ରାସ୍ତା ନାହିଁ ଫଳରେ ଆମ୍ବୁଲାନ୍ସ ଆସିପାରିଲାନି। ବାଧହୋଇ ପରିବାର ଓ ଗ୍ରାମବାସୀ ଭାର କରି ଗର୍ଭବତୀଙ୍କୁ ୨ କିମି ବୋହି କରି ନେଇଥିଲେ। ରାସ୍ତାରେ ହିଁ ଗର୍ଭବତୀ ଜଣଙ୍କ ଏକ ଶିଶୁପୁତ୍ର ଜନ୍ମ ଦେଇଛନ୍ତି। ପ୍ରବଳ ବର୍ଷା ହେଉଥିବାରୁ ଆମ୍ବୁଲାନ୍ସ ଆସିବା ପର୍ଯ୍ୟନ୍ତ ଶିଶୁପୁତ୍ରକୁ ଛତା ତଳେ ଧରି ଆଶାକର୍ମୀ ବସି ରହିଥିଲେ। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଲୁଲା ପଞ୍ଚାୟତ ବନ୍ଧଗୁଡ଼ା ଗ୍ରାମରେ ମଙ୍ଗଳବାର ଏଭଳି ଘଟିଛି। ସୂଚନା ଅନୁଯାୟୀ, ବନ୍ଧଗୁଡ଼ା ଗ୍ରାମର ଘେନୁ ମୁଦୁଲିଙ୍କ ସ୍ତ୍ରୀ ଆଶାଇ ଗର୍ଭ ଯନ୍ତ୍ରଣା ପାଇବାରୁ ପରିବାର ଲୋକେ ଆଶା କର୍ମୀ ସୁଷମା ବେନ୍ୟାଙ୍କୁ ଖବର ଦେଇଥିଲେ। ସୁଷମା ୧୦୨ ଆମ୍ବୁଲାନ୍ସକୁ ଫୋନ କରି ଡକାଇଥିଲେ ମଧ ଦୀର୍ଘ ୩ଘଣ୍ଟା ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଆସିନଥିଲା। ବାଧହୋଇ ପରିବାର ଲୋକେ ଓ ଗ୍ରାମବାସୀ ଗର୍ଭବତୀଙ୍କୁ ଭାର କରି ପ୍ରାୟ ୨କିମି ଆଣିଥିଲେ। କୁମୁଟି ଚୁଆ ନିକଟରେ ପ୍ରସବ ଯନ୍ତ୍ରଣା ଅଧିକ ହେବାରୁ ସେହିଠାରେ ମହିଳାଙ୍କ ସନ୍ତାନ ଜନ୍ମ ହୋଇଥିଲା। ପରେ ଗୁଲିମୂଷା ଗ୍ରାମ ନିକଟରୁ ଆମ୍ବୁଲାନ୍ସ ମା' ଓ ନବଜାତକଙ୍କୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା।

### ଉପରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହେବେ ଓମ୍‌ପ୍ରକାଶ

**ଜୟପୁର,୨୮।୮(ଡି.ଏନ୍.ଏ./ନି.ପ୍ର.):** ରାଜ୍ୟର ଏକମାତ୍ର ଭାବେ ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଓମ୍‌ପ୍ରକାଶ ମିଶ୍ର କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ପକ୍ଷରୁ ଶ୍ରେଷ୍ଠ ଶିକ୍ଷକ ମନୋନୀତ ହୋଇଛନ୍ତି। ଆସନ୍ତା ୫ରେ ଗୁରୁଦିବସ ଅବସରରେ ଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଆୟୋଜିତ ସମାରୋହରେ ତାଙ୍କୁ ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ ସମ୍ମାନିତ କରିବେ। ମାନପତ୍ର ସହ ୫୦ ହଜାର ଟଙ୍କା ଏବଂ ରୌପ୍ୟ ପଦକରେ ତାଙ୍କୁ ସମ୍ବର୍ଦ୍ଧିତ କରାଯିବ। ଦେଶର ବିଭିନ୍ନ ରାଜ୍ୟରୁ ସମୁଦାୟ ୪୬ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଏହି ଅବସରରେ ସମ୍ମାନିତ ହେବେ। ୧୯୭୦ ମାର୍ଚ୍ଚ ୩୦ରେ ଗଞ୍ଜାମ ଜିଲା ପ୍ରାଣଦେଇପୁର ଶାସନରେ ଶିକ୍ଷକ ମିଶ୍ରଙ୍କର ଜନ୍ମ। ପିତା ନୀଳାଞ୍ଚଳ ମିଶ୍ର ଏବଂ ମାତା ଜ୍ୟୋତ୍ସ୍ନାରାଣୀ ମିଶ୍ର। ସେ ବିଜ୍ଞାନ ଓ ଶିକ୍ଷା ବିଷୟରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ସେ ୧୯୯୮ରେ କୋରାପୁଟ ଜିଲାରୁ ଶିକ୍ଷକତା ଆରମ୍ଭ କରିଥିବା ବେଳେ ୨୦୦୬ରେ ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ଭାବେ ଯୋଗ ଦେଇଥିଲେ। ୨୦୧୫ରେ ଜିଲାସ୍ତରୀୟ, ୨୦୧୬ରେ ରାଜ୍ୟସ୍ତରୀୟ ଶ୍ରେଷ୍ଠ ଶିକ୍ଷକ ଭାବେ ପୁରସ୍କୃତ ହୋଇଛନ୍ତି।

## ■ ହକି ବିଶ୍ୱକପ୍ ବେଳେ ଅତିଥିଙ୍କ ରହଣି ଚିନ୍ତା

# 'ଓୟୋ' ସହ ଏମ୍‌ଓୟୁ ସ୍ୱାକ୍ଷର କଲା ଓଟିଡିସି

**ଭୁବନେଶ୍ୱର,୨୮।୮(ବ୍ୟୁରୋ)**

ହକି ବିଶ୍ୱକପ୍‌ର ଆୟୋଜନ କରି ଓଡ଼ିଶା ଇତିହାସ ରଚିବାକୁ ଯାଉଥିବା ବେଳେ ଏବେ ଆୟୋଜକଙ୍କୁ ଘାରିଛି ଏଠାରେ ଥିବା ହୋଟେଲ ଅଭାବ ସମସ୍ୟା। ନଭେମ୍ବରରେ ହେବାକୁ ଥିବା ଏହି କ୍ରୀଡ଼ା ମହାସମରକୁ ଆଉ ମାତ୍ର ୨ମାସ ବାକି ଥିବା ବେଳେ ହୋଟେଲ ଯୋଗାଡ଼ରେ ଲାଗିପଡ଼ିଛନ୍ତି ରାଜ୍ୟ ସରକାର। ୧୬ ଦେଶର କ୍ରୀଡ଼ାବିତ୍, ସେମାନଙ୍କ ଅଫିସିଆଲ୍, ସମର୍ଥକ ଏବଂ ଦର୍ଶକଙ୍କୁ ମିଶାଇ ପ୍ରାୟ ୩୦ହଜାର ଲୋକ ଓଡ଼ିଶାକୁ ଆସୁଥିବା ବେଳେ ସେମାନଙ୍କ ପାଇଁ ୩୦ ହଜାର କ୍ଲାସିଫାଏଡ୍ ରୁମ୍‌ର ଆବଶ୍ୟକତା ରହିଛି। ମାତ୍ର ରାଜ୍ୟରେ ଏତେ ସଂଖ୍ୟକ ହୋଟେଲ ନ ଥିବାରୁ ଲୋକଙ୍କ ରହଣି, ଅତିଥି ସତ୍କାର ଏବେ ରାଜ୍ୟ ସରକାରଙ୍କ ପାଇଁ ପ୍ରମୁଖ ସମସ୍ୟା ପାଲଟିଛି। ଏହାକୁ ଦୃଷ୍ଟିରେ ରଖି ଦେଶର ସର୍ବବୃହତ୍ ବଜେଟ ହୋଟେଲ ନେଟ୍‌ୱାର୍କ ତଥା ଭାରତୀୟ ହସ୍ପିଟାଲିଟି ସର୍ଭିସର ପ୍ରମୁଖ ବ୍ରାଣ୍ଡ 'ଓୟୋ ରୁମ୍ସ' ସହ ଏକ ଏମ୍‌ଓୟୁ ସ୍ୱାକ୍ଷର କରିଛି ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି)। ଏହାଦ୍ୱାରା ହକି ବିଶ୍ୱକପ୍ ପୂର୍ବରୁ ଓୟୋ ନିଜର ୱେବ୍‌ସାଇଟ୍ ଏବଂ ଆପ୍ଲିକେଶନରେ ଅଧିକରୁ ଅଧିକ ହୋଟେଲକୁ ଅନ୍ତର୍ଭୁକ୍ତ କରିବ। ଏହାସହ ରାଜ୍ୟରେ ଥିବା ହୋମ୍ ଷ୍ଟେ' ଏବଂ ଛୋଟବଡ଼ ସମସ୍ତ ହୋଟେଲକୁ ଓୟୋ ପ୍ଲାଟଫର୍ମରେ



ଓଟିଡିସି ଓ ଓୟୋ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର ଅବସରରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ଉପଲବ୍ଧ କରାଇବାକୁ ବୁଝାମଣାପତ୍ରରେ ଉଲ୍ଲେଖ ରହିଛି। ଏହାଦ୍ୱାରା ପର୍ଯ୍ୟଟକ ଏବଂ ଆସିବାକୁ ଥିବା ଦର୍ଶକ ବିନା ଦ୍ୱିଧାରେ ନିଜ ପସନ୍ଦର ରୁମ୍ ପାଇପାରିବେ।

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଏମ୍‌ଡି ତଥା ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ନିତୀନ ଭାନୁଦାସ ଜୱାଲେ ଏବଂ ଓୟୋ ରୁମ୍ସର ଓଡ଼ିଶା ସର୍କଲ ଅଧିକାରୀମାନଙ୍କ ଉପସ୍ଥିତିରେ ମଙ୍ଗଳବାର ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ଏଥିରେ ଭୁବନେଶ୍ୱର ସହ କଟକ, ପୁରୀ ଏବଂ ଆଖପାଖ ସମସ୍ତ ଅଞ୍ଚଳକୁ ପ୍ରାଥମିକତା ଦେବାକୁ କୁହାଯାଇଥିଲା। ଓୟୋର ଏହି ରହଣି ସେବା ସମ୍ପର୍କରେ ଅଧିକରୁ ଅଧିକ ଲୋକଙ୍କୁ ଅବଗତ କରାଇବାକୁ ଓଟିଡିସି ନିଜ ୱେବ୍‌ସାଇଟ୍ ସହ ସୋସିଆଲ ମିଡିଆ ପ୍ଲାଟଫର୍ମ ଆଦିରେ ପ୍ରଚାର ପ୍ରସାର କରିବ। ଏହାସହ ଓୟୋ ପକ୍ଷରୁ ବିମାନବନ୍ଦର, ରେଲୱେ ଷ୍ଟେଶନ, ବସ୍ ଟର୍ମିନାଲ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ହକି ବିଶ୍ୱକପ୍‌ର ୫ ଦିନ ପୂର୍ବରୁ ସ୍ୱତନ୍ତ୍ର ହେଲ୍ପଡେସ୍କ ବା ସହାୟତା କେନ୍ଦ୍ର ଖୋଲାଯିବ। ସେହିଭଳି ବୁକିଂ କରିବା ଏବଂ ଏ ସମ୍ପର୍କିତ ସମସ୍ତ ସୂଚନା ପାଇଁ ଓୟୋ ପକ୍ଷରୁ ଏକ ନୂଆ ଫୋନ୍ ଲାଇନ୍ ମଧ୍ୟ ଆରମ୍ଭ କରାଯିବ। ଏ ସମ୍ପର୍କରେ ସୂଚନା ଦେଇ ପର୍ଯ୍ୟଟନ ଓ କ୍ରୀଡ଼ା ବିଭାଗ ସଚିବ ବିଶାଳ ଦେବ କହିଛନ୍ତି, ଦେଶ ଏବଂ ଦେଶ ବାହାରେ ଓୟୋ ଏକ ଭରସାଯୋଗ୍ୟ ବ୍ରାଣ୍ଡ୍। ହକି ବିଶ୍ୱକପ୍‌କୁ ଆଉ ମାତ୍ର କିଛିମାସ ବାକି ଥିବା ବେଳେ ଆମେ ବହୁ ସଂଖ୍ୟକ ଲୋକଙ୍କ ଆଗମନ ଆଶା କରୁଛୁ। ଏଭଳିସ୍ଥଳେ ଓୟୋ ସହ ଓଟିଡିସିର ଏହି ଏମ୍‌ଓୟୁ ଅନେକାଂଶରେ

■ ଉପଲବ୍ଧ ହେବ ୧୬୦ ହୋଟେଲରେ ୧୬୦୦ ରୁମ୍

■ ବିମାନବନ୍ଦର, ରେଲୱେ ଷ୍ଟେଶନରେ ସ୍ୱତନ୍ତ୍ର ହେଲ୍ପଡେସ୍କ

ସାହାଯ୍ୟ କରିବ ବୋଲି ସେ କହିଛନ୍ତି।

ଓୟୋର ପ୍ରତିଷ୍ଠାତା ତଥା ଓଡ଼ିଶାରେ ଜନ୍ମିତ ସଫଳ ଯୁବ ଉଦ୍ୟୋଗୀ ରିତେଶ ଅଗ୍ରୱାଲ କହିଥିଲେ, ହକି ବିଶ୍ୱକପ୍ ପାଇଁ ଓଡ଼ିଶା ଉପରେ ସମଗ୍ର ବିଶ୍ୱର ନଜର ରହିଛି। ଓଟିଡିସି ସହ ଓୟୋର ସହଭାଗିତା ଆମ ପାଇଁ ଗର୍ବର ବିଷୟ। ଦେଶ ଏବଂ ବିଦେଶରୁ ଓଡ଼ିଶା ଆସିବାକୁ ଥିବା କ୍ରୀଡ଼ାପ୍ରେମୀମାନଙ୍କୁ ଉନ୍ନତମାନର ତଥା ଉତ୍ତମ ସେବାବିଶିଷ୍ଟ ହୋଟେଲ ଓ ହୋମ୍ ଷ୍ଟେ' ଯୋଗାଇଦେବା ଆମର ମୁଖ୍ୟ ଉଦ୍ଦେଶ୍ୟ ରହିବ। ଏବେ ଆମ ନିକଟରେ ୧୬୦ ହୋଟେଲର ମୋଟ ୧୬୦୦ ରୁମ୍ ଥିବା ବେଳେ ଏହା କିଭଳି ଗ୍ରାହକଙ୍କ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇ ରହିବ, ସେଥିପାଇଁ ଓୟୋ ଟିମ୍ ଦିନରାତି କାମ କରୁଥିବା ସେ କହିଛନ୍ତି। ଅନ୍ୟପକ୍ଷରେ କେବଳ ଓୟୋ ନୁହେଁ, ଓଟିଡିସି ଏବେ ଅନ୍ୟ କେତେକ ଅନ୍‌ଲାଇନ୍ ଟ୍ରାଭେଲ ଏଜେଣ୍ଟ ସହ ସମାନ ଚୁକ୍ତି କରିବାକୁ ଯୋଜନା ରଖିଛି।

## ■ ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମ

# ୧୭୧ପଞ୍ଚାୟତ ପାଇଁ ୩୮.୪୫କୋଟି ଟଙ୍କା ମଞ୍ଜୁର

**ଭୁବନେଶ୍ୱର, ୨୮।୮(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମ ଜରିଆରେ ମଙ୍ଗଳବାର ୮ ଜିଲାର ୧୦ବ୍ଲକ ପାଇଁ ୩୮.୪୫କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏହି ବ୍ଲକଗୁଡ଼ିକ ହେଉଛି ବରଗଡ ଜିଲାର ବରପାଲି, ପୁରୀ ଜିଲାର ବ୍ରହ୍ମଗିରି ବ୍ଲକ, ରାୟଗଡ ଜିଲାର କାଶୀପୁର, ସମ୍ବଲପୁର ଜିଲାର ବାମରା, କୋରାପୁଟ ଜିଲାର ଲକ୍ଷ୍ମୀପୁର ଓ କୋଟପାଡ, କେନ୍ଦୁଝର ଜିଲାର ପାଟଣା, କଳାହାଣ୍ଡି ଜିଲାର କର୍ଲାମୁଣ୍ଡା, ମୟୂରଭଞ୍ଜ ଜିଲାର ଉଦଳା ଓ ରାଇରଙ୍ଗପୁର । ମୁଖ୍ୟମନ୍ତ୍ରୀ ବରପାଲି ବ୍ଲକର ୨୩ ପଞ୍ଚାୟତ ପାଇଁ ୩.୯୧କୋଟି ଟଙ୍କାରେ ୨୨୯ପ୍ରକଳ୍ପ, ବ୍ରହ୍ମଗିରି ବ୍ଲକର ୨୪ ପଞ୍ଚାୟତ ପାଇଁ ୫.୬୩କୋଟି ଟଙ୍କାରେ ୩୬୯ ପ୍ରକଳ୍ପ, କାଶୀପୁର ବ୍ଲକର ୨୪ପଞ୍ଚାୟତ ପାଇଁ ୫କୋଟି ଟଙ୍କାରେ ୨୧୩ ପ୍ରକଳ୍ପ, ବାମରା ବ୍ଲକର ୧୭ ପଞ୍ଚାୟତ ପାଇଁ ୩.୭୧କୋଟି ଟଙ୍କାରେ ୧୬୮ପ୍ରକଳ୍ପ, ଲକ୍ଷ୍ମୀପୁର ବ୍ଲକର ୧୩ ପଞ୍ଚାୟତ ପାଇଁ ୩.୪୧କୋଟି ଟଙ୍କାରେ ୧୭୫ ପ୍ରକଳ୍ପ, କୋଟପାଡ ବ୍ଲକର ୧୭ ପଞ୍ଚାୟତ ପାଇଁ ୪.୩୪କୋଟି ଟଙ୍କାରେ ୧୫୮ପ୍ରକଳ୍ପ, ପାଟଣା ବ୍ଲକର ୨୦ ପଞ୍ଚାୟତ ପାଇଁ ୪.୮୦କୋଟି ଟଙ୍କାରେ ୧୦୪ପ୍ରକଳ୍ପ, କର୍ଲାମୁଣ୍ଡା ବ୍ଲକର ୧୨ପଞ୍ଚାୟତ ପାଇଁ ୨.୪୦କୋଟି ଟଙ୍କାରେ ୧୩୯ ପ୍ରକଳ୍ପ, ଉଦଳା ବ୍ଲକର ୧୨ ପଞ୍ଚାୟତ ପାଇଁ ୩କୋଟି ଟଙ୍କାରେ ୯୫ ପ୍ରକଳ୍ପ ଏବଂ ରାଇରଙ୍ଗପୁର ବ୍ଲକର ୯ ପଞ୍ଚାୟତ ପାଇଁ ୨.୨୫କୋଟି ଟଙ୍କାରେ ୯୬ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏହିପରି ସମୁଦାୟ ୧୭୧ ପଞ୍ଚାୟତ ପାଇଁ ମୁଖ୍ୟମନ୍ତ୍ରୀ ୧୭୪୬ପ୍ରକଳ୍ପ ମଞ୍ଜୁର କରିଛନ୍ତି।

ଏହି କାର୍ଯ୍ୟକ୍ରମକୁ ମିଶାଇ ମୁଖ୍ୟମନ୍ତ୍ରୀ ରାଜ୍ୟର ୧୭୫ ବ୍ଲକର ୩୮୮୮ ଗ୍ରାମପଞ୍ଚାୟତବାସୀଙ୍କ ସହ ଆଲୋଚନା ମାଧ୍ୟମରେ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏହିସବୁ ପଞ୍ଚାୟତଗୁଡ଼ିକ ପାଇଁ ୮୮୨.୧୦କୋଟି ଟଙ୍କା ମଞ୍ଜୁର ହୋଇଛି।



ରାସ୍ତାରୋକୋରେ ମୃତଚାଷୀଙ୍କ ପରିବାର ଲୋକେ ସାମିଲ।

# ରଣବୋଝ ଚିନ୍ତାରେ ଚାଷୀଙ୍କ ମୃତ୍ୟୁ ଅଭିଯୋଗ

**ବରଗଡ଼ ଅଫିସ୍/ପାଇକମାଲ,୨୮।୮**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ପାଇକମାଲ ଥାନା ପଲସଦା ଗ୍ରାମରେ ଜଣେ ଚାଷୀଙ୍କ ସୋମବାର ରାତିରେ ଆକସ୍ମିକ ମୃତ୍ୟୁ ଘଟିଛି। ସେ ହେଲେ ଗୋବିନ୍ଦ ବିଶ୍ୱାଳ। ମଙ୍ଗଳବାର ଏହା ପଦାକୁ ଆସିଛି। ଋଣ ଭାର ଚିନ୍ତାରେ ତାଙ୍କର ଜୀବନ ଯାଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ ଅଞ୍ଚଳର ଚାଷୀମାନେ ପଲସଦା ନିକଟ ଗୌରଜୁରୀ ଛକରେ ପଦ୍ମପୁର-ପାଇକମାଲ ରାସ୍ତା ଉପରେ ମୃତଦେହ ରଖି ମଙ୍ଗଳବାର ସକାଳ ୮ଟାରୁ ଅବରୋଧ କରିଥିଲେ। ଫଳରେ ଏହି ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ପଡ଼ି ଯାଇଥିଲା। ପଦ୍ମପୁର ଉପଜିଲାପାଳ ଦୌଲତ ଚନ୍ଦ୍ରକାର, ପାଇକମାଲ ତହସିଲଦାର ସଦାଶିବ ନାଏକ, ସହକାରୀ ସମବାୟ ନିବନ୍ଧକ ଦିବାକର ଭୋଇ, ଏସଡ଼ିପିଓ ଲକ୍ଷ୍ମୀନାରାୟଣ ପଣ୍ଡା ପ୍ରମୁଖ ସେଠାରେ ପହଞ୍ଚି ଆନ୍ଦୋଳନରତ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ତାଙ୍କ ପରିବାର ଲୋକଙ୍କୁ ୧୦ଦିନ ମଧ୍ୟରେ ବୀମା କ୍ଷତିପୂରଣ ପ୍ରଦାନ, ରେଡ଼କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଦେବା, ଇନ୍ଦିରା ଆବାସ ଏବଂ ପରିବାର ମଙ୍ଗଳ ଯୋଜନାରେ ୨୦ହଜାର ଟଙ୍କା ଦେବା ପାଇଁ ଅଧିକାରୀମାନେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ।ଏହାପରେ ଅପରାହ୍ଣ ୨ଟାରେ ରାସ୍ତାରୋକୋ ହଟିଥିଲା। ମାତ୍ର ମୃତଦେହ ବ୍ୟବଚ୍ଛେଦ ହୋଇ ନ ଥିଲା। ପରେ ପରିବାର ଲୋକେ ଦାହ କରିବାକୁ ଯାଇଥିଲେ। ସୂଚନାଯୋଗ୍ୟ, ଏଥର ସେ କରିଥିବା ଫସଲ ଉଜୁଡି ଯାଇଛି। ପଲସଦା ସେବା ସମବାୟ ସମିତି ସମେତ ବିଭିନ୍ନ ସ୍ଥାନରୁ ଚାଷ ପାଇଁ ପ୍ରାୟ ୭୫ହଜାର ଟଙ୍କାର ଋଣ କିଭଳି ପରିଶୋଧ କରିବେ ସେ ନେଇ ସବୁବେଳେ ଚିନ୍ତିତ ଥିଲେ।

# ସାତକୋଶିଆରେ ବାଘ ଜଗିବେ କର୍ନାଟକୀ ହାତୀ

**ଭୁବନେଶ୍ୱର, ୨୮।୮(ବ୍ୟୁରୋ)**

## ୩ କୁମ୍‌କୀ ହାତୀ ଓଡ଼ିଶା ଆସିବେ

ସାତକୋଶିଆରେ ବାଘକୁ ଜଗିବେ ହାତୀ। ମଧ୍ୟପ୍ରଦେଶରୁ ଅଣାଯାଇଥିବା ଅତିଥି ବାଘ ଉପରେ ନଜର ରଖିବା ପାଇଁ କର୍ନାଟକରୁ ପ୍ରଶିକ୍ଷିତ ହାତୀ ବା କୁମ୍‌କି ହାତୀଙ୍କୁ ଓଡ଼ିଶା ଅଣାଯିବ। ପିସିସିଏଫ୍ ସନ୍ଦୀପ ତ୍ରିପାଠୀ ଏ ନେଇ ସୂଚନା ଦେଇଛନ୍ତି। ଅନ୍ୟ ରାଜ୍ୟରୁ ହାତୀ ଆଣିବା ନିଷ୍ପତ୍ତିକୁ ରାଜ୍ୟ ସରକାରଙ୍କ ଅନୁମତି ମିଳିସାରିଥିବା ବେଳେ ବର୍ତ୍ତମାନ ବନବିଭାଗ କର୍ନାଟକ ବନବିଭାଗ ସହ ଆଲୋଚନା କରୁଛି। ଆସନ୍ତା ୨ରୁ ୩ମାସ ମଧ୍ୟରେ ୩ଟି କୁମ୍‌କୀ ହାତୀ ଅଣାଯିବାକୁ ଯୋଜନା ଚାଲିଛି।

ମଧ୍ୟପ୍ରଦେଶରୁ ବାଘ ଆଣି ସାତକୋଶିଆରେ ଛଡ଼ାଯିବା ପରେ ସ୍ଥାନୀୟ ଅଞ୍ଚଳବାସୀ ଭୟରେ ଜୀବନଯାପନ କରୁଛନ୍ତି। ବାଘ ଜନବସତି ଆଡ଼କୁ ଚାଲିଆସିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଲୋକଙ୍କ ଭୟକୁ ଦୂର କରିବା ପାଇଁ ବନ ବିଭାଗ ଏହି ଯୋଜନା କରିଛି।



କୁମ୍‌କୀ ହାତୀ ଦ୍ୱାରା ଦୁର୍ଗମ ଅଞ୍ଚଳରେ ପାଟ୍ରୋଲିଂ କରିବା ସହଜ ହୋଇପାରିବ ବୋଲି କୁହାଯାଉଛି। ବର୍ଷାଦିନେ ଏବଂ ଘଞ୍ଚ ଜଙ୍ଗଲରେ ଯେଉଁଠିକୁ ବନ କର୍ମଚାରୀମାନେ ଯାଇପାରୁନାହାନ୍ତି ସେଠାକୁ ଏହି କୁମ୍‌କୀ ହାତୀ ଯାଇପାରିବେ ବୋଲି ପିସିସିଏଫ୍ କହିଛନ୍ତି। ଏହି କୁମ୍‌କୀ ହାତୀଙ୍କୁ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ଜଙ୍ଗଲୀ ହାତୀଙ୍କୁ ଘଉଡ଼ାଇବା ପାଇଁ ମଧ୍ୟ ନିୟୋଜିତ କରାଯିବ। ଅନେକ ସମୟରେ ହାତୀ ଜନବସତିକୁ ଆସିବା ଫଳରେ ହାତୀ-ମଣିଷ ଲଢ଼େଇ ହେଉଛି। କେତେବେଳେ ମଣିଷର ମୃତ୍ୟୁ ଘଟୁଛି ତ ଆଉ କେତେବେଳେ ହାତୀ ନିଜେ ଶିକାର ହେଉଛି। ତେଣୁ ଏଭଳି ପରିସ୍ଥିତିରେ ଏହି କୁମ୍‌କୀ ହାତୀ ସହାୟତାରେ ହାତୀଙ୍କ ଉପଦ୍ରବ ରୋକାଯାଇପାରିବ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ, କିଛିବର୍ଷ ତଳେ କର୍ନାଟକରୁ କୁମ୍‌କୀ ହାତୀ ମହେନ୍ଦ୍ର ଓ ରାଜକୁମାରକୁ ଓଡ଼ିଶା ଅଣାଯାଇଥିଲା। ଶିମିଳିପାଳ ଅଭୟାରଣ୍ୟରେ ଏମାନେ ପାଟ୍ରୋଲିଂ କରିବା ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ନିୟୋଜିତ ଅଛନ୍ତି। ଅନ୍ୟପଟେ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ କହିବାନୁଯାୟୀ, ସାତକୋଶିଆରେ ବାଘ ଆଣିବା ପୂର୍ବରୁ ସ୍ଥାନୀୟ ବାସିନ୍ଦାଙ୍କୁ ସ୍ଥାନାନ୍ତର କରି ଥଇଥାନ କରାଯିବା ଉଚିତ ଥିଲା। ଯେପର୍ଯ୍ୟନ୍ତ ସେମାନଙ୍କୁ ସ୍ଥାନାନ୍ତର କରି ଥଇଥାନ କରା ନ ଯିବ ସେ ପର୍ଯ୍ୟନ୍ତ ସେମାନଙ୍କ ମନରୁ ଭୟ ଦୂରହେବ ନାହିଁ।

### ଚିଟ୍‌ଫଣ୍ଡ ଠକେଇ: ୧୬ ଜମାକାରୀ ଫେରିପାଇଲେ ଟଙ୍କା

**କଟକ ଅଫିସ, ୨୮।୮**

ଚିଟ୍‌ଫଣ୍ଡ ଠକେଇର ଶିକାର ହୋଇଥିବା ୧୬ଜଣ ଜମାକାରୀ ସେମାନଙ୍କ ଜମାଟଙ୍କା ଫେରି ପାଇଛନ୍ତି। ମଙ୍ଗଳବାର ଚିଟ୍‌ଫଣ୍ଡ କମିଶନଙ୍କ କାର୍ଯ୍ୟାଳୟରେ ଦୁଇଟି ଚିଟ୍‌ଫଣ୍ଡ ସଂସ୍ଥା ଏହି ଜମାକାରୀଙ୍କୁ ଟଙ୍କା ଫେରସ୍ତ କରିଛି। ଉକ୍ତ ଦୁଇ ଚିଟ୍‌ଫଣ୍ଡ ସଂସ୍ଥା ହେଲେ ୱେଲ୍‌ଫେୟାର ବିଲ୍‌ଡିଂ ଆଣ୍ଡ୍ ଇଷ୍ଟେଟ୍ ପ୍ରାଇଭେଟ ଲିମିଟେଡ୍ ଓ ଭିନ୍‌ପ୍ଲସ୍ ପ୍ରାଇଭେଟ ଲିମିଟେଡ୍। ୱେଲଫେୟାର ବିଲ୍‌ଡିଂ ଚିଟ୍‌ଫଣ୍ଡ ସଂସ୍ଥାରେ ମୋଟ ୪୮ଜଣ କ୍ଷୁଦ୍ର ଜମାକାରୀ ଥିବାବେଳେ ଏହି ସଂସ୍ଥା ପୂର୍ବରୁ ୮ଜଣଙ୍କୁ ଓ ଏବେ ୧୩ଜଣଙ୍କୁ ଜମା ଟଙ୍କା ଫେରସ୍ତ କରିଛି। ବାକି ୨୭ଜଣ ଜମାକାରୀଙ୍କୁ ଅକ୍ଟୋବର ଶେଷ ସୁଦ୍ଧା ଜମା ଟଙ୍କା ଫେରସ୍ତ କରିବାକୁ ଚିଟ୍‌ଫଣ୍ଡ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଭିନ୍‌ପ୍ଲସ୍ ପ୍ରାଇଭେଟ ଲିମିଟେଡ୍ ସଂସ୍ଥାରେ ୪ ଜଣ ଜମାକାରୀ ଚିହ୍ନଟ ହୋଇଛନ୍ତି। ମଙ୍ଗଳବାର ୩ ଜଣ ଜମା ଟଙ୍କା ଫେରସ୍ତ ପାଇଥିବାବେଳେ ବାକି ଜଣେ ଜମାକାରୀଙ୍କୁ ଉକ୍ତ ସଂସ୍ଥା ସେପ୍ଟେମ୍ବର ୭ ମଧ୍ୟରେ ଟଙ୍କା ଫେରାଇବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

# ବିଜେଡିର ନୂଆ ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ତ୍ରିପାଠୀ

**ଭୁବନେଶ୍ୱର, ୨୮।୮(ବ୍ୟୁରୋ)**

■ ସତ୍ୟ, ସଞ୍ଜୟ ଓ ଚକ୍ରଧର ମିଡିଆ ପ୍ୟାନେଲିଷ୍ଟ

■ ଛାତ୍ର ବିଜେଡି ପକ୍ଷରୁ କେରଳ ବନ୍ୟା ପାଇଁ ୮ ଲକ୍ଷ ଟଙ୍କା ସହାୟତା

ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଯୋଗେନ୍ଦ୍ର ତ୍ରିପାଠୀଙ୍କୁ ଦଳର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ୩ ଜଣଙ୍କୁ ମିଡିଆ ପ୍ୟାନେଲିଷ୍ଟ ଭାବେ ନିଯୁକ୍ତ କରାଯାଇଛି। ସେମାନେ ହେଉଛନ୍ତି- ସତ୍ୟଜିତ ମିଶ୍ର, ସଞ୍ଜୟ ବାବୁ ଏବଂ ଚକ୍ରଧର ଦାଶ। ମଙ୍ଗଳବାର ରାଜ୍ୟ ସମ୍ପାଦକ ବିଜୟ ନାୟକଙ୍କ ଦ୍ୱାରା ଏନେଇ ଏକ ପ୍ରେସ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

ସେହିପରି କେରଳ ବନ୍ୟା ପ୍ରପୀଡିତ ଜନସାଧାରଣଙ୍କ ସହାୟତା ପାଇଁ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ୮ ଲକ୍ଷ ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ଜରିଆରେ ଏହି ଅର୍ଥ କେରଳବାସୀଙ୍କ ନିକଟରେ ପହଞ୍ଚାଯିବ ବୋଲି ଜଣାପଡିଛି। ଛାତ୍ର ବିଜେଡି ଉପଦେଷ୍ଟା ଚିନ୍ମୟ ସାହୁ କହିଛନ୍ତି ଯେ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ କାନ୍ଧରେ କାନ୍ଧ ମିଶାଇ ଛିଡା ହେବା ସଂଘୀୟ ବ୍ୟବସ୍ଥାର ଏକ ପରମ୍ପରା। ଛାତ୍ର ସମାଜର ମଧ୍ୟ ସାମାଜିକ ଦାୟିତ୍ୱବୋଧ ରହିବା ଦରକାର। ତେଣୁ ଦଳର ଛାମୁଆ ସଙ୍ଗଠନ ପକ୍ଷରୁ ୩୦ ଜିଲାରୁ ୮ ଲକ୍ଷ ଟଙ୍କା ସଂଗ୍ରହ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ଚିନ୍ମୟ କହିଛନ୍ତି।




# ରାଜ୍ୟ ସରକାରଙ୍କ ମଦ ନୀତିକୁ କଂଗ୍ରେସର ବିରୋଧ

**ଭୁବନେଶ୍ୱର, ୨୮।୮(ବ୍ୟୁରୋ)**

ରାଜ୍ୟ ସରକାର ନିକଟରେ ମଦ ଦୋକାନ ଖୋଲିବା, ଦେଶୀ ମଦ ତିଆରି କରିବା ଏବଂ ଭାରତରେ ବିଦେଶୀ ମଦ ବିକ୍ରି କରିବା ପାଇଁ ଜିଲାପାଳମାନଙ୍କୁ ଲାଇସେନ୍ସ ପ୍ରଦାନ କରିବାର କ୍ଷମତା ପ୍ରଦାନ କରିଛନ୍ତି। ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଏହାକୁ ନେଇ ପ୍ରଶ୍ନ ଉଠାଯାଇଛି। ଦଳୀୟ କାର୍ଯ୍ୟାଳୟରେ ଏନେଇ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଛି।

ଦଳର ନବନିଯୁକ୍ତ ଗଣମାଧ୍ୟମ ପ୍ରମୁଖ ସତ୍ୟ ନାୟକ କହିଛନ୍ତି, ୧୯୧୫ ବିହାର-ଓଡ଼ିଶା ଅବକାରୀ ଆଇନ ସଂଶୋଧନ କରାଯିବା ପାଇଁ ୨୦୦୮ରେ ସରକାର ବିଜ୍ଞପ୍ତି ପ୍ରକାଶ କଲେ। ୨୦୧୩ରେ ଏହା ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କଲା। ତେବେ ୨୦୧୭ ଏପ୍ରିଲ ୧ରେ ଏହା ଲାଗୁ କରାଯିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ଏବେ ରାଜ୍ୟ ସରକାର ଜିଲାପାଳମାନଙ୍କୁ ନୂଆ ମଦ ଲାଇସେନ୍‌ସ ଏବଂ ଦେଶୀମଦ ତିଆରି ପାଇଁ ଅନୁମତି ଦେବାକୁ କ୍ଷମତା ଅର୍ପଣ କରିଛନ୍ତି। ନିର୍ବାଚନ ବର୍ଷରେ ଏପରି ପ୍ରୟାସ ରାଜ୍ୟ ପାଇଁ ହିତକର ନୁହେଁ ବୋଲି ସତ୍ୟ କହିଛନ୍ତି। ଏଭଳି ସ୍ଥିତିରେ ଦଳର ନେତା ତଥା ଅବକାରୀ ମନ୍ତ୍ରୀ ଶଶିଭୂଷଣ ବେହେରା ରାଜସ୍ୱ ବୃଦ୍ଧି ପାଇଁ ଏହାର ଆବଶ୍ୟକତା ରହିଥିବା ଯୁକ୍ତି ବାଢ଼ିଛନ୍ତି। ସମ୍ବିଧାନରେ ଡିରେକ୍ଟିଭ ପ୍ରିନ୍ସିପାଲ୍ ଅଫ୍ ଷ୍ଟେଟ୍ ପଲିସିର ଧାରା ୪୭ ଅନୁଯାୟୀ ସ୍ୱାସ୍ଥ୍ୟସେବା ଉଦ୍ଦେଶ୍ୟରେ ନିଶାଦ୍ରବ୍ୟକୁ ଔଷଧ ଭାବେ ବ୍ୟବହାର କରାଯାଇ ପାରିବ। ଗୋଟିଏ ପଟେ ରାଜ୍ୟ ସରକାର 'ମୁଁହିରୋ, ମୁଁଓଡ଼ିଶା' ନାରାବାଜି ଦେଉଛନ୍ତି, ଅନ୍ୟ ପଟେ ପରୋକ୍ଷରେ ମଦର ବନ୍ୟା କରିବା ପାଇଁ ଯୋଜନା କରୁଛନ୍ତି। ଏଭଳି ଦୋମୁହାଁ ନୀତି ରାଜ୍ୟର ଯୁବପିଢ଼ିଙ୍କୁ ପଥଚ୍ୟୁତ କରିବ ବୋଲି ସତ୍ୟ କହିଛନ୍ତି। ରାଜ୍ୟ ସରକାର ଅମଲାତନ୍ତ୍ର ବଳ, ଅର୍ଥବଳ ସହିତ ମଦ ବଳକୁ ନିର୍ବାଚନରେ ବ୍ୟବହାର କରିବା ପାଇଁ ଖସଡା ପ୍ରସ୍ତୁତ କରିଥିବା କଂଗ୍ରେସ ପକ୍ଷରୁ କୁହାଯାଇଛି।

## ■ ସରକାରଙ୍କ ବିଜ୍ଞାପନକୁ ନେଇ ଭାଜପାର ଟାର୍ଗେଟ

# ଭୁଲ୍ ତଥ୍ୟ ଦେଇ ସରକାର ନିଜର ପ୍ରଚାର କରୁଛନ୍ତି: ଭାଜପା

**ଭୁବନେଶ୍ୱର, ୨୮।୮(ବ୍ୟୁରୋ)**

ମିଥ୍ୟା ତଥ୍ୟର ବିଜ୍ଞାପନ ଜରିଆରେ ଶାସକ ବିଜେଡି ନିଜର ଆତ୍ମପ୍ରଚାର ଚଳାଇଛି। ରାଜ୍ୟ ସରକାର ବିଜୁ ପକ୍କାଘର ଯୋଜନାରେ ଭୁଲ୍ ତଥ୍ୟ ଦେଇ ରାଜ୍ୟବାସୀଙ୍କୁ ବିଭ୍ରାନ୍ତ କରିଛନ୍ତି। ୨୦୧୪ରୁ ୨୦୧୮ ମଧ୍ୟରେ ୧୭ଲକ୍ଷ କଚ୍ଚାଘରକୁ ପକ୍କା କରିଛନ୍ତି ବୋଲି ରାଜ୍ୟ ସରକାର ବିଜ୍ଞାପନ ଲଗାଇଥିଲେ। ମାତ୍ର ଏହା ସମ୍ପୂର୍ଣ୍ଣ ମିଥ୍ୟା ତଥ୍ୟ ବୋଲି ବିଭାଗୀୟ ସଚିବ ତାଙ୍କ ରିପୋର୍ଟରେ ଦର୍ଶାଇଥିବା ଭାଜପା ଅଭିଯୋଗ କରିଛି। ସଚିବଙ୍କ ରିପୋର୍ଟ ଅନୁଯାୟୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଇନ୍ଦିରା ଆବାସ ଯୋଜନାରେ ୧୬ଲକ୍ଷ ଘର ନିର୍ମାଣ ହୋଇଛି। ସେହିପରି ବିଜୁ ପକ୍କାଘର ଏବଂ ନିର୍ମାଣ ଶ୍ରମିକ ପକ୍କାଘର ଯୋଜନାରେ ମୋଟ ୨.୮ଲକ୍ଷ ଘର ନିର୍ମାଣ ହୋଇଛି। କେନ୍ଦ୍ର ସରକାରଙ୍କ ଅର୍ଥରେ ନିର୍ମିତ ପକ୍କାଘରକୁ ରାଜ୍ୟ ସରକାର ନିଜ ନାମ ଦେଇ ମିଛ ପ୍ରଚାର କରୁଥିବା ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ଅଭିଯୋଗ କରିଛନ୍ତି।

ଦଳୀୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଗୋଲକ କହିଛନ୍ତି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନୁସାରେ ୭୦ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ବିଜ୍ଞାପନ ଜରିଆରେ ପ୍ରଚାର କରିଥିଲେ। ଏବେ ଏହି ଯୋଜନାରେ ସାଢେ ୪କୋଟି ଲୋକ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ବିଜ୍ଞାପନ ଜରିଆରେ କହିଛନ୍ତି। ଏହି ଦୁଇଟି ଯାକ ତଥ୍ୟ ମଧ୍ୟରୁ କେଉଁଟି ଠିକ୍ ରାଜ୍ୟ ସରକାର ତାହା ସ୍ପଷ୍ଟ କରନ୍ତୁ ବୋଲି ଗୋଲକ ପ୍ରଶ୍ନ କରିଛନ୍ତି। ୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟରେ ୪କୋଟି ୧୯ଲକ୍ଷ ଲୋକ ରାଜ୍ୟରେ ବସବାସ କରୁଥିବା ବେଳେ ସାଢେ ୪କୋଟି କେଉଁଠୁ ଆସିଲେ। ଏହାସହ ରାଜ୍ୟ ସରକାର ଦେଇଥିବା ଟୋଲ୍ ଫ୍ରି ନମ୍ବରରେ କୌଣସି ପ୍ରକାର ସଂଯୋଗ ହୋଇପାରୁ ନାହିଁ ବୋଲି ଗୋଲକ ଅଭିଯୋଗ କରିଛନ୍ତି।

## କୌଣସି ତଥ୍ୟ ଭୁଲ୍ ଦିଆଯାଇନି: ବିଜେଡି

ବିଜେଡି ମୁଖପାତ୍ର ସମୀର ଦାସ କହିଛନ୍ତି. ଆମେ କହିଥିଲୁ ୫ବର୍ଷରେ ୨୫ଲକ୍ଷ ଘର ନିର୍ମାଣ ହେବ। ଏବେ ୧୭ଲକ୍ଷ ଘର ନିର୍ମାଣ ସରିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମଧ ରାଜ୍ୟ ସରକାର ୪୦ପ୍ରତିଶତ ଅର୍ଥ ଦେଉଛନ୍ତି। ତେଣୁ ଏହାକୁ ନେଇ ଅଯଥା ରାଜନୀତି କରିବା ଆବଶ୍ୟକ ନାହିଁ। ସେହିପରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାଢେ ୪କୋଟି ଲୋକ ସୁବିଧା ପାଇବେ ଲେଖାଯାଇଛି। କାରଣ ୨୦୧୧ ଜନଗଣନା ଅନୁଯାୟୀ ଏବେ ଲୋକସଂଖ୍ୟା ବୃଦ୍ଧି ପାଇଛି। ସେହି ଦୃଷ୍ଟିକୋଣରୁ ଏହା ବିଜ୍ଞାପନରେ ଦର୍ଶାଯାଇଛି। ଏଥିପାଇଁ ଯେଉଁ ଟୋଲ୍ ଫ୍ରି ନମ୍ବର ଦିଆଯାଇଛି। ତାହା ଲୋକମାନଙ୍କ ସହ ସଂଯୋଗ ହେଉଛି, କେବଳ ଭାଜପା ନେତାଙ୍କ ସହ ହେଉନି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଆକ୍ରମଣ, ଲୁଟ୍ ମାମଲାରେ ୩ ଗିରଫ

ଆସିକା,୨୮।୮(ଡି.ଏନ୍.ଏ.): ଆସିକା ଥାନା ବାବନପୁର ଗ୍ରାମର ଅଟୋଚାଳକ ସତ୍ୟକୃଷ୍ଣ ପଟ୍ଟନାୟକଙ୍କୁ ରବିବାର ରାତିରେ ଆକ୍ରମଣ କରି ଲୁଟ ଘଟଣାରେ ପୋଲିସ ମଙ୍ଗଳବାର ୩ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ନୀହାର ରଞ୍ଜନ ନାୟକ, ଶିବ କୁମାର ନାୟକ ଓ ନୀଳମାଧବ ସାମଲା ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଅଛନ୍ତି। ଅଭିଯୁକ୍ତମାନଙ୍କ ନିକଟରୁ ପୋଲିସ ୨ଟି ବାଇକ ଓ ଗୋଟିଏ ମୋବାଇଲ ଜବତ କରିଛି। ସତ୍ୟକୃଷ୍ଣ ଅଟୋ ନେଇ ଆସୁଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ଅଟକାଇ ମାରଧର କରିବା ସହ ୫ ଶହ ଟଙ୍କା ଲୁଟି ନେଇଥିଲେ । ଏ ନେଇ ଆସିକା ଥାନାରେ ଅଭିଯୋଗ ହେବା ପରେ ପୋଲିସ ନଂ.୨୭୧/୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା ବୋଲି ଥାନା ଅଧିକାରୀ ସନ୍ତୋଷ କୁମାର ଜେନା କହିଛନ୍ତି।

### ଭୈରବୀ ଯୁବକ ସଂଘ ପକ୍ଷରୁ ଚାରାରୋପଣ

ପାତ୍ରପୁର,୨୮।୮(ଡି.ଏନ୍.ଏ.)- ପାତ୍ରପୁର ବ୍ଲକ ଖାରିଆଗୁଡା ପଞ୍ଚାୟତର ଏସ୍‌ବି ଜଗଦେବପୁରଠାରେ ଜଳବାୟୁ ପରିବର୍ତ୍ତନ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହା ନାବାର୍ଡ ତରଫରୁ ସାରା ଗଞ୍ଜାମ ଜିଲା ବ୍ୟାପି ଅଗଷ୍ଟ ମାସରେ ଅନୁଷ୍ଠିତ ହେଉଥିବାରୁ ଭିୟୁଜ ଅନୁଷ୍ଠାନ ତରଫରୁ ପାତ୍ରପୁର ବ୍ଲକର ଜଗଦେବପୁର ଠାରେ କରାଯାଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ସାମନ୍ତିଆପଲ୍ଲୀ ରେଞ୍ଜର ଯୋଗ ଦେଇଥିଲେ। ତତ୍‌ସହିତ ଭିୟୁଜ ଅନୁଷ୍ଠାନ ଏବଂ ଭୈରବୀ ଯୁବକ ସଂଘ ପକ୍ଷରୁ ୩ହଜାର ୫ଶହ ଚାରା ରୋପଣ କରାଯାଇଥିଲା। ଏଥିରେ ସଂଘ ସଭାପତି ମୁକ୍ତେଶ୍ୱର ପଣ୍ଡା, ଲିଙ୍ଗରାଜ ସାହୁଙ୍କ ସହ ସଭ୍ୟ ମାନେ ଯୋଗ ଦେଇଥିଲେ।

### ଯୁବକଙ୍କ ମୃତ୍ୟୁ

ହିଞ୍ଜିଳିକାଟୁ,୨୮।୮(ଡ଼ି.ଏନ୍.ଏ)- ହିଞ୍ଜିଳିକାଟୁ ବ୍ଲକ ବାଳକୃଷ୍ଣପୁର ଗ୍ରାମର ଜଣେ ଯୁବକଙ୍କ ମଙ୍ଗଳବାର ଅସ୍ୱାଭାବିକ ମୃତ୍ୟୁ ହୋଇଛି। ସେ ହେଲେ ହୃଷୀକେଶ ନାୟକ। ମଙ୍ଗଳବାର ଭୋରରେ ହୃଷୀକେଶ ହଠାତ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ପରିବାର ଲୋକେ ହିଞ୍ଜିଳିକାଟୁ ଡାକ୍ତରଖାନା ଚିକିତ୍ସା ପାଇଁ ଆଣିଥିଲେ। ସେଠାରୁ ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲେ ମଧ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବ୍ରହ୍ମପୁର ବଡ଼ ମେଡ଼ିକାଲ ଫାଣ୍ଡିରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଗୋପାଳପୁର, ୨୮।୮- ଗୋଳନ୍ଥରା ଥାନା ହଳଦିଆପଦର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୬ଟା ସମୟରେ ମରଣାନ୍ତକ ଆକ୍ରମଣ ହୋଇଛି। ଯୁବକ ଜଣକ ହେଲେ ହଳଦିଆପଦର ଗ୍ରାମର ଶରତ ଦାସ। ପ୍ରକାଶ ଯେ, ଶରତ ସନ୍ଧ୍ୟାରେ ଚୁଟି କାଟିବାକୁ ଗ୍ରାମରେ ଥିବା ସେଲୁନ୍‌କୁ ଯାଇଥିଲେ। ସେଠାରେ ଗ୍ରାମର ଦୁଇଜଣ ଯୁବକଙ୍କ ସହ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ସେମାନେ ଉତ୍କ୍ଷିପ୍ତ ହୋଇ ଶରତଙ୍କ ପେଟକୁ ଛୁରିରେ ଭୁସି ଦେଇଥିଲେ। ପରେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଶରତଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ଖବର ପାଇ ଗୋଳନ୍ଥରା ଥାନା ଅଧିକାରୀ ଡ. ଆଲୋକ କୁମାର ଜେନା ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଶରତଙ୍କ ଭାଇ ଏନେଇ ଥାନାରେ ଏତଲା ଦେବାପରେ ପୋଲିସ ନଂ.୧୬୩/୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ମଦ ବନ୍ଦ ପାଇଁ ଏକାଠି ହେଲେ ମହିଳା

ବୁଗୁଡ଼ା,୨୮।୮(ଡି.ଏନ.ଏ.)-ବୁଗୁଡ଼ା ଥାନା ଚିରିକିପଡ଼ା ଗ୍ରାମରେ ମଦ ବନ୍ଦ ପାଇଁ ମଙ୍ଗଳବାର ଶତାଧିକ ମହିଳା ଏକାଠି ହୋଇଛନ୍ତି। ଏଥିପାଇଁ ଚିରିକିପଡ଼ା ଶିବ ମନ୍ଦିରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମଦ ବିକ୍ରୟ ସହ ମଦ ପିଇବା ଦ୍ୱାରା ବିଭିନ୍ନ ଅସାମାଜିକ କାର୍ଯ୍ୟ ହେବା ସହିତ ଗ୍ରାମ ଓ ପରିବାରରେ ବିଶୃଙ୍ଖଳା ବାତାବରଣ ସୃଷ୍ଟି ହେଉଛି। ଏନେଇ ଶତାଧିକ ମହିଳା ଗ୍ରାମରେ ମଦ ବିକ୍ରୟ ବନ୍ଦ ଲାଗି ପ୍ରତିଜ୍ଞା କରିଥିଲେ। ଗ୍ରାମରେ ଯଦି କୌଣସି ବ୍ୟକ୍ତି ମଦ ପିଇ ଗଣ୍ଡଗୋଳ କରେ କିମ୍ବା ଅଶାନ୍ତି ସୃଷ୍ଟି କରେ ତାଙ୍କୁ ପୋଲିସରେ ଦେବା ପାଇଁ ମହିଳାମାନେ ନିଷ୍ପତ୍ତି ନେଇଛନ୍ତି।

# ଗୁରୁ ଦକ୍ଷିଣା ଅର୍ଥରେ କିଣାଯିବ ବେଞ୍ଚ, ଟେବୁଲ

## ମୋ ସ୍କୁଲ ଅଭିଯାନ ବୈଠକ

ଛତ୍ରପୁର,୨୮।୮(ଡି.ଏନ.ଏ)
ତଳେ ବସି ପାଠ ପାଢୁଥିବା ଛାତ୍ରୀ ଛାତ୍ରଙ୍କ ନିମନ୍ତେ ବେଞ୍ଚ ଓ ଟେବୁଲ ବ୍ୟବସ୍ଥା କରାଯିବ। ଏଥିପାଇଁ ସାଧମତେ ଅର୍ଥ ଦେବାକୁ ସ୍ଥାନୀୟ ଜନସାଧାରଣ ଏବଂ ଅଭିଭାବକମାନଙ୍କୁ ଅନୁରୋଧ କରାଯିବ। ଗୁରୁ ଦିବସରେ ଗୁରୁ ଦକ୍ଷିଣା ଭାବେ ଏହା ସଂଗ୍ରହ କରାଯିବ । ବିଦ୍ୟାଳୟସ୍ତରରେ ଯେତିକି ଅର୍ଥ ସଂଗ୍ରହ ହେବ ରାଜ୍ୟ ସରକାର ତା'ର ଦୁଇଗୁଣ ପ୍ରଦାନ କରିବେ । ଆଧୁନିକ ଶୈଳୀରେ ତିଆରି ହୋଇଥିବା ବେଞ୍ଚ ଓ ଟେବୁଲ ସ୍କୁଲକୁ ଯୋଗାଇ ଦିଆଯିବ । ଜିଲାସ୍ତରରେ ଏକ କମିଟି ତାହାର ଯାଞ୍ଚ କରିବେ। ମଙ୍ଗଳବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ମୋ ସ୍କୁଲ ଅଭିଯାନ ବୈଠକରୁ ଏହି ସୂଚନା ମିଳିଛି। ବୈଠକରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ। ପରୀକ୍ଷାରେ କୃତିତ୍ୱ ହାସଲ କରୁଥିବା ଛାତ୍ରୀଛାତ୍ରଙ୍କ ଫଟୋ ପୋଷ୍ଟର ଆକାରରେ ସ୍ଥାନୀୟ ଅଞ୍ଚଳରେ ଲାଗିବ। ଅଧାରୁ ପାଠ ଛାଡୁଥିବା ଛାତ୍ରୀଛାତ୍ରଙ୍କ ଆଗ୍ରହ ସୃଷ୍ଟି ପାଇଁ ଗପବହି ଶ୍ରେଣୀ ଗୃହରେ ରଖାଯିବ। ବିଦ୍ୟାଳୟର ଜିରୋ ଆୱାରରେ ଶିକ୍ଷକମାନେ ଗଳ୍ପ ଶୁଣାଇବେ। ବିଦ୍ୟାଳୟ ଗୃହରେ ହସ୍ତ ଅଙ୍କିତ ଛବି ଏବଂ ମହାପୁରୁଷମାନଙ୍କ ଉପଦେଶାବଳୀ କାନ୍ଥରେ ଦୃଶ୍ୟମାନ ହେବ। ଶିକ୍ଷକମାନେ ରଙ୍ଗୀନ୍ ଚକ୍ ଖଡ଼ି ବ୍ୟବହାର କରିବେ। ଲେଶନ ନୋଟ୍ କରି ପ୍ରତ୍ୟେକ ଶ୍ରେଣୀକୁ ଯିବେ । ଛାତ୍ରୀଛାତ୍ର ପରିଷ୍କାର ପରିଚ୍ଛନ୍ନ ରହିବା ପାଇଁ ଗୃହରେ ଦର୍ପଣ, ପାନିଆ ଓ ନଖକଟା ରହିବ। ଛାତ୍ରୀଛାତ୍ରଙ୍କୁ ନେଇ ପରିମଳ ରାଲି ହେବ। ପ୍ରତ୍ୟେକ ବିଦ୍ୟାଳୟକୁ ବିଦ୍ୟୁତ୍ ସଂଯୋଗ ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ । ଶିକ୍ଷକମାନଙ୍କୁ ନେଇ ଜିଲାସ୍ତରୀୟ ସମ୍ମିଳନୀ ହେବ ଏବଂ ଶ୍ରେଷ୍ଠ ଶିକ୍ଷକଙ୍କୁ ପୁରସ୍କୃତ କରାଯିବ । ଗୁରୁ ଦିବସରେ ରାଜ୍ୟ ସରକାର ଛାତ୍ରୀଛାତ୍ର ମାନଙ୍କୁ ଉତ୍ସାହିତ କରିବା ପାଇଁ ମେଧାବୃତ୍ତି, ଭାଷାବୃତ୍ତି ମୁଖ୍ୟମନ୍ତ୍ରୀ ରାଜ୍ୟସ୍ତରରେ ଆରମ୍ଭ କରିବେ । ବ୍ଲକ୍ ସ୍ତରରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ସମ୍ମାନିତ କରାଯିବ । ଗୁରୁ ଦିବସକୁ ବିଭିନ୍ନ ବିଦ୍ୟାଳୟରେ ଆଡମ୍ବରରେ ପାଳିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସବ୍ୟସାଚୀ ହୋତା, ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁ, ଡିଇଓ ସନାତନ ପଣ୍ଡା, ଜିଲା ମଙ୍ଗଳ ଅଧିକାରୀ ପରୀକ୍ଷିତ ଦାଶଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।


ବୈଠକରେ ଉପସ୍ଥିତ ଜିଲାପାଳ ଏବଂ ଅନ୍ୟମାନେ।

# କନ୍ଧମାଳ ଶାନ୍ତି, ସଦ୍‌ଭାବନା ସମାବେଶ



ସମାବେଶରେ ଉପସ୍ଥିତ ଅତିଥି ।

ଫୁଲବାଣୀ ଅଫିସ, ୨୮।୮
ଫୁଲବାଣୀ କରୋନେଶନ ପଡିଆରେ ମଙ୍ଗଳବାର କନ୍ଧମାଳ ଶାନ୍ତି ଓ ସଦ୍‌ଭାବନା ସମାବେଶ ଅନୁଷ୍ଠିତ ହୋଇଯାଇଛି। ୨୦୦୮ରେ ହୋଇଥିବା ଦଙ୍ଗାର ମୃତକଙ୍କ ଉଦ୍ଦେଶ୍ୟରେ ପ୍ରଥମେ ଶ୍ରଦ୍ଧାଞ୍ଜଳି ଦିଆଯିବା ପରେ ସଭା ଆରମ୍ଭ ହୋଇଥିଲା । ଦଙ୍ଗା ଏବଂ କ୍ଷତିଗ୍ରସ୍ତଙ୍କୁ ନ୍ୟାୟ ନ ମିଳିବା ଉପରେ ସଭାରେ ଆଲୋଚନା ହୋଇଥିଲା । କନ୍ଧମାଳ ନ୍ୟାୟ, ଶାନ୍ତି ଓ ସଦ୍‌ଭାବନା ସମାଜ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ମାନବାଧିକାର ତଥା ସାମାଜିକ କର୍ମୀ ଅରୁଣା ରଏ, ସାମାଜିକ କର୍ମୀ ମହମ୍ମଦ ସାଲିମ, ପଲ୍ଲିବାକର, ନଦୀମ ଖାନ ଓ ଅଭିରାମ ମଲ୍ଲିକ, ଆଇନଜୀବୀ ସତ୍ୟନାରାୟଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଆମ ଦେଶରେ ବିଭିନ୍ନ ସମ୍ପ୍ରଦାୟର ଲୋକେ ବସବାସ କରୁଛନ୍ତି। ଆମେ ନ୍ୟାୟ ସହ ଶାନ୍ତି ଚାହିଁବା ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ମହିଳା ପୁରୁଷମାନେ ଯୋଗ ଦେଇଥିଲେ ।

## ଜୁଆ ଆଡ୍ଡାରେ ଚଢାଉ: ୪ ଗିରଫ

ଆସିକା,୨୮।୮(ଡି.ଏନ୍.ଏ.):
ଆସିକା ଥାନା କାଳକ୍ଷଣ୍ଡପୁର ଗ୍ରାମରେ ସୋମବାର ରାତିରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ପୋଲିସ ଚଢାଉ କରି ୪ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୩୮,୭୧୦ ଟଙ୍କା ଜବତ କରାଯାଇଛି । ଏ ନେଇ ଆସିକା ଥାନାରେ ନଂ. ୨୭୨/୧୮ରେ ଏକ ମାମଲା ରୁଜୁ କରାଯାଇ ମଙ୍ଗଳବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର


@ ରୋଶନ୍


@ ସତ୍ୟନାରାୟଣ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)


GOVERNMENT OF ODISHA
OFFICE OF THE BLOCK DEVELOPMENT OFFICER
SADAR BLOCK, SUNDARGARH
INVITATION TENDER CALL NOTICE

ଓଡ଼ିଶା ସରକାର

No. 2865 Dt. 26.08.2018

The Block Development Officer, Sadar, Sundargarh on behalf of Governor of Odisha invites Percentage rate bids in sealed cover for the following works from the class of eligible contractors as mentioned in Column-7 (seven).

| Sl. No. | Name of the Place | Name of the Work | Amount put to Tender in Rs. | Cost of Tender paper (Non-refundable) in Rs. | Bid security EMD 1% in Rs. | Period of Completion | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Bhawanipur Kirei G.p | Improvement of the road from village Bhawanipur to Model School | 30,00,000/- | 6,000/- | 30,000/- | 02 (Two months) | 'C' & 'B' Class |

The bid documents and detail terms and conditions can be downloaded from District Website www.sundergarh.nic.in. The last date of receive of bid is 11.09.2018, 3.00 P.M. & date of opening is Dt. 12.09.2018 at 11.00 A.M.

Sd./- Block Development Officer, Sadar, Sundargarh

No. 179-D

## ରାଜ୍ୟ ସିଲେକ୍ସନ ବୋର୍ଡ, ଓଡ଼ିଶା ପୋଲିସ, କଟକ

**ଜିଲ୍ଲା କନଷ୍ଟେବଲ ଏବଂ ବାଟାଲିୟନରେ ସିପାହୀ / କନଷ୍ଟେବଲ ନିଯୁକ୍ତି ପାଇଁ ହେବାକୁ ଥିବା ଲିଖିତ ପରୀକ୍ଷାରେ ଅଂଶଗ୍ରହଣ କରୁଥିବା ଯୋଗ୍ୟ ପ୍ରାର୍ଥୀମାନଙ୍କ ପାଇଁ ସତର୍କ ସୂଚନା**

**No. 179-D:-** କିଛି ଦଲାଲ, ମଧ୍ୟସ୍ଥି ଏବଂ ଠକ ବ୍ୟକ୍ତିବିଶେଷ ଲିଖିତ ପରୀକ୍ଷାର ଅବ୍ୟବହିତ ପୂର୍ବରୁ ସମ୍ଭାବ୍ୟ ପ୍ରଶ୍ନପତ୍ର ପ୍ରାର୍ଥୀମାନଙ୍କୁ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇ ପରୀକ୍ଷା କେନ୍ଦ୍ର ତଥା ଆଉ କୌଣସି ସ୍ଥାନରେ ଅପପ୍ରଚାର କରୁଛନ୍ତି ଯେ, ଏହି ପ୍ରଶ୍ନପତ୍ର ଆଗୁଆ ପାଇଲେ ପ୍ରାର୍ଥୀ ଲିଖିତ ପରୀକ୍ଷାରେ ଅଧିକ ନମ୍ବର ରଖିପାରିବେ ଯାହା ଚାକିରି ପାଇବା ନିଶ୍ଚିତ ଅଟେ। ପ୍ରାର୍ଥୀମାନଙ୍କୁ ସତର୍କ ସୂଚନା ଦିଆଯାଉଅଛି କି, ଏଭଳି ଦଲାଲ, ମଧ୍ୟସ୍ଥି ଏବଂ ଠକ ବ୍ୟକ୍ତିବିଶେଷଙ୍କର ଠକାମିର ଶିକାର ହୁଅନ୍ତୁ ନାହିଁ। କିଛି ବ୍ୟକ୍ତିବିଶେଷ ପୋଲିସ୍ ଅଧିକାରୀ ଭାବେ ପରିଚୟ ଦେଇ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ସମସ୍ତ କାଗଜପତ୍ର ତଥା ପ୍ରଶ୍ନପତ୍ର ବିଷୟଗୁଡ଼ିକରେ ଧାରଣା ରହିଛି ବୋଲି ଦାବି କରୁଛନ୍ତି। ଏଭଳି ଖବର ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଏହା ପ୍ରାର୍ଥୀମାନଙ୍କୁ ଠକିବା ତଥା ଶୋଷଣ କରିବାର ଏକ ଉପାୟ। ଏହି ପରୀକ୍ଷା ପୂର୍ଣ୍ଣ ସ୍ୱଚ୍ଛତା ଏବଂ ଯୋଗ୍ୟତାଭିତ୍ତିକ ଅଟେ। କୌଣସି ବ୍ୟକ୍ତି ଆଗୁଆ ପ୍ରଶ୍ନପତ୍ର ଯୋଗାଇ ଦେବାକୁ କହି ପ୍ରଲୋଭିତ କରୁଥିଲେ ପ୍ରାର୍ଥୀମାନେ କଦାପି ସେମାନଙ୍କୁ ଟଙ୍କା କିମ୍ବା କୌଣସି ପ୍ରକାରର ଉପହାର ଦିଅନ୍ତୁ ନାହିଁ। ଲିଖିତ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହେବାର କୌଣସି ସମ୍ଭାବନା ନାହିଁ। ଏହି ଚାକିରି ପାଇବା ପାଇଁ କାହାରିକୁ ଟଙ୍କା କିମ୍ବା ଉପହାର ପ୍ରଦାନ କରିବା ଆଇନତଃ ଏକ ଧର୍ତ୍ତବ୍ୟ ଅପରାଧ ଅଟେ। ଯଦି ଏହିପରି କିଛି କାର୍ଯ୍ୟକଳାପ ପ୍ରାର୍ଥୀଙ୍କର ନଜରକୁ ଆସେ ଅଥବା ଯଦି କୌଣସି ବ୍ୟକ୍ତି ଉତ୍କୋଚ ଦେବା ନେବା ବିଷୟରେ କହୁଥା'ନ୍ତି, ତେବେ ଏହାକୁ ତୁରନ୍ତ ରାଜ୍ୟ/ ଜିଲ୍ଲା/ ବାଟାଲିୟନର ଅଧ୍ୟକ୍ଷ/ ସଦସ୍ୟଙ୍କୁ ଜଣାଇବା ସଙ୍ଗେ ସଙ୍ଗେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗଙ୍କ ଟୋଲ୍ ଫ୍ରି ଟେଲିଫୋନ୍ ନଂ. ୧୦୬୪ ଏବଂ ଟେଲିଫୋନ ନଂ. ୦୬୭୧-୨୩୦୫୯୮୮ (ଦୁର୍ନୀତି ବିଭାଗ ମୁଖ୍ୟ କାର୍ଯ୍ୟାଳୟ, କଟକ), ୦୬୭୧-୨୩୦୫୬୮୨ (କଟକ ଡିଭିଜନ), ୦୬୭୪-୨୩୯୭୭୪୮ (ଭୁବନେଶ୍ୱର ଡିଭିଜନ), ୦୬୮୦-୨୨୮୨୩୦୦ (ବ୍ରହ୍ମପୁର ଡିଭିଜନ), ୦୬୭୮-୨୨୫୫୦୦୫ (ବାଲେଶ୍ୱର ଡିଭିଜନ), ୦୬୬୩-୨୪୧୨୧୧୫ (ସମ୍ବଲପୁର ଡିଭିଜନ) ଏବଂ ୦୬୮୫-୪୨୩୩୩୩୦ (କୋରାପୁଟ୍ ଡିଭିଜନ)ରେ ଜଣାଇବେ। ଏତଦ୍‌ବ୍ୟତୀତ ନିମ୍ନରେ ଦର୍ଶାଯାଇଥିବା ରାଜ୍ୟ ସିଲେକ୍ସନ ବୋର୍ଡର e-mail ID ଏବଂ help line numberରେ ମଧ ଯୋଗାଯୋଗ କରିପାରିବେ।

ଅଧ୍ୟକ୍ଷ
ରାଜ୍ୟ ସିଲେକ୍ସନ ବୋର୍ଡ
ଓଡ଼ିଶା ପୋଲିସ, କଟକ

ବି.ଦ୍ର.: ରାଜ୍ୟ ସିଲେକ୍ସନ ବୋର୍ଡର ଇ-ମେଲ ଆଇଡି: opssb.odpol@nic.in
Help line number: ୦୬୭୧-୨୩୦୨୪୪୪, ୦୬୭୧-୨୩୦୧୬୬୭

12028/11/0009/1819

## ଓଡ଼ିଶା ସରକାର
## କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଅଧିସୂଚନା

File No.: LA Case No.- 18/2018 **1219** Dated 25.07.2018

**No. V-53:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାର ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ହଳଦୀବଟା, ଥାନା- ପାଟଣା, ନଂ.-୧୯୬, ତହସିଲ- ସାହାରପଡ଼ା, ଜିଲ୍ଲା- କେନ୍ଦୁଝରରେ ନିମ୍ନ ତଫସିଲମତେ ପ୍ରାୟ ଏ.୨.୭୨ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**
୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ଦେଓ କେନାଲ ଡିଭିଜନ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ........................ / ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସନଙ୍କ ବିବରଣୀ- ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆ।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| କେନ୍ଦୁଝର | ସାହାରପଡ଼ା | ହଳଦୀବଟା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୯.୧୧ | ଏ.୨.୭୨ | ଏଥିସହିତ ସଂଲଗ୍ନ |

• ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ............ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ

**ସ୍ୱତନ୍ତ୍ର ଭୂଅର୍ଜନ ଓ ପୁନର୍ବସତି ଅଧିକାରୀଙ୍କ କାର୍ଯ୍ୟାଳୟ, ମୟୂରଭଞ୍ଜ, କରଞ୍ଜିଆ**
**ମୌଜା- ହଳଦିବଟା, କ୍ରମିକ ସଂଖ୍ୟା- ୧୬୯, ଥାନା- ପାଟଣା, ତହସିଲ- ସାହାରପଡ଼ା, ଜିଲ୍ଲା- କେନ୍ଦୁଝର**

| କ୍ର. ନଂ. | ଖାତା ନମ୍ବର | ପ୍ଲଟ୍ ନଂ. | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧. | ୧୩ | ୫୫୮ | ୧.୦୯ | ୦.୨୨ | ବାଜେଫସଲ ଦୁଇ | ଘାସିଆ ମୁଣ୍ଡା, ମାଝୀ ମୁଣ୍ଡା, ପି- କନ୍ଦା ମୁଣ୍ଡା, ଜା- କୋହ୍ଲ, ବା- ନିଜଗାଁ | |
| ୨. | ୧୪ | ୫୫୬ | ୦.୪୮ | ୦.୨୩ | ବାଜେଫସଲ ଦୁଇ | ଚାରି ମୁଣ୍ଡା, ବଲେ ମୁଣ୍ଡା, ପି- ମାଙ୍ଗୁରା ମୁଣ୍ଡା, ଭଇଗ ମୁଣ୍ଡା, ପି- ବାଲିକା ମୁଣ୍ଡା, ଜା- କୋହ୍ଲ, ବା- ନିଜଗାଁ | |
| ୩. | ୨୯ | ୫୫୧ | ୦.୭୮ | ୦.୩୫ | ଘରବାରୀ | ପରମା ମୁଣ୍ଡା, ପି-ମଗୁସୁରିଆ ମୁଣ୍ଡା, ଜା- କୋହ୍ଲ, ବା- ନିଜଗାଁ | |
| ୪. | ୩୫ | ୫୫୩ | ୦.୫୮ | ୦.୦୫ | ବିଆଳି | ପୁର ନାଏକ, ପି- ଭଦ୍ରୁ ନାଏକ, ପୂର୍ଣ୍ଣା ନାଏକ, ସ୍ୱା- ଭଦ୍ରୁ ନାଏକ, ଜା- ବାଥୁଡି, ବା- ନିଜଗାଁ | |
| ୫. | ୪୦ | ୫୪୮ | ୦.୭୪ | ୦.୧୨ | ଘରବାରୀ | ବାଉଁରିଆ ମୁଣ୍ଡା, ପରମା ମୁଣ୍ଡା, ପି- ମୁଗୁସୁରିଆ ମୁଣ୍ଡା, ଫଗନି ମୁଣ୍ଡା, ସ୍ୱା- ମୁଗୁସୁରିଆ ମୁଣ୍ଡା, ଜା- କୋହ୍ଲ, ବା- ନିଜଗାଁ | |
| ୬. | ୪୮ | ୫୪୭<br>୫୪୭/୬୦୩<br>୫୬୦/୬୩୮ | ୧.୨୭<br>୦.୪୨<br>୦.୨୧ | ୦.୬୩<br>୦.୦୨<br>୦.୦୩ | ଶାରଦ-ତିନି<br>ବିଆଳି<br>ଶାରଦ-ତିନି | ଭୀମ ନାଏକ, ପି- କଷ୍ଟୁ ନାଏକ, ଜା- ବାଥୁଡି, ବା- ନିଜଗାଁ | |
| ୭. | ୫୭ | ୫୫୪ | ୦.୬୮ | ୦.୦୯ | ଘରବାରୀ | ଲାକି ମୁଣ୍ଡା, ପି- ଜେଣ୍ଡ ମୁଣ୍ଡା, ସୁନାଇ ମୁଣ୍ଡା, ଶାନ୍ତି ମୁଣ୍ଡା, ଟୁକୁରୀ ମୁଣ୍ଡା, ପି- କନ୍ଦା ମୁଣ୍ଡା, କାଲା ମୁଣ୍ଡା, ଡବର ମୁଣ୍ଡା, ପି- ଘନ ମୁଣ୍ଡା, ଜା- କୋହ୍ଲ, ବା- ନିଜଗାଁ | |
| ୮. | ୫୬ | ୫୫୯ | ୧.୧୬ | ୦.୩୮ | ବିଆଳି | ଲକ୍ଷ୍ମୀଧର ନାଏକ, ବାଗୁନି ନାଏକ, କଳା ନାଏକ, ପି- କପିଳ ନାଏକ, ଅଁଳା ନାଏକ, ସ୍ୱା- କପିଳ ନାଏକ, ଗଣ ନାଏକ, ବାସୁ ନାଏକ, ପି- ଅଙ୍କୁର ନାଏକ, ରାଧି ନାଏକ, ସ୍ୱା- ଅଙ୍କୁର ନାଏକ, ପାଣ୍ଡୁ ନାଏକ, ଜାଇନ ନାଏକ, ପି- ଗିରୁଧାରୀ ନାଏକ, ଚିଟୁ ନାଏକ, ଚନ୍ଦ୍ରମୋହନ ନାଏକ, ପି- ଚିନ୍ତା ନାଏକ, ମନୁ ନାଏକ, ପୀତାମ୍ବର ନାଏକ, ଶିଖର ନାଏକ, ପି- ଖିନ ନାଏକ, ପଇଁତିରା ନାଏକ, ସ୍ୱା- ଖିନ ନାଏକ, ଅମିନ ନାଏକ, ପି- ଶ୍ରୀଧର ନାଏକ, ଜା- ବାଥୁଡି, ବା- ନିଜଗାଁ | ମୌଖିକ ଖରିଦ ସୂତ୍ରେ- ଦଖଲ- ପରମାନନ୍ଦ ନାଏକ, ପି- ଭୀମ ନାଏକ, ଶ୍ରୀକାନ୍ତ ନାଏକ, କଣ୍ଠ ନାଏକ, କମଳା ନାଏକ, ପି- ପୀତବାସ ନାଏକ, ଜା- ବାଥୁଡି, ବା- ନିଜଗାଁ, ଜରସମନ ଟଙ୍କା ୪୦୦.୦୦/ |
| ୯. | ୬୦ | ୫୪୭/୬୩୯<br>୫୪୭/୬୪୦ | ୦.୪୬<br>୦.୫୪ | ୦.୦୯<br>୦.୨୬ | ଶାରଦ-ତିନି<br>ବିଆଳି | ଶ୍ରୀକାନ୍ତ ନାଏକ, କଣ୍ଠ ନାଏକ, ପି- ପୀତବାସ ନାଏକ, ଜା- ବାଥୁଡି, ବା- ନିଜଗାଁ | |
| ୧୦. | ୬୮/୪ | ୫୫୨ | ୦.୭୦ | ୦.୨୫ | ବିଆଳି | ସମରା ମୁଣ୍ଡା, ପି- ଲାକି ମୁଣ୍ଡା, ଜା- କୋହ୍ଲ, ବା- ନିଜଗାଁ | |
| | ମୋଟ- | ୧୩ | ୯.୧୧ | ୨.୭୨ | | | |

24045/14/0046/1819

# ଗଞ୍ଜାମର ୨୫ଶହ ସ୍କୁଲରେ ନାହିଁ ଖେଳପଡ଼ିଆ

- ସ୍କୁଲରେ କ୍ରୀଡ଼ାର ହେଉଛି ଅପମୃତ୍ୟୁ
- ଖେଳ ଉପଯୋଗୀ ପଡ଼ିଆ ସଂଖ୍ୟା ଖୁବ୍ କମ୍
- ଶିକ୍ଷା ଅଧିକାର ଆଇନ୍‌ର ହେଉଛି ଉଲ୍ଲଂଘନ

**ଆଜି ଜାତୀୟ କ୍ରୀଡ଼ା ଦିବସ**

ଆଶୀର୍ବାଦ ରାଉତ
ବ୍ରହ୍ମପୁର ଅଫିସ୍,୨୮।୮

ବିଶ୍ୱ କ୍ରୀଡ଼ା ଜଗତରେ ଯେଉଁ ମହାନ୍ ଖେଳାଳିମାନେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି, ସେମାନଙ୍କ କ୍ରୀଡ଼ା ଜୀବନ ସ୍କୁଲସ୍ତରରୁ ହିଁ ଆରମ୍ଭ ହୋଇଥିଲା । ଏହାକୁ ଦୃଷ୍ଟିରେ ରଖି ପ୍ରାୟତଃ ସବୁ ଦେଶରେ ସ୍କୁଲସ୍ତରରେ କ୍ରୀଡ଼ା ପ୍ରତିଭା ବିକାଶ ପାଇଁ ପଦକ୍ଷେପ ନିଆଯାଇଥାଏ । ଭାରତରେ ପଦକ୍ଷେପ ନିଆଯାଉଛି, କିନ୍ତୁ ତାହା ଯଥେଷ୍ଟ ହେଉନାହିଁ । ଏଠାରେ ଗଞ୍ଜାମ ଜିଲା ବିଷୟରେ ଉଲ୍ଲେଖ କରାଯାଇପାରିବ । ଜିଲାରେ ପ୍ରାୟ ୨୫ଶହ ସରକାରୀ ସ୍କୁଲରେ ଖେଳ ପଡ଼ିଆ ନାହିଁ । ପିଲାମାନଙ୍କ ମଧ୍ୟରେ ପ୍ରବଳ କ୍ରୀଡ଼ା ପ୍ରତିଭା ଭରି ରହିଥିଲେ ମଧ ପ୍ରତିଭା ପ୍ରଦର୍ଶନ ପାଇଁ ଆବଶ୍ୟକ ଖେଳ ପଡ଼ିଆର ଅଭାବ ଦେଖାଦେଇଛି । ଯେଉଁ ଗଞ୍ଜାମ ଜିଲା ପୂର୍ବରୁ ବହୁ ପ୍ରତିଭାବାନ୍ ଖେଳାଳିଙ୍କୁ ରାଜ୍ୟ କ୍ରୀଡ଼ା ଜଗତକୁ ଭେଟି ଦେଇଛି, ସେହି ଜିଲାରେ ଆଉ ନୂତନ ପ୍ରତିଭା ସୃଷ୍ଟି ହୋଇପାରୁ ନାହାନ୍ତି । ଫଳରେ ସ୍କୁଲଗୁଡ଼ିକରେ କ୍ରୀଡ଼ାର ଅପମୃତ୍ୟୁ ହେବାରେ ଲାଗିଛି ।

ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓପେପା) ଉପଲବ୍ଧ ତଥ୍ୟ ଚିନ୍ତାଜନକ । ମିଳିଥିବା ସୂଚନା ଅନୁଯାୟୀ, ଗଞ୍ଜାମ ଜିଲାରେ ରହିଛି ୩୭୯୮ସରକାରୀ ସ୍କୁଲ । ସେଥିରୁ ୨୫୧୩ ସ୍କୁଲରେ ଖେଳପଡ଼ିଆ ନାହିଁ । ଅର୍ଥାତ୍ ମାତ୍ର ୧୨୮୫ ସ୍କୁଲରେ ଖେଳ ପଡ଼ିଆ ରହିଛି । ବ୍ଲକ ଅନୁଯାୟୀ ଦେଖିଲେ ପାତ୍ରପୁର ଏବଂ ଅନ୍ୟ କେତେକ ଅନୁନ୍ନତ ବ୍ଲକରେ ସ୍ଥିତି ଶୋଚନୀୟ ରହିଛି । ପାତ୍ରପୁର ବ୍ଲକରେ ୨୦୨ସ୍କୁଲ ଥିବା ବେଳେ ସେଥିରୁ ୧୫୨ ସ୍କୁଲରେ ଖେଳିବା ପାଇଁ ପଡ଼ିଆ ନାହିଁ । ଦିଗପହଣ୍ଡି ବ୍ଲକରେ ୨୩୫ ସରକାରୀ ସ୍କୁଲ ଥିବା ବେଳେ ସେଥିରୁ ୧୪୬ ସ୍କୁଲରେ ଖେଳପଡ଼ିଆ ଆଦୌ ନାହିଁ । ସେହିଭଳି ଧରାକୋଟ ବ୍ଲକରେ ୧୭୯ରୁ ୧୩୨ସ୍କୁଲରେ ଖେଳ ପଡ଼ିଆ ନ ଥିବା ବେଳେ, ଖଲ୍ଲିକୋଟ ବ୍ଲକରେ ୨୦୨ରୁ ୧୪୦, ଜଗନ୍ନାଥପ୍ରସାଦ ବ୍ଲକରେ ୨୧୪ରୁ ୧୨୭, କୁକୁଡ଼ାଖଣ୍ଡି ବ୍ଲକରେ ୧୪୮ରୁ ୧୧୬ ସ୍କୁଲରେ ଖେଳ ପଡ଼ିଆ ନାହିଁ ।

କେବଳ ଗ୍ରାମାଞ୍ଚଳରେ ଥିବା ସ୍କୁଲଗୁଡ଼ିକରେ ଖେଳ ପଡିଆ ଭିତ୍ତିଭୂମିର ଅଭାବ ଅଛି ତାହା ନୁହଁ, ବରଂ ସହରାଞ୍ଚଳସ୍ଥିତ ସ୍କୁଲରେ ମଧ୍ୟ ସ୍ଥିତି ଗମ୍ଭୀର ରହିଛି । କେଉଁ ସହରରେ ଗୋଟିଏ ତ ଆଉ କେଉଁଟି ମାତ୍ର ଦୁଇଟି ଖେଳ ପଡ଼ିଆ ରହିଛି । ଓପେପା ତଥ୍ୟ କହୁଛି, ବ୍ରହ୍ମପୁର ସହରରେ ୧୦୨ ସରକାରୀ ସ୍କୁଲ ଥିବା ବେଳେ ୬୮ ସ୍କୁଲରେ ଖେଳ ପଡ଼ିଆ ନାହିଁ । ଭଞ୍ଜନଗର ସହରାଞ୍ଚଳରେ ୧୮ରୁ ୧୩, ଛତ୍ରପୁର ସହରାଞ୍ଚଳରେ ୧୨ରୁ ୧୧, ଦୀଗପହଣ୍ଡି ସହରାଞ୍ଚଳରେ ୧୨ରୁ ୧୦, ଗୋପାଳପୁର ସହରାଞ୍ଚଳରେ ୪ରୁ ୩, ହିଞ୍ଜିଳିକାଟୁ ସହରାଞ୍ଚଳରେ ୧୩ରୁ ୧୧ ସରକାରୀ ସ୍କୁଲରେ ଖେଳ ପଡ଼ିଆ ନାହିଁ । ଶିକ୍ଷା ଅଧିକାର ଆଇନ୍-୨୦୦୯ ଅନୁଯାୟୀ, ପ୍ରତ୍ୟେକ ସ୍କୁଲରେ ଖେଳ ପଡ଼ିଆ ରହିବା ଆବଶ୍ୟକ । କିନ୍ତୁ ସରକାରଙ୍କ ଏହି ଆଇନ୍‌କୁ ନିଜେ ସରକାରୀ ସ୍କୁଲଗୁଡ଼ିକ ହିଁ ଉଲ୍ଲଘଂନ କରୁଛନ୍ତି ।

ଜଣେ କ୍ରୀଡ଼ା ଶିକ୍ଷକଙ୍କ କହିବାନୁଯାୟୀ, ସ୍କୁଲଗୁଡ଼ିକରେ ଖେଳ ପଡ଼ିଆ ନାହିଁ ସତ, କିନ୍ତୁ ପ୍ରତିବର୍ଷ ଆନ୍ତଃ ସ୍କୁଲ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଉଛି । ଏହି ପ୍ରତିଯୋଗିତାଗୁଡ଼ିକରେ ପ୍ରତିଯୋଗୀଙ୍କ ସଂଖ୍ୟା ମଧ୍ୟ ଦ୍ରୁତ ଭାବେ କମିବାରେ ଲାଗିଛି । ହାତ ଗଣତି କେତେକଙ୍କୁ ଛାଡ଼ିଦେଲେ, ଅନେକ ସ୍କୁଲର ପ୍ରତିନିଧିତ୍ୱ ମଧ୍ୟ ରହୁନାହିଁ । ଜଣେ ହେଲେ ଛାତ୍ରୀଛାତ୍ର ପ୍ରତିଯୋଗିତାଗୁଡ଼ିକରେ ଭାଗ ନେଉନାହାନ୍ତି । ଫଳରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାଗୁଡ଼ିକ ପାଇଁ ଗଞ୍ଜାମ ଜିଲାରୁ ପ୍ରତିନିଧିତ୍ୱ କମି ଯାଉଛି । ପଦକ ଆଶା ତ ଦୂରେ ଥାଉ । ବିଭିନ୍ନ ଇଭେଣ୍ଟରେ ଭାଗନେବା ପାଇଁ ସୁଦ୍ଧା ପିଲା ମିଳୁନାହାନ୍ତି । ପଡ଼ିଆ ନ ଥିବାରୁ କ୍ରୀଡ଼ା ଶ୍ରେଣୀ ସମୟରେ ଅନ୍ୟ ବିଷୟରେ ପାଠ ପଢ଼ାଯାଉଛି । ସରକାରୀ ସ୍କୁଲଗୁଡ଼ିକରେ ଜଣେ ଲେଖାଏ କ୍ରୀଡ଼ା ଶିକ୍ଷକ ନିଯୁକ୍ତି ପାଇଛନ୍ତି । ହେଲେ ପଡ଼ିଆ ନ ଥିଲେ, ଶିକ୍ଷକମାନେ ତାଲିମ୍ କେଉଁଠି ଦେବେ । ପଡ଼ିଆ ଅଭାବ ଯୋଗୁ ଅନେକ ସ୍କୁଲ ସେମାନଙ୍କ ବାର୍ଷିକ ପ୍ରତିଯୋଗିତା ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଆୟୋଜନ କରୁଛନ୍ତି । ସୁସ୍ଥ ଶରୀର ଏବଂ ମନ ପାଇଁ କ୍ରୀଡ଼ା ଆବଶ୍ୟକ । କ୍ରୀଡ଼ା ଅଭ୍ୟାସ ହେଉ ନ ଥିବାରୁ ପିଲାମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳୁଛି ବୋଲି ସମ୍ପୃକ୍ତ ଶିକ୍ଷକ ପ୍ରକାଶ କରିଛନ୍ତି ।


ବ୍ରହ୍ମପୁର ସିଟି ହାଇସ୍କୁଲର ଖେଳ ପଡ଼ିଆ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି ।

## ସଂକ୍ଷେପରେ

### ଆର୍ଯ୍ୟଭଟ୍ଟର କେରଳ ବନ୍ୟା ପୀଡ଼ିତଙ୍କୁ ସହାୟତା ପ୍ରଦାନ



ବ୍ରହ୍ମପୁର ଅଫିସ,୨୮।୮: ଆର୍ଯ୍ୟଭଟ୍ଟ ପକ୍ଷରୁ ନିକଟରେ ଘଟିଥିବା କେରଳ ବନ୍ୟା ଦୁର୍ଗତଙ୍କ ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଅନୁଷ୍ଠାନ ପକ୍ଷରୁ କେରଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୪୨ହଜାର ୧୦୦ଟଙ୍କା ପଠାଯାଇଛି । ପାଣ୍ଠି ପ୍ରଦାନ ବେଳେ ଆର୍ଯ୍ୟଭଟ୍ଟ ଅନୁଷ୍ଠାନ ନିର୍ଦ୍ଦେଶକ ସୁଧୀର ରାଉତ, ସୁଶାନ୍ତ କୁମାର ମହାନ୍ତି, ସୁକାନ୍ତ ଗୌଡ, ଶୁଭେନ୍ଦୁ ପାତ୍ର, ମାଧବ ନାୟକ, କେ. ଅବିନାଶ, ମନୋଜ ଡାକୁଆ, ଜିତେନ୍ଦ୍ର ସାହୁ, ପ୍ରକାଶ ରାଓ, ଭୀମରାଜୁ ପାତ୍ର, ଦୀପକ ସାମଲ ଓ କେ. ଘନଶ୍ୟାମଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଓ କାର୍ମଚାରୀ ଉପସ୍ଥିତ ଥିଲେ ।

### ବନ୍ୟା ପୀଡ଼ିତଙ୍କୁ ଆର୍ଥିକ ସହାୟତା

ବ୍ରହ୍ମପୁର ଅଫିସ୍,୨୮।୮: କେରଳ ବନ୍ୟାରେ ଫସିବା ପରେ ଉଦ୍ଧାର ହୋଇ ଘରକୁ ଫେରିଥିବା ସାନଖେମୁଣ୍ଡି ଅଞ୍ଚଳର ପୀଡ଼ିତଙ୍କୁ ମଙ୍ଗଳବାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ବ୍ରହ୍ମପୁର ବିକାଶ ସୁରକ୍ଷା ସମିତି ପକ୍ଷରୁ ପୀଡ଼ିତଙ୍କ ଘରକୁ ଯାଇ ସହାୟତା ଦିଆଯାଇଥିଲା । ୧୭ଜଣ ପୀଡ଼ିତଙ୍କୁ ୫ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି । ସାନଖେମୁଣ୍ଡି ବ୍ଲକ ଅଧ୍ୟକ୍ଷା ସଙ୍ଗୀତା ବେହେରା, ଉପାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ସହଦେବ ପ୍ରଧାନ, ବାବୁ ପ୍ରଧାନ, ବ୍ଲକ ବିଜେଡ଼ି ଯୁବ ସଭାପତି ସନ୍ତୋଷ କୁମାର ବିଷୋୟୀ, ଗୋଲାପି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ସମିତିର ସଦସ୍ୟ ବିଜୟ କୁମାର ବେହେରା, ଉଦୟ କୁମାର ବେହେରା, ସନ୍ତୋଷ କୁମାର ବେହେରା, କୈଳାସ ଚନ୍ଦ୍ର ବିଷୋୟୀ, ଅଭିମନ୍ୟୁ ବେହେରା, ବିନୋଦ ଚନ୍ଦ୍ର ଗୌଡ଼, ଦୁଷ୍ମନ୍ତ କୁମାର ପୋଲାଇ, ରମାକାନ୍ତ ସାହୁ, କେ.ବଦ୍ରିକନାରାୟଣ ସୁବୁଦ୍ଧି, କୃଷ୍ଣଚନ୍ଦ୍ର ଚୌଧୁରୀ, ବି.ନରସିଂହ ରାଓ ଏବଂ ଲକ୍ଷ୍ମୀନାରାୟଣ ନାୟକ ସହଯୋଗ କରିଥିଲେ ।

### ବିଏମ୍‌ଏସ୍‌ର ଚାରା ରୋପଣ



ବ୍ରହ୍ମପୁର ଅଫିସ୍,୨୮।୮: ଭାରତୀୟ ମଜଦୁର ସଂଘ(ବିଏମ୍‌ଏସ୍) ପକ୍ଷରୁ ମଙ୍ଗଳବାର ପର୍ଯ୍ୟାବରଣ ଦିବସ ଉପଲକ୍ଷେ ଲାଞ୍ଜିପଲ୍ଲୀସ୍ଥିତ ଶିବ ମନ୍ଦିର ପାଖରେ ଚାରାରୋପଣ କରାଯାଇଥିଲା । ବିଏମ୍‌ଏସ୍ ସହବନ୍ଧିତ ଅଙ୍ଗନୱାଡ଼ି ଓ ଆଶା କର୍ମୀ, କୋଠାବାଡ଼ି ନିର୍ମାଣ ଶ୍ରମିକମାନେ ଏଥିରେ ଭାଗନେଇ ଲିମ୍ବ, ଅଁଳା ଓ ବେଲଗଛ ଆଦି ରୋପଣ କରିଥିଲେ । ନିଜ ନିଜ ବାଡ଼ି ବଗିଚାରେ ଔଷଧୀୟ ବୃକ୍ଷ ରୋପଣ ପାଇଁ ପରାମର୍ଶ ଦିଆଯାଇଥିଲା । ଏଥିରେ ବିଏମ୍‌ଏସ୍ ଜିଲା ଉପସଭାନେତ୍ରୀ ଅମିତା ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଭାଗ ନେଇଥିଲେ ।

### ବନ୍ୟା ପୀଡ଼ିତଙ୍କୁ ୪୫ହଜାର ଟଙ୍କା ଦେଲା ଛାତ୍ର ବିଜେଡି

ବ୍ରହ୍ମପୁର ଅଫିସ୍,୨୮।୮: କେରଳ ବନ୍ୟା ପୀଡ଼ିତଙ୍କ ପ୍ରତି ସହାୟତାର ହାତ ବଢ଼ାଇଛି ବିଜୁ ଛାତ୍ର ଜନତା ଦଳ । ରାଜ୍ୟ ଛାତ୍ର ବିଜେଡ଼ି ପକ୍ଷରୁ ୮ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି । ସେଥିରେ ଗଞ୍ଜାମ ଜିଲା ଛାତ୍ର ବିଜେଡ଼ି ପକ୍ଷରୁ ୪୫ହଜାର ଟଙ୍କା ଦିଆଯାଇଛି । ଜିଲାର ବିଭିନ୍ନ କଲେଜ ବୁଲି ଛାତ୍ରୀଛାତ୍ରଙ୍କଠାରୁ ଟଙ୍କା ଆଦାୟ କରିଥିଲେ । ଏହି ଟଙ୍କାକୁ ରାଜ୍ୟ ଛାତ୍ର ବିଜେଡ଼ିର ସଭାପତି ରାଣା ପ୍ରତାପ ପାତ୍ରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ଜିଲା ଛାତ୍ର ବିଜେଡ଼ି ସଭାପତି ପ୍ରଶାନ୍ତ କୁମାର ପଣ୍ଡାଙ୍କ ନେତୃତ୍ୱରେ ମନୋଜ ଡୋରା, ମୀର ଅବିଦ ହୁସେନ, ସଞ୍ଜୟ ଜେନା, ଦେବାଶିଷ ମିଶ୍ର, ସିଦ୍ଧାର୍ଥ ସାହୁ, ସୁଦର୍ଶନ ସାହୁ, ବିକାଶ ନାୟକ, ସରୋଜ ବେହେରା, ଅଜିତ ସ୍ୱାଇଁ, କାଳୁଚରଣ ନାୟକ, ବିମଳ ପ୍ରଧାନ, ଶକ୍ତି ପ୍ରସାଦ ପ୍ରଧାନ, ଶାନ୍ତନୁ ବିଶ୍ୱାଳ, ଲିଙ୍ଗରାଜ ମହାପାତ୍ର, ପ୍ରଶାନ୍ତ ବୈଠାରୁ, ବେଣୁଧର ବେହେରା ଓ ବିସ୍ମୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# କର୍ପୋରେଟର୍ ଏକାଦଶ ବିଜୟୀ


ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ ।

ବ୍ରହ୍ମପୁର ଅଫିସ୍,୨୮।୮

ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ମଙ୍ଗଳବାର ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍ କର୍ପୋରେଟର୍ ଏକାଦଶ ଏବଂ କମିଶନର୍ ଏକାଦଶ ମଧ୍ୟରେ ଖେଳାଯାଇଥିଲା । ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚରେ କର୍ପୋରେଟର୍ ଏକାଦଶ ୧-୦ଗୋଲ୍‌ରେ ବିଜୟୀ ହୋଇଥିଲା । କର୍ପୋରେଟର୍ ଏକାଦଶ ପକ୍ଷରୁ ରାଜେଶ୍ୱର ବେହେରା ମ୍ୟାଚର ଏକମାତ୍ର ଗୋଲ୍ ସ୍କୋର କରିଥିଲେ । ବିଜୟୀ ଦଳକୁ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଟ୍ରଫି ପ୍ରଦାନ କରାଯିବ । ସୂଚନାଯୋଗ୍ୟ, ଗତ ୨୫ ତାରିଖରେ କର୍ପୋରେଟର ଏକାଦଶ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍‌ରେ ମିଡ଼ିଆ ଏକାଦଶକୁ ପରାସ୍ତ କରିଥିଲା । ଦୁଇଟି ମ୍ୟାଚ୍ ଜିତି କର୍ପୋରେଟର୍ ଏକାଦଶ ଅପରାଜିତ ରହିଛି । ଡେପୁଟି ମେୟର୍ ଜ୍ୟୋସ୍ନା ନାୟକ, କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ଡେପୁଟି କମିଶନର୍ ସୌରିନ୍ଦ୍ର କୁମାର ରାଉତରାୟଙ୍କ ସମେତ ବହୁ କର୍ପୋରେଟର୍ ଏବଂ ନିଗମ କର୍ମଚାରୀ ଉପସ୍ଥିତ ଥିଲେ ।

# ବିଏମ୍‌ସି ପକ୍ଷରୁ ବେଲୁନ୍ ଫୁଙ୍କା, ଝୋଟି ପ୍ରତିଯୋଗିତା


ବିଏମ୍‌ସି କାର୍ଯ୍ୟାଳୟରେ ଚାଲିଥିବା ବେଲୁନ ଫୁଙ୍କା ପ୍ରତିଯୋଗିତା ।

ବ୍ରହ୍ମପୁର ଅଫିସ,୨୮।୮

ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ମଙ୍ଗଳବାର ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପୂର୍ବାହ୍ନରେ ଏସଏଚଜି ଗ୍ରୁପର ମହିଳାଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ଏସଏଚଜି ଗ୍ରୁପର ୨୯ ମହିଳା ଭାଗ ନେଇଥିଲେ । ସେଥିମଧ୍ୟରେ ଝୁନୁ ପାତ୍ର ପ୍ରଥମ ହୋଇଥିବା ବେଳେ ବାସନ୍ତୀ କୁମାରୀ ମହାରଣା ଓ କଳ୍ପନା ସେଠୀ ଦ୍ୱିତୀୟ ହୋଇଛନ୍ତି । ସୁଚିତ୍ରା ମହାରଣା ଓ ସିଏଚ ମୋତିରାଣୀ ଆଚାରୀ ତୃତୀୟ ହୋଇଥିଲେ । ସେହିପରି ଅପରାହ୍ନରେ ମହିଳା କର୍ପୋରେଟର ଓ ବିଏମ୍‌ସିର ମହିଳା କର୍ମଚାରୀ(କମିଶନର ଦଳ)ଙ୍କ ମଧ୍ୟରେ ହୋଇଥିବା ଅନ୍ତାକ୍ଷରୀରେ କମିଶନଙ୍କ ଦଳ ବିଜେତା ହୋଇଥିଲେ । ଏହାପରେ ମହିଳା କର୍ପୋରେଟର ଓ ମହିଳା କର୍ମଚାରୀଙ୍କ ମଧ୍ୟରେ ବେଲୁନ ଫୁଙ୍କା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସମସ୍ତ ପ୍ରତିଯୋଗିତାରେ ଡେପୁଟି ମେୟର ଜ୍ୟୋସ୍ନା ନାୟକ, ଡେପୁଟି କମିଶନର ସୌରୀନ୍ଦ୍ର କୁମାର ରାଉତରାୟ ବିଚାରକ ଭାବେ ଯୋଗଦେଇଥିବା ବେଳେ ଗୀତାଞ୍ଜଳି ସାମନ୍ତରାୟ, ସ୍ମିତା ଦାଶ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ ।

# ପୂର୍ବ ଶତ୍ରୁତାରୁ ଆକ୍ରମଣ

ବ୍ରହ୍ମପୁର ଅଫିସ,୨୮।୮

ଟାଉନ ଥାନା ହିଲପାଟଣା ନେହେରୁନଗର ଅଞ୍ଚଳରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୧ଟାରେ ବାଇକରେ କେତେକ ଯୁବକ କାତି ଧରି ଆସି ନିକଟ ଏକ ଦୋକାନରେ ଚା ପିଉଥିବା ଅନ୍ୟ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ସ୍ଥାନୀୟ ଲୋକେ ଏହା ଦେଖି ସେମାନଙ୍କୁ ଅଟକାଇବା ପରେ ଆକ୍ରମଣକାରୀମାନେ ବାଇକରେ ଫେରାର ହୋଇ ଯାଇଥିଲେ । ଆକ୍ରମଣରେ ଜଣେ ଯୁବକଙ୍କ ବାମ ହାତରେ କାତି ବାଜିବାରୁ ଗଭୀର କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହେବାରୁ ତାଙ୍କୁ ବଡମେଡିକାଲ ପଠାଇଯାଇଛି । ଏକ ଫିଟ୍‌ନେସ ସେଣ୍ଟରରେ ନୀଳକଣ୍ଠନଗର ଅଞ୍ଚଳର ଇଲୁ ସାବତଙ୍କ ସହ ତାଙ୍କର ଜଣେ ବନ୍ଧୁଙ୍କର ପୂର୍ବରୁ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା । ମଙ୍ଗଳବାର ବନ୍ଧୁ ଜଣକ ୩ ଜଣ ସାଙ୍ଗଙ୍କୁ ଧରି କାତି ସାହାଯ୍ୟରେ ଇଲୁଙ୍କ ଉପରେ ଆକ୍ରମଣ କରିଥିଲେ । ଏ ନେଇ ଇଲୁ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ୩ଜଣଙ୍କୁ ଥାନାରେ ଅଟକ ରଖିଥିବା ଥାନାଧିକାରୀ ନୀହାର ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି ।

ବାଇକ୍ ଚୋରି ଘଟଣା

# ଧରାପଡିଲେ ଆଉ ଜଣେ ଅଭିଯୁକ୍ତ

ବ୍ରହ୍ମପୁର ଅଫିସ୍,୨୮।୮

ବାଇକ୍ ଚୋରି ର୍‍ୟାକେଟ ଘଟଣାରେ ଗତ ୧୯ ତାରିଖରେ ଗୋଷାଣୀ ନୂଆଗାଁ ପୋଲିସକୁ ସଫଳତା ମିଳିଥିଲା । ସହର ତଥା ଜିଲାର ବାହାରୁ ବିଭିନ୍ନ ଉପାୟରେ ଗାଡି ଚୋରି କରି ନେଇ କନ୍ଧମାଳର ଗଞ୍ଜେଇ ବେପାରୀଙ୍କୁ କମ୍ ଦାମ୍‌ରେ ବିକ୍ରି କରୁଥିବା ଏକ ର୍‍ୟାକେଟ୍‌କୁ ବ୍ରହ୍ମପୁର ପୋଲିସ ଧରିଥିଲା । ଏଥି ସହିତ ସେଥିରେ ମୋଟ ୬ ଜଣଙ୍କୁ ମଧ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା । ତେବେ ମଙ୍ଗଳବାର ପୁଣିଥରେ ସେହି ର୍‍ୟାକେଟ୍‌ର ଆଉ ଜଣେ ଅଭିଯୁକ୍ତଙ୍କୁ ବଡବଜାର ପୋଲିସ ଗିରଫ କରିବା ସହ ତାଙ୍କ ପାଖରୁ ୭ ଚୋରି ବାଇକ୍ ଜବତ କରିଥିବା ସ୍ଥାନୀୟ ଟାଉନଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପ୍ରଭାତ ଚନ୍ଦ୍ର ରାଉତରାୟ ସୂଚନା ଦେଇଛନ୍ତି । ଗିରଫ ଯୁବକ ହେଲେ ଜୁଗବନ୍ଧୁ ମେଦିରୀ ଷ୍ଟ୍ରିଟ୍‌ର ରାଜେଶ ସେଠୀ ଓରଫ ପିଣ୍ଟୁ । ଜବତ୍ ୭ ବାଇକ ମଧ୍ୟରୁ ୫ ବଡବଜାର ଥାନା ଅଞ୍ଚଳର ହୋଇଥିବା ବେଳେ ଗୋଟିଏ ବୈଦ୍ୟନାଥପୁର ଥାନା ଓ ଆଉ ଗୋଟିଏ ଗୋଳନ୍ଥରା ଥାନା ଅଞ୍ଚଳର ବୋଲି ପୋଲିସ ସୂଚନା ଦେଇଛି ।


ଗିରଫ ଯୁବକଙ୍କ ସହ ଜବତ୍ ଚୋରି ବାଇକ ।

**ଜବତ୍ ହେଲା ୭ ବାଇକ୍**

ସୂଚନାନୁଯାୟୀ, କେତେକ ଅପରାଧୀ ଗ୍ୟାଙ୍ଗ ମିଶି ସହରର ବିଭିନ୍ନ ସ୍ଥାନରୁ ଲୋକମାନଙ୍କର ବାଇକ ଲୁଟ୍ କରୁଛନ୍ତି । ତେବେ ଏନେଇ ବାରମ୍ବାର ଥାନାରେ ଅଭିଯୋଗ ହେବା ପରେ ବ୍ରହ୍ମପୁର ପୋଲିସ ସେମାନଙ୍କୁ ଧରିବା ପାଇଁ ଯୋଜନା କରିଥିଲା । ଗତ ୧୯ ତାରିଖରେ ଗୋଷାଣୀନୂଆଗାଁ ଥାନାଧିକାରୀ ଏହି ର୍‍ୟାକେଟ୍‌ରେ ସମ୍ପୃକ୍ତ ୬ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୧୫ ଚୋରି ବାଇକ୍ ସେମାନଙ୍କଠାରୁ ଜବତ କରିଥିଲେ । ସେମାନଙ୍କ ଗ୍ୟାଙ୍ଗରେ ଆହୁରି କେତେକ ଗିରଫ ହୋଇ ନ ଥିବା ପୋଲିସ ସେହିଦିନ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲା । ମଙ୍ଗଳବାର ବଡବଜାର ପୋଲିସ ସେହି ର୍‍ୟାକେଟର ଆଉ ଜଣେ ଅଭିଯୁକ୍ତ ରାଜେଶଙ୍କୁ ଗିରଫ କରିଛି । ଏଥିସହିତ ତାଙ୍କ ନିକଟରୁ ୭ ବାଇକ ଜବତ କରାଯାଇଛି । ପୂର୍ବରୁ ହୋଇଥିବା ମାମଲା ୱାରେଣ୍ଟ ବଳରେ ତାଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଥିବା ବଡବଜାର ଥାନାଧିକାରୀ ସୁରେଶ ତ୍ରିପାଠୀ ସୂଚନା ଦେଇଛନ୍ତି ।

## ଅର୍ଜୁନ ଲାଫିଙ୍ଗ କ୍ଲବ ବୈଠକ

ବ୍ରହ୍ମପୁରଅଫିସ,୨୮।୮-ସ୍ଥାନୀୟ ଉତ୍କଳ ଆଶ୍ରମରେ ଅର୍ଜୁନ ଲାଫିଙ୍ଗ କ୍ଲବର ବାର୍ଷିକ ସାଧାରଣ ବୈଠକ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ଶିରୀଶ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ସୀମାଞ୍ଚଳ ପ୍ରସାଦ ବିଷୋୟୀ ବାର୍ଷିକ ବିବରଣୀ ପାଠ କରିଥିଲେ । ଆସନ୍ତା ୨ ବର୍ଷ ପାଇଁ ନିର୍ବାଚନ ଅନୁଷ୍ଠିତ କରାଯିବା ନେଇ ପ୍ରସ୍ତାବ ଗୃହୀତ ହୋଇଥିଲା । ସଭାପତି ନିର୍ବାଚନ ପାଇଁ ପ୍ରସ୍ତାବ ଆଗତ କରିଥିବା ବେଳେ ଉପସଭାପତି ସୁବ୍ରତ କୁମାର ସାହୁ, ନରସିଂହ ପାଣିଗ୍ରାହୀ, ଇଂ. କିଶୋର ଚନ୍ଦ୍ର ଜେନା, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରକାଶ ଚନ୍ଦ୍ର ସାହୁ, ବି. ବେଣୁଗୋପାଳ ପାତ୍ର ଏବଂ ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟ ଉପସ୍ଥିତ ଥିଲେ । କୋଷାଧ୍ୟକ୍ଷ ନରସିଂହ ସାହୁ ଧନ୍ୟବାଦ ଦେଇଥିଲେ ।

■ଡିଇଓଙ୍କ କାର୍ଯ୍ୟାଳୟରୁ ଚୋରି ଘଟଣା

# ଧରାପଡିଲେ ୨ ଅଭିଯୁକ୍ତ

## ଲାପଟପ୍, ୩ ମୋବାଇଲ ଫୋନ ଜବତ

ବ୍ରହ୍ମପୁର ଅଫିସ,୨୮।୮

ବିଭିନ୍ନ ଦୋକାନ, ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କ କାର୍ଯ୍ୟାଳୟ ଏବଂ ବିଭିନ୍ନ ଲୋକଙ୍କ ଘରେ ପଶି ଚୋରି କରୁଥିବା ୨ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରାଯାଇଥିବା ସ୍ଥାନୀୟ ଟାଉନ ଥାନାରେ ଆୟୋଜିତ ଖବରାଦାତା ସମ୍ମିଳନୀରେ ଏସ୍‌ଡିପିଓ ପ୍ରଭାତ ଚନ୍ଦ୍ର ରାଉତରାୟ ସୂଚନା ଦେଇଛନ୍ତି । ଗିରଫ ହୋଇଥିବା ୨ ଜଣ ହେଉଛନ୍ତି ଛତ୍ରପୁର ଥାନା ଗୋବିନ୍ଦପୁର ଗ୍ରାମର ପ୍ରଦୀପ ନାୟକ ଓ ସଦର ଥାନା ନେତାଜୀ ନଗରର ସୁରେନ୍ଦ୍ର ନାୟକ । ସେମାନଙ୍କ ନାମରେ ରୁଜୁ ହୋଇଥିବା ମାମଲା ନଂ. ୯୦/୧୮ ୱାରେଣ୍ଟ ବଳରେ ସେମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି ।

ସୂଚନାନୁଯାୟୀ, ଏପ୍ରିଲ ୧୮ତାରିଖରେ ଗାନ୍ଧୀନଗର ଅଞ୍ଚଳରେ ଏନ. ସାରଥି ବାବୁଙ୍କ ଗ୍ରୀଲ ଭାଙ୍ଗି ଘର ଭିତରକୁ ପଶି ଗୋଟିଏ ଲାପଟପ୍ ଓ ୩ ମୋବାଇଲ ଫୋନ ଚୋରୀ କରିଥିଲେ । ଏନ୍. ସାରଥି ଏନେଇ ୧୯ ତାରିଖରେ ଟାଉନ ଥାନାରେ ଏତଲା ଦେଇଥିଲେ । ପୋଲିସ ତଦନ୍ତ ଜାରି ରଖିଥିଲା । ଘରେ ପଶି ଚୋରି କରିଥିବା ୨ ଅଭିଯୁକ୍ତ ଏହି ଘଟଣାରେ ସମ୍ପୃକ୍ତ ଥିଲେ ବୋଲି ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଇଛି । ପୋଲିସ ମଧ ଆହୁରି କହିଛି, ଏହି ଦୁଇ ଜଣଙ୍କର ସହରରେ ହୋଇଥିବା ଆହୁରି ବହୁ ଚୋରି ଘଟଣାରେ ସମ୍ପୃକ୍ତି ରହିଛି ।

ସୂଚନାନୁଯାୟୀ, ମେ ୫ ତାରିଖରେ ସ୍ଥାନୀୟ ଖଲ୍ଲିକୋଟ କଲେଜ ଗୃହକାମ ପାଇଁ ଥିବା ପ୍ଲାଷ୍ଟିକ ପାଇପ ଚୋରି ଘଟଣାରେ ଏହି ଦୁହିଁଙ୍କର ହାତ ରହିଛି । ସେହିପରି ଜୁଲାଇ ୨୪ରେ ଶ୍ରୀକୃଷ୍ଣନଗର ଅଞ୍ଚଳରେ ଥିବା ଜଣେ ଲୋକଙ୍କ ଘର ଭିତରେ ପଶି ଗୋଟିଏ ମୋବାଇଲ ଫୋନ ଚୋରି ଘଟଣା ଓ ଗତ ୧୧ତାରିଖରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ମଧ୍ୟରେ ପଶି ଲୁଟ୍ କରିବାକୁ ଚେଷ୍ଟା କରିଥିଲେ ମଧ ବିଫଳ ହୋଇଥିବା ଦୁଇ ଅଭିଯୁକ୍ତ ପୋଲିସ ନିକଟରେ ସ୍ୱୀକାର କରିଥିବା ଟାଉନଥାନାଧିକାରୀ ନୀହାର ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି ।

# ପୁଣି ବିବାଦରେ ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ

ବ୍ରହ୍ମପୁର ଅଫିସ୍,୨୮।୮

ପୁଣି ଥରେ ବିବାଦରେ ଫସିଛି ଖଲ୍ଲିକୋଟ କ୍ଲଷ୍ଟର୍ ବିଶ୍ୱବିଦ୍ୟାଳୟ । ନାମଲେଖା ପାଇଁ ସିଟ୍ ପିଛା ଫିଁ ରହିଛି ୧ ଲକ୍ଷ ୨୦ହଜାର ଟଙ୍କା । ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି । ମଙ୍ଗଳବାର ଏହି ପ୍ରସଙ୍ଗକୁ ନେଇ ଅସନ୍ତୋଷ ପ୍ରକାଶ କରିଛି ମାନବ ଅଧିକାର ସୁରକ୍ଷା ମଞ୍ଚ । ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଫିଁ କମା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୬ ବିଭାଗରେ ସ୍ନାତକୋତ୍ତର ଶିକ୍ଷା ପାଇଁ ଅନୁମତି ପ୍ରଦାନ କରାଯାଇଛି । ସେଗୁଡ଼ିକ ହେଲା ଇକୋନୋମିକ୍ସ ଆଣ୍ଡ ମ୍ୟାନେଜମେଣ୍ଟ, ଟ୍ରାଭେଲ୍, ଟୁରିଜିମ୍ ଆଣ୍ଡ ହସ୍‌ପିଟାଲିଟି ମ୍ୟାନେଜମେଣ୍ଟ, ମାସ୍ କମ୍ୟୁନିକେଶନ୍ ଆଣ୍ଡ ମିଡ଼ିଆ ଟେକ୍ନୋଲୋଜି, ଲାଇବ୍ରେରୀ ଆଣ୍ଡ ଇନ୍‌ଫର୍ମାଟିକ୍ସ ସାଇନ୍ସ, ନାଚୁରାଲ୍ ରିସୋର୍ସ ମ୍ୟାନେଜମେଣ୍ଟ ଆଣ୍ଡ ଜିଓଇନ୍‌ଫର୍ମାଟିକ୍ସ ଏବଂ ବାୟୋ ସାଇନ୍ସ ଆଣ୍ଡ ବାୟୋଇନ୍‌ଫର୍ମାଟିକ୍ସ । ସମସ୍ତ ୬ ବିଭାଗରେ ୧୪୪ ସିଟ୍ ରହିଛି । ସେଥିରୁ ୯୧ ପୂରଣ ହୋଇଥିବା ବେଳେ ୫୩ ସିଟ୍ ଖାଲି ପଡ଼ିଛି । ତେବେ ନାମ ଲେଖା ଫିଁକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ପ୍ରତ୍ୟେକ ବିଭାଗରେ ମୋଟ ୪ ସେମିଷ୍ଟର୍ ପରୀକ୍ଷା ଅନୁଷ୍ଠିତ ହେବ । ପ୍ରତ୍ୟେକ ସେମିଷ୍ଟର୍ ପାଇଁ ନାମଲେଖା ଫିଁ ରହିଛି ୨୯ହଜାର୮ଶହ ଟଙ୍କା । ଏଥିରେ ଟିଉସନ୍ ଫିଁ ୧ ହଜାର ଟଙ୍କା ଥିବା ବେଳେ କୋର୍ସ ଫିଁ ୧୬ହଜାର୫ଶହ ଟଙ୍କା, ପରୀକ୍ଷା ଫିଁ ଏକ ହଜାର ଟଙ୍କା, ଲାଇବ୍ରେରୀ ଫିଁ ୩ଶହ ଟଙ୍କା, ମେଡ଼ିକାଲ୍ ଫିଁ ଏକ ହଜାର ଟଙ୍କା ଏବଂ ଯାତାୟାତ ଫିଁ ୫ହଜାର ଟଙ୍କା ରଖାଯାଇଛି । ଗୋଟିଏ ସେମିଷ୍ଟର୍‌କୁ ୨୯ହଜାର୮ଶହ ଟଙ୍କା ଯୋଗୁ ୪ ସେମିଷ୍ଟର୍ ପାଇଁ ମୋଟ ଫିଁ ହେଉଛି ୧ ଲକ୍ଷ ୧୯ହଜାର୨ଶହ ଟଙ୍କା । ଏହାକୁ ନେଇ ଛାତ୍ରୀଛାତ୍ରମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି । ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏନେଇ ଏକ ଦାବିପତ୍ର କୁଳସଚିବ କିଶୋର ଚନ୍ଦ୍ର ଦାସଙ୍କୁ ପ୍ରଦାନ କରାଯାଇଥିଲା । ତେବେ ଫିଁ ନିଷ୍ପତ୍ତି ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ୍‌ର ବୈଠକରେ ନିଆଯାଇଛି । ଆବଶ୍ୟକ ପଡ଼ିଲେ ଏହାର ପୁନର୍ବିଚାର କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ ।


କୁଳସଚିବ କିଶୋର ଚନ୍ଦ୍ର ଦାସଙ୍କ ସହ ମଞ୍ଚର ସଦସ୍ୟମାନେ ଆଲୋଚନା କରୁଛନ୍ତି ।

**ସିଟ୍ ପିଛା ଲକ୍ଷେ ଟଙ୍କା ଫିଁ**

## ସଂକ୍ଷେପରେ

### ଜୁଆ ଆଡ୍ଡାରୁ ୬ ଗିରଫ

ଆସିକା,୨୮।୮(ଡି.ଏନ୍.ଏ.): ଗାଙ୍ଗପୁର ଥାନା ଖଣ୍ଡରାବଳି ଗ୍ରାମରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ସୋମବାର ରାତିରେ ପୋଲିସ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିଛି । ସେଠାରୁ ୩ ହଜାର ୫ଶହ ଟଙ୍କା ଜବତ କରାଯାଇଛି । ଗ୍ରାମର ଏକ ପରିତ୍ୟକ୍ତ ଗୃହରେ ବସି ଅଭିଯୁକ୍ତମାନେ ଜୁଆ ଆଡ୍ଡା ଚଳାଇଥିବା ପୋଲିସ କୌଣସି ସୂତ୍ରରୁ ଖବରପାଇ ଚଢ଼ାଉ କରିଥିଲା । ଏ ନେଇ ଗାଙ୍ଗପୁର ଥାନାରେ ନଂ.୧୧୮/୧୮ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

### ଚନ୍ଦ୍ରଗିରି ସଉରା ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ପଦାଧିକାରୀଙ୍କ ଯୋଗଦାନ


ସନ୍ତୋଷ କୁମାର ପ୍ରଧାନ

ଚନ୍ଦ୍ରଗିରି,୨୮।୮(ଡି.ଏନ୍.ଏ.)- ଗଜପତି ଜିଲା ମୋହନା ବ୍ଲକ ଚନ୍ଦ୍ରଗିରି ସଉରା ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ପଦାଧିକାରୀ ଭାବେ ସନ୍ତୋଷ କୁମାର ପ୍ରଧାନ ନୂତନ ଭାବେ ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସୋମବାର କାର୍ଯ୍ୟାଳୟର କର୍ମଚାରୀ ଓ ଏହା ଅଧିନରେ କାର୍ଯ୍ୟରତ ଏନ୍‌ଜିଓର ଅଧିକାରୀଙ୍କ ସହ ପରିଚୟ ଆଦାନ ପ୍ରଦାନ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସେ ସମ୍ବଲପୁର ଜିଲା ସଦରରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ ବୋଲି କହିଛନ୍ତି। ପ୍ରକାଶ ଯେ, ଏଠାରେ ଥିବା ସ୍ୱତନ୍ତ୍ର ପଦାଧିକାରୀ ପାଲ୍‌କା ରବୀନ୍ଦ୍ରଙ୍କର ସୋନପୁର ଜିଲା ମଙ୍ଗଳ ଅଧିକାରୀ ଭାବେ ବଦଳି ହୋଇଛି।

## ■ବୁରାଙ୍ଗିଆକୁ ଆସିଲା ଡଙ୍ଗା, ଘୁଞ୍ଚିଲାନି ଦୁଃଖ

# ନାଉରିଆ ନାହାନ୍ତି, ଗୋଦାମରେ ଲାଇଫ୍ ଜାକେଟ୍

ଦାରିଙ୍ଗବାଡ଼ି,୨୮।୮(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକ କିରିକୁଟି ପଞ୍ଚାୟତ ବୁରାଙ୍ଗିଆବାସୀ ତାରରେ ଝୁଲି ବିପଦପୂର୍ଣ୍ଣ ଭାବେ ଖଡ଼ଗ ନଦୀପାର ହେଉଥିବା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ଡଙ୍ଗା ଓ ଲାଇଫ ଜ୍ୟାକେଟ ଯୋଗାଇ ଦିଆଯାଇଛି। ୩ ଦିନ ହେଲା ଡଙ୍ଗା ଆସିଥିଲେ ମଧ୍ୟ ନାଉରିଆ ନାହାନ୍ତି। ଯଦ୍ୱାରା ପୂର୍ବଭଳି ବୁରାଙ୍ଗିଆବାସୀ ତାରରେ ଯାତାୟାତ କରୁଛନ୍ତି। ଡଙ୍ଗାକୁ ନଦୀ ଆରପାରିରେ ଗୋଟିଏ ଗଛରେ ବାନ୍ଧି ରଖାଯାଇଥିବା ବେଳେ ଲାଇଫ ଜ୍ୟାକେଟଗୁଡ଼ିକ ପୋଲ ନିର୍ମାଣ କରୁଥିବା ଠିକାଦାର ସଂସ୍ଥାର ଗୋଦାମ ଘରେ ପଡି ରହିଛି। ଗ୍ରାମବାସୀ ଡଙ୍ଗା ଚଳାଇବାରେ ଅଭ୍ୟସ୍ତ ନ ଥିବା ବେଳେ ଡଙ୍ଗାଟି ଅତି ହାଲକା ଏବଂ ସ୍ଥିର ପାଣି ପାଇଁ ଉଦ୍ଦିଷ୍ଟ ବୋଲି ଗ୍ରାମର ମୁଦ୍ରା ଦିଗାଳ, ସୁରେଶ ମଳିକ ପ୍ରମୁଖ କହିଛନ୍ତି। ସେହିପରି ଡଙ୍ଗାରେ ଯିବାକୁ ଭରସା ପାଉନାହିଁ ବୋଲି ପାର୍ବତୀ ଅମାୟତଙ୍କ ସମେତ ସୁନୀଲ ପ୍ରଧାନ, ମଣ୍ଟୁ ପ୍ରଧାନ ପ୍ରମୁଖ କହିଛନ୍ତି। ଖଡ଼ଗ ନଦୀରେ ଜଳସ୍ତର ବୃଦ୍ଧି ପାଇଥିବା ବେଳେ ପ୍ରଖର ସ୍ରୋତ ଚାଲିଥିବା ଗ୍ରାମର ବୃନ୍ଦାବନ ସାହୁ କହିଛନ୍ତି। ଏଭଳି ପରିସ୍ଥିତିରେ ନିଜେ ଡଙ୍ଗା ଚଳାଇ ଯାତାୟାତ କରିବା ସମ୍ଭବ ହେଉ ନ ଥିବାରୁ ଗ୍ରାମବାସୀ ପୂର୍ବଭଳି ତାରରେ ଯାତାୟାତ କରିବାକୁ ନିଷ୍ପତ୍ତି ନେଇଥିବା ଗ୍ରାମର ପ୍ରଶାନ୍ତ ବିଶୋୟୀ କହିଛନ୍ତି। ଶୀଘ୍ର ନାଉରିଆ ବ୍ୟବସ୍ଥା କରାଯାଉ ବୋଲି ମହାଦେବ ପ୍ରଧାନ, ପୁରସ୍ତମ ପ୍ରଧାନ, ଇସାକ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ବିଡିଓ ତ୍ରିଲୋଚନ ପାତ୍ର କହିଛନ୍ତି ଯେ, ପାଖାପାଖି ଅଞ୍ଚଳରେ କେଉଁଠି ବି ଡଙ୍ଗା ଚାଲୁ ନ ଥିବାରୁ ନାଉରିଆ ମିଳିବା କଷ୍ଟ ହେଉଛି । କ. ନୂଆଗାଁ ବ୍ଲକ ମହାସିଙ୍ଗି ଗ୍ରାମରେ ଜଣେ ନାଉରିଆଙ୍କ ସହ ଯୋଗଯୋଗ କରାଯାଇଛି, ନଦୀ ଜଳସ୍ତର କମିବା ପର୍ଯ୍ୟନ୍ତ ସେ ଡଙ୍ଗା ଚଳାଇବେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ୨୦୧୪ରୁ ଖଡ଼ଗ ନଦୀରେ ଏକ ପୋଲ ନିର୍ମାଣ କାର୍ଯ୍ୟ ଚାଲିଥିଲେ ସୁଦ୍ଧା ତାହା ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନି। ନଦୀ ଜଳସ୍ତର ବୃଦ୍ଧି ଯୋଗୁଁ ଗ୍ରାମବାସୀ ନଦୀ ଦୁଇ ପାର୍ଶ୍ୱରେ ତାର ଭିଡ଼ି ଯାତାୟାତ କରୁଛନ୍ତି। ୨୧ ତାରିଖରେ ତାର ଛିଣ୍ଡିପଡ଼ିବାରୁ ୨ ଗର୍ଭବତୀଙ୍କ ସମେତ ୬ ମହିଳା ନଦୀର ପ୍ରଖର ସ୍ରୋତରେ ଭାସି ଯାଉଥିଲେ । ସେମାନଙ୍କ ଚିତ୍କାର ଶୁଣି ଗ୍ରାମର କିଛି ଯୁବକ ସାହସ ଜୁଟାଇ ପାଣିରେ ପଶିଥିଲେ। ପ୍ରାୟ ଏକ ଘଣ୍ଟା ଉଦ୍ୟମ ପରେ ମହିଳାମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ତେଣୁ ନିର୍ମାଣାଧୀନ ପୋଲ କାର୍ଯ୍ୟ ତୁରନ୍ତ ଶେଷ ନ ହେଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।


କାମରେ ଲାଗି ନ ଥିବା ଡଙ୍ଗା।

## ବନ୍ୟଜନ୍ତୁ ଶିକାର ଉଦ୍ୟମ, ଅଭିଯୁକ୍ତ ଗିରଫ

ବୁଗୁଡ଼ା,୨୮।୮(ଡି.ଏନ.ଏ.)

ବୁଗୁଡ଼ା ବନ ବିଭାଗ ପକ୍ଷରୁ ମଙ୍ଗଳବାର ବନ୍ୟଜନ୍ତୁ ଶିକାର ଉଦ୍ୟମ କରି ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ବୁଗୁଡ଼ା ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ଜଣକ ହେଲେ ବୁଗୁଡ଼ା ବନାଞ୍ଚଳ କାଦପଡ଼ା ଗ୍ରାମର ମଙ୍ଗୁଲୁ ପଣ୍ଡା। ଏନେଇ ବୁଗୁଡ଼ା ବନ ବିଭାଗ ନଂ.୧୨୭/୧୮-୧୯ରେ ଏକ ମାମଲା ରୁଜୁ ହୋଇଥିଲା। ମଙ୍ଗୁଲୁ କାଦପଡ଼ା ଜଙ୍ଗଲରେ ବନ୍ୟଜନ୍ତୁ ଶିକାର ପାଇଁ ବିଦ୍ୟୁତ ତାର ବିଛାଇଥିଲେ। ଶନିବାର ସକାଳୁ ଆସି ହୁକ୍ ବାହାର କଲା ବେଳକୁ ପୂର୍ବରୁ ଛକି ରହିଥିବା ବନ କର୍ମଚାରୀମାନେ ତାଙ୍କୁ ଧରିବାକୁ ଉଦ୍ୟମ କଲା ବେଳେ ସେ ଖସି ପଳାଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ ମଙ୍ଗୁଲୁ ଘରେ ଥିବା ଖବର ପାଇ ମାଣିତରା ବନପାଳ ସରସ୍ୱତୀ ନାୟକ ସଦଳବଳେ କାଦପଡ଼ା ଯାଇ ତାଙ୍କୁ ଗିରଫ କରିଥିଲେ।

## ଗାଳିଗୁଲଜ ଅଭିଯୋଗ: ଜଣେ ଗିରଫ

ଗୋପାଳପୁର,୨୮।୮

ଜନୈକ ବୃଦ୍ଧାଙ୍କୁ ଗାଳିଗୁଲଜ ଓ ମାଡ଼ ମାରିବା ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗୋଲାମନୋହର ଗ୍ରାମର ସିଏଚ୍, ରଘୁନାଥ ପାତ୍ର (୩୬)। ଗତ ୧୫ ରେ ଗୋଲାମନୋହର ଗ୍ରାମର ରଘୁନାଥ ପାତ୍ରଙ୍କ ପୁଅ ଏବଂ ଏହି ଗ୍ରାମର ବୃଦ୍ଧା ପାଣ୍ଡି ପ୍ରଧାନଙ୍କ ନାତିଙ୍କ ସହ କୌଣସି ବିଷୟକୁ ନେଇ ଝଗଡ଼ା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ରଘୁନାଥ ପାଣ୍ଡିଙ୍କୁ ଗାଳିଗୁଲଜ କରିବା ସହ ଠେଲାପେଲା କରି ମାଡ଼ ମାରି କେଉଁଆଡ଼େ ଚମ୍ପଟ ମାରିଥିଲେ। ଏନେଇ ପାଣ୍ଡିଙ୍କ ଅଭିଯୋଗକ୍ରମେ ଥାନା କେସ୍ ନଂ. ୧୫୩/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା ପୋଲିସ। ମଙ୍ଗଳବାର ପୂର୍ବାହ୍ନରେ ରଘୁନାଥ ଗ୍ରାମରେ ଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଚଢ଼ାଉ କରି ତାଙ୍କୁ କାବୁ କରିଛି।

## ଆଉଟ ସୋର୍ସିଂ ଶ୍ରମିକ, କର୍ମଚାରୀଙ୍କ ଧାରଣା

ଆସିକା,୨୮।୮(ଡି.ଏନ୍.ଏ.):

ଆସିକା ଚିନିଶିଳ୍ପରେ କାର୍ଯ୍ୟରତ ଆଉଟସୋର୍ସିଂ ଠିକା ଶ୍ରମିକମାନେ ବିଭିନ୍ନ ଦାବି ନେଇ ମଙ୍ଗଳବାରଠାରୁ କାରଖାନା ସମ୍ମୁଖରେ ଧାରଣାରେ ବସିଛନ୍ତି। ଦାବି ପୂରଣ ହେବା ଯାଏଁ ଧାରଣା ଚାଲୁ ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ବାହାର ଶ୍ରମିକଙ୍କ ନିଯୁକ୍ତି ବନ୍ଦ କରିବା, ଆଉଟ ସୋର୍ସିଂ ଶ୍ରମିକଙ୍କୁ ନିୟମିତ କର୍ମଚାରୀଙ୍କ ଭଳି ସ୍ଥାୟୀ ନିଯୁକ୍ତି ସହ ଯୋଗ୍ୟତା ଭିତ୍ତିରେ ପ୍ରମୋଶନ, ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ନ କରି ସେହି ସ୍ଥାନରେ ଆଉଟସୋର୍ସିଂ କର୍ମଚାରୀଙ୍କୁ ନିଯୁକ୍ତି, କଣ୍ଟିଜେଣ୍ଟ ପଦବୀ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା, ଆଉଟସୋର୍ସିଂ ଶ୍ରମିକଙ୍କ ଇପିଏଫ ବୋନସ, ଓଭର ଡ୍ୟୁଟିର ହିସାବ ଦେବା ସହ ବକେୟା ପ୍ରାପ୍ୟ ପ୍ରଦାନ କରିବା, ଖାଲି ପଡିଥିବା କ୍ୱାର୍ଟରକୁ ଆଉଟ ସୋର୍ସିଂ କର୍ମଚାରୀଙ୍କୁ ଦେବା ଆଦି ଦାବି ନେଇ ଧାରଣା ଦିଆଯାଇଛି। ସୂଚନାଯୋଗ୍ୟ, ଦାବି ପୂରଣ ନେଇ ଜୁଲାଇ ୯ରୁ ଧାରଣା ଦିଆଯାଇଥିଲା। ଅତିରିକ୍ତ ଜିଲାପାଳ, ଜିଲା ଶ୍ରମ ଅଧିକାରୀ, ଚିନିଶିଳ୍ପ ପରିଚାଳନା କର୍ତ୍ତୃପକ୍ଷ ଓ ସମ୍ପୃକ୍ତ ଶ୍ରମିକ ସଂଘ ସହ ଆଲୋଚନା କରିବା ପରେ ଜୁଲାଇ ୧୩ରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଉକ୍ତ ବୈଠକରେ ଯେଉଁ କେତେକ ବିଷୟରେ ଆଲୋଚନା ସହମତିରେ ପହଞ୍ଚିଥିଲା ତାହା କାର୍ଯ୍ୟକାରୀ କରାଯାଇ ନ ଥିବା ପ୍ରତିବାଦରେ ପୁଣି ଶ୍ରମିକ ଓ କର୍ମଚାରୀ ଧାରଣା ଦେଇଥିବା ସଂଘର ସଭାପତି ରାଘବ ନାହାକ କହିଛନ୍ତି।

## ରଘୁନାଥ ସାହୁଙ୍କ ଶ୍ରାଦ୍ଧବାର୍ଷିକୀରେ ରକ୍ତଦାନ ଶିବିର

ପୁରୁଷୋତ୍ତମପୁର,୨୮।୮(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ମୋରାବାଇର ବିଶିଷ୍ଟ ସାମାଜିକ କର୍ମୀ ସ୍ୱର୍ଗତ ରଘୁନାଥ ସାହୁଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ ରାଉଳପଲ୍ଲୀ ଗୁପ୍ତେଶ୍ୱର ମନ୍ଦିର ନିକଟରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ସି.ଏଚ୍.ନୂଆଗାଁ ସମିତିସଭ୍ୟ ତଥା ଜିଲା ଯୁବ ବିଜେଡି ଉପସଭାପତି ନିର୍ମଳ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଗଞ୍ଜାମ ଅତିରିକ୍ତ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ପୁରୁଷୋତ୍ତମପୁର ଥାନାଧିକାରୀ ଅଜୟ କୁମାର ବାରିକ, ଜିଲା ପରିଷଦ ଉପାଧ୍ୟକ୍ଷା ସ୍ନେହଲତା ପଣ୍ଡା, ଜିଲା ବିଜେଡି ଉପସଭାପତି ଅରୁଣ କୁମାର ପଣ୍ଡା, ବ୍ଲକ ବିଜେଡି ସଭାପତି ଦିଗାମ୍ବର ପାଣିଗ୍ରାହୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲିଙ୍ଗରାଜ ସାହୁ, ଓଡିଶା ହାଇକୋର୍ଟ ଓକିଲ ତାପସ ଆଚାର୍ଯ୍ୟ, ଲାୟନ୍ସ କ୍ଲବ ବ୍ରହ୍ମପୁରର ଅଧ୍ୟକ୍ଷା ଅଞ୍ଜଳି ମହାପାତ୍ର, ଜିଲା ପରିଷଦ ସଭ୍ୟ ପି. ନାରାୟଣ ରାଓ ପ୍ରମୁଖ ଯୋଗ ଦେଇଥିଲେ। ସ୍ମୃତିସଭାରେ ଅତିଥିମାନେ ସ୍ୱର୍ଗତ ସାହୁଙ୍କ ଅଞ୍ଚଳ ତଥା ଗଞ୍ଜାମ ଜିଲା ପାଇଁ ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ରକ୍ତଦାନ ଶିବିରରେ ବ୍ରହ୍ମପୁର ରକ୍ତ ଭଣ୍ଡାରର ଡା. ପ୍ରଭାତୀ କୁମାରୀ ଦାଶ ଓ ସୁଶାନ୍ତ ପାଣିଗ୍ରାହୀ, ଭଞ୍ଜନଗର ବ୍ଲଡ ବ୍ୟାଙ୍କର ଡା. ଶିଶିର କୁମାର ସାବତ ଓ କଟକ ସେଣ୍ଟ୍ରାଲ୍ ରେଡକ୍ରସ ବ୍ଲଡ ବ୍ୟାଙ୍କର ଡା. ସୁଧାଂଶୁ ଶେଖର ସାହୁ ଓ କର୍ମଚାରୀମାନେ ଯୋଗଦେଇ ୭୭୭ ଜଣ ସ୍ୱେଚ୍ଛାସେବୀଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ। ଏହାକୁ ସ୍ୱର୍ଗତ ସାହୁଙ୍କ ସ୍ତ୍ରୀ ହେମ, ପୁତ୍ର ସୋମନାଥ, ପ୍ରଫୁଲ୍ଲ (ପରି), ଦିଲୀପ, କୁନା, ନାରାୟଣ, ନିର୍ମଳ, ବୋହୂ ଲକ୍ଷ୍ମୀ, କ୍ଷୀରୋଧି ମିନତି, ସୁନନ୍ଦା, ଶୋଭାବତୀ, ଭାଗ୍ୟଲକ୍ଷ୍ମୀ, ନାତି କମଳଲୋଚନ, ବିଘ୍ନେଶ, ସୁମିତ, ପ୍ରିୟଦର୍ଶୀ, ଅମିତ ଓ ନାତୁଣୀ କଳ୍ପନା, ପିଙ୍କି, ବୁଲି, ମାମାଲି, ତୃପ୍ତି, ଚଞ୍ଚଳ ଏବଂ ଗ୍ରାମବାସୀ ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ ସ୍ୱର୍ଗତ ରଘୁନାଥ ସାହୁଙ୍କ ପରିବାରବର୍ଗ।


# ଧରିତ୍ରୀ CAREER APPOINTMENT
every Wednesday & Saturday

**DOMINOS PIZZA HIRING**
Delivery Boy Full Time / Part Time
Salary Rs. 9000/- to 10,000/- per month + Incentive.
Qualification: 10th Pass
Driving License Must.
CALL: 9040033665

**19 VACANCY IN MNC**
Qual.- 10th To Graduation
Age- (18 To 30) Yrs
Monthly Rs.8000/- To Rs.20000/- + Hostel free.
9937042198, 9937172198

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

**ଆବଶ୍ୟକ**
ଭୁବନେଶ୍ୱରରେ ଘରୋଇ ଗାଡି ଚଳାଇବା ପାଇଁ ଡ୍ରାଇଭର ଆବଶ୍ୟକ
PRINTING PRESS ରେ କାମ କରିବା ପାଇଁ ପିଲା ଆବଶ୍ୟକ
ରହିବା ଖାଇବା ସୁବିଧା ଅଛି
PRINTONIX, Room No 02/58, 1st Floor PD Market, CRP Square, BBSR.
Contact : 9937281776

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. ମାସିକ ଦରମା upto Rs.25000/-.
Part Time / Full Time
Contact: 9938676412

**KISAN MARKETING**
Near Sai Temple, Bhubaneswar
Urgently Required 2 Nos. SALES PERSONS for Bhubaneswar Market. Should have knowledge of Sanitary Items.
Salary: Negotiable.
Mob: 9937062616

**REQUIRED**
Well Educated Trained Teacher for CBSE Math, English, SST, Hindi, Odia an all types of Music, Dance, Art for MDKs Coaching Centre, Satya Vihar, Rasulgarh, BBSR.
For Contact Phone
9439177325, 9937160598

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ । ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 30,500/- ରୁ 75,500/- । ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର । ରହିବା + ଖାଇବା + ବୀମା
CONSULTANT
09319469228

**KRISHNA PALACE (LODGE)**
REQUIRED
1. RECEPTION MANAGER (Having Computer Knowledge)
2. ROOM BOY 3. SWEEPER
Plot No: 15/A, Unit-3, Kharvel Nagar, BBSR-01
CONTACT NO
9437230525, 9937328292

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000 - 42,000.
8598856282

**ଜାତୀୟ ରିଟେଲ୍ ଚେନ୍ ଫାର୍ମାସି ଆବଶ୍ୟକ କରୁଛି**
ସ୍ମାର୍ଟ ଉତ୍ସାହୀ ସେଲ୍‌ସ ଏକ୍‌ଜିକ୍ୟୁଟିଭ୍
ଭୁବନେଶ୍ୱର ପାଇଁ । ପ୍ରାର୍ଥୀ ଏଫ୍‌ଏମ୍‌ସିଜି/ଫାର୍ମା ସେଲ୍‌ସରେ 1-2 ବର୍ଷ ଅଭିଜ୍ଞତାଧାରୀ କିମ୍ବା ପ୍ରତିଷ୍ଠିତ କଲେଜର ଏମ୍‌ବିଏ ଫ୍ରେଶର୍ ହୋଇଥିବା ଆବଶ୍ୟକ। ଆଗ୍ରହୀ ପ୍ରାର୍ଥୀମାନେ career@stayhappi.inରେ ନିଜର ସିଭି ପଠାଇପାରନ୍ତି କିମ୍ବା ଆମ ସହ 8448281862ରେ ଯୋଗାଯୋଗ କରିପାରନ୍ତି।
ପରିଦର୍ଶନ କରନ୍ତୁ: www.stayhappi.in

**JOB VACANCIES**
An upcoming dealership needs Professional in Bhubaneswar & Sambalpur location opportunity exists for the following positions:-
- ADMIN. MANAGER: Relevant work experience in construction & Govt. Liasoning having 5-10 years experience in any Automobile Sector.
- HR EXECUTIVE: Must be MBA (HR) having good exposure to EPF, ESI, Bonus. Preference will given the candidate from Automobile Sector.
- SR. ACCOUNTANT: Well versed in GST, Taxation, TDS & all other statutory norms, having 3-5 years experience in any segment.
- GM (Sales): Must be Graduate/MBA having 10 to 12 years experience in Managing Sales, operation of any 4 wheelers passenger Car Dealership.
- CUSTOMER RELATIONSHIP MANAGER (Sales): Having experience in similar filed in Automobile Dealership with knowledge of customer handling, complain resolution, Managerial ability to lead the team.
- SALES CONSULTANTS: Fresher Graduates/MBA having at least 1 year experience in Automobile of any 2/3/4 wheeler dealership.
- GM(Service): Must be Diploma or Degree in Automobile having 10 to 12 years experience in Managing a Workshop in 4 wheelers dealership.
- BODYSHOP MANAGER: Degree or Diploma in Automobile/ Accidental having 3 to 5 years experience in 2/3/4 wheeler dealership bodyshop.
- FLOOR MANAGER: Degree or Diploma in automobile/ Mechanical having 3 to 5 years experience in 2/3/4 wheeler dealership workshop.
- SERVICE ADVISOR: Diploma in Automobile Engg. having 1 to 2 years experience with valid driving license of any 2/3/4 wheeler dealership.
- WARRANTY EXECUTIVE: Diploma in Automobile/ Mechanical having 1-2 yrs of relevant experience in any Automobile Sector handling warranty related claims.
- TECHNICIANS: ITI/ DIPLOMA in Automobile having at least 1 year experience in any 2/3/4 wheeler dealership/Garage.

CONTACT: 7606002084
Mamtamayeehrm@gmail.com
& siddharth9909@gmail.com

**S.T.A.R COLLEGE & MANAGEMENT**
Forest Park, Bhubaneswar
☞ Required Principal (PHD) & Faculties for PMIR Course ☞ +2, +3 Arts and Commerce Faculty
☞ Telecaller (20Nos) ☞ Marketing Manager (4Nos)
☞ Office Assistant (2Nos) ☞ Peon (2Nos)
Come along with your Voter ID / Aadhaar Card, All Certificate (Xerox) & 2 Passport size photos.
Salary : Rs 4,000/- to Rs 20,000/- P.M.
9937337659, 8660468279, 7008938112, 9040090530
Welcome for District wise Educational Consultant

**NATIONAL BANK FOR AGRICULTURE AND RURAL DEVELOPMENT**
NABARD
Plot No. C-24, G Block, Bandra-Kurla Complex, Bandra (E), Mumbai 400051
Direct Recruitment - 2018
(i) Officers in Grade 'A' (Protocol & Security Service)
(ii) Development Assistants in Clerical Service
NABARD, an all India Apex Organization, wholly owned by Government of India invites ONLY online applications from Indian citizens having necessary qualification for appointment in NABARD for the following posts :

| Sl. | Advt. No. | Post | Vacancies | Online Application Registration |
|---|---|---|---|---|
| 1 | 2/P & SS | Assistant Managers in Grade 'A' (Protocol & Security Service) | 07 | 27.08.2018 to 12.09.2018 |
| 2 | 3/DA | Development Assistants | 62 | 27.08.2018 to 12.09.2018 |

For all details related to vacancies, education qualification, age, application fee, selection procedure, etc., please visit https://www.nabard.org
Chief General Manager
27 August 2018 Human Resources Management Department
गाँव बढ़े >> तो देश बढ़े www.nabard.org Taking Rural India >> Forward

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-.
Contact Immediately:
Mob: 8763257042

**ପିଲା ଆବଶ୍ୟକ**
Mob: 9937010437
8917312908
Plot No: 273/274, Jagannath Complex, Kharvelnagar, BBSR

**୪୫ ଜଣ କର୍ମଚାରୀ ଆବଶ୍ୟକ**
FOR A BOOK SALES COMPANY
Posting at Bhubaneswar Office
(No Donation) ଯୋଗ୍ୟତା : 10th ରୁ Graduation
Age (18-30) Years ମାସିକ ରୋଜଗାର 9600 ରୁ 15000 ସହ ରହିବା Free. Contact Within 4 Days With Bio-data
THE MANAGER (MICRO EXPANSION)
N/6-315, JAYDEV VIHAR, BBSR
PH : 9238100178

**REQUIREMENT**
We Want Experienced both Male & Female persons in Travel, Tourism & Hospitality Industry, who can make Tour Packages Accordingly to the needs of the customers/ clients for our Bhubaneswar Office.
Contact: BANADURGA TRAVELS, Plot No: 362/3850, Opposite BMC Office, Goutam Nagar, Near Kalpana Sqr.
Mobile: 8338092200, 8338072200

**PARADIP PORT TRUST** SAGARMALA
No: CMO/OE/A/GL-290/2018/1614 Dt. 21 Aug, 2018
ADVERTISEMENT
Applications are invited from employees working in Major Ports/Central/State Govt./PSUs etc. for filling up of 1 (one) post each of Staff Nurse and Laboratory Technician in the scale of Rs.17,700/- 44,600/- in Paradip Port Trust. For further details, refer to our website www.paradipport.gov.in.
PPT/PR/295/18-19, Dt.24.08.2018 Chief Medical Officer

**ମାଳୀ, ହାଉସ୍ କିପିଙ୍ଗ କର୍ମଚାରୀ, ୱେଟର ଏବଂ କୁକ୍ ଆବଶ୍ୟକ**
ଦିଲ୍ଲୀର ଏକ ଶିଳ୍ପପତିଙ୍କ ଆବାସିକ କାର୍ଯ୍ୟାଳୟ ତଥା ବଙ୍ଗଳାରେ କାର୍ଯ୍ୟ କରିବା ନିମନ୍ତେ ନିମ୍ନଲିଖିତ କର୍ମଚାରୀ ଆବଶ୍ୟକ ।
ମାଳୀ (ଜୈବ କୃଷିରେ ଅଭିଜ୍ଞ)- ୧, ହାଉସ୍ କିପିଙ୍ଗ (କ୍ଲିନିଙ୍ଗ) କର୍ମଚାରୀ -୨, ୱେଟର (ସର୍ଭିସ୍ ବୟ) - ୧, କୁକ - ୧
ଯୋଗ୍ୟତା / ଅଭିଜ୍ଞତା - କୌଣସି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରୁ ପ୍ରଶିକ୍ଷିତ ହୋଇଥିବେ କିମ୍ବା / ଏବଂ କୌଣସି ପ୍ରତିଷ୍ଠିତ ଅନୁଷ୍ଠାନରେ ଦୁଇ ବର୍ଷରୁ ଅଧିକ କାର୍ଯ୍ୟ କରିଥିବେ । କୁକ୍ ପଦବୀ ନିମନ୍ତେ ଓଡିଆ, ଚାଇନିଜ୍ ଓ ନର୍ଥ ଇଣ୍ଡିଆନ୍ ଖାଦ୍ୟ ରାନ୍ଧିବାରେ ଦକ୍ଷତା ଓ ଅଭିଜ୍ଞତା ଆବଶ୍ୟକ ।
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ସର୍ବୋତମ ବେତନ ବ୍ୟବସ୍ଥା
ରହିବା ଏବଂ ଖାଇବା ମାଗଣା
ଯୋଗାଯୋଗ – ୯୩୩୭୦୨୪୬୬୯ / ୮୦୯୩୬୬୦୧୯୯,
ଇମେଲ୍ – housekeepingdelhi47@gmail.com

**SHANMUKHA AGRITEC LIMITED**
WALK-IN
COME.. & JOIN WITH US...
Your Partner in Prosperity
AN ISO 9001:2015 CERTIFIED COMPANY
Shanmukha Agritec Limited, A well established and fast growing Agri based company dealing with Agro Chemicals, Micro Nutrients, PGPR, Organic & Biological Insecticides.
The Company has a very strong customer base in farming community and a wide range of Dealer marketing network across PAN INDIA with its dedicated & hard working Marketing force.
Now the company is looking for Young, Dynamic & Hard working Male Candidates for Odisha State.
The Candidates should be a Graduate in any degree (Agri. preferable), with relevant experience in Agri-input Dealer Marketing for the following positions.

| Position | No. of Vacancies | Experience |
|---|---|---|
| SALES OFFICERS | 10 | Minimum of 3 Years |
| AREA SALES MANAGER | 03 | Minimum of 5 Years |
| REGIONAL MANAGER | 02 | Minimum of 7 Years |

Salary for the above positions is not a constraint for right candidates. Interested Candidates may walk-in for an interview on 29th August, Wednesday between 10 am to 4pm at HOTEL NIKI, VSS MARG SAMBALPUR & 30 th August, Thursday between 10 am to 4pm at HOTEL KALINGA ASHOK, KALPANA SQUIRE, BHUBANESWAR, Contact : Mr. Prasanth Kar, Sr. Regional Manager, 74899 88911. Those who are unable to attend the interview may send your detailed profile to hr@shanmukhaagritech.com
SHANMUKHA AGRITEC LIMITED
Corp. Off: 7-1-621/98, Opp. Axis Bank, S.R. Nagar Main Road, Hyderabad - 500 038. Ph: 040-6668 7275/76/77 www.shanmukhaagritech.com
A Good Decision will Lead to a Great Career...

**ENGINEERING & TRADING CO REQUIRED**
Architects, Manager, Sales Officer (10 Nos.), Engineer Civil, Electrical, Mechanical, Supervisor, Accountant, Car Driver, Security, Welder.
Contact: 0674 2973254, 9238482524, 9090732020

**WANTED**
ଏକ Tourism ସଂସ୍ଥା ପାଇଁ 10th କିମ୍ବା +2 ପାସ୍ କରିଥିବା Female Staff ଆବଶ୍ୟକ। ଦରମା: 8000/- ରୁ 10,000/-.
RISHIKA HOLIDAYS, Bhubaneswar.
Mob: 9437456365

**ଆବଶ୍ୟକ**
ଭୁବନେଶ୍ୱରରେ ଘର କାମ ପାଇଁ ୨୨ ବର୍ଷ ମଧ୍ୟରେ ପୁଅ କିମ୍ବା ଝିଅ ଆବଶ୍ୟକ। ଭଲ ଦରମା ସହ ଖାଇବା ଏବଂ ରହିବା ମାଗଣା ଦିଆଯିବ।
ଯୋଗାଯୋଗ: 9438674500

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# ଧାନ ଫସଲରେ ରୋଗ, ପୋକ ନିୟନ୍ତ୍ରଣ



ଲକ୍ଷ୍ମୀନାରାୟଣ ଦାଶ



ଧାନ ଆମ ରାଜ୍ୟର ମୁଖ୍ୟ ଖରିଫ ଫସଲ। କିନ୍ତୁ ରୋଗ, ପୋକ ଆକ୍ରମଣ ଯୋଗୁ ଏହି ଫସଲର ଉତ୍ପାଦନ ବିଶେଷ ଭାବରେ ହ୍ରାସ ହୋଇଥାଏ। ଆଗରୁ ଏହି ପୃଷ୍ଠାରେ ଲେଡ଼ାପୋକ ଏବଂ ମାଟିଆଗୁଣ୍ଡି (ଚକଡ଼ା) ପୋକ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି। ଚାଷୀମାନଙ୍କ ଅବଗତ ନିମନ୍ତେ ଧାନଫସଲର ଅନ୍ୟାନ୍ୟ ମୁଖ୍ୟ ରୋଗ ଏବଂ ପୋକର ଅନୁମୋଦିତ ରାସାୟନିକ ନିୟନ୍ତ୍ରଣ ବ୍ୟବସ୍ଥା ସମ୍ପର୍କରେଏଠାରେ ସୂଚିତ କରାଯାଉଛି..

## ପୋକ ନିୟନ୍ତ୍ରଣ

**କାଣ୍ଡବିନ୍ଧା ପୋକ:** ଏକର ପ୍ରତି ଟ୍ରାଇଆଜୋଫସ୍ ୪୦ ଶତକଡ଼ା ଇ.ସି. ୪୦୦ମିଲି କିମ୍ବା ଫୋଜାଲୋନ୍ ୩୫ ଶତକଡ଼ା ଇ.ସି. ୪୦୦ମିଲି କିମ୍ବା ବେନ୍‌ଫ୍ୟୁରାକାର୍ବ ୪୦ ଶତକଡ଼ା ଇ.ସି. ୪୦୦ମିଲି କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଶତକଡ଼ା ଏସ୍.ପି. ୩୦୦ଗ୍ରାମ କିମ୍ବା କ୍ୱିନାଲ୍‌ଫସ୍ ୨୫ ଶତକଡ଼ା ଇ.ସି. ୪୦୦ମିଲି. କିମ୍ବା କ୍ଲୋରୋପାଇରିଫସ୍ ୨୦ ଶତକଡ଼ା ଇ.ସି. ୪୦୦ ମିଲି. କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫ ଶତକଡ଼ା ଏସ୍.ସି. ୬୦ମିଲି. ୨୦୦ଲିଟରର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଏକର ପ୍ରତି କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ଜି ୧୦ କେ.ଜି. କିମ୍ବା କ୍ଲୋର୍‌ପାଇରିଫସ୍ ୧୦ ଜି, ୧୦ କେ.ଜି. ଦାନାଦର ଖେତରେ ପ୍ରୟୋଗକଲେ କାଣ୍ଡବିନ୍ଧା ପୋକ ନିୟନ୍ତ୍ରଣ ହୋଇଥାଏ।

**କାହାଳିଆ ପୋକ:** କାଣ୍ଡବିନ୍ଧାର ନିୟନ୍ତ୍ରଣ ବ୍ୟବସ୍ଥା ମଧ୍ୟ କାହାଳିଆ ପୋକର ନିୟନ୍ତ୍ରଣ ପାଇଁ ପ୍ରଯୁଜ୍ୟ।

**ଧଳାପିଠିଆଗୁଣ୍ଡି ପୋକ ଏବଂ ପତ୍ରଡିଆଁ ପୋକ:** ମାଟିଆଗୁଣ୍ଡି (ଚକଡ଼ା) ପୋକ ପାଇଁ ବର୍ଣ୍ଣିତ ନିରାକରଣ ବ୍ୟବସ୍ଥା ଏହି ପୋକଙ୍କ ନିରାକରଣ ଲାଗି ପ୍ରଯୁଜ୍ୟ।

**ପତ୍ରମୋଡ଼ା ପୋକ:** ଏକର ପ୍ରତି ୨୦୦ ଗ୍ରାମ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଶତକଡ଼ା ଏସ୍.ପି. କିମ୍ବା ୨୦୦ ମିଲି ଲାମ୍ବଡାସାଇହାଲୋଥ୍ରିନ୍ ୫ ଶତକଡ଼ା ଇ.ସି. କିମ୍ବା ଥାୟୋନୋଥୋକ୍ସାମ ୨୫ ଶତକଡ଼ା ଡବ୍ଲ୍ୟୁ.ଜି. ୪୦ ଗ୍ରାମ କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୨୦ ଶତକଡ଼ା ଡବ୍ଲ୍ୟୁ.ଜି. ୮୦ଗ୍ରାମ ୨୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଏକର ପ୍ରତି ୧୦ କେ.ଜି. ଫିପ୍ରୋନିଲ୍ ୩ ଶତକଡ଼ା ଜି. ଖେତରେ ପ୍ରୟୋଗକରି ମଧ୍ୟ ପତ୍ରମୋଡା ପୋକ ନିୟନ୍ତ୍ରଣ କରାଯାଇପାରେ।

**ନଳୀ ପୋକ/ବିରିହା ପୋକ:** ଏକର ପ୍ରତି କୁଇନାଲ୍‌ଫସ୍ ୨୫ ଶତକଡ଼ା ଇ.ସି. ୪୦୦ମିଲି କିମ୍ବା ଫୋସାଲୋନ୍ ୩୫ ଶତକଡ଼ା ଇ.ସି. ୪୦୦ମି.ଲି. କିମ୍ବା ମନୋକ୍ରୋଟୋଫସ୍ ୩୬ ଶତକଡ଼ା ଏସ୍.ଏଲ୍. ୪୦୦ମିଲି କିମ୍ବା କ୍ଲୋରୋପାଇରିଫସ୍ ୨୦ ଶତକଡ଼ା ଇ.ସି. ୪୦୦ ମିଲି ୨୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ।

**ଗନ୍ଧିପୋକ:** ଏକର ପ୍ରତି ୪୦୦ମିଲି ମାଲାଥିଅନ୍ ୫୦ ଶତକଡ଼ା ଇ.ସି. କିମ୍ବା ୧ କେ.ଜି. କାର୍ବାରିଲ୍ ୫୦ ଶତକଡ଼ା ଡବ୍ଲ୍ୟୁ.ପି. କିମ୍ବା ୪୦୦ମିଲି ମିଥାଇଲ୍ ଅକ୍ସିଡେମିଟନ୍ ୨୦ ଶତକଡ଼ା ଇ.ସି. ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଦହିଆପୋକ:** ଗନ୍ଧିପୋକର ନିୟନ୍ତ୍ରଣ ବ୍ୟବସ୍ଥା ମଧ୍ୟ ଏହି ପୋକ ପାଇଁ ପ୍ରଯୁଜ୍ୟ।

## ରୋଗ ନିୟନ୍ତ୍ରଣ

**ମହିଷା ରୋଗ:** ଏକର ପ୍ରତି ୨୦୦ମିଲି କାସୁଗାମାଇସିନ୍ ୩ ଶତକଡ଼ା ଏସ୍.ଏଲ୍. କିମ୍ବା ୧୨୦ ଗ୍ରାମ ଟ୍ରାଇସାଇକ୍ଲୋଜୋଲ୍ ୭୫ ଶତକଡ଼ା ଡବ୍ଲ୍ୟୁ.ପି. ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ।

**ବାଦାମୀ ପତ୍ରଚିତା ରୋଗ:** ଏକର ପ୍ରତି ୨୦୦ ଲିଟର ପାଣି ସହିତ ମାନ୍‌କୋଜେବ୍ ୭୫ ଶତକଡ଼ା ଡବ୍ଲ୍ୟୁ.ପି. ୬୦୦ଗ୍ରାମ କିମ୍ବା କାର୍ବେଣ୍ଡାଜିମ୍ ୫୦ ଶତକଡ଼ା ଡବ୍ଲ୍ୟୁ.ପି. ୪୦୦ଗ୍ରାମ କିମ୍ବା କ୍ଲୋରୋଥାଲୋନିଲ ୭୫ ଶତକଡ଼ା ଡବ୍ଲ୍ୟୁ.ପି. ୪୦୦ଗ୍ରାମ କିମ୍ବା ପ୍ରୋପିକୋନାଜୋଲ୍ ୨୫ ଶତକଡ଼ା ଇ.ସି. ୨୦୦ମିଲି ପତ୍ର ସିଞ୍ଚନ କରନ୍ତୁ।

**ପତ୍ରପୋଡ଼ା ରୋଗ:** ଏକର ପ୍ରତି ୨୦୦ଲିଟର ପାଣି ସହିତ ୨୦୦ ଗ୍ରାମ ପ୍ଲାଣ୍ଟୋମାଇସିନ୍ + ୪୦୦ ଗ୍ରାମ କପର ଅକ୍ସିକ୍ଲୋରାଇଡ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ।

**ପତ୍ରାଚ୍ଛାଦ ପୋଡ଼ା:** ଏକର ପ୍ରତି ୨୦୦ ଲିଟର ପାଣି ସହିତ ୨୦୦ ମିଲି ପ୍ରପିକୋନାଜୋଲ୍ ୨୫ ଶତକଡ଼ା ଇ.ସି. କିମ୍ବା ୪୦୦ ମିଲି ହେକ୍ସାକୋନାଜୋଲ୍ ୫ ଶତକଡ଼ା ଇ.ସି. କିମ୍ବା ୪୦୦ ମିଲି ମେଟାଲାକ୍ସିଲ୍ ୩୫ ଶତକଡ଼ା ଡବ୍ଲ୍ୟୁ.ଏସ୍. ମିଶାଇ ପତ୍ର ସିଞ୍ଚନ କରନ୍ତୁ।

**ପତ୍ରାଚ୍ଛାଦ ଶଢ଼ା:** ଏକର ପ୍ରତି ୨୦୦ ଲିଟର ପାଣି ସହିତ ୪୦୦ ମିଲି ଭାଲିଡାମାଇସିନ୍ ୩ ଶତକଡ଼ା ଏଲ୍ କିମ୍ବା ୨୦୦ମିଲି ପ୍ରପିକୋନାଜୋଲ୍ ୨୫ ଶତକଡ଼ା ଇ.ସି. କିମ୍ବା ୪୦୦ ମି.ଲି. ହେକ୍ସାକୋନାଜୋଲ୍ ୫ ଶତକଡ଼ା ଇ.ସି. କିମ୍ବା ୩୦୦ ଗ୍ରାମ କାର୍ବେଣ୍ଡାଜିମ୍ ୫୦ ଶତକଡ଼ା ଡବ୍ଲ୍ୟୁ.ପି. ମିଶାଇ ପତ୍ର ସିଞ୍ଚନ କରନ୍ତୁ।

**ମୂଳଶଢ଼ା ରୋଗ:** ଏକର ପ୍ରତି ୨୦୦ ଲିଟର ପାଣି ସହିତ ୨୦୦ ଗ୍ରାମ ବେନୋମିଲ୍ ୫୦ ଶତକଡ଼ା ଡବ୍ଲ୍ୟୁ.ପି. + ୨୦୦ ଗ୍ରାମ ଥିରାମ୍ ୭୫ ଶତକଡ଼ା ଡବ୍ଲ୍ୟୁ.ପି. କିମ୍ବା ୬୦୦ଗ୍ରାମ ମେଟାଲାକ୍ସିଲ୍ ୮ ଶତକଡ଼ା + ମାନ୍‌କୋଜେବ୍ ୬୪ ଶତକଡ଼ା ଡବ୍ଲ୍ୟୁ.ପି. ଗୋଲାଇ ୭ ଦିନ ଅନ୍ତରରେ ପତ୍ର ସିଞ୍ଚନ କରନ୍ତୁ।

**ସାଆରା ରୋଗ:** ଏକର ପ୍ରତି ୨୦୦ ଲିଟର ପାଣି ସହିତ ୩୦୦ ଗ୍ରାମ କାର୍ବେଣ୍ଡାଜିମ୍ ୫୦ ଶତକଡ଼ା ଡବ୍ଲ୍ୟୁ.ପି. ପତ୍ର ସିଞ୍ଚନ କରନ୍ତୁ।

ସବିଶେଷ ବିବରଣୀ ପାଇଁ ନିକଟସ୍ଥ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରିପାରିବେ।

– ଜିଲା କୃଷି ଅଧିକାରୀ, ଦଶପଲ୍ଲା,ନୟାଗଡ,
ମୋ:୯୯୩୭୬୫୨୬୮୬

# ବର୍ଷାଦିନିଆ ଚିନାବାଦାମ ବିହନ ଚାଷ



(ଦ୍ୱିତୀୟ ଭାଗ)

ସମନ୍ୱିତ ରୋଗ ପୋକ ପରିଚାଳନାରେ ଚିନାବାଦାମ ଫସଲକୁ ସୁରକ୍ଷା ଲାଗି ବ୍ୟବସ୍ଥା କରନ୍ତୁ। ପ୍ରଥମରୁ ୫ ପ୍ରତିଶତ ନିମ୍ବ ଜାତୀୟ କୀଟନାଶକକୁ ଫସଲରେ ୮–୧୦ ଦିନ ଅନ୍ତରରେ ସିଞ୍ଚନ କରନ୍ତୁ। ମୁଖ୍ୟ ଅନିଷ୍ଟକାରୀ ପୋକ– ପତ୍ର ସୁଡଙ୍ଗୀ, ଧବଳ ଭୃଙ୍ଗ, ଜଉ ଉଇ ନିୟନ୍ତ୍ରଣ ନିମନ୍ତେ କ୍ଲୋରୋପାଇରିଫସ୍ ବା ଟ୍ରାୟାଜୋଫସ୍ ୨ ମି.ଲି ଲିଟର ପ୍ରତି ସିଞ୍ଚନ କରନ୍ତୁ।

ରୋଗ– ଗଜା ଶଢା, କାଣ୍ଡ ଶଢା, ଟିକା, କଳଙ୍କି ଓ ମୁଟୁଳ ପୋଡାର ନିୟନ୍ତ୍ରଣ ନିମନ୍ତେ ପ୍ରତି ଲିଟା ପାଣିରେ ଘର୍ବେଣ୍ଡାଜିମ୍ ୨ ଗ୍ରାମ କିମ୍ବା ମାନକୋଜେବ୍ ୨ ଗ୍ରାମ ଅଥବା କ୍ଲୋରୋଥାଲୋନିଲ୍ ୧ ଗ୍ରାମ ମିଶାଇ ଫସଲରେ ଏକର ପ୍ରତି ୨୦୦ ଲିଟର ବା ୧୫ ଲିଟରିଆ ୧୩ ଡ୍ରମ୍ ସିଞ୍ଚନ କରନ୍ତୁ।

ବିଭିନ୍ନ ପ୍ରମାଣନ ନିମିତ୍ତ ossop-ca.nic.in ରେ ଅନ୍‌ଲାଇନ୍ ଆବେଦନ କରିବା ଆବଶ୍ୟକ। ସର୍ବାଧିକ ୪ ହେକ୍ଟର ଆବେଦନ କରାଯାଇପାରିବ। ପଞ୍ଜୀକରଣ ଦେୟ ୨୫ ଟଙ୍କା ଓ ପରିଦର୍ଶନ ଦେୟ ୧ ହେକ୍ଟର ବା ଅଂଶ ପ୍ରତି ୩୫୦ ଟଙ୍କା କରି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଇ–ପେ କିମ୍ବା ଆକ୍ସିସ ବ୍ୟାଙ୍କରେ ଦାଖଲ କରି ବିଭିନ୍ନ ପ୍ରମାଣନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆବେଦନର ୩ ଦିନ ମଧ୍ୟରେ ସମସ୍ତ କାଗଜପତ୍ର ଓ ଫଳକଗୁଡ଼ିକୁ ତନଖି କରାଇନେବା ଦରକାର। ପଞ୍ଜୀକୃତ ବିହନ ଫସଲରେ ପରିଦର୍ଶନ ଦୁଇଥର (ସର୍ବନିମ୍ନ) ଓହଳ ପ୍ରବେଶରୁ ଅମଳ ପୂର୍ବାବସ୍ଥା ମଧ୍ୟରେ କରାଯାଏ। ଫସଲରେ କୌଣସି ପ୍ରକାର ପାର୍ଥକ୍ୟ ଦେଖାଯାଉଥିବା ମିଶା କିସମ ଗଛଗୁଡିକୁ ତୁରନ୍ତ ଅଲଗା କରିଦିଅନ୍ତୁ। ବିଲଗନ ଦୂରତା ୩ ମିଟର ରଖି ପିଣ୍ଡ ଓ ପ୍ରାମାଣିକ ବିହନ ଉତ୍ପାଦନରେ ଯଥାକ୍ରମେ ୧ ହଜାର ଗଛରେ ୧ ଟି ଓ ୨ ଟି (ସର୍ବାଧିକ) ମିଶା କିସମ ଗଛରୁ ସୀମା ରହିଛି। ବିହନ ଅମଳ ପତ୍ର ପ୍ରକ୍ରିୟାକରଣ ପରେ ନମୂନା ସଂଗ୍ରହ କରି ବିହନର ମାନ ପରୀକ୍ଷାଗାରରେ ଯୋଗ୍ୟ କି ନାହିଁ, ଜଣାଯାଇ ପାସ୍ ଥାକର ବିହନ ବସ୍ତାରେ ଫଳକ ଲଗାନ୍ତୁ।

ପତ୍ର ହଳଦିଆ ପଡି ୭୦–୭୫ ପ୍ରତିଶତ ଫଳର ଭିତର ଅଂଶରେ କଳା ଶିରା ଦେଖାଯାଇ ଫଳଠାରୁ ଦାନା ଅଲଗା ହେବା ଅବସ୍ଥା ଆସିଗଲେ ଫସଲ ଅମଳ କରାଯାଏ। ଗଛ ଉପାଡିବା ପରେ ବାଦାମକୁ ନ ଛିଡାଇ ଛୋଟ ଛୋଟ ବିଡାରେ ବାନ୍ଧି ବାଦାମକୁ ଉପରକୁ ରଖି ୫–୬ଦିନ ଖରାରେ ଶୁଖାନ୍ତୁ। କାରଣ ଆର୍ଦ୍ରତା ୯ ପ୍ରତିଶତରୁ କମ୍ ହେଲେ ଫିମ୍ପି ସଂକ୍ରମଣର ଆଶଙ୍କା ବେଶୀ ହୋଇଥାଏ, ଯାହା ଗଜା ଶକ୍ତିକୁ କମାଇଦିଏ। ପ୍ରତ୍ୟେକ କିସମ ଓ ଶ୍ରେଣୀର ଅମଳ ପୃଥକ୍ ଭାବେ କରନ୍ତୁ। ଅମଳ ପରେ ଫଳକୁ ୩–୪ଦିନ ଖରାରେ ଶୁଖାନ୍ତୁ। ବିହନ ନିମନ୍ତେ କେବଳ ଭଲ, ପାକଳ,ପରିଷ୍କାର ଚିନାବାଦାମ ବସ୍ତାଗୁଡିକୁ କାଠପଟାର ଭାଡି ଉପରେ ଅଳ୍ପ ଉଚ୍ଚ ଥାକରେ ପବନ ଆତଯାତ ସ୍ଥାନରେ ସାଇତି ରଖନ୍ତୁ। ଏହା ଦ୍ୱାରା ଗଜାଶକ୍ତି ଭଲ ରହିଥାଏ।

–ଡ.ପରେଶ କୁମାର ପଣ୍ଡା
ସହକାରୀ ବିହନ ପ୍ରମାଣନ
ଅଧିକାରୀ,ଭୁବନେଶ୍ୱର
ମୋ: ୭୨୦୫୦୯୬୦୮୦

# ଅଳସୀ ବୁଣିବା ପୂର୍ବରୁ..



ଅଳସୀ ବୁଣାବୁଣି କାମ ଶୀଘ୍ର କରନ୍ତୁ। ଏଥିଲାଗି ଦେଓମାଳି ଓ ଆଇଜିପି–୭୬ ଆଦି କିସମ ସଂଗ୍ରହ କରନ୍ତୁ। ବୁଣିବା ପୂର୍ବରୁ ସୂକ୍ଷ୍ମ କଣା ଥିବା ଚାଲୁଣି ସାହାଯ୍ୟରେ ବିହନରୁ ନିର୍ମୂଳି ମଞ୍ଜି ବାହାର କରି ଦିଅନ୍ତୁ। ଏକର ପ୍ରତି ୪ କିଗ୍ରା ବିହନ ବ୍ୟବହାର କରନ୍ତୁ। ବୁଣିବା ପୂର୍ବରୁ ଏକ କିଗ୍ରା ବିହନକୁ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ସହିତ ଗୋଳାଇ ବିଶୋଧନ କରନ୍ତୁ। ଧାଡକୁ ଧାଡି ୩୦ ସେମି ବ୍ୟବଧାନରେ ବିହନ ବୁଣନ୍ତୁ। ବୁଣିବା ପୂର୍ବରୁ ଏକର ପ୍ରତି ୮ କିଗ୍ରା ଯବକ୍ଷାରଜାନ, ୮ କିଗ୍ରା ଫସ୍‌ପରସ୍ ଓ ୮ କିଗ୍ରା ପଟାସ୍ ପ୍ରୟୋଗ କରନ୍ତୁ।

## ଚାଷୀଙ୍କ ପାଇଁ...

ବନ୍ୟା ପ୍ରଭାବିତ ଅଞ୍ଚଳରେ ଧାନ ଫସଲରେ ଲେଡାପୋକ ଲାଗିବାର ଦେଖାଯାଏ। ଏହି ପୋକ ଧାନ ଫସଲରେ ଦଳ ଦଳ ହୋଇ ଦେଖାଯାଆନ୍ତି। ଶୁଖିଲା ପାଗ ପରେ ଥଣ୍ଡାପାଗ ଅନୁଭୂତ ହେଲେ ଏହି ପୋକ ଅଧିକ ଦେଖାଯାଆନ୍ତି। ଅଳ୍ପ ବୟସର ପୋକ କଅଁଳ ପତ୍ର ଖାଇବା ବେଳେ ଶେଷ ଅବସ୍ଥାର ଶୁକ ସମ୍ପୂର୍ଣ୍ଣ ଗଛ ଖାଇଯାଆନ୍ତି। ଅଧିକ ବର୍ଷା ବା ବନ୍ୟା ପରେ ଏହି ଶୁକ ଦେଖାଯାଆନ୍ତି। ଏହାର ପରିଚାଳନା କିପରି କରିବେ ସେ ସମ୍ପର୍କରେ ଏଠାରେ ସୂଚିତ କରାଯାଉଛି...

- କ୍ଷେତ ଚାରିପାଖେ ହିଡରେ ଶତକଡା କ୍ଲୋରୋପାଇରିଫସ୍ ଗୁଣ୍ଡକୁ ଏକର ପ୍ରତି ୧୦ ରୁ ୧୨ କିଗ୍ରା ପ୍ରୟୋଗ କରନ୍ତୁ।
- ସନ୍ଧ୍ୟା ସମୟରେ ଏକର ପ୍ରତି ୧୦ରୁ ୧୨ କିଗ୍ରା କ୍ଲୋରୋପାଇରିଫସ୍ ଗୁଣ୍ଡ (ଶତକଡା ୧.୫ ଭାଗ) ପ୍ରୟୋଗ କରନ୍ତୁ କିମ୍ବା ଏକର ପ୍ରତି ୨୦୦ ମିଲି ଡିଡିଭିପି କିମ୍ବା ୪୦୦ ମିଲି ଟ୍ରାଏଜୋଫସ୍ କିମ୍ବା ୪୦୦ ମିଲି କ୍ଲୋରୋପାଇରିଫସ୍ ବିଳମ୍ବିତ ଅପରାହ୍ନ ସମୟରେ ସିଞ୍ଚନ କରନ୍ତୁ।



# ବାଇଗଣ ଓ ଟମାଟୋରେ ପତ୍ରପୋଡ଼ା ରୋଗ

ବର୍ତ୍ତମାନ ପାଗରେ ଅନେକ ପନିପରିବା ଫସଲରେ ବିଶେଷତଃ ବାଇଗଣ ଏବଂ ଅଦିନିଆ ଟମାଟୋରେ ବିଭିନ୍ନ ସମସ୍ୟା ଦେଖାଦେଇଥାଏ। ସେଥିମଧ୍ୟରୁ ପତ୍ରପୋଡ଼ା ରୋଗ ଅନ୍ୟତମ। ଯଦି ଆପଣଙ୍କ ଫସଲରେ ଏହି ରୋଗ ଦେଖାଦିଏ ତେବେ ଜମିରୁ ଭଲ ଭାବେ ପାଣି କାଟି ଦିଅନ୍ତୁ। ପ୍ରତି ଲିଟର ପାଣିରେ ୧ ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ସହିତ ଏକ ଗ୍ରାମ ପ୍ଲାଣ୍ଟୋମାଇସିନ୍ ମିଶାଇ ମୂଳ ମାଟି ଭିଜିଲା ଭଳି ସିଞ୍ଚନ କରନ୍ତୁ।

ବାଇଗଣରେ କାଙ୍କିଡିଆ ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୪ ଗ୍ରାମ କାର୍ବାରିଲ୍ ସେଚିତ ଗୁଣ୍ଡ ମିଶାଇ ସିଞ୍ଚନ କରନ୍ତୁ। ବର୍ଷାଦିନେ ବାଇଗଣରେ କାଣ୍ଡ ଓ ଫଳପଚା ରୋଗ ଲାଗିବାର ବହୁତ ଆଶଙ୍କା ଅଛି। ଏହାର ପ୍ରତିକାର ପାଇଁ ପ୍ରତି ଲିଟର ପାଣିରେ ୩ ମିଲି ଉପରେ ଅକ୍ସିକ୍ଲୋରାଇଡ କିମ୍ବା ବୋଡାକ୍ସ ମିକ୍ସଚର (୫.୫.୫୦) ହିସାବରେ ମିଶାଇ ସିଞ୍ଚନ କରନ୍ତୁ।

# କପାରେ ବକରା କୀଟ



କପାରେ ୬୦ ରୁ ୯୦ ଦିନ ମଧ୍ୟରେ ଲାଗୁଥିବା ଆମେରିକୀୟ ବକରା କୀଟ, ଚିତ୍ରିତ ବକରା କୀଟ ଗିତିବଧି ନିୟନ୍ତ୍ରଣ କରିବା ପାଇଁ ଏକର ପ୍ରତି ୨ ଗୋଟି ସଙ୍ଗ ଆକର୍ଷକଯନ୍ତା ବସାନ୍ତୁ। ୨ ଟି ଯନ୍ତା ମଧ୍ୟରେ ଅତି କମ୍‌ରେ ୩୦ ରୁ ୪୦ ମିଟର ଦୂରତା ରଖନ୍ତୁ। ଗଛର ଉପର ଭାଗଠାରୁ ଯନ୍ତା ମୁହଁର ଦୂରତ୍ୱ ଏକ ଫୁଟ ରହିବା ଦରକାର। ଏକର ପ୍ରତି ୨୦ ହଜାର ଟ୍ରାଇକୋଗାମା ଅଣ୍ଡା ନାଶି ପରାଶ୍ରୟୀ କୀଟକୁ (କେବଳ ଆମେରିକୀୟ ବକରା କୀଟର ଦମନ ପାଇଁ) ୧୦ ଦିନ ବ୍ୟବଧାନରେ ୨ ଥର ଛାଡନ୍ତୁ। ଏକର ପ୍ରତି ୨୦୦ ଶୁକ ସମତୁଲ ଏଚ୍‌ଏନ୍ ପିଭି କିମ୍ବା ଏକ ଲିଟର ଏଣ୍ଡୋସଲ୍‌ଫାନ୍ ସିଞ୍ଚନ କରି ବକରା କୀଟ ନିୟନ୍ତ୍ରଣ କରନ୍ତୁ।

ପ୍ରଥମ ପୃଷ୍ଠାରୁ...

## ମହାନଦୀରେ ଆସୁଛି...

ଆସନ୍ତା ୩୦ ତାରିଖ ସୁଦ୍ଧା ସେଠାରେ ୮ ରୁ ୮.୫ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମହାନଦୀ ଅବବାହିକାରେ ଥିବା ସମ୍ବଲପୁର, ଅନୁଗୋଳ, ବୌଦ୍ଧ, ସୁବର୍ଣ୍ଣପୁର, ନୟାଗଡ, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ଖୋର୍ଦ୍ଧା, ପୁରୀ ଆଦି ୧୧ ଜିଲାର ଜିଲାପାଳଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ଆରଡିସି, ଆଇଜି(ଆଇନଶୃଙ୍ଖଳା), ଅଗ୍ନିଶମ ବିଭାଗ, ଓଡ୍ରାଫ ଏବଂ ଏନଡିଆରଏଫର ୩ୟ ବାଟାଲିୟନକୁ ମଧ୍ୟ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁର ଜିଲାର ତଳିଆ ଅଞ୍ଚଳରେ ରହିଥିବା ଲୋକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆରସି) ବିଷ୍ଣୁପଦ ସେଠୀ କହିଛନ୍ତି। ୨୫ଟି ଗେଟ ଖୋଲାଯାଉଥିବାରୁ ମହାନଦୀର ଉପନଦୀ ଓ ଏହାର ଶାଖାନଦୀରେ ବନ୍ୟା ପରିସ୍ଥିତି ଉପୁଜିବା ଆଶଙ୍କା ରହିଛି। ସାଳନ୍ଦୀ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବାରୁ ତିହିଡି ବ୍ଲକ ଓ ଭଦ୍ରକ ମ୍ୟୁନିସିପାଲିଟିରେ ବନ୍ୟାଜଳ ପ୍ରବେଶ କରିବା ସମ୍ଭାବନା ରହିଛି। ପରିସ୍ଥିତି ଉପରେ ନଜର ରଖିବାକୁ ଭଦ୍ରକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଏସ୍‌ଆରସି ସୂଚନା ଦେଇଛନ୍ତି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଦୁର୍ବଳ ନଦୀବନ୍ଧ ଓ ସମ୍ବେଦନଶୀଳ ସ୍ଥାନଗୁଡ଼ିକ ଉପରେ ନଜର ଦେବାକୁ କ୍ଷେତ୍ରାଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ଦେଶୀ ଡଙ୍ଗା ଯୋଗାଡ଼ କରିବା ସହ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବାକୁ ସ୍ୱେଚ୍ଛାସେବୀମାନଙ୍କୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବହୁମୁଖୀ ଆଶ୍ରୟସ୍ଥଳୀଗୁଡିକୁ ପରିଦର୍ଶନ କରି ପ୍ରସ୍ତୁତ ରଖିବା ସହ ଆଲୋକ ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି। ସାଟେଲାଇଟ ଫୋନ ପ୍ରସ୍ତୁତ ରଖିବା ଏବଂ ବନ୍ୟା ନିୟନ୍ତ୍ରଣ କକ୍ଷ ଗୁଡିକ ୨୪ଘଣ୍ଟିଆ ଖୋଲା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଲଘୁଚାପ ଦୁର୍ବଳ ହୋଇ ଯାଇଥିବାରୁ ମହାନଦୀ ଉପରମୁଣ୍ଡରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷାର ସମ୍ଭାବନା ନାହିଁ। ତେବେ ଆସନ୍ତା ସେପ୍ଟେମ୍ବର ୧ ବେଳକୁ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟିହେବାର ସମ୍ଭାବନା ରହିଛି। ଲଘୁଚାପ ଯଦି ଘନୀଭୂତ ହେବ ତେବେ ପରିସ୍ଥିତିକୁ ଆହୁରି ବିଗାଡିବ ବୋଲି ଅନୁମାନ କରାଯାଉଛି।

ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ ନିର୍ମାଣ କରୁଥିବା ବ୍ୟାରେଜ ଓଡିଶା ପାଇଁ କାଳ ହେବାକୁ ଯାଉଛି। ଉଭୟ ବର୍ଷା ଓ ଖରାଦିନରେ ମହାନଦୀ ଅବବାହିକାରେ ଥିବା ଜିଲାଗୁଡିକର ଲୋକମାନେ ଉଭୟ ବନ୍ୟା ଓ ଜଳାଭାବର ସମସ୍ୟା ଭୋଗିବେ। ଖରାଦିନେ ଜଳାଭାବ ସମସ୍ୟା ଏବଂ ବର୍ଷାଦିନେ ବନ୍ୟା ପରିସ୍ଥିତି ସୃଷ୍ଟି ହେବ। ଚଳିତ ବନ୍ୟା ଆଶଙ୍କା ପାଇଁ ଜଳସମ୍ପଦ ବିଭାଗ ସଚିବ ପ୍ରଦୀପ ଜେନା ଛତିଶଗଡ ଉପରକୁ ଅଙ୍ଗୁଳି ଉଠାଇଛନ୍ତି। ସେ କହିଛନ୍ତି ଯେ ଛତିଶଗଡ଼ରେ ଯେତିକି ବର୍ଷା ହେଉଛି ସେଥିରେ ବନ୍ୟା ପରିସ୍ଥିତି ଉପୁଜିବା ସମ୍ଭାବନା କମ୍। ଛତିଶଗଡ ବ୍ୟାରେଜରୁ ଏକକାଳୀନ ନିଷ୍କାସିତ ଜଳ ବନ୍ୟା ସମ୍ଭାବନା ସୃଷ୍ଟି କରିଛି। ମଧ୍ୟମ ଧରଣର ବନ୍ୟା ଆଶଙ୍କା ଥିବାରୁ ଲୋକମାନେ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି।

## ବାର୍‌ବରାଙ୍କ ସମେତ ...

ଶାସକ ପେଶୱା ବାଜିରାଓ ଦ୍ୱିତୀୟଙ୍କ ସେନାକୁ ପରାଜିତ କରିଥିଲା। ଭୀମା କୋରେଗାଓଁ ଯୁଦ୍ଧ ନାମରେ ବିଖ୍ୟାତ ଏହି ସଂଘର୍ଷରେ ବ୍ରିଟିଶ ସରକାରଙ୍କ ପଟୁ ଲଢୁଥିଲା ମାହାର ରେଜିମେଣ୍ଟ। ମାହାର ସମ୍ପ୍ରଦାୟକୁ ସେତେବେଳେ ଅସ୍ପୃଶ୍ୟ ଭାବେ ପରିଗଣିତ କରାଯାଉଥିଲା। ଗତ ଜାନୁୟାରୀ ୧ରେ ପୁଣେରେ ଏହି ଐତିହାସିକ ଯୁଦ୍ଧର ୨୦୦ ବର୍ଷ ପୂର୍ତ୍ତି ଅବସରରେ 'ଶୌର୍ଯ୍ୟ ଦିବସ' ପାଳନ କରୁଥିଲା ମାହାର ସମ୍ପ୍ରଦାୟ। ପ୍ରାୟ ୩ ଲକ୍ଷ ଲୋକ ଶୋଭାଯାତ୍ରାରେ ବାହାରି ଯୁଦ୍ଧ ସ୍ମାରକୀ ନିକଟରେ ଏକତ୍ରିତ ହୋଇଥିବାବେଳେ କେତେକ ହିନ୍ଦୁତ୍ୱବାଦୀ ଦକ୍ଷିଣପନ୍ଥୀ ସଙ୍ଗଠନ ବିରୋଧ କରିଥିଲେ। ସ୍ଥାନୀୟ ଦୁଇଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କରୁ ହାତାହାତି ଯାଏ କଥା ଯାଇଥିଲା। ଭୀମା–କୋରେଗାଓଁ, ପବଲ୍ ଓ ଶିକ୍ରାପୁର ଗ୍ରାମର ଲୋକଙ୍କ ସହ ଉତ୍ସବ ମନାଉଥିବା ଲୋକେ ଗଣ୍ଡଗୋଳ କରିଥିଲେ। ଶେଷରେ ଏହା ସଂଘର୍ଷ ଓ ଜାତିଆଣ ହିଂସାର ରୂପନେଇଥିଲା। ଏଥିରେ ଦଳିତ ସମ୍ପ୍ରଦାୟର ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଥିଲେ। ପୋଲିସର କହିବା ଅନୁସାରେ ଡିସେମ୍ବର ୩୧ରେ 'ଏଲ୍‌ଗାର ପରିଷଦ' କାର୍ଯ୍ୟକ୍ରମରେ ଉତ୍ତେଜନାପୂର୍ଣ୍ଣ ଭାଷଣ ଦିଆଯିବା ଯୋଗୁ ଏହାର ଦିନକ ପରେ 'ଶୌର୍ଯ୍ୟ ଦିବସ' ପାଳନ ବେଳେ ହିଂସା ଘଟିଥିଲା। ଏଲ୍‌ଗାର ପରିଷଦ ସହ ଜଡ଼ିତ ୫ ଜଣଙ୍କୁ ଗତ ଜୁନରେ ପୋଲିସ ଗିରଫ କରିଥିଲା। ମାଓବାଦୀଙ୍କ ସହ ଏହି ଅଭିଯୁକ୍ତମାନଙ୍କ ଘନିଷ୍ଠ ସମ୍ପର୍କ ରହିଥିବା ବିଶ୍ରାମବାଗ୍ ଥାନାରେ ଦାଏର ଏଫ୍‌ଆଇଆର୍‌ରେ ଦର୍ଶାଯାଇଥିଲା। ସେମାନଙ୍କ ଘର ଯାଞ୍ଚ ବେଳେ ମିଳିଥିବା ଏକ ଚିଠିରୁ ବାରବରାଙ୍କ ନାମ ସାମ୍ନାକୁ ଆସିଥିଲା। ବାର୍‌ବରାଙ୍କୁ ହାଇଦ୍ରାବାଦସ୍ଥିତ ଗାନ୍ଧୀନଗର ବାସଭବନରୁ ପୁଣେ ପୋଲିସ ଗିରଫ କରିଛି। ଏହା ପୂର୍ବରୁ ପୋଲିସ ତାଙ୍କର ଦୁଇଝିଅ ଓ ଜଣେ ସାମ୍ବାଦିକଙ୍କ ଘରେ ମଧ୍ୟ ଯାଞ୍ଚ କରିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ରରେ ବାର୍‌ବରାଙ୍କ ସମ୍ପୃକ୍ତି ଥିବା ଦର୍ଶାଇ ପୋଲିସ ତାଙ୍କୁ ଗିରଫ କରିଥିବା ପରିବାର ଲୋକେ କହିଛନ୍ତି।

ଅନ୍ୟପକ୍ଷରେ ଏହି ଗିରଫଦାରିକୁ କେତେକ ମହଲରେ ନିନ୍ଦା କରାଯାଇଛି। ଦଳିତ ଅଧିକାର କର୍ମୀ, ଲେଖକ, କବି, ଆଇନଜୀବୀ ଓ ବୁଦ୍ଧିଜୀବୀମାନଙ୍କୁ ଅକାରଣେ ଗିରଫ କରାଯାଇଛି ବୋଲି ପ୍ରଖ୍ୟାତ୍ ଔପନ୍ୟାସିକା ଅରୁନ୍ଧତୀ ରାୟ ସମାଲୋଚନା କରିଛନ୍ତି। ଭାଜପା ସରକାର ବୁଦ୍ଧିଜୀବୀମାନଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଛି ବୋଲି ସିଭିଲ୍ ଲିବର୍ଟିଜ୍ କମିଟି ସଭାପତି ଗଦ୍ଦାମ ଲକ୍ଷ୍ମଣ ଅଭିଯୋଗ କରିଛନ୍ତି। ସୁପ୍ରିମକୋର୍ଟ ଓକିଲ ପ୍ରଶାନ୍ତ ଭୂଷଣ କହିଛନ୍ତି, ଫାସିବାଦୀମାନେ ଏବେ ମୁକ୍ତ ଭାବେ କାର୍ଯ୍ୟ କରୁଛନ୍ତି। ସରକାରଙ୍କ ବିରୋଧରେ ଯିଏ ସ୍ୱର ଉତ୍ତୋଳନ କଲେ ତାଙ୍କ ବିରୋଧରେ ସେମାନେ ଯାଉଛନ୍ତି। ଏହା ଖୋଲାଖୋଲି ଭାବେ ଜରୁରିକାଳୀନ ପରିସ୍ଥିତି ଘୋଷଣା ସହ ସମାନ। ପ୍ରସିଦ୍ଧ ଐତିହାସିକ ରାମଚନ୍ଦ୍ର ଗୁହା ଏହାର କଡ଼ା ନିନ୍ଦା କରିବା ସହ ମୁକ୍ତସ୍ୱରକୁ ଚପାଇଦେବା ପାଇଁ ହେଉଥିବା ଉଦ୍ୟମ ବିରୋଧରେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

## ଓଡ଼ିଶା ସୀମାରୁ ହଟିଲା ...

ଦୀଘା ଥାନାରେ ପଶ୍ଚିମବଙ୍ଗର ଲୋକପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ଏକ ବୈଠକ କରି ଘଟଣା ସମ୍ପର୍କରେ ତାଙ୍କ ରାଜ୍ୟ ସରକାରଙ୍କୁ ଅବଗତ କରାଇଛନ୍ତି। ଏହାକୁ ନେଇ ପଶ୍ଚିମବଙ୍ଗ ରାଜନୀତିରେ ଉଷ୍ମତା ବଢ଼ିଛି। ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ସରକାରଙ୍କୁ ବିରୋଧୀ ଦଳମାନେ ମଧ୍ୟ ଘେରିଛନ୍ତି। ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ସୀମାନ୍ତ ଇଲାକାରେ ଓଡ଼ିଶା ଅଞ୍ଚଳକୁ ଅନଧିକାର ପ୍ରବେଶ କରି ପଶ୍ଚିମବଙ୍ଗ ପ୍ରଶାସନ ହୋର୍ଡିଂ ଲଗାଇବା ଘଟଣାକୁ ଭୋଗରାଇ ବିଧାୟକ ତଥା ମନ୍ତ୍ରୀ ଅନନ୍ତ ଦାସ ଗୁରୁତର ଭାବେ ଗ୍ରହଣ କରି ମନ୍ତ୍ରୀ ଏବଂ ସଚିବସ୍ତରୀୟ ବୈଠକ କରିଥିଲେ। ୧୫ଦିନ ମଧ୍ୟରେ ଉକ୍ତ ନାମଫଳକ ହଟାଇ ନେବା ସକାଶେ ରାଜସ୍ୱମନ୍ତ୍ରୀ ପଶ୍ଚିମବଙ୍ଗ ସରକାରଙ୍କ ସମେତ ପୂର୍ବମେଦିନୀପୁର ଜିଲାପାଳ ଓ ସେଚ ବିଭାଗକୁ ଚରମପତ୍ର ଦିଆଯାଇଥିଲା। କିନ୍ତୁ ପଶ୍ଚିମବଙ୍ଗ ସରକାର ଏଥିପ୍ରତି ଗୁରୁତ୍ୱ ନ ଦେବାରୁ ଜିଲା ପ୍ରଶାସନ ଏଭଳି ପଦକ୍ଷେପ ନେବାକୁ ବାଧ ହୋଇଛି। ପୂର୍ବରୁ ଏହି ହୋର୍ଡିଂ ଉଚ୍ଛେଦ ଲାଗି ଅଞ୍ଚଳବାସୀ ଓ ବିଭିନ୍ନ ସଙ୍ଗଠନ ବାଲେଶ୍ୱର ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ଉପରେ ଚାପ ପକାଇ ଆସୁଥିଲେ।

## ସିନ୍ଧୁ, ମନଜିତ୍‌ଙ୍କ ଐତିହାସିକ ...

ଅନ୍ୟପଟେ ଏହି ଇଭେଣ୍ଟରେ ଅନ୍ୟତମ ଭାରତୀୟ ସ୍ପ୍ରିଣ୍ଟର ଜିନସନ ଜନ୍‌ଶନ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଛନ୍ତି। ଦୁଇଜଣ ଭାରତୀୟ ଏହି ଗୁରୁତ୍ୱପୂର୍ଣ୍ଣ ଦୌଡରେ ପ୍ରଥମ ଦୁଇଟି ସ୍ଥାନ ହାସଲ କରି ଅସାଧାରଣ ସଫଳତା ହାସଲ କରିଛନ୍ତି। ଜନସନ ୧ ମିନିଟ ୪୬. ୩୫ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ଏହି ରେସ୍‌ରେ କାତାରର ଅବଦଲ୍ଲା ଅବୁବେକର ୧ ମିନିଟ ୪୬ . ୩୮ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଗତ ଜୁନ୍‌ରେ ଅନୁଷ୍ଠିତ ଜାତୀୟ ଆନ୍ତଃ ଜିଲା ଆଥଲେଟିକ ଚାମ୍ପିୟନଶିପ୍‌ରେ ଜନସନ କିମ୍ବଦନ୍ତୀ ଧାବକ ଶ୍ରୀରାମ ସିଂଙ୍କ ୪୨ ବର୍ଷର ଜାତୀୟ ରେକର୍ଡକୁ ଅତିକ୍ରମ କରିଥିଲେ। ଜନସନ ୧ ମିନିଟ ୪୫. ୬୫ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡ ସୃଷ୍ଟି କରିଥିଲେ। ମନଜିତ୍‌ଙ୍କ ପ୍ରଦର୍ଶନକୁ ମଧ୍ୟ ଜନସନ ପ୍ରଶଂସା କରିଛନ୍ତି।

ଅପରପକ୍ଷରେ ସିନ୍ଧୁ ଚଳିତ ଏସିଆନ ଗେମ୍ସର ମହିଳା ସିଙ୍ଗଲ୍ସ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଫାଇନାଲ ମ୍ୟାଚରେ ପରାସ୍ତ ହୋବା ସହ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ମଙ୍ଗଳବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ସିନ୍ଧୁ ବିଶ୍ୱର ୧ ନମ୍ବର ଖେଳାଳି ଚାଇନିଜ ତାଇପେଇର ତାଇ ଜୁ– ୟିଙ୍ଗ୍‌ଙ୍କ ଠାରୁ ମାତ୍ର ୩୪ ମିନିଟରେ ୧୩– ୨୧, ୧୬– ୨୧ରେ ପରାସ୍ତ ହୋଇଛନ୍ତି। ପ୍ରଥମଥର ପାଇଁ ଏସିଆନ ଗେମ୍ସରେ ଦୁଇଜଣ ଭାରତୀୟ କୌଣସି ବ୍ୟକ୍ତିଗତ ଇଭେଣ୍ଟରେ ଦୁଇଟି ପଦକ ଜିତିବାକୁ ସକ୍ଷମ ହୋଇଛନ୍ତି। ପୂର୍ବରୁ ମହିଳା ସିଙ୍ଗଲ୍ସରେ ଅଲିମ୍ପିକ୍ସ ବ୍ରୋଞ୍ଜ୍ ପଦକ ବିଜୟିନୀ ସାଇନା ନେହ୍ୱାଲ ବ୍ରୋଞ୍ଜ ପଦକ ଜିତିଥିଲେ। ସାଇନାଙ୍କୁ ମଧ୍ୟ ତାଇ ଅନୁରୂପ ଢଙ୍ଗରେ ସେମିଫାଇନାଲରେ ପରାସ୍ତ କରିଥିଲେ।

## SOUTH CO UTILITY

**OFFICE OF THE SUPERINTENDING ENGINEER, ELECTRICAL CIRCLE, BHANJANAGAR,**
TEL - (06821) 240335 (O) FAX – 242400, E-Mail ID:- circlehead.bhanjanagar@southcoodisha.com

No: 1294(15) Date: 28.08.2018

**E-tender Notice No.11/2018-19/29.08.2018/ BKOGY PROJECTS / KANDHAMAL DISTRICT /SOUTHCO UTILITY/BHANJANAGAR CIRCLE**

For and on behalf of Southco Utility, sealed Tenders in duplicate on two part bidding systems are invited from bidders having valid HT Electrical License complying with the terms and conditions laid in the tender documents of the following works.

For supply & Erection of materials for two nos of projects under BKOGY Scheme under Kandhamal District on Turnkey Basis. Details given below :

1. Separation of town from rural 11KV feeder at Phulbani.
2. Separation of town from rural 11KV feeder at Balliguda.

The interested bidders would be required to enroll themselves on the tender portal www.tenderwizard.com/SOUTHCO. Complete set of bidding documents will be available in www.tenderwizard.com/SOUTHCO portal from DT.29.08.2018 from 01.00 PM onwards (as per e-tender schedule). Interested bidders may visit Southco's official website www.southcoodisha.com or www.tenderwizard.com/ SOUTHCO for detail specification.

Any addendum/corrigendum to this e-tender notice shall be uploaded in the website only.

| | | |
|---|---|---|
| Issue of online tender document (bid sheet) | : | from 29.08.2018 (01.00 PM) upto 12.09.2018 (01.00 PM) |
| Last date for submission of online tender | : | Up to dt. 12.09.2018 (05.00 PM). |
| Submission of Tender (Hard copy) | : | Up to dt. 15.09.2018 (01.00 PM.) |
| Opening of Techno-commercial Bid(Part-1) | : | On dt. 15.09.2018 on or after 03.00 PM. |

Southco reserves the right to alter the tendered quantity and reject/accept any or all tenders or split the tender among tenders without assigning any reason thereof.

**Sd./- Superintending Engineer (Elect), Electrical Circle, Bhanjanagar**

## ODISHA HYDRO POWER CORPORATION LTD.,

OHPC

O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA – 768017, DISTRICT: SAMBALPUR (ODISHA), PHONE: 0663-2430197(O), 2430741(R), FAX: 0663 2430712
E-Mail : srgmhps_burla@yahoo.co.in

CAD-766

No. HHEP/Tech-WK-82/Vol-III/ 5037 Date :25.08.2018

**TENDER NOTICE NO. HHEP-46/2018**

Sealed tenders in two parts (Technical bid and Price bid) are invited from reputed contractors having H.T. License with supervision of EHT works, GST Regd. Certificate, Labour License, IT PAN and past experience for carrying out such type of work as mentioned below :

| Sl. No | Name of work | Estimated cost in Rs. | Cost of tender paper (Non-Refundable) | EMD in Rs. |
|---|---|---|---|---|
| 1 | Dismantling and dragging of GEC make 42MVA, 11/132 KV Generator Transformer from GT-7 bay to infront of ingate of Burla Power House, dragging and shifting of 60 MVA Bharat Bijlee make, 11/132 KV Generator Transformer from ingate of power house to GT-7 bay and erection, testing and re-commissioning of the same at GT-7 bay of HHEP, Burla | 1463075/- | Rs. 7080/- (Rs. 6000/- + GST 18%) | 14700/- |

- Sale of tender paper : **05.09.2018 to 20.09.2018 upto 04.00 PM**
- Receipt of tender paper : **22.09.2018 upto 01.00 PM**
- Date & time of opening of tender: **22.09.2018 at 04.00 PM**

Further details like tender specification, corrigendum to the tender call notice etc can only be available in our website www.ohpcltd.com.

Sd/-
**Unit Head, HHEP, Burla**

04007/11/0027/1819

## ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ

ସଂଖ୍ୟା: **1881** ତାରିଖ: **25.08.2018**

### ଘୋଷଣାନାମା

ଏତଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ନିକଟରେ ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଗତ ଗୃହ ବଣ୍ଟନ ନିମନ୍ତେ ସର୍ବେକ୍ଷଣ କରାଯାଇ ଦରଖାସ୍ତ ଆହ୍ୱାନ କରାଯାଇଥିଲା । ଏହାର ପୂର୍ଣ୍ଣାଙ୍ଗ ତାଲିକା (Complete Report) ଏବଂ ଅଯୋଗ୍ୟ ତାଲିକା (In-eligibility list) ଯଥାକ୍ରମେ Annexure-I ଏବଂ Annexure-II ହିସାବରେ କେନ୍ଦୁଝର ଜିଲ୍ଲାର ୱେବ୍ ସାଇଟ Keonjhar.nic.in ରେ ଉପଲବ୍ଧ ଅଛି । ଏଣୁ ଆପଣଙ୍କୁ ଅନୁରୋଧ ଯେ ଉକ୍ତ ତାଲିକା ଦୁଇଟିରେ ଦୃଷ୍ଟି ନିକ୍ଷେପ ପୂର୍ବକ ଆପତ୍ତି, ଅଭିଯୋଗ ଓ ପ୍ରସ୍ତାବ ଆଗାମୀ ସାତଦିନ (ତା୦୧।୦୯।୨୦୧୮ ରିଖ) ମଧ୍ୟରେ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଦାଖଲ କରନ୍ତୁ । ଆବେଦନକାରୀଙ୍କ ବିଳମ୍ବ ପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ ଦାୟୀ ରହିବେ ନାହିଁ ।

**ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ**

## GOVERNMENT OF ODISHA
## OFFICE OF THE EXECUTIVE ENGINEER RURAL WORKS DIVISION GAJAPATI, PARLAKHEMUNDI

No.662-O:- **e-mail : rwd_gajapati@yahoo.co.in**

**NATIONAL COMPETITIVE BIDDING THROUGH e-Procurement**

**Identification No. Online Tender 01/GJP/2018-19**

| | | | |
|---|---|---|---|
| 1. | Name of the work | : | Building work |
| 2. | Total No. of Work | : | 1 (One) no. of Building work |
| 3. | Estimated Cost | : | Rs. 8.84 lakhs |
| 4. | Class of Contractor | : | 'D' & 'C' Class Contractor |
| 5. | Period of Completion | : | Furnished in Annexure |
| 6. | Availability of Tender Online for bidding | : | 30.08.2018 at 10.00 AM to 10.09.2018 upto 5.00 PM. |
| 7. | Date and Time of Opening of Tender | : | 12.09.2018 at 11.30 AM. |
| 8. | Place of Opening | : | As per Annexure |

Further details can be seen from the Website www. tenderorissa.gov.in.

**EXECUTIVE ENGINEER**
**R.W. DIVN., GAJAPATI**

25158/11/0002/1819

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LTD.

OPTCL Lifeline of Odisha

(A Government of Odisha Undertaking)
Office of the Sr. General Manager, Telecommunication Circle, SLDC Building, Mancheswar Railway Colony, Bhubaneswar - 751017
Ph. (0674) 2748875, Website : telc.cle.bbs@optcl.co.in, **CIN : U40102OR2004SGC007553**

**NOTICE INVITING TENDER : Sr. GM-TELECOM-03/2018-19**

For and on behalf of ODISHA POWER TRANSMISSION CORPORATION LIMITED, Sr. GM, (Telecom) invites Tenders from reputed bidders in two part bidding system for supply, erection & commissioning and 4 yrs of AMC of 500 line IP based EPBAX system, expandable up to 2000 line. The interested bidder would be required to enroll themselves on the tender portal **www.tenderwizard.com/OPTCL**. Complete set of bidding documents are available at **www.tenderwizard.com/OPTCL from 29.08.2018 (10.00Hrs) up to 19.09.2018( 13.00Hrs)**. Interested bidder may visit OPTCL's official website **http://www.optcl.co.in** and **www.tenderwizard.com/OPTCL** for detail specification.

**N.B** : All subsequent addendums / corrigendum to the tender shall be hosted in the OPTCL's official website **www.tenderwizard.com/OPTCL** and **http://www.optcl.co.in** only.

**Sr. General Manager (Telecom.)**

Please connect us : optcl.odisha optcl_odisha energyodisha

## କଟକ ଉନ୍ନୟନ କର୍ତ୍ତୃପକ୍ଷ

C.D.A

ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨

### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର – 10 ରେ ପ୍ଲଟ ନଂ – 10-5D/1302 ଟିକୁ ଡା.ସୁଶାନ୍ତ ମହାପାତ୍ର, ପି – ନୃସିଂହ ଚରଣ ମହାପାତ୍ର, ସା – ମେରିଆ ବଜାର, ପୋ – ମେରିଆ ବଜାର, ଥା – ପୁରୀଘାଟ, ଜି – କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଡା.ସୁଶାନ୍ତ ମହାପାତ୍ର ଉକ୍ତ ଆବଣ୍ଟିତ ପ୍ଲଟସହ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରଣ ସୂତ୍ରରେ ଶ୍ରୀ ଶ୍ରୀକାନ୍ତ ମାହୁନ୍ତ, ପି – ୰ କୃଷ୍ଣଚନ୍ଦ୍ର ମାହୁନ୍ତ, ସା – ଜୁନିଡା, ପୋ – ଜୟନ୍ତରା, ଥା – ମଙ୍ଗଳପୁର, ଜି – ଯାଜପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ଏବଂ ସେ ଶ୍ରୀ ଜ୍ୟୋତିକାନ୍ତ ମହାପାତ୍ର, ପି – ନୃସିଂହ ଚରଣ ମହାପାତ୍ର, ସା – ମେରିଆ ବଜାର, ପୋ – ବକ୍ସିବଜାର, ଥା – ଦରଘାବଜାର, ଜି – କଟକଙ୍କୁ ତାଙ୍କର Power of Attorney Holder ଭାବେ ସମସ୍ତ କାର୍ଯ୍ୟ ସମ୍ପାଦନ ପାଇଁ ନିଯୁକ୍ତି କରିଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

**ସଚିବ**

## DISTRICT OFFICE, ANGUL

**(Social Welfare Section)**
**No. 1565 / SW Date: 27.08.18**
**(TENDER CALL NOTICE FOR WALL PAINTING AT G.P. LEVEL ON IYCF)**

Sealed tenders are invited from intending Registered Firms/ Agencies for **"WALL PAINTING AT G.P. LEVEL ON IYCF"** for 209 G.Ps of the Angul District.

The tender notice and terms and condition can be obtained from the office of the DSWO, Angul on payment of Rs. 2000/- (Two Thousand) only (non refundable) during the office hours on any working day **26.09.2018 by 1.00 P.M.**

The tender papers containing detailed terms and conditions, EMD other statutory requirement and Specification & Prototype regarding **"WALL PAINTING AT G.P. LEVEL ON IYCF"** can also be downloaded from the District website www.angul.nic.in and while submitting such tender paper a DD of Rs. 2000/- (Two Thousand) only in favour of DSWO, Angul payable at Angul is to be submitted, failing which the tender paper will be rejected. The tender cost of Rs. 2000/- (Rupees Two Thousand) only fixed is non refundable. Tender paper complete in all respect (technical & financial) along with all required documents are to be submitted superscribed for **"WALL PAINTING AT G.P. LEVEL ON IYCF"** to the DSWO, Angul on or before 28.09.2018, 2.00 P.M. by Registered/ Speed Post only. The tender will be opened on the same date at 3.00 P.M. by the Collector in presence of the members of Tender Committee and tenderers or their authorized representatives. The tender received beyond the scheduled date and time shall not be taken into consideration.

The Authority reserves the right to reject any or all the tenders without assigning any reason thereof and shall bear no liability whatsoever consequent upon such decision.

**Sd./- Collector, Angul**

## ZILLA SWASTYA SAMITI, PURI

## EXPRESSION OF INTEREST

Advt. No: 2557/DPMU Date: 27.08.2018

No.388-E: Expression of Interest are invited from eligible doctors (O&G Specialist) for empanelment of O & G part time specialist for Urban Primary Health Centre (UPHC) under NUHM programme. Interested candidates fulfilling the eligibility criteria are to apply in the prescribed application format along with all attested Xerox copies of educational certificates and mark sheets in support of qualification to the CDMPHO, Puri, Pin 752001, on or before 03.09.2018 through Regd. post/Speed post /Courier & envelope containing the application should be superscribed clearly the name of the post applied for. The details application form & eligibility criteria can be downloaded from Puri district website **www.puri.nic.in**. The undersigned reserves the right to cancel any or all the applications without assigning any reason thereof.

**Sd./- Chief District Medical & Public Health Officer, Puri**

10021/11/0024/1819

## PARADIP PORT TRUST

**e-TENDER CALL NOTICE**

Name of the work **"Providing Shore Power Supply to Ships at Paradip Port Trust"**. Estimated cost : **Rs.2,22,47.090/-.** Last Date & Time of Submission of bid : **dt.19.09.2018 up to 17.00 Hrs.** Refer our website for details, **https://eprocure.gov.in/ eprocure/app.**

**Executive Engineer (PED-I)**

PPT/PR/302/18-19 Dt.28.08.2018

## OFFICE OF THE EXECUTIVE ENGINEER PARALAKHEMUNDI IRRIGATION DIVISION

**PARALAKHEMUNDI (GAJAPATI)**
**Phone/Fax: 06815-223249, e-mail: eepkhemundieicwr.od@gov.in**

**No.431-A:** **Tender Call Notice No. EE-PKID-04/2018-19**

1. Type of work : Civil Construction Work
2. Form of Contract : Percentage Rate
3. Period of Completion : 03 (Three) Calendar Months

| Procurement Officer | Bid Identification No. | Bid Amount Rs. in lakhs | Availability & submission of Bids online |
|---|---|---|---|
| Executive Engineer Paralakhemundi Irrigation Division | PKID-01/2018-19 to PKID-05/18-19 | Rs. 6.78 to Rs. 13.26 lakhs | 01.09.2018, 10.00 A.M. to 15.09.2018, 5.00 P.M. |

Date of opening of the Technical & Financial Bid: 17.09.2018 at 11.00 A.M.
Further details can be seen from the Govt. website www.tendersorissa.gov.in.

32358/11/0006/1819 **Sd./- Executive Engineer, Paralakhemundi Irrigation Division, Paralakhemundi**

# ଓଡ଼ିଶା ସରକାର
# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

File No.: LA Case No.- 20/2018 **1142** Dated 25.07.2018

**No. V-45:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାର ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା– ଖଣ୍ଡେଇପଡ଼ା, ଥାନା– ପାଟଣା, ନଂ.–୨୦୪, ତହସିଲ– ସାହାରପଡ଼ା, ଜିଲ୍ଲା– କେନ୍ଦୁଝରରେ ନିମ୍ନ ତଫସିଲମତେ ପ୍ରାୟ ଏ.୮.୮୨ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ– ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ– ନିର୍ବାହୀ ଯନ୍ତ୍ରୀ, ଦେଓ କେନାଲ ଡିଭିଜନ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ– ସାର୍ବଜନୀନ ଉଦ୍ଦେଶ୍ୟରେ ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ– ........................ / ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ– ସ୍ୱତନ୍ତ୍ର ଭୂ–ଅର୍ଜନ ଓ ପୁନର୍ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆ ।
୬. ଜମିର ବିବରଣୀ–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| କେନ୍ଦୁଝର | ସାହାରପଡ଼ା | ଖଣ୍ଡେଇପଡ଼ା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୪୪.୦୮ | ଏ.୮.୮୨ | ଏଥିସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୪ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ–ଅର୍ଜନ ଓ ପୁନର୍ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ

### ସ୍ୱତନ୍ତ୍ର ଭୂଅର୍ଜନ ଓ ପୁନର୍ବସତି ଅଧିକାରୀଙ୍କ କାର୍ଯ୍ୟାଳୟ, ମୟୂରଭଞ୍ଜ, କରଞ୍ଜିଆ

**ମୌଜା– ଖଣ୍ଡେଇପଡ଼ା, ନମ୍ବର– ୨୦୪, ଥାନା– ପାଟଣା, ତହସିଲ– ସାହାରପଡ଼ା, ଜିଲ୍ଲା– କେନ୍ଦୁଝର**

| କ୍ର. ନଂ. | ଖାତା ନମ୍ବର | ପ୍ଲଟ୍ ନଂ. | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ ଓ ଠିକଣା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧. | ୧ | ୩୨୩ | ୧.୭୪ | ୦.୧୩ | ବିଆଲି | ଅନ୍ତୁ ମାଝୀ, ପି: କାନ୍ଦ୍ରା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୨. | ୬ | ୩୧୩<br>୩୧୭ | ୧.୩୩<br>୧.୮୨ | ୦.୨୮<br>୦.୧୨ | ବିଆଲି<br>ବାଜେଫସଲଦୁଇ | କାଲୁ ମାଝୀ, ସାଲେଗେ ମାଝୀ, ପି: ଭୁଣ୍ଡା ମାଝୀ, କାଲୁ ମାଝୀ, ଜଟି ମାଝୀ, ସୀତା ମାଝୀ, ପି: ହରି ମାଝୀ, ଜୟସିଂ ମାଝୀ, ପ୍ରଭାତ ମାଝୀ, ବିକ୍ରମ ମାଝୀ, ଲାଖନ ମାଝୀ, ଦୁଲି ମାଝୀ, ପି: କାଲୁ ମାଝୀ, ଭୂୟାଁ ମାଝୀ, ପି: ରାତୁ ମାଝୀ, ଧନୁ ମାଝୀ, ପ୍ରଧାନ ମାଝୀ, ପି: ଚୈତନ୍ୟ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୩. | ୧୨ | ୩୬୦/୫୩୧<br>୩୫୯/୫୩୫ | ୦.୨୪<br>୦.୮୫ | ୦.୦୧<br>୦.୧୩ | ଶାରଦ ଦୁଇ<br>ବିଆଲି | ଗଙ୍ଗାଧର ବାରିକ, ପି: କାଠିଆ ବାରିକ, ଜା: ଗଉଡ଼, ବା: ଗୋରାଣ୍ଡିଯୋଡ଼ି | |
| ୪. | ୧୫ | ୩୮୧ | ୦.୯୨ | ୦.୪୭ | ଶାରଦଦୁଇ | ଚନ୍ଦ୍ରମଣୀ ମାଝୀ, ପି: ଲଛମନ ମାଝୀ, ଜା: ସାନ୍ତାଳ, ବା: କାଦଡିହା, ଜି: ମୟୂରଭଞ୍ଜ | |
| ୫. | ୧୬ | ୩୨୫ | ୦.୬୨ | ୦.୧୩ | ତଇଳାଦୁଇ | ଚମ୍ପା ମାଝୀ, ପି: ବୁଧୁରାଏ ମାଝୀ, ଜାତି: ସାନ୍ତାଳ, ବା: ନିଜଗାଁ | |
| ୬. | ୧୭ | ୨୯୪<br>୨୯୫ | ୧.୮୦<br>୧.୭୬ | ୦.୩୭<br>୦.୦୧ | ବିଆଲି<br>ବିଆଲି | ଜଇରାମ ମହାନ୍ତ, ରାମଚନ୍ଦ୍ର ମହାନ୍ତ, ପି: ଭାଲୁ ମହାନ୍ତ, ଜା: କୁଡୁମି, ବା: ଭୁରୁପଡ଼ା | |
| ୭. | ୨୨ | ୩୩୯/୫୫୯ | ୪.୩୮ | ୦.୭୧ | ବିଆଲି | ବଡ଼ ଠାକୁରା ମାଝୀ, ପି: ସାନ ସିଂହଙ୍କୁ ମାଝୀ, ସାନ ଠାକୁରା ମାଝୀ, ବିକ୍ରମ ମାଝୀ, କାରନ୍ ମାଝୀ, ପି: କାଲା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୮. | ୨୩ | ୩୬୧ | ୧.୩୨ | ୦.୮୫ | ଶାରଦଦୁଇ | ଠାକୁରା ମାଝୀ, ଭରତ ମାଝୀ, ବିକ୍ରମ ମାଝୀ, ପି: ମୋହନ ମାଝୀ, ଜା: ସାନ୍ତାଳ, ବା: ଭୁରୁପଡ଼ା | |
| ୯. | ୨୫ | ୩୨୪ | ୦.୫୨ | ୦.୦୯ | ତଇଳାଦୁଇ | ଦାସମାତ ମାଝୀ, ନନ୍ଦୁ ମାଝୀ, ସୁନ୍ଦର ମାଝୀ, ପି: ବଡ଼ ଅପନା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୧୦. | ୨୬ | ୨୮୫<br>୨୬୪<br>୩୬୩<br>୩୬୪ | ୦.୪୬<br>୦.୪୮<br>୦.୪୧<br>୦.୭୩ | ୦.୧୧<br>୦.୧୩<br>୦.୦୧<br>୦.୦୧ | ବିଆଲି<br>ଘରବାରି<br>ଶାରଦଦୁଇ<br>ଶାରଦଦୁଇ | ଦୁର୍ଗା ମାଝୀ, ପି: ବିକ୍ରମ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୧୧. | ୨୮ | ୨୬୫<br>୨୮୯ | ୦.୪୮<br>୧.୩୬ | ୦.୧୩<br>୦.୩୬ | ଘରବାରି<br>ବାଜେଫସଲଦୁଇ | ଦୁଃଖୁ ମାଝୀ, ପି: ସୁନ୍ଦର ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୧୨. | ୨୯ | ୩୬୦/୫୨୯ | ୦.୨୦ | ୦.୦୮ | ଶାରଦଦୁଇ | ନିଳ ବାରିକ, ପି: କାଠିଆ ବାରିକ, ଜା: ଗଉଡ଼, ବା: ଗୁରାଣ୍ଡିଯୋଡ଼ି | |
| ୧୩. | ୩୧ | ୨୬୭<br>୩୭୯/୫୬୮ | ୦.୩୮<br>୧.୦୦ | ୦.୦୫<br>୦.୨୫ | ତଇଳାଦୁଇ<br>ଶାରଦଦୁଇ | ପାରାଓ ମାଝୀ, ପି: ବାଜାଏ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୧୪. | ୩୩ | ୨୭୩ | ୦.୨୨ | ୦.୦୪ | ବାଜେଫସଲଦୁଇ | ବାୟା ହୋ, ପି: କନ୍ହେଇଁ ହୋ, ଜା: କୋହ୍ଲ, ବା: ନିଜଗାଁ | |
| | | ୨୭୪ | ୦.୦୪ | ୦.୦୨ | ତଇଳାଦୁଇ | | ଜବରଦଖଲ– ସିତଳ ମହାନ୍ତ, ପି: ଅଙ୍କୁର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | | ୨୭୫ | ୦.୦୫ | ୦.୦୨ | ତଇଳାଦୁଇ | | ଜବରଦଖଲ– କାର୍ତିକା ମହାନ୍ତ, ହରେକୃଷ୍ଣ ମହାନ୍ତ, ଲମ୍ବୋଦର ମହାନ୍ତ, ଉମେଶ ମହାନ୍ତ, ଅର୍ଜୁନ ମହାନ୍ତ, ପି: କୀର୍ତ୍ତନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | | ୨୭୬ | ୦.୦୪ | ୦.୦୧ | ତଇଳାଦୁଇ | | ଜବରଦଖଲ– ଦୁର୍ଯ୍ୟୋଧନ ମହାନ୍ତ, ପି– ଘନୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | | ୨୭୭ | ୦.୦୬ | ୦.୦୨ | ତଇଳାଦୁଇ | | ଜବରଦଖଲ– ଗୌତମ ମହାନ୍ତ, ପି– ଉଦ୍ଧବ ମହାନ୍ତ, ଜାତି– କୁଡୁମି, ବା: ନିଜଗାଁ |
| ୧୫. | ୩୬ | ୩୬୦/୫୩୦ | ୦.୨୯ | ୦.୦୬ | ଶାରଦଦୁଇ | ବୁଧିଆ ବାରିକ, ପି: କାଠିଆ ବାରିକ, ଜା: ଗଉଡ଼, ବା: ଗୁରୁଣ୍ଡିଯୋଡ଼ି | |
| ୧୬. | ୩୭ | ୩୬୨ | ୦.୨୦ | ୦.୦୩ | ଶାରଦଦୁଇ | ବୈକୁଣ୍ଠ ତନ୍ତି, ପି: ଜୟରାମ ତନ୍ତି, ଜା: ପାଣ, ବା– ଭୁରୁପଡ଼ା | |
| ୧୭. | ୪୧ | ୨୭୨ | ୦.୩୪ | ୦.୧୩ | ବାଜେଫସଲଦୁଇ | ଭୀମ ମାଝୀ, ପି: ଗୋପାଳ ମାଝୀ, ବା: ନିଜଗାଁ, ଜା: ସାନ୍ତାଳ ନିରାଂଶପକ୍ଷେ ଜ.ଦ.–ରାମ ମାଝୀ, ପି: ଗୋପାଳ ମାଝୀ, ବାଜାଏ ମାଝୀ, ପି: ଡେବରା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୧୮. | ୪୨ | ୨୮୬ | ୦.୩୭ | ୦.୧୧ | ବାଜେଫସଲଦୁଇ | ମକର ହୋ, ପି: ସୁନାର ହୋ, ବା: ନିଜଗାଁ, ଜା: କୋହ୍ଲ, ପଳାତକ ପକ୍ଷେ ଜ.ଦ.– ଦୁଃଖୁ ମାଝୀ, ପି: ସୁନ୍ଦର ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୧୯. | ୪୩ | ୨୮୪<br>୨୮୪/୬୩୯ | ୦.୩୪<br>୦.୧୦ | ୦.୦୭<br>୦.୦୨ | ବିଆଲି<br>ଘରବାରି | ମାନସିଂ ମାଝୀ, ପି: ଭଗାନ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୨୦. | ୪୪ | ୨୬୬<br>୩୩୫ | ୦.୨୯<br>୧.୯୬ | ୦.୦୭<br>୦.୩୩ | ଘରବାରି<br>ତଇଳାଦୁଇ | ମାଲ ମାଝୀ, ଜୟ ମାଝୀ, ପି: ସୁନ୍ଦର ମାଝୀ, ବିକ୍ରମ ମାଝୀ, ଶାଲାଇ ମାଝୀ, ପି: ଭଜୁ ମାଝୀ, ପାୟ ମାଝୀ, ସ୍ୱା: ଭଜୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୨୧. | ୪୬ | ୬୬/୫୧୧ | ୦.୬୬ | ୦.୨୦ | ପତିତ | ରଇଦାସ ରାମଚନ୍ଦ୍ର ଦାସ, ପି: ଗୁରୁଚରଣ ଦାସ, ନାଲୁ ଦାସ, ପି: ନରହରି ଦାସ,, ଜା: ମୋଚି, ବା: କରଞ୍ଜିଆ, ଜି: ମୟୂରଭଞ୍ଜ | |
| ୨୨. | ୪୭ | ୨୬୩ | ୦.୬୫ | ୦.୧୯ | ଘରବାରି | ରଘୁନାଥ ମାଝୀ, ଶ୍ରୀରାମ ମାଝୀ, ପି: ବିକ୍ରମ ମାଝୀ, ଗୋପାଳ ମାଝୀ, ବିକ୍ରମ ମାଝୀ, ପି: ମୋଚିରାମ ମାଝୀ, ଲେଶାଇ ମାଝୀ, ସ୍ୱା: ମୋଚିରାମ ମାଝୀ, ରଘୁନାଥ ମାଝୀ, ଫର ମାଝୀ, ଦାସମାତ ମାଝୀ, ସାଇବ ମାଝୀ, ପି: ସୁନା ମାଝୀ, ସୁନିଆଁ ମାଝୀ, ପୁଣିଗି ମାଝୀ, ପି: ସୁନ୍ଦର ମାଝୀ, ରଘୁନାଥ ମାଝୀ, ପି: ଭୁଜୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୨୩. | ୫୧ | ୩୧୪ | ୨.୭୭ | ୦.୨୬ | ବାଜେଫସଲଦୁଇ | ରାମଚାନ୍ଦ ମୁଣ୍ଡା, ପି: ପଳାଉ ମୁଣ୍ଡା, ଜା: କୋହ୍ଲ, ବା: ନିଜଗାଁ | |
| ୨୪. | ୫୨ | ୨୬୭/୫୫୪<br>୨୭୧/୫୫୫ | ୦.୪୧<br>୦.୬୫ | ୦.୦୪<br>୦.୦୧ | ତଇଳାଦୁଇ<br>ବିଆଲି | ରାମ ମାଝୀ, ପି: ଗୋପାଳ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୨୫. | ୫୪ | ୨୬୨ | ୧.୧୭ | ୦.୨୦ | ଘରବାରି | ରାମଦାସ ମାଝୀ, ପି: ଧନୁ ମାଝୀ, ମୋଚିରାମ ମାଝୀ, ପି: ପରାଉ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୨୬. | ୫୫ | ୨୮୩ | ୧.୧୬ | ୦.୨୧ | ବାଜେଫସଲଦୁଇ | ରେଙ୍ଗ କୋହ୍ଲ, ସୁରି କୋହ୍ଲ, ପି: ମାରିକି କୋହ୍ଲ, ରାମଚାନ୍ଦ କୋହ୍ଲ, ପି: ମରା କୋହ୍ଲ, ରେଙ୍ଗଟି କୋହ୍ଲ, ରେଚେ କୋହ୍ଲ, ଦଶମା କୋହ୍ଲ, ଲେବଗା କୋହ୍ଲ, ଦୁର୍ଗା କୋହ୍ଲ, ପି: ରେଙ୍ଗ କୋହ୍ଲ, ବାୟା କୋହ୍ଲ, ପି: କନ୍ହେଇ କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | |
| ୨୭. | ୫୮ | ୩୨୬ | ୧.୨୫ | ୦.୦୨ | ବିଆଲି | ସାଙ୍ଗାର ମାଝୀ, ପି: ଫଗୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୨୮. | ୬୧ | ୬୦ | ୧.୨୦ | ୦.୫୭ | ବିଆଲି | ସୁନ୍ଦର ମାଝୀ, ପି: ଦୁର୍ଗା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୨୯. | ୬୧/୯ | ୨୬୮ | ୦.୭୫ | ୦.୧୬ | ବାଜେଫସଲଦୁଇ | ଲକ୍ଷ୍ମଣ ମାଝୀ, ପି: ସାଲକୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୩୦. | ୬୧/୨୩ | ୩୫୮ | ୫.୧୪ | ୧.୦୦ | ବିଆଲି | ପ୍ରସାଦ ହେମ୍ବ୍ରମ, ଈଶ୍ୱରଚନ୍ଦ୍ର ହେମ୍ବ୍ରମ, ବିରକିଶୋର ହେମ୍ବ୍ରମ, ଚମ୍ପେଶ୍ୱର ହେମ୍ବ୍ରମ, ସୁରେଶ ଚନ୍ଦ୍ର ହେମ୍ବ୍ରମ, ମାଧବ ଚନ୍ଦ୍ର ହେମ୍ବ୍ରମ, ପି: ଦାଶରଥି ହେମ୍ବ୍ରମ, ଜା: ସାନ୍ତାଳ, ବା: ନିଜଗାଁ | |
| ୩୧. | ୬୨ | ୨୯୦ | ୦.୪୪ | ୦.୧୪ | ଘରବାରି | ବୈଶାଖୀ ତନ୍ତି, ସ୍ୱା: ନର ତନ୍ତି, ଜା: ପାଣ, ବା: ନିଜଗାଁ | |
| ୩୨. | ୬୧/୧୫ | ୩୧୨/୬୨୩ | ୦.୭୩ | ୦.୨୧ | ବିଆଲି | ଚୁନୁ ମାଝୀ, ପି: ଠାକୁର ମାଝୀ, ଜା: ସାନ୍ତାଳ, ବା: ଭୋଳପଡ଼ା | |
| ୩୩. | ୬୧/୧୭ | ୩୦୨/୬୨୨<br>୩୦୨/୬୪୦ | ୦.୪୫<br>୦.୧୦ | ୦.୦୪<br>୦.୦୫ | ବାଜେଫସଲଦୁଇ<br>ଘରବାରି | ମଦନମୋହନ ମାଝୀ, ପିତା: ଠାକୁରା ମାଝୀ, ଜା: ସାନ୍ତାଳ, ବା: ଭୋଳପଡ଼ା | |
| ୩୪. | ୬୧/୭ | ୩୧୭/୬୦୭ | ୦.୯୦ | ୦.୧୨ | ବାଜେଫସଲଦୁଇ | ମାଧା ମୁର୍ମୁ, ସାଲଖାନ ମୁର୍ମୁ, ପି– ସୁନା ମୁର୍ମୁ, ଜାତି: ସାନ୍ତାଳ, ବା: ନିଜଗାଁ | |
| | | | | | | **ଗୋଚର ପ୍ରତିବଦଳ** | |
| ୩୫. | ୪୩ | ୨୮୪ | ୦.୩୪ | ୦.୦୪ | ବିଆଲି | ମାନସିଂ ମାଝୀ, ପି: ଭଗାନ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| | ମୋଟ | ୪୮ | ୪୪.୦୮ | ୮.୮୨ | | | |

24045/14/0038/1819



# ସାତ ଦଶନ୍ଧିରେ ସ୍ମରଣୀୟ ମୁହୂର୍ତ୍ତ

ସ୍ୱାଧୀନ ଭାରତରେ କ୍ରୀଡ଼ା (୧୯୪୮-୨୦୧୮)

**ଆଜି ହକି କିମ୍ବଦନ୍ତୀ ସ୍ୱର୍ଗତ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସରେ (ଅଗଷ୍ଟ ୨୯) ସାରା ଦେଶ ''ଜାତୀୟ କ୍ରୀଡ଼ା ଦିବସ'' ପାଳନ ଅବସରରେ ସ୍ୱାଧୀନତା ପରବର୍ତ୍ତୀ ସାତ ଦଶନ୍ଧିରେ ଭାରତୀୟ କ୍ରୀଡ଼ାର ବିଶେଷ ଉପଲବ୍ଧି ଏବଂ ବିଶ୍ୱସ୍ତରୀୟ ପ୍ରଦର୍ଶନର ଗୁରୁତ୍ୱପୂର୍ଣ୍ଣ ଘଟଣାଗୁଡ଼ିକ ଉପରେ ଆଲୋକପାତ କରିବା ଏହି ଲେଖାର ଉଦ୍ଦେଶ୍ୟ।**



ଅଶୋକ ମହାନ୍ତି

ଭାରତୀୟ କ୍ରୀଡ଼ାବିତ୍‌ମାନେ କିଛି ନିର୍ଦ୍ଦିଷ୍ଟ କ୍ରୀଡ଼ା ଶୃଙ୍ଖଳାରେ ବିଶ୍ୱସ୍ତରରେ ସ୍ୱତନ୍ତ୍ର ପରିଚୟ ହାସଲ କରିବାରେ ସଫଳ ହୋଇଛନ୍ତି। ପୂର୍ବରୁ ଦୀର୍ଘ ଚାରି ଦଶନ୍ଧି ଧରି (୩୦ରୁ ୬୦ଦଶକ) ଭାରତୀୟ ହକି ବିଶ୍ୱର ଶୀର୍ଷସ୍ଥାନରେ ରହିଆସିଥିବା ବେଳେ ବର୍ତ୍ତମାନ କ୍ରିକେଟ୍, ବ୍ୟାଡ୍‌ମିଣ୍ଟନ, କୁସ୍ତି, ଭାରୋତ୍ତୋଳନ, ବନ୍ଧୁକ ଚାଳନା, ଆର୍ଚେରୀ ଏବଂ ଚେସ୍ ଭଳି କ୍ରୀଡ଼ା ଶୃଙ୍ଖଳାଗୁଡ଼ିକରେ ଆମର କ୍ରୀଡ଼ାବିତ୍‌ମାନେ କୃତିତ୍ୱ ହାସଲ କରି ଦେଶକୁ ଗୌରବାନ୍ୱିତ କରିଛନ୍ତି।

## ୪୦ ଏବଂ ୫୦ ଦଶକ

୧୯୪୭ରେ ଭାରତ ସ୍ୱାଧୀନତା ହାସଲ କଲାପରେ ୧୯୪୮ରେ ଲଣ୍ଡନଠାରେ ଅନୁଷ୍ଠିତ ୧୦ମ ଅଲିମ୍ପିକ୍ସରେ ପ୍ରଥମଥର ପାଇଁ ଭାରତୀୟ ହକି ଦଳ(ପୁରୁଷ) କିଶେନଲାଲଙ୍କ ନେତୃତ୍ୱରେ ଫାଇନାଲରେ ଆୟୋଜକ ଇଂଲଣ୍ଡକୁ (୪-୦) ପରାସ୍ତ କରି ଲଗାତର ୪ର୍ଥ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ସ୍ୱାଧୀନ ଭାରତର ପ୍ରଥମ ହକି ସ୍ୱର୍ଣ୍ଣପଦକ ବିଜୟ ଉପରେ ନିର୍ମିତ ବଲିଉଡ୍ ଫିଲ୍ମ ''ଗୋଲ୍ଡ''ର ନିର୍ଦ୍ଦେଶିକା ରିମା କାଗ୍‌ତିଙ୍କ ଭାଷାରେ ଏହି ସିନେମାର କାହାଣୀ ପ୍ରତୀକାତ୍ମକ ଭାବେ ଦୁଇ ଶହ ବର୍ଷର ବ୍ରିଟିଶ୍ ଶାସନ ଉପରେ ଭାରତର ବିଜୟ ।

ଫୁଟବଲ: ଆସାମର ଟାଲିମେରେନ୍ ଆଓଙ୍କ ନେତୃତ୍ୱରେ ସ୍ୱାଧୀନ ଭାରତର ପ୍ରଥମ ଫୁଟବଲ ଦଳ ୧୯୪୮ ଲଣ୍ଡନ ଅଲିମ୍ପିକ୍ସରେ ଭାଗ ନେଇ ଉଚ୍ଚମାନର କ୍ରୀଡ଼ା ପ୍ରଦର୍ଶନ କରିଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ (୧-୨) ପରାସ୍ତ ହୋଇ ଅଲିମ୍ପିକ୍ ଅଭିଯାନ ଶେଷ କରିଥିଲା। ଭାରତର ୧୧ ଜଣଙ୍କ ମଧ୍ୟରୁ ୮ ଜଣ ଖାଲି ପାଦରେ (ଆଙ୍କଲେଟ୍ ଓ କନା ବ୍ୟାଣ୍ଡେଜ୍) ଖେଳିଥିଲେ ମଧ୍ୟ ଏସ୍. ରମଣଙ୍କ ଚମତ୍କାର ଗୋଲ ଫଳରେ ଖେଳ ଶେଷ ହେବାର ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ଫଳାଫଳ(୧-୧) ସମାନ ସ୍ତରରେ ଥିଲା। ମାତ୍ର ୮୮ ମିନିଟରେ ଫ୍ରାନ୍ସ ବିଜୟସୂଚକ ଗୋଲ ଦେଇ ବିଜେତା ହୋଇଥିଲା।

୧୯୫୧ ଫୁଟବଲ: ପ୍ରଥମ ଏସୀୟ କ୍ରୀଡ଼ା ଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ଭାରତୀୟ ଫୁଟବଲ ଦଳ ଖ୍ୟାତନାମା ଖେଳାଳି ସୈଲେନ୍ ମାନ୍ନାଙ୍କ ନେତୃତ୍ୱ ଫାଇନାଲରେ ଇରାନକୁ (୧-୦) ଗୋଲ୍‌ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଥିଲା।

୧୯୫୨ କୁସ୍ତି: ହେଲେସିଙ୍କି ଅଲିମ୍ପିକ୍ସରେ ଭାରତର କେ.ଡି. ଯାଦବ ବାଣ୍ଟମ୍‌ୱେଟ୍ କୁସ୍ତିରେ ବ୍ରୋଞ୍ଜ ପଦକ ଜିତି ବ୍ୟକ୍ତିଗତ କ୍ରୀଡ଼ାରେ ପ୍ରଥମ ଭାରତୀୟ ଅଲିମ୍ପିକ ପଦକ ବିଜେତା ହୋଇଥିଲେ।

ହକି: କେ.ଡି. ସିଂ ବାବୁଙ୍କ ଅଧିନାୟକତ୍ୱରେ ଭାରତୀୟ ହକି ଦଳ ଫାଇନାଲରେ ହଲାଣ୍ଡକୁ (୬-୧)ରେ ପରାସ୍ତ କରି ଦେଶ ପାଇଁ ୫ମ ସ୍ୱର୍ଣ୍ଣ ପଦକ ଜିତିଥିଲା।

୧୯୫୬ ହକି: ମେଲବୋର୍ନ ଅଲିମ୍ପିକ୍ସରେ ଭାରତ ପ୍ରଥମଥର ପାଇଁ ହକି ଫାଇନାଲରେ ପାକିସ୍ତାନକୁ ଭେଟିଥିଲା। ବଲବୀର ସିଂ(ସିନିୟର)ଙ୍କ ନେତୃତ୍ୱରେ ଭାରତ ପକ୍ଷରୁ ଏକମାତ୍ର ଗୋଲ ରଣଧିର ସିଂ ଜେଣ୍ଟଲ ସ୍କୋର କରିଥିଲେ ଏବଂ ପାକିସ୍ତାନକୁ ପରାସ୍ତ କରି ଭାରତ ୬ଷ୍ଠ ହକି ସ୍ୱର୍ଣ୍ଣପଦକ ହାସଲ କରିଥିଲା।

ଫୁଟବଲ: ଏହି ଅଲିମ୍ପିକ୍ସରେ ଭାରତର ଅଗ୍ରଭାଗ ତାରକା ଖେଳାଳି ନାଭାଲ ଡିସୋଜାଙ୍କ ''ହ୍ୟାଟ୍ରିକ'' ଗୋଲ ବଳରେ ଅଷ୍ଟ୍ରେଲିଆକୁ (୪-୨) ହରାଇ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। ସେମିଫାଇନାଲରେ ଯୁଗୋସ୍ଲୋଭିଆଠାରୁ ହାରିବା ସହ ବ୍ରୋଞ୍ଜ ମେଡାଲ ମ୍ୟାଚ୍‌ରେ ମଧ୍ୟ ବୁଲଗେରିଆଠାରୁ ପରାସ୍ତ ହୋଇ ଚତୁର୍ଥ ସ୍ଥାନରେ ରହିଥିଲା, ଯାହାକି ଆଜି ପର୍ଯ୍ୟନ୍ତ ବିଶ୍ୱସ୍ତରରେ ଆମର ଶ୍ରେଷ୍ଠ ସଫଳତା।

୧୯୫୮ ଆଥଲେଟିକ୍ସ: ଭାରତର ଉଜ୍ଜ୍ୱଳତମ ଆଥ୍‌ଲେଟ୍ ମିଲ୍‌ଖା ସିଂଙ୍କ ଆବିର୍ଭାବ ହୋଇଥିଲା। ''ଫ୍ଲାଇଙ୍ଗ ଶିଖ୍'' ମିଲ୍‌ଖା ପ୍ରଥମ ଭାରତୀୟ ଆଥଲେଟ୍ ଭାବେ କାର୍ଡିଫ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୪୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିଲେ।

## ୬୦ ଦଶକ

୧୯୬୦ ଆଥ୍‌ଲେଟିକ୍ସ: ଆଥ୍‌ଲେଟ୍ ମିଲ୍‌ଖା ରୋମ୍ ଅଲିମ୍ପିକ୍ସର ୪୦୦ ମିଟର ଦୌଡ଼ରେ ସେତେବେଳେ ବିଶ୍ୱରେକର୍ଡ ଭଙ୍ଗ କରିଥିଲେ ମଧ୍ୟ ସାମାନ୍ୟ ତ୍ରୁଟି ପାଇଁ ପଦକ ତାଲିକାରୁ ବାଦ୍ ପଡ଼ି ୪ର୍ଥ ସ୍ଥାନ ହାସଲ କରିଥିଲେ। ଯାହାକି ୫୮ ବର୍ଷ ପରେ ମଧ୍ୟ ପୁରୁଷ ଦୌଡ଼କୁଦ ବିଭାଗରେ ଯେକୌଣସି ଭାରତୀୟ ଆଥଲେଟ୍‌ଙ୍କ ମଧ୍ୟରେ ଶ୍ରେଷ୍ଠ ପ୍ରଦର୍ଶନର ମାନ୍ୟତା ବଜାୟ ରଖିଛି।

୧୯୬୨ ଫୁଟବଲ: ଭାରତର ଅନ୍ୟତମ ସର୍ବକାଳୀନ ଶ୍ରେଷ୍ଠ ଫୁଟବଲ ଖେଳାଳି ଚୁନି ଗୋସ୍ୱାମୀଙ୍କ ଅଧିନାୟକତ୍ୱରେ ଭାରତୀୟ ଫୁଟବଲ ଦଳ ଜାକର୍ତ୍ତା ଏସୀୟ କ୍ରୀଡ଼ାରେ ଦକ୍ଷିଣ କୋରିଆକୁ (୨-୧)ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲା।

୧୯୬୭-୬୮: କ୍ରିକେଟ- ମନସୁର ଅଲି ଖାଁ ପଟୌଦୀଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳ ନ୍ୟୁଜିଲାଣ୍ଡ ଗସ୍ତ କରି ୪ ଟିକିଆ ସିରିଜ୍(୩-୧)ରେ ଘରୋଇ ଦଳକୁ ପରାସ୍ତ କରି ସିରିଜ୍ ବିଜୟୀ ହୋଇଥିଲା।

## ୭୦ ଦଶକ

୧୯୭୦:ଆଥ୍‌ଲେଟିକ୍ସ-ବ୍ୟାଙ୍କକ୍ ଏସୀୟ କ୍ରୀଡ଼ାରେ କମଲଜିତ୍ ସାନ୍ଧୁ ପ୍ରଥମ ଭାରତୀୟ ମହିଳା ଭାବେ ୪୦୦ ମିଟର ଦୌଡରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ।

୧୯୭୧: କ୍ରିକେଟ- ଅଜିତ ୱାଡେକରଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳ ୱେଷ୍ଟଇଣ୍ଡିଜ୍ ଗସ୍ତରେ ଘରୋଇ ଦଳ ବିପକ୍ଷରେ ୫ ଟିକିଆ ଟେଷ୍ଟ ସିରିଜ୍‌ରେ ପ୍ରଥମ ଥର ପାଇଁ (୧-୦) ବିଜୟ ହାସଲ କରିଥିଲା। ଭାରତ ୧୯୭୧ ଜୁନ୍ ଓ ସେପ୍ଟେମ୍ବର ମଧ୍ୟରେ ଇଂଲଣ୍ଡ ଗସ୍ତରେ ଯାଇ ପ୍ରଥମଥର ପାଇଁ ୩ଟିକିଆ ସିରିଜ୍‌କୁ (୧-୦) ଜିତିଥିଲା।

୧୯୭୫: ହକି- ମାଲେସିଆ ରାଜଧାନୀ କୁଆଲାଲମ୍ପୁରଠାରେ ଅନୁଷ୍ଠିତ ୩ୟ ହକି ବିଶ୍ୱକପ୍‌ରେ ଭାରତୀୟ ଦଳ ଅଜିତ୍ ପାଲ ସିଂଙ୍କ ନେତୃତ୍ୱରେ ଚିରାଚରିତ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ (୨-୧) ପରାସ୍ତ କରି ପ୍ରଥମେ ଏବଂ ଆଜି ପର୍ଯ୍ୟନ୍ତ ଏକମାତ୍ର ବିଶ୍ୱକପ୍ ଟ୍ରଫି ହାସଲ କରିଥିଲା।

୧୯୭୯: କ୍ରିକେଟ- ସୁନୀଲ ଗାଭାସ୍କରଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳ ଘରୋଇ ମାଟିରେ ଅଷ୍ଟ୍ରେଲିଆ ବିପକ୍ଷରେ ୨ଟିକିଆ ସିରିଜ୍‌ରେ (୨-୦) ବିଜୟ ପ୍ରାପ୍ତ।

## ୮୦ ଦଶକ

୧୯୮୦: ହକି- ଲଗାତର ୩ଟି ଅଲିମ୍ପିକ୍ସ (୧୯୬୮, ୭୨, ୭୬)ରେ ବିଫଳତା ପରେ ଭାରତୀୟ ହକି ଦଳ ଭାସ୍କରନ୍‌ଙ୍କ ନେତୃତ୍ୱରେ ମସ୍କୋ ଅଲିମ୍ପିକ୍ସ ଫାଇନାଲରେ ସ୍ପେନକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ।

ବ୍ୟାଡମିଣ୍ଟନ- ପ୍ରଥମ ଭାରତୀୟ ଭାବେ ପ୍ରକାଶ ପାଦୁକୋନ ଅଲ ଇଂଲଣ୍ଡ ବ୍ୟାଡମିଣ୍ଟନ (ସେ ସମୟରେ ବିଶ୍ୱ ଚାମ୍ପିୟନଶିପ୍‌ର ମାନ୍ୟତା) ଚାମ୍ପିୟନ।

୧୯୮୩: କ୍ରିକେଟ- ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଅଲ୍‌ରାଉଣ୍ଡର କପିଳ ଦେବଙ୍କ ନେତୃତ୍ୱରେ କ୍ରିକେଟର ମକ୍କା ଭାବେ ପରିଚିତ ଲର୍ଡ୍ସ ଗ୍ରାଉଣ୍ଡରେ ସୀମିତ ଓଭର ବିଶ୍ୱକପ୍ କ୍ରିକେଟ ଫାଇନାଲରେ ଦୁର୍ଦ୍ଧର୍ଷ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରି ଭାରତ ଚାମ୍ପିୟନ।

୧୯୮୪- ଆଥ୍‌ଲେଟିକ୍ସ- ପ୍ରଥମ ଭାରତୀୟ ମହିଳା ଆଥ୍‌ଲେଟ ଭାବେ ପି.ଟି.ଉଷାଙ୍କ ଲସ୍ ଏଞ୍ଜେଲ୍‌ସ ଅଲିମ୍ପିକ୍ସରେ ୪୦୦ ମି.ହର୍ଡଲ୍ସରେ ୪ର୍ଥ ସ୍ଥାନ ହାସଲ।

୧୯୮୫- ଗୀତ୍ ସେଠୀଙ୍କ ବିଲିୟାର୍ଡ୍ସ ବିଶ୍ୱ ଚାମ୍ପିୟନ୍ ଟ୍ରଫି ହାସଲ।

୧୯୮୬- ଆଥ୍‌ଲେଟିକ୍ସ- ସିଓଲ୍ ଏସୀୟ କ୍ରୀଡ଼ାରେ ପି.ଟି.ଉଷାଙ୍କ ୪ଟି ସ୍ୱର୍ଣ୍ଣ (୨୦୦ମି. ୪୦୦ ମି. ୪୦୦ମି. ହର୍ଡଲ୍ସ ଏବଂ ୪x୪୦୦ମି ରିଲେ) ଏବଂ ଗୋଟିଏ ରୌପ୍ୟ (୧୦୦ମି) ପଦକ ହାସଲ।

୧୯୮୭-ବିଶ୍ୱର ପ୍ରଥମ କ୍ରିକେଟର ଭାବେ ସୁନୀଲ ଗାଭାସ୍କରଙ୍କ ୧୦,୦୦୦ ଟେଷ୍ଟ ରନ୍ ପୂରଣ।

୧୯୮୮-ଚେସ୍- ପ୍ରଥମ ଭାରତୀୟ ଭାବେ ବିଶ୍ୱନାଥନ୍ ଆନନ୍ଦଙ୍କୁ ଗ୍ରାଣ୍ଡମାଷ୍ଟର ମାନ୍ୟତା।

## ୯୦ ଦଶକ

୧୯୯୦: ଟେନିସ୍-ଦୀର୍ଘ ୪୪ ବର୍ଷ ବ୍ୟବଧାନ ପରେ ଭାରତର ଟେନିସ୍ ତାରକା ଲିଆଣ୍ଡର ପେସ୍ ଆଟଲାଣ୍ଟା ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜେତା।

୧୯୯୯: କ୍ରିକେଟ- ଭାରତୀୟ ସ୍ପିନର ଅନିଲ କୁମ୍ବଲେ ବିଶ୍ୱର ଦ୍ୱିତୀୟ ବୋଲର ଭାବେ (ଇଂଲଣ୍ଡର ଜିମ୍ ଲେକରଙ୍କ ପରେ) ଦିଲ୍ଲୀ ଫିରୋଜ ଶାହା କୋଟଲା ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ପାକିସ୍ତାନ ବିପକ୍ଷ ଟେଷ୍ଟର ୨ୟ ଇନିଂସ୍‌ରେ ସମସ୍ତ ୧୦ ଉଇକେଟ୍ ହାସଲ।

୨୦୦୦: **ଭାରୋତ୍ତୋଳନ:** ସିଡ୍‌ନୀ ଅଲିମ୍ପିକ୍ସରେ ପ୍ରଥମ ଭାରତୀୟ ମହିଳା କ୍ରୀଡ଼ାବିତ୍ ଭାବେ ୬୯ କେଜି ବର୍ଗ ଭାରୋତ୍ତୋଳନରେ କର୍ଣ୍ଣମ ମାଲେଶ୍ୱରୀଙ୍କ ବ୍ରୋଞ୍ଜ ପଦକ ହାସଲ।

**ଚେସ୍:** ତେହେରାନଠାରେ ଫିଡେ ବିଶ୍ୱ ଚେସ୍‌ରେ ଭାରତର ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ ଆନନ୍ଦ ଆଲେକ୍ସି ସିରୋଭଙ୍କୁ ପରାସ୍ତ କରି ବିଶ୍ୱ ଟାଇଟଲ ବିଜେତା (ପରବର୍ତ୍ତୀ ସମୟରେ ୫ ଥର ବିଜେତା)

୨୦୦୧: **ବ୍ୟାଡମିଣ୍ଟନ:** ପ୍ରକାଶ ପାଦୁକୋନଙ୍କ ପରେ ୨୧ ବର୍ଷ ବ୍ୟବଧାନରେ ଦ୍ୱିତୀୟ ଭାରତୀୟ ଖେଳାଳି ଭାବେ ପୁଲେଲା ଗୋପୀଚାନ୍ଦ ଅଲ ଇଂଲଣ୍ଡ ବ୍ୟାଡମିଣ୍ଟନ ଚାମ୍ପିୟନ।

୨୦୦୨: ଚେସ୍: ପ୍ରଥମ ଭାରତୀୟ ମହିଳା ଚେସ୍ ଖେଳାଳି କୋନେରୁ ହମ୍ପିଙ୍କୁ ଗ୍ରାଣ୍ଡମାଷ୍ଟର ମାନ୍ୟତା।

ଆଥ୍‌ଲେଟିକ୍ସ: ବୁସାନ ଏସିଆନ ଗେମ୍ସରେ ଭାରତର ସୁନିତା ରାଣୀଙ୍କ ୧୫୦୦ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ ସହିତ ନୂତନ ଏସୀୟ ରେକର୍ଡ।

୨୦୦୩: ଭାରତୀୟ ମହିଳା ଆଥ୍‌ଲେଟ୍ ଅଞ୍ଜୁ ବବି ଜର୍ଜ ପ୍ରଥମ ଏବଂ ଏକମାତ୍ର ଭାରତୀୟ ଭାବେ ପ୍ୟାରିସ୍ ବିଶ୍ୱ ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜପଦକ ହାସଲ।

୨୦୦୪: କ୍ରିକେଟ୍: ଭାରତର ବିସ୍ଫୋରକ ବ୍ୟାଟ୍ସମାନ ବୀରେନ୍ଦ୍ର ସେହ୍ୱାଗ ପାକିସ୍ତାନର ମୁଲତାନଠାରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚରେ ତ୍ରିଶତକ (୩୦୯) ଲାଭ।

ଶୁଟିଂ (ବନ୍ଧୁକ ଚାଳନା): ବର୍ତ୍ତମାନର କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର ୨୦୦୪ ଏଥେନ୍ସ ଅଲିମ୍ପିକ୍ସର ଡବଲ ଟ୍ରାପ୍ ରାଇଫଲ ଇଭେଣ୍ଟରେ ରୌପ୍ୟ ପଦକ ଜିତି ଇତିହାସ ରଚିଥିଲେ।

୨୦୦୫: ଭାରତର ପଙ୍କଜ ଆଡଭାନୀଙ୍କ ବିଶ୍ୱ ସ୍ନୁକର ଟାଇଟଲ ହାସଲ।

୨୦୦୭: କ୍ରିକେଟ: ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ୍ ଦଳ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଆଇସିସି ଟି୨୦ ବିଶ୍ୱକପ୍‌ରେ ବିଜେତା।

୨୦୦୮: ବନ୍ଧୁକ ଚାଳନା: ବେଜିଂ ଅଲିମ୍ପିକ୍ସରେ ଅଭିନବ ବିନ୍ଦ୍ରାଙ୍କୁ ୧୦ମି ଏୟାର ରାଇଫଲ ଶୁଟିଂରେ ସ୍ୱର୍ଣ୍ଣ ପଦକ।

ବକ୍ସିଂ ଏବଂ କୁସ୍ତି: ବିଜେନ୍ଦର ସିଂ ବକ୍ସିଂ ଏବଂ ସୁଶୀଲ କୁମାରଙ୍କୁ କୁସ୍ତିରେ ରୌପ୍ୟ ପଦକ।

୨୦୧୧: କ୍ରିକେଟ୍- ଦ୍ୱିତୀୟ ଥର ପାଇଁ ଭାରତ ମହେନ୍ଦ୍ର ସିଂହ ଧୋନୀଙ୍କ ନେତୃତ୍ୱରେ ଶ୍ରୀଲଙ୍କାକୁ ୬ ଉଇକେଟ୍‌ରେ ହରାଇ ଏକଦିବସୀୟ କ୍ରିକେଟ୍ ବିଶ୍ୱକପ୍ ବିଜେତା। ମହାନ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ୧୦୦ ଅନ୍ତର୍ଜାତୀୟ ଶତକ ପୂରଣ।

୨୦୧୨: ଲଣ୍ଡନ ଅଲିମ୍ପିକ୍ସରେ ୬ ପଦକ ସହିତ ଶ୍ରେଷ୍ଠ ସଫଳତା। ବିଜୟ କୁମାର, ରୌପ୍ୟ (ଶୁଟିଂ), ସୁଶିଲ କୁମାର, ରୌପ୍ୟ (କୁସ୍ତି), ଗଗନ ନାରଙ୍ଗ,ବ୍ରୋଞ୍ଜ (ଶୁଟିଂ), ଏମ.ସି. ମେରିକମ୍, ବ୍ରୋଞ୍ଜ(ବକ୍ସିଂ), ଯୋଗେଶ୍ୱର ଦତ୍ତ,ବ୍ରୋଞ୍ଜ (କୁସ୍ତି), ସାଇନା ନେହ୍ୱାଲ, ବ୍ୟାଡମିଣ୍ଟନ (ବ୍ରୋଞ୍ଜ)।

୨୦୧୩ - ୨୦୦ ଟେଷ୍ଟ ମ୍ୟାଚ ପରେ ସଚିନ ତେନ୍ଦୁଲକରଙ୍କ ଅବସର ।

୨୦୧୫: ସାଇନା ନେହ୍ୱାଲଙ୍କ ବିଶ୍ୱ ବ୍ୟାଡମିଣ୍ଟନ ମାନ୍ୟତାରେ ୧ ନମ୍ବର ସ୍ଥାନ ହାସଲ। ଜାକର୍ତ୍ତା ବିଶ୍ୱ ଚମ୍ପିୟନଶିପ୍‌ରେ ରୌପ୍ୟ ପଦକ ।

୨୦୧୬: ରିଓ ଅଲିମ୍ପିକ୍ସରେ ପି.ଭି.ସିନ୍ଧୁଙ୍କ ବ୍ୟାଡମିଣ୍ଟନରେ ରୌପ୍ୟ ଏବଂ ସାକ୍ଷୀ ମଲ୍ଲିକଙ୍କ କୁସ୍ତିରେ ବ୍ରୋଞ୍ଜ ପଦକ ହାସଲ।

୨୦୧୭-୧୮: ସାଇନା ନେହ୍ୱାଲ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜୟୀ ଏବଂ ପି.ଭି.ସିନ୍ଧୁଙ୍କ ୨୦୧୭ ଓ ୨୦୧୮ ବିଶ୍ୱ ଚାମ୍ପିୟନଶିପ୍‌ରେ ଲଗାତର ରୌପ୍ୟ ପଦକ ହାସଲ।

**(ଚଳିତ ଜାକର୍ତ୍ତା ଏସୀୟ କ୍ରୀଡ଼ାରେ ଭାରତର ପ୍ରଦର୍ଶନକୁ ସ୍ଥାନ ଦିଆଯାଇନାହିଁ ।)**



ଅଞ୍ଜୁ ବବି ଜର୍ଜ



କେ.ଡି. ଯାଦବ





ମିଲ୍‌ଖା ସିଂ





ଅଭିନବ ବିନ୍ଦ୍ରା

# ଓଡ଼ିଶା କ୍ରୀଡ଼ାରେ ନୂଆ ଫର୍ଦ୍ଦ

**ବିଶ୍ୱ ଶ୍ରେଣୀୟ ଭିତ୍ତିଭୂମି ଉପଲବ୍ଧ ଯୋଗୁ କ୍ରୀଡ଼ା ମାନଚିତ୍ରରେ ଓଡ଼ିଶା ଏବେ ବହୁ ଆଗରେ। ଏଠାକୁ ଏବେ ବଡ଼ ଅନ୍ତର୍ଜାତୀୟ ପ୍ରତିଯୋଗିତାମାନ ଆସିବାରେ ଲାଗିଛି। ଓଡ଼ିଶାର ଖେଳାଳିମାନେ ମଧ୍ୟ ଆଉ ପଛରେ ନାହାନ୍ତି। ଅନ୍ତର୍ଜାତୀୟ ସ୍ତରରେ ନିଜ ପ୍ରଦର୍ଶନ ଛାପ ଛାଡ଼ିବାରେ ସକ୍ଷମ ହୋଇଛନ୍ତି ଓଡ଼ିଆ କ୍ରୀଡ଼ାବିତ୍ ଏବେ ଏଥିରେ ଅଗ୍ରଣୀ ଭୂମିକା ନେଇଛନ୍ତି ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ। ସମ୍ପ୍ରତି ଜାକର୍ତ୍ତା ଓ ପାଲେମବାଙ୍ଗରେ ଚାଲିଥିବା ଏସିଆନ ଗେମ୍ସର ମହିଳା ୧୦୦ ମିଟରରେ ରୌପ୍ୟ ପଦକ ହାସଲ କରି ସେ ଓଡ଼ିଶା କ୍ରୀଡ଼ାରେ ନୂଆ ଫର୍ଦ୍ଦ ଯୋଡ଼ିଛନ୍ତି। ଓଡ଼ିଶାର ୨୦ତମ ଖେଳାଳି/ଆଥଲେଟ୍‌ଭାବେ ସେ ଏସିଆଡ୍‌ରେ ପଦକ ଜିତିଛନ୍ତି। ଏହା ବ୍ୟତୀତ ସେ ଆଥଲେଟିକ୍ସର କୌଣସି ବ୍ୟକ୍ତିଗତ ଇଭେଣ୍ଟରେ ପ୍ରଥମ ଓଡ଼ିଆଭାବେ ରୌପ୍ୟ ପଦକ ହାସଲ କରି ଇତିହାସ ରଚିଛନ୍ତି। କେବଳ ସେତିକି ନୁହେଁ, ମହିଳା ୨୦୦ ମିଟର ରେସ୍‌ର ଫାଇନାଲରେ ପ୍ରବେଶ କରି ଅନେକ ସମ୍ଭାବନା ସୃଷ୍ଟି କରିଛନ୍ତି ଭାରତର ଏହି ଦ୍ରୁତତମ ଧାବିକା।**

## ଏସିଆନ ଗେମ୍ସରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀ

### ସ୍ୱର୍ଣ୍ଣ ପଦକ

**୧୯୫୧: ସେକ୍ ଅବଦୁଲ ମଜିଦ ବଚନ, ପୁରୁଷ ଫୁଟବଲ)।**
(ନୂଆଦିଲ୍ଲୀରେ ଅନୁଷ୍ଠିତ ଏସିଆନ ଗେମ୍ସର ପ୍ରଥମ ସଂସ୍କରଣରେ ଭାରତୀୟ ଫୁଟବଲ ଦଳର ସଦସ୍ୟ ଥିଲେ କଟକର ସେକ୍ ମଜିଦ ଓରଫ ଏ.ଏମ.ବଚନ। ଫାଇନାଲର ୩୪ତମ ମିନିଟରେ ମେୱାଲାଲଙ୍କ ଏକମାତ୍ର ଗୋଲ ବଳରେ ଭାରତ ୧-୦ ଗୋଲରେ ଇରାନକୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଥିଲା।

**୧୯୯୮: ଦିଲୀପ ତିର୍କୀ, ଲାଜାରୁସ ବାର୍ଲା(ପୁରୁଷ ହକି)**
(ଫାଇନାଲରେ ଭାରତ ଶୁଟ୍‌ଆଉଟ ୪-୨ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିଥିଲା। ନିର୍ଦ୍ଧାରିତ ସମୟରେ ମ୍ୟାଚ ୧-୧ ଗୋଲରେ ବରାବର ରହିଥିଲା)

**୨୦୧୪: ବୀରେନ୍ଦ୍ର ଲାକ୍ରା(ପୁରୁଷ ହକି )**
(ଫାଇନାଲରେ ଭାରତ ଶୁଟ୍‌ଆଉଟ୍ ୪-୨ ଗୋଲରେ ପାକିସ୍ତାନକୁ ହରାଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର ରହିଥିଲା।

### ରୌପ୍ୟ ପଦକ

**୧୯୯୦: ପ୍ରଣତି ମିଶ୍ର(ମହିଳା ରିଲେ ଦଳର ସଦସ୍ୟା)**
(ବେଜିଂରେ ଅନୁଷ୍ଠିତ ଏହି ଏସିଆନ ଗେମ୍ସରେ ପ୍ରଣତି ମିଶ୍ର ପ୍ରଥମ ଓଡ଼ିଆ ମହିଳାଭାବେ ୪x୧୦୦ ମିଟର ରିଲେ ରେସ୍‌ରେ ରୌପ୍ୟ ପଦକ ଜିତିଥିଲେ। ଶାନ୍ତିମୋଲ ଫିଲିପ୍ସ, କୁଚି ଶର୍ମା ଓ ପି.ଟି. ଉଷା ଦଳର ଅନ୍ୟ ୩ ସଦସ୍ୟା ଥିଲେ)।

**୧୯୯୮: ଜ୍ୟୋତି ସୁନୀତା କୁଲୁ(ମହିଳା ହକି)**
(ଫାଇନାଲରେ ଭାରତ ୧-୨ ଗୋଲରେ ଦକ୍ଷିଣ କୋରିଆଠାରୁ ହାରି ଯାଇଥିଲା)।

**୨୦୦୨: ଦିଲୀପ ତିର୍କୀ, ଇଗ୍ନେସ ତିର୍କୀ(ପୁରୁଷ ହକି)**
(ଫାଇନାଲରେ ଭାରତ ୩-୪ ଗୋଲରେ ଦକ୍ଷିଣ କୋରିଆଠାରୁ ହାରିଥିଲା)।

**୨୦୧୮: ଦୂତୀ ଚାନ୍ଦ(ମହିଳା ୧୦୦ ମିଟର)**
(ଇଣ୍ଡୋନେସିଆର ଜାକର୍ତ୍ତା/ପାଲେମବାଙ୍ଗରେ ଅନୁଷ୍ଠିତ ଏସିଆଡ୍‌ର ମହିଳା ୧୦୦ ମିଟରରେ ୧୧.୩୨ ସେକେଣ୍ଡ ସମୟ ନେଇ ଦୂତୀ ରୌପ୍ୟ ପଦକ ପାଇଲେ)।

### ବ୍ରୋଞ୍ଜ ପଦକ

**୧୯୮୬: ସନତ ମିଶ୍ର(ପୁରୁଷ ବ୍ୟାଡ୍‌ମିଣ୍ଟନ)**
(୧୯୫୧ରେ ଓଡ଼ିଶା ପ୍ରତିଯୋଗୀ ପଦକ ଜିତିବାର ୩୫ ବର୍ଷ ପରେ ଓଡ଼ିଶାକୁ ମିଳିଥିଲା ଦ୍ୱିତୀୟ ପଦକ। ୧୯୮୬ ସିଓଲ ଏସିଆଡ୍‌ରେ ସନତ ମିଶ୍ର ଦଳଗତ ବ୍ରୋଞ୍ଜ ପଦକ ଜିତିଥିଲେ। ଲେରୟ ଡି'ସୁଜା, ବିମଲ କୁମାର, ସନତ ମିଶ୍ର, ରବି କୁନ୍ତେ, ସୟଦ ମୋଦି, ପ୍ରକାଶ ପାଦୁକୋନ, ଉଦୟ ପାୱାରଙ୍କୁ ନେଇ ଗଠିତ ଭାରତୀୟ ଦଳ ବ୍ରୋଞ୍ଜ ବିଜୟୀ ହୋଇଥିଲା)।

**୧୯୯୮: ରଚିତା ପଣ୍ଡା ମିସ୍ତ୍ରି(ମହିଳା ୧୦୦ ମିଟର)**
(ବ୍ୟାଙ୍କକ୍ ଏସିଆଡ୍‌ରେ ମହିଳା ୧୦୦ ମିଟରରେ ୧୧.୪୧ ସେକେଣ୍ଡ ସମୟ ନେଇ ରଚିତା ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ)।

**୨୦୦୬: ଜ୍ୟୋତି ସୁନୀତା କୁଲୁ, ବିନୀତା ଖେସ୍, ବିନୀତା ଟପ୍ପୋ, ସୁଭଦ୍ରା ପ୍ରଧାନ(ମହିଳା ହକି)**
(ବ୍ରୋଞ୍ଜ ପଦକ ପ୍ଲେ-ଅଫ୍‌ରେ ଭାରତ ୧-୦ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିଥିଲା।

**୨୦୧୦: ପ୍ରବୋଧ ତିର୍କୀ(ପୁରୁଷ ହକି)**
(ପ୍ଲେ-ଅଫ୍‌ରେ ଭାରତ ୧-୦ ଗୋଲରେ ଦକ୍ଷିଣ କୋରିଆକୁ ହରାଇ ଦେଇଥିଲା)।

**୨୦୧୦: ପ୍ରତିମା ପୁହାଣ, ପ୍ରମିଳାପ୍ରଭା ମିଞ୍ଜ(ରୋଇଂ)**
(ଗୁଆଙ୍ଗଝୋଉ ଏସିଆଡ୍‌ର କକ୍ସଲେସ ପେୟାର ଇଭେଣ୍ଟରେ ପ୍ରତିମା ଓ ପ୍ରମିଳା ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ।

**୨୦୧୪: ଦୀପ୍‌ଗ୍ରେସ ଏକ୍କା, ନମିତା ଟପ୍ପୋ, ସୁନୀତା ଲାକ୍ରା, ଲିଲିମା ମିଞ୍ଜ(ମହିଳା ହକି)**
(ପ୍ଲେ-ଅଫ୍‌ରେ ଭାରତ ୨-୧ ଗୋଲରେ ଜାପାନକୁ ପରାସ୍ତ କରିଥିଲା)।





ଦୂତୀ ଚାନ୍ଦ

| Dollar | Sensex | Nifty | Gold | Silver |
|---|---|---|---|---|
| 70.10 (6) | 202.52 38,896.63 | 46.55 11,738.50 | ₹150 31,150.00 | ₹170 38,470.00 |

"୬ ମାସ ମଧ୍ୟରେ ୬ହଜାର ଷ୍ଟେସନରେ ୱାଇ-ଫାଇ ବ୍ୟବସ୍ଥା କରାଯିବା
– ପୀୟୂଷ ଗୋଏଲ, ରେଳ ମନ୍ତ୍ରୀ



"ଫେମ୍ ଇଣ୍ଡିଆ-୨ ପାଇଁ କେନ୍ଦ୍ର ସରକାର ବିପୁଳ ଅର୍ଥ ମଞ୍ଜୁର କରିଛନ୍ତି।
– ଅନନ୍ତ ଗୀତେ, ଭାରି ତଥା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମନ୍ତ୍ରୀ



## ସଂକ୍ଷେପରେ

### ମୁଦ୍ରାକୁ ବାସ୍ତବ ସ୍ତର ପର୍ଯ୍ୟନ୍ତ ଖସିବାକୁ ଦିଆଯାଉ

ମୁମ୍ବାଇ,୨୮-୮: ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ଯେଉଁ ସ୍ତରକୁ ଖସୁଛି ତାହାକୁ ଖସିବାକୁ ଦିଆଯାଉ। ଏକ ବାସ୍ତବ ସ୍ତରରେ ପହଞ୍ଚିବା ପାଇଁ ଏହାକୁ ଛାଡି ଦିଆଯିବା ଉଚିତ। ନୀତି ଆୟୋଗର ଉପାଧକ୍ଷ ରାଜୀବ କୁମାର ମଙ୍ଗଳବାର ଏହା କହିଛନ୍ତି। ଡଲାର ତୁଳନାରେ ମୁଦ୍ରାର ବିନିମୟ ମୂଲ୍ୟ ସୋମବାର ୭୦ ଟଙ୍କା ୧୬ ପଇସାକୁ ଖସି ଆସିଥିବା ବେଳେ ଏକ ସର୍ବକାଳୀନ ନିମ୍ନସ୍ତରରେ ପହଞ୍ଚିଥିଲା। ଏହାକୁ ଭିତ୍ତି କରି ରାଜୀବ ଏଭଳି ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, ଭାରତୀୟ ମୁଦ୍ରାକୁ ଦୃଢ଼ୀଭୂତ କରିବା ପାଇଁ ପ୍ରୟାସ କରି ଏକ ଦ୍ୱନ୍ଦ୍ୱ ସୃଷ୍ଟି କରା ନ ଯାଉ। ବରଂ ଏହା ନିଜର ପ୍ରକୃତ ସ୍ତର ହାସଲ କରିବା ପର୍ଯ୍ୟନ୍ତ ଛାଡ଼ିଦିଆଯିବା ଉଚିତ।

### ୪ରୁ ଆର୍‌ବିଆଇ କର୍ମଚାରୀଙ୍କ ଧର୍ମଘଟ

#### ବାଧାପ୍ରାପ୍ତ ହେବ ବ୍ୟାଙ୍କ ସେବା

ନୂଆଦିଲ୍ଲୀ,୨୮-୮: ସେପ୍ଟେମ୍ବର ୪ ଓ ୫ ତାରିଖରେ ୟୁନାଇଟେଡ ଫୋରମ୍ ଅଫ୍ ରିଜର୍ଭ ବ୍ୟାଙ୍କ ଅଫିସର୍ସ ଆଣ୍ଡ ଏମ୍ପ୍ଲଇଜ୍(ୟୁଏଫଆର୍‌ବିଓଇ) ସମୂହ ଛୁଟିରେ ଯିବା ସହ ଧାରଣାରେ ସାମିଲ ହେବେ। ଏ ନେଇ କର୍ମଚାରୀ ସଂଘ ପକ୍ଷରୁ ସରକାରଙ୍କୁ ସୂଚନା ଦିଆଯାଇଛି। କର୍ମଚାରୀ ଧର୍ମଘଟରେ ସାମିଲ ହେଲେ କେନ୍ଦ୍ରୀୟ ବ୍ୟାଙ୍କର କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ସାରା ଦେଶରେ ରହିଥିବା ପ୍ରମୁଖ ବ୍ୟାଙ୍କଗୁଡିକର କାର୍ଯ୍ୟ ପ୍ରଭାବିତ ହେବ ବୋଲି ଜଣାଯାଇଛି। ଧର୍ମଘଟରେ ସମସ୍ତ ଅଧିକାରୀ ତଥା କର୍ମଚାରୀମାନେ ଯୋଗ ଦେବେ ବୋଲି ୟୁଏଫଆର୍‌ବିଓଇ ସଦସ୍ୟ ତଥା ସର୍ବ ଭାରତୀୟ ରିଜର୍ଭ ବ୍ୟାଙ୍କ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ସମୀର ଘୋଷ ସୂଚନା ଦେଇଛନ୍ତି। କର୍ମଚାରୀମାନେ ବିଭିନ୍ନ ଦାବି ନେଇ ଧାରଣାକୁ ଓହ୍ଲାଉଥିବା ଜଣାପଡ଼ିଛି। ୨୦୧୨ ପରଠାରୁ କାର୍ଯ୍ୟରେ ଯୋଗ ଦେଇଥିବା କର୍ମଚାରୀଙ୍କ ଅତିରିକ୍ତ ଭବିଷ୍ୟନିଧିର ମଞ୍ଜୁରି ଭଳି ଅନ୍ୟ କେତେକ ପ୍ରମୁଖ ଦାବି ସଂଘ ଉପସ୍ଥାପନ କରିଛି। ଅକ୍ଟୋବର ୨୦୧୭ରେ ଆର୍‌ବିଆଇ ଗଭର୍ନର ଉର୍ଜିତ ପଟେଲ ପେନସନ ତଥା ଅନ୍ୟାନ୍ୟ ସୁବିଧାର ଉନ୍ନତିକରଣ ନେଇ ସରକାରଙ୍କୁ ପତ୍ର ଲେଖିଥିଲେ। ଏହି ପ୍ରସଙ୍ଗକୁ ସରକାର ଅଗ୍ରାହ୍ୟ କରି ଦେଇଥିବା ଜଣାପଡ଼ିଛି।

### ଏନ୍‌ପିଏ ସର୍କୁଲାର ଶୁଣାଣି ଆଜିକୁ ଘୁଞ୍ଚିଲା




ନୂଆଦିଲ୍ଲୀ,୨୮-୮: ଏନ୍‌ପିଏ ସମାଧାନ ଲାଗି ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ(ଆର୍‌ବିଆଇ) ପକ୍ଷରୁ ଚଳିତ ବର୍ଷ ଫେବୃୟାରୀ ୧୨ରେ ଏକ ସର୍କୁଲାର ଜାରି କରାଯାଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ଋଣଗ୍ରହିତା କମ୍ପାନୀଙ୍କ ପକ୍ଷରୁ ବିଭିନ୍ନ ହାଇକୋର୍ଟରେ ଏକ ଡଜନରୁ ଅଧିକ ମାମଲା ଦାଏର କରାଯାଇଛି। ସମସ୍ତ ମାମଲାକୁ ଏକାଠି ଶୁଣାଣି କରିବା ଲାଗି ରିଜର୍ଭ ବ୍ୟାଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ମାମଲା ଆଗତ କରାଯାଇଛି। ମଙ୍ଗଳବାର ଏହାର ଶୁଣାଣି ହେବାର ଥିଲା। ତେବେ ସମସ୍ତ ବିଚାରପତି ସାମ୍ବିଧାନିକ ଖଣ୍ଡପୀଠରେ ଉପସ୍ଥିତ ରହିବାରୁ ମାମଲାର ଶୁଣାଣି ହୋଇପାରି ନଥିଲା। ଏହାର ଶୁଣାଣି ବୁଧବାର କରାଯିବ। ଅନ୍ୟପକ୍ଷରେ ଉପରୋକ୍ତ ସମାନ ମାମଲାରେ ଆଲ୍ଲାହାବାଦ ହାଇକୋର୍ଟର ରାୟ ଉପରେ ରହିତାଦେଶ ଦେବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି।

# ଟ୍ରେନ୍‌ରେ ଲାଗିବ ଏସି ପ୍ୟାଣ୍ଟ୍ରି କାର୍

ନୂଆଦିଲ୍ଲୀ,୨୮-୮

- ୪୦୦ ପ୍ୟାଣ୍ଟ୍ରି କାର୍ କାର୍ଯ୍ୟକ୍ଷମ
- ଯାତ୍ରୀ ପାଇବେ ବିମାନ ଭଳି ଖାଦ୍ୟ
- ଏଲ୍‌ପିଜି ବଦଳରେ ଇଣ୍ଡକ୍ସନ୍ କୁକ୍ ଟପ୍‌ରେ ରୋଷେଇ



ସୁରକ୍ଷିତ ତଥା ଆରାମଦାୟକ ଟ୍ରେନ ଯାତ୍ରା ଲାଗି ରେଲୱେ ଯଥାସାଧ୍ୟ ଉଦ୍ୟମ ଚଳାଇଛି। ଏଣିକି ବିମାନ ଭଳି ଟ୍ରେନ ଯାତ୍ରୀଙ୍କୁ ମଧ୍ୟ ଉନ୍ନତ ମାନର ଖାଦ୍ୟ ମିଳିବ। ଏଥିପାଇଁ ଟ୍ରେନରେ ଏସି ପ୍ୟାଣ୍ଟ୍ରି କାର୍ ବ୍ୟବସ୍ଥା କରିବାକୁ ରେଳମନ୍ତ୍ରୀ ପୀୟୂଷ ଗୋଏଲ ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜମ୍ କର୍ପୋରେଶନ(ଆଇଆରସିଟିସି)କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡା ଏସି ପ୍ୟାଣ୍ଟ୍ରି କାର୍‌ରେ ଏଲପିଜି ପରିବର୍ତ୍ତେ ଇଣ୍ଡକ୍ସନ କୁକ୍ ଟପ୍ ବ୍ୟବହାର କରିବାକୁ କୁହାଯାଇଛି। କ୍ୟାଟରିଂ ଲାଗି ଅଧିକ ଚାର୍ଜ ଆଦାୟରୁ କଣ୍ଟ୍ରାକ୍ଟରଙ୍କୁ ରୋକିବା ଲାଗି ସେମାନଙ୍କ ଠାରୁ ରିସିପ୍ଟ ସଂଗ୍ରହ କରିବା ବାଧ୍ୟତାମୂଳକ କରାଯାଇଛି।

ରେଲୱେ ପକ୍ଷରୁ ବିଭିନ୍ନ ଦୂରଗାମୀ ଟ୍ରେନରେ ବର୍ତ୍ତମାନ ୪୦୦ ପ୍ୟାଣ୍ଟ୍ରି କାର୍ ପ୍ରଚଳନ କରାଯାଇଛି। ଏମାନଙ୍କ ମଧ୍ୟରୁ ପ୍ରାୟ ୩୦ ପ୍ରତିଶତର ଅବସ୍ଥା ସାଂଘାତିକ। ଏଗୁଡିକରେ ଏଲପିଜି ବ୍ୟବହାର କରି ରୋଷେଇ କରାଯାଏ ଯାହା ଅତ୍ୟନ୍ତ ବିପଜ୍ଜନକ। ଏଥିରୁ ଅଗ୍ନିକାଣ୍ଡର ଯଥେଷ୍ଟ ସମ୍ଭାବନା ରହିଛି। ଏଣିକି ସମସ୍ତ ଦୂରଗାମୀ ଟ୍ରେନରେ ଥିବା ପ୍ୟାଣ୍ଟ୍ରି କାର୍‌ରେ ଏଲପିଜି ପରିବର୍ତ୍ତେ ଇଣ୍ଡକ୍ସନ କୁକ୍ ଟପ୍ ବ୍ୟବହାର କରିବାକୁ ରେଲୱେ ନିଷ୍ପତ୍ତି ନେଇଛି। ଏବେ କେବଳ ମୁମ୍ବାଇ ରାଜଧାନୀ ଏକ୍ସପ୍ରେସରେ ଏସି ପ୍ୟାଣ୍ଟ୍ରି କାର୍ ଲଗାଯାଇଛି। ଏହାଛଡା ସମସ୍ତ ରୋଷେଇଶାଳାର ସିଧାସଳଖ ପ୍ରସାରଣ ବ୍ୟବସ୍ଥା କରିବାକୁ ରେଳମନ୍ତ୍ରୀ ଗୋଏଲ ନିର୍ଦ୍ଦେଶ ଦେଇଛନ୍ତି। କିଚେନରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଯେପରି ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେବେ ସେଥିପ୍ରତି ନଜର ରଖିବା ସିଧାପ୍ରସାରଣର ଉଦ୍ଦେଶ୍ୟ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ଟ୍ରେନ ଯାତ୍ରୀଙ୍କୁ ବିଶ୍ୱସ୍ତରର ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ସେମାନଙ୍କୁ ସ୍ୱାଗତ କରିବା ଲାଗି ରେଲୱେ ପକ୍ଷରୁ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେବା ବ୍ୟବସ୍ଥା ଆରମ୍ଭ ହୋଇଛି। ଏହାଛଡା ଅଣପଞ୍ଜୀକୃତ ଭେଣ୍ଡିଂକୁ ରୋକିବା ଲାଗି ଷ୍ଟେଶନରେ ଆଇଆରସିଟିସି ଅନୁମୋଦିତ ଖାଦ୍ୟ ଷ୍ଟଲ ସ୍ଥାପନ କରିବାକୁ ରେଲୱେ ବ୍ୟବସ୍ଥା କରୁଛି। ପ୍ରଧାନମନ୍ତ୍ରୀ ଦକ୍ଷତା ବିକାଶ ଯୋଜନା ଅଧିନରେ ୧୫୦୦ ଅଧିକାରୀଙ୍କୁ ଏଥିପାଇଁ ପ୍ରଶିକ୍ଷଣ ଦିଆଯାଉଛି। ବିଶ୍ୱସ୍ତରର ସେବା ଯୋଗାଇବା ଉଦ୍ଦେଶ୍ୟରେ ଆସନ୍ତା ବର୍ଷ ସୁଦ୍ଧା ୩୦ହଜାର କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯିବାର ଯୋଜନା ପ୍ରସ୍ତୁତ ହୋଇଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ସିସିଟିଭି କ୍ୟାମେରାର ସହାୟତା ନିଆଯାଇ ଜୁଲାଇରୁ ଟ୍ରେନ ଯାତ୍ରୀଙ୍କୁ ଉନ୍ନତ ମାନର ତଥା ସ୍ୱାଦିଷ୍ଟ ଖାଦ୍ୟ ଯୋଗାଇ ଦିଆଯିବ ବୋଲି ରେଲୱେ ବୋର୍ଡ ଅଧକ୍ଷ ଅଶ୍ୱିନୀ ଲୋହାନୀ ପୂର୍ବରୁ ପ୍ରକାଶ କରିଥିଲେ।




## ଡ୍ୟୁକ୍‌କୁ ଫିକୋ- ଏକ୍ସିଲେନ୍ସ ଆୱାର୍ଡ

କଟକ,୨୮-୮

ପ୍ରମୁଖ ଫ୍ୟାଶନ୍ ୱେର ବ୍ରାଣ୍ଡ ଡ୍ୟୁକ୍ ଫ୍ୟାଶନ୍ (ଇଣ୍ଡିଆ) ଲିମିଟେଡ୍‌କୁ ଫେଡେରେଶନ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଆଣ୍ଡ କମର୍ସିଆଲ୍ ଅର୍ଗାନାଇଜେଶନ (ଫିକୋ) ପକ୍ଷରୁ ଫିକୋ-ଏକ୍ସିଲେନ୍ସ ଆୱାର୍ଡ ପ୍ରଦାନ କରାଯାଇଛି। ଲୁଧିଆନା ସ୍ଥିତ ଏମ୍‌ଏସ୍‌ଏମ୍‌ଇ ଡେଭ୍‌ଲପ୍‌ମେଣ୍ଟ ଇନଷ୍ଟିଚ୍ୟୁଟ୍ (ଏମ୍‌ଏସ୍‌ଏମ୍‌ଇ-ଡିଆଇ) ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଫିକୋର ଅଧକ୍ଷ କେ.କେ. ସେଠ୍ ଡ୍ୟୁକ୍‌ର ନିର୍ଦ୍ଦେଶକ କୁନ୍ତଲ ରାଜ ଜୈନ୍‌ଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଏହି ଅବସରରେ ଜୈନ କହିଛନ୍ତି, ଏକ ପ୍ରମୁଖ କାଜୁଆଲ୍ ୱେର ବ୍ରାଣ୍ଡ ଭାବେ ଡ୍ୟୁକ୍ ନିଜର ସ୍ୱତନ୍ତ୍ର ପରିଚୟ ହାସଲ କରିଛି। ଏହି ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ କମ୍ପାନୀ ପ୍ରୟାସ ଜାରି ରଖିବ। ବର୍ତ୍ତମାନ ଭାରତର ପ୍ରମୁଖ ସହରଗୁଡିକରେ ପ୍ରାୟ ୩୬୦ ଏକ୍ସକ୍ଲୁଶିଭ୍ ଏବଂ ୪୦୦୦ରୁ ଊର୍ଦ୍ଧ୍ୱ ମଲ୍ଟିବ୍ରାଣ୍ଡ ଆଉଟ୍‌ଲେଟ୍ ମାଧ୍ୟମରେ ଡ୍ୟୁକ୍ ଗ୍ରାହକଙ୍କ ନିକଟରେ ପହଞ୍ଚି ପାରିଛି। ଏହି ଅବସରରେ ଫିକୋର ସଭାପତି ଏସ୍. ଗୁରମିତ ସିଂ କୁଲାର, ଉପସଭାପତି ଭି. ମିତ୍ତଲ, ଫିକୋ ବୟନ ଶିଳ୍ପ ବିଭାଗର ମୁଖ୍ୟ ଅଜିଲ ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ।

# ୩୦ରେ ଉଦ୍‌ଘାଟିତ ହେବ ମାର୍କେଟିଂ ଡେଭ୍‌ଲପ୍‌ମେଣ୍ଟ ସେଣ୍ଟର




ଭୁବନେଶ୍ୱର, ୨୮-୮(ବ୍ୟୁରୋ)

- ଏହା ପୂର୍ବଭାରତର ସର୍ବବୃହତ ଇଣ୍ଟିଗ୍ରେଟେଡ୍ ମାର୍କେଟିଂ ସେଣ୍ଟର
- ନ୍ୟାଶନାଲ୍ ସ୍କିଲ୍ ଡେଭ୍‌ଲପ୍‌ମେଣ୍ଟ କର୍ପୋରେଶନ, ନାନୋ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଇନ୍‌ଷ୍ଟିଚ୍ୟୁଟ ଏବଂ ଆପାରେଲ୍ ଟ୍ରେନିଂ ସେଣ୍ଟର ରହିବ

ଅନୁସୂଚିତ ଜାତି ଓ ଜନଜାତି ବର୍ଗରେ ଯେଉଁ ଔଦ୍ୟୋଗିକ ସଂସ୍ଥାଗୁଡିକ ରହିଛନ୍ତି ସେମାନଙ୍କୁ ଉତ୍ତମ ବଜାର ସୁବିଧା ପ୍ରଦାନ କରାଯିବ। ସେମାନଙ୍କ ଉତ୍ପାଦିତ ସାମଗ୍ରୀର ବିକ୍ରିବଟା ପାଇଁ ପ୍ରତିଯୋଗିତାମୂଳକ ବଜାର ସୃଷ୍ଟି କରାଯିବ। ଏଥିପାଇଁ ଭୁବନେଶ୍ୱରରେ ଏକ ଇଣ୍ଟିଗ୍ରେଟେଡ୍ ମାର୍କେଟିଂ ଡେଭ୍‌ଲପ୍‌ମେଣ୍ଟ ସେଣ୍ଟର ସ୍ଥାପନ କରାଯାଇଛି। ଏହା ସାରା ଭାରତରେ ୧୨ତମ ସେଣ୍ଟର ହୋଇଥିବା ବେଳେ ପୂର୍ବ ଭାରତର ସର୍ବବୃହତ ମାର୍କେଟିଂ ସେଣ୍ଟରରେ ପରିଣତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇ ଏହି ସେଣ୍ଟରକୁ ଆସନ୍ତା ୩୦ ତାରିଖରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ।

ନ୍ୟାଶନାଲ ସ୍ମଲ୍ ଇଣ୍ଡଷ୍ଟ୍ରିଜ୍ କର୍ପୋରେଶନ ଲିମିଟେଡ୍ (ଏନ୍‌ଏସ୍‌ଆଇସି)ର ସିଏମ୍‌ଡି ରବୀନ୍ଦ୍ର ନାଥ ମଙ୍ଗଳବାର ଏକ ଖବରଦାତା ସମ୍ମିଳନିରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଏଠାରେ ଉକ୍ତ ଦିନ ଏସ୍‌ସି-ଏସ୍‌ଟି ମେଳା ଏବଂ ପ୍ରଦର୍ଶନୀ ମଧ୍ୟ ଅନୁଷ୍ଠିତ ହେବ। ଏଥିରେ କେନ୍ଦ୍ରୀୟ ସରକାରୀ ଉଦ୍ୟୋଗ, ବିଭିନ୍ନ ବ୍ୟାଙ୍କ ଏବଂ ଶିଳ୍ପ ସଂଘ ସମେତ ଏକାଧିକ ସଂସ୍ଥା ଅଂଶଗ୍ରହଣ କରିବେ। ଏମ୍‌ଏସ୍‌ଏମ୍‌ଇ ସଂସ୍ଥାଗୁଡିକ ପାଇଁ ରହିଥିବା ବିଭିନ୍ନ ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ସୂଚନା ପ୍ରଦାନ କରାଯିବ। ୧,୧୦,୦୦୦ ବର୍ଗ ଫୁଟ ଅଞ୍ଚଳରେ ଏହା ନିର୍ମାଣ କରାଯାଇଛି। ଏଠାରେ ନ୍ୟାଶନାଲ୍ ସ୍କିଲ୍ ଡେଭ୍‌ଲପ୍‌ମେଣ୍ଟ କର୍ପୋରେଶନ (ଏନ୍‌ଏସ୍‌ଡିସି), ନାନୋ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଇନ୍‌ଷ୍ଟିଚ୍ୟୁଟ୍ (ଏନ୍‌ଏସ୍‌ଟିଆଇ)ର କାର୍ଯ୍ୟାଳୟ ରହିବ। ଏନ୍‌ଏସ୍‌ଆଇସିର ଏପେରାଲ୍ ଟ୍ରେନିଂ ସେଣ୍ଟର ମଧ୍ୟ ଉଦ୍‌ଘାଟନ କରାଯିବ। ଏସ୍‌ସିଏସ୍‌ଟି ଉଦ୍ୟୋଗୀମାନଙ୍କ ସହାୟତା ପାଇଁ ଏମାନେ ଏନ୍‌ଏସ୍‌ଆଇସି ସହିତ ମିଳିତ ହୋଇ କାର୍ଯ୍ୟ କରିବେ ବୋଲି ରବୀନ୍ଦ୍ର ନାଥ କହିଛନ୍ତି।

### ସତର୍କ କରାଇଲା ରେଳପଥ
## ଠକ ସଂସ୍ଥାଠୁ ଦୂରେଇ ରୁହ

ଭୁବନେଶ୍ୱର, ୨୮-୮

ଭାରତୀୟ ରେଳର ନିଯୁକ୍ତି ବ୍ୟବସ୍ଥା କୌଣସି ଏଜେଣ୍ଟ ବା ମଧ୍ୟସ୍ଥମାନଙ୍କୁ ଦିଆଯାଇ ନାହିଁ। ଏହା ରେଲ୍‌ୱେ ରିକ୍ରୁଟ୍‌ମେଣ୍ଟ ବୋର୍ଡ ଦ୍ୱାରା ପ୍ରତ୍ୟକ୍ଷ ଭାବେ ପରିଚାଳିତ। ତେଣୁ କୌଣସି କୋଚିଙ୍ଗ୍ ସେଣ୍ଟର ବା ଘରୋଇ ସଂସ୍ଥା ରେଲୱେରେ ଚାକିରି କରାଇଦେବା ପାଇଁ ପ୍ରଲୋଭିତ କରାଇଲେ ତାହାକୁ ବିଶ୍ୱାସ ନ କରିବା ଉଚିତ। ବର୍ତ୍ତମାନ ଭାରତୀୟ ରେଳରେ ନିଯୁକ୍ତି ପ୍ରକ୍ରିୟା ଚାଲିଥିବାରୁ ରେଳ ମନ୍ତ୍ରଣାଳୟ ପକ୍ଷରୁ ଏଭଳି ସତର୍କ କରାଇ ଦିଆଯାଇଛି। ପୂର୍ବତଟ ରେଳପଥ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, କେତେକ ଠକ ସଂସ୍ଥା ଆଶାୟୀ ପରୀକ୍ଷାର୍ଥୀଙ୍କୁ ରେଲ୍‌ୱେରେ ଚାକିରି ଦେବା ପାଇଁ ପ୍ରଲୋଭିତ କରୁଥିବା ଖବର ରେଳ ମନ୍ତ୍ରଣାଳୟ ପାଖରେ ପହଞ୍ଚିଛି। ଏହି ସଂସ୍ଥା ପ୍ରାର୍ଥୀମାନଙ୍କଠାରୁ ପ୍ରାୟ ୯୩ ଲକ୍ଷ ଟଙ୍କା ଲାଞ୍ଚ ଆକାରରେ ନେଇଛନ୍ତି। ଏହି ଘଟଣାକୁ ନେଇ ରେଳମନ୍ତ୍ରଣାଳୟ ପୋଲିସରେ ଅଭିଯୋଗ ହୋଇଥିବା ବେଳେ ଦୁଇଜଣଙ୍କୁ ଗିରଫ କରାଯାଇଛି। ଏହି ଦୃଷ୍ଟିରୁ ଜନସାଧାରଣ ତଥା ପରୀକ୍ଷାର୍ଥୀଙ୍କୁ ରେଳପଥ ସତର୍କତା ବାର୍ତ୍ତା ଜାରି କରି କହିଛି, ନିୟମ ଓ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରକ୍ରିୟା ସମ୍ପାଦିତ ହେବ।

## ଆଇଡିବିଆଇ ବ୍ୟାଙ୍କର ୧୪.୯% ଶେୟାର କିଣିବ ଏଲଆଇସି

ନୂଆଦିଲ୍ଲୀ,୨୮-୮

ଋଣରେ ବୁଡ଼ିଥିବା ଆଇଡିବିଆଇ ବ୍ୟାଙ୍କକୁ କିଣିବା ଲାଗି ଏଲଆଇସି ଆଉ ପାଦେ ଆଗେଇଛି। ମଙ୍ଗଳବାର ଏହାର ବୋର୍ଡ ବ୍ୟାଙ୍କର ୧୪.୯% ଶେୟାର କିଣିବା ଲାଗି ଆଗତ ଏକ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛି। ଅଗଷ୍ଟରେ କେନ୍ଦ୍ର କ୍ୟାବିନେଟ ଆଇଡିବିଆଇ ବ୍ୟାଙ୍କର ୫୧% ଶେୟାର କିଣିବା ଲାଗି ଏଲଆଇସିକୁ ଅନୁମତି ଦେଇଥିଲେ। ବର୍ତ୍ତମାନ ରାଷ୍ଟ୍ରାୟତ୍ତ ଜୀବନବୀମା କମ୍ପାନୀ ନିକଟରେ ଆଇଡିବିଆଇ ବ୍ୟାଙ୍କର ୭.୯୮ ପ୍ରତିଶତ ଶେୟାର ରହିଛି। ଆସନ୍ତା ୩୧ରେ ବ୍ୟାଙ୍କ ବୋର୍ଡ ଏକ ବୈଠକରେ ବସି ଏଲଆଇସିର ନିଷ୍ପତ୍ତି ଉପରେ ପୋଷ୍ଟାଲ ବ୍ୟାଲଟ୍ ଜରିଆରେ ଶେୟାରଧାରକଙ୍କ ଠାରୁ ଅନୁମତି ନେବ। ଜୁନ୍ କ୍ୱାର୍ଟରରେ ଆଇଡିବିଆଇ ବ୍ୟାଙ୍କର ୨୪୦୯.୮୯ କୋଟି ଟଙ୍କାର କ୍ଷତି ହୋଇଛି।

### ସୁପ୍ରିମକୋର୍ଟରେ କେନ୍ଦ୍ରର ପ୍ରସ୍ତାବ
# ୨୦୨୦ ଜୁନ୍ ୩୦ ପରେ ବିଏସ୍‌୪ ଗାଡ଼ି ବିକ୍ରି ବନ୍ଦ ହେଉ

ନୂଆଦିଲ୍ଲୀ,୨୮-୮

ବାୟୁକୁ ଯଥାସମ୍ଭବ ସ୍ୱଚ୍ଛ ରଖିବା ଉଦ୍ଦେଶ୍ୟରେ ୨୦୨୦ ଜୁନ୍ ପରେ ବିଏସ୪ ଇନ୍ଧନ ଯୁକ୍ତ ଗାଡ଼ି ବିକ୍ରି ବନ୍ଦ କରିଦେବାକୁ କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ପ୍ରସ୍ତାବ ଦେଇଛନ୍ତି। ବିଚାରପତି ମଦନ ବି.ଲୋକୁର, ବିଚାରପତି ଏସ୍. ଅବଦୁଲ୍ ନଜିର ଏବଂ ବିଚାରପତି ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଏ.ଏନ.ଏସ ନଦକର୍ନି ହାଜର ହୋଇଥିଲେ। ସେ କହିଥିଲେ ଯେ, ମାର୍ଚ୍ଚ ୩୧,୨୦୨୦ ସୁଦ୍ଧା ନିର୍ମିତ ସମସ୍ତ ବିଏସ୪ ଗାଡ଼ିକୁ ବିକ୍ରି ଲାଗି ଅଟୋ ନିର୍ମାତାଙ୍କୁ ୩ରୁ ୬ ମାସ ସମୟ ଦିଆଯାଇପାରିବ। ଅନ୍ୟପକ୍ଷରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ତଥା ବରିଷ୍ଠ ଓକିଲ ଅପରାଜିତା ସିଂହ ବିଏସ୪ ଇନ୍ଧନଯୁକ୍ତ ଗାଡ଼ି ବିକ୍ରି ବନ୍ଦ କରିବା ଲାଗି ଯୁକ୍ତି ଦର୍ଶାଇଥିଲେ। ଦେଶ ଆଜି ଗ୍ୟାସ୍ ଚାମ୍ବର ମଧ୍ୟରେ ରହିଛି। ଏପରିକି ବାୟୁ ପ୍ରଦୂଷଣରୁ ଗର୍ଭସ୍ଥ ଶିଶୁ ରକ୍ଷା ପାଇପାରୁନି ବୋଲି ସେ କହିଥିଲେ।

## କେରଳ ବନ୍ୟା ପୀଡିତଙ୍କୁ ସହାୟତା

### ହୋଣ୍ଡା ଗ୍ରୁପ୍ ଦେଲା ୩କୋଟି

ନୂଆଦିଲ୍ଲୀ,୨୮-୮(ପି.ଟି)

HONDA

ହୋଣ୍ଡା ଗ୍ରୁପ୍ କମ୍ପାନୀ ପକ୍ଷରୁ କେରଳର ବନ୍ୟା ପୀଡିତଙ୍କ ଲାଗି ୩ କୋଟି ଟଙ୍କାର ଆର୍ଥିକ ସହାୟତା ରାଶି ଘୋଷଣ କରାଯାଇଛି। ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟରେ ସହାୟତା ସ୍ୱରୂପ କମ୍ପାନୀ ଏହି ଅର୍ଥରାଶି ପ୍ରଦାନ କରିଛି। ନୂଆଦିଲ୍ଲୀଠାରେ ୩ କୋଟି ଟଙ୍କାର ଚେକ୍‌କୁ ପ୍ରଧାନମନ୍ତ୍ରୀଙ୍କ ଜାତୀୟ ରିଲିଫ୍ ପାଣ୍ଠିକୁ ହସ୍ତାନ୍ତର କରାଯାଇଛି। ଏକ ଦାୟିତ୍ୱବାନ କର୍ପୋରେଟ ନାଗରିକ ଭାବେ ପ୍ରଭାବିତ ହୋଇଥିବା ଲୋକଙ୍କ ଜୀବନକୁ ଗଠନ କରିବା ଏବଂ କ୍ଷତିଗ୍ରସ୍ତ ହୋଇଥିବା ଭିତ୍ତିଭୂମିକୁ ସଜାଡିବାରେ ସହାୟତା ପ୍ରଦାନ ଲାଗି ହୋଣ୍ଡା ଗ୍ରୁପ୍ ପ୍ରତିଶ୍ରୁତିବଦ୍ଧ ବୋଲି କମ୍ପାନୀ ସୂଚନା ଦେଇଛି।

### ସାମ୍‌ସଙ୍ଗ ଇଣ୍ଡିଆ ପକ୍ଷରୁ ୧.୫ କୋଟି

ନୂଆଦିଲ୍ଲୀ,୨୮-୮(ପି.ଟି)

SAMSUNG

ସାମ୍‌ସଙ୍ଗ ଇଣ୍ଡିଆ ପକ୍ଷରୁ କେରଳ ବନ୍ୟା ପୀଡିତଙ୍କ ଲାଗି ସହାୟତା ଘୋଷଣା କରାଯାଇଛି। ବନ୍ୟା ପ୍ରଭାବିତ ଲୋକଙ୍କ ଲାଗି କମ୍ପାନୀ ପକ୍ଷରୁ ଏକ ସର୍ଭିସ ଭ୍ୟାନ ବ୍ୟବସ୍ଥା କରାଯାଇଛି। ଲୋକଙ୍କ ନିକଟରେ ପହଞ୍ଚିବା ଲାଗି ବିଭିନ୍ନ ବ୍ୟବସ୍ଥା ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। କମ୍ପାନୀର କର୍ମଚାରୀ, ୩ ଆରଆଣ୍ଡଡି ସେଣ୍ଟର, ୨ କାରଖାନାର କର୍ମଚାରୀ ବନ୍ୟା ପ୍ରଭାବିତ ଲୋକମାନଙ୍କୁ ସ୍ୱେଚ୍ଛାକୃତ ସେବା ଯୋଗାଣ ଦିଗରେ କାର୍ଯ୍ୟ କରୁଥିବା କମ୍ପାନୀ ପ୍ରକାଶ କରିଛି। କେରଳ ମୁଖ୍ୟମନ୍ତ୍ରୀଙ୍କ ଡିଷ୍ଟ୍ରେସ ରିଲିଫ୍ ପାଣ୍ଠିକୁ ୧.୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ସାମ୍‌ସଙ୍ଗର ପ୍ରତିନିଧିମାନେ ଥିରୁଭାନନ୍ତପୁରମଠାରେ ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନଙ୍କୁ ଭେଟି ଚେକ୍ ହସ୍ତାନ୍ତର କରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ପେପ୍ସୀରେ ଅଦଳବଦଳ: ବିପୁଳଙ୍କ ସ୍ଥାନରେ ବିଶାଲ ମାର୍କେଟିଂ ମୁଖ୍ୟ

ନୂଆଦିଲ୍ଲୀ,୨୮-୮: ମୃଦୁପାନୀୟ ତଥା ସ୍ନାକ୍ସ ନିର୍ମାତା ପେପ୍ସୀକୋର ସିନିୟର ଭାଇସ ପ୍ରେସିଡେଣ୍ଟ(ମୃଦୁପାନୀୟ) ବିପୁଲ ପ୍ରକାଶ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ୧୯୯୮ରୁ ଏହି କମ୍ପାନୀରେ କାର୍ଯ୍ୟରତ ଥିଲେ। ଦୀର୍ଘ ୨୦ ବର୍ଷ ଧରି କାର୍ଯ୍ୟ କରିବା ପରେ ସେ ଇସ୍ତଫା ଦେଇଛନ୍ତି। ପ୍ରକାଶ ମୃଦୁପାନୀୟ ମାର୍କେଟିଂର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଉଥିଲେ। ତାଙ୍କ ସ୍ଥାନରେ ବିଶାଲ କୌଲ୍ ଦାୟିତ୍ୱ ସମ୍ଭାଳିବେ। କୌଲ୍ ଓଲା କ୍ୟାବ୍‌ରେ କିଛି ଦିନ କାର୍ଯ୍ୟ କରିବା ପରେ ୧୯୯୯ରେ ପେପ୍ସିକୋରେ ଯୋଗ ଦେଇଥିଲେ।


**ODISHA TOURISM DEVELOPMENT CORPORATION LIMITED**
(A GOVT. OF ODISHA UNDERTAKING
PANTHANIVAS (OLD BLOCK): LEWIS ROAD: BHUBANESWAR-14
INVITATIONS FOR BIDS (IFB)
**NOTICE INVITATION FOR BIDS (NIFB)**
**e-Procurement Notice No. BP -I/10/2018-19 dt. 27.08.2018**

No.CAD-763

1. Nature of Work : Repair & Renovation work (Civil), Approach Road & Illumination Work, Panthanivas work furnishing with Hard landscaping work,Musical Fountain & Supply of Furniture.(Item rate & Percentage rate)
2. Total No.of Works : 10 Nos.
3. Value of Works : Rs. 11.77 lakhs to 84.38 lakhs
4. Bid Security : 1% of the amount put to tender
5. Class of Contractor : D, C,B, A for civil work & Manufacturer/ Authorized Distributors/Dealers /Suppliers for Supply Items.
6. Period of Completion : 2 (Two) months to 6 (Six) months
7. Other details as follows :

| Procurement Officer | Bid Identification No. | Availability of Bid online | | Hard Copy dropping Time | Date, Time & Place of opening of Tender |
|---|---|---|---|---|---|
| Executive Engineer, B.P.Division No. I, OTDC Ltd. | BP-I/10/2018-19 dt. 27.08.2018 | From 01.09.2018 | To 11.09.2018 | 12.09.2018 to 15.09.2018 up to 5.00PM. | 11.30 Hours of dt.17.09.2018 in the office of the Executive Engineer B.P. Division No.I), OTDC Ltd, Bhubaneswar |

Further details can be seen from the Govt. Website **www.tenderodisha.gov.in**.
37002/11/0036/1819
**Sd./ Executive Engineer, B.P.Division No. I**



**OFFICE OF THE ENGINEER-IN-CHIEF**
**RURAL WATER SUPPLY & SANITATION**
JAL "O" PARIMAL BHAWAN, UNIT-V, BHUBANESWAR-751001, ODISHA
Tel: 0674-2395734, Fax: 0674-2394946, e-mail: cerwssodisha@gmail.com
NOTICE INVITING BID
NATIONAL COMPETITIVE BIDDING THROUGH e-PROCUREMENT FOR EXECUTION OF RURAL PIPED WATER SUPPLY PROJECTS IN DIFFERENT DISTRICTS ON EPC CONTRACT
**No. 7375** **Date: 23.08.2018**
**Request for Proposal (RFP)**

**No.646-O:-** The Engineer-in-Chief, RWSS, (Water Supply) Odisha, Bhubaneswar, on behalf of the Governor of Odisha is engaged in the execution, operation & maintenance of water supply projects to the villages of different districts in the State of Odisha & as part of this endeavour, Government of Odisha has decided to undertake the work as mentioned below (the "Project") under EPC contract (Engineering, Procurement & Construction) basis & has decided to carry out the bid process for selection of the eligible Contractors to whom the projects under the package may be awarded eventually for construction as well as operation and maintenance for a period of 5 years.

| Package No. | Name of work | Bid Identification No | Indicative project cost (Rs. in crore) | Period for completion & O&M period | Availability of Bid document for online Bidding | |
|---|---|---|---|---|---|---|
| | | | | | From | To |
| Pkg-I | Execution of 2 nos. individual Rural Piped Water Supply Project pertaining to Deogarh districts including 5 years O&M on EPC contract under the package | EIC, RWSS-15/18-19 | 293.15 | 24 (Twenty four months) & 60 (Sixty Months) | 17.00 hrs. of 31.08.2018 | 17.00 hrs. of 01.10.2018 |

Name & address of officer inviting Bid: Engineer-in-Chief, RWSS, Jal "O" Parimal Bhawan, Unit-V, Bhubaneswar, Ph: 0674-2395734/ 0674-2531533, e-mail: cerwssodisha@gmail.com.
Further details can be seen from the e-procurement portal http://tendersorissa.gov.in.
25040/11/0015/1819
**Sd./- Engineer-in-Chief, RWSS**



GOVERNMENT OF ODISHA, "e"-PROCUREMENT NOTICE
**OFFICE OF THE NOTIFIED AREA COUNCIL, DASPALLA**
**Tender call Notice**
**E-mail: nacdaspalla@gmail.com**
**Bid Identification No. NAC-Daspalla/03/2018-19**
The Executive Officer, NAC, Daspalla, Dist.-Nayagarh inviting percentage rate bid in online mode for the works as detailed in the table from eligible contractors for construction of Road, Building, Electrification & Sanitation work as detailed in the table below:

| | | | |
|---|---|---|---|
| 1. | Nature of Work | : | Building, Road, Electrification & Sanitation. |
| 2. | No. of Work | : | 14 Nos. |
| 3. | Tender Cost | : | To be remitted online through a process as mentioned in DTCN. |
| 4. | Class of Contractor | : | As mentioned in DTCN. |
| 5. | Available of Bid Document in the Website | : | From Dt. 30.08.2018 10.00 A.M. to Dt. 10.09.2018 upto 5.00 P.M. |
| 6. | Date of opening of Bid | : | Dt. 11.09.2018 at 11.00 A.M. |
| 7. | The Bidders have to participate in ONLINE bidding only. Further details can be seen from the Website: https://tendersodisha.gov.in. Any Addendum/ Corrigendum/ Cancellation of tender can also be seen in the said website. | | |

**Sd./- Executive Officer**
**NAC, Daspalla**

# ଶିଖରରେ ସିନ୍ଧୁ



ପି.ଭି. ସିନ୍ଧୁ

**ଜାକର୍ତ୍ତା,୨୮।୮ (ପି.ଟି.):** ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ପି.ଭି. ସିନ୍ଧୁ ପୁଣି ଏକ ମେଜର ଫାଇନାଲରେ ପରାସ୍ତ ହୋଇ ସ୍ୱର୍ଣ୍ଣ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ଚଳିତ ଏସିଆନ ଗେମ୍ସର ମହିଳା ସିଙ୍ଗଲ୍ସ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ସିନ୍ଧୁ ଟାଇଟଲ ମୁକାବିଲାରେ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ମଙ୍ଗଳବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ସିନ୍ଧୁ ବିଶ୍ୱର ୧ ନମ୍ବର ଖେଳାଳି ଚାଇନିଜ ତାଇପେର ତାଇ ଜୁ- ୟିଙ୍ଗ୍‌ଙ୍କ ଠାରୁ ୧୩- ୨୧, ୧୬- ୨୧ରେ ପରାସ୍ତ ହୋଇଛନ୍ତି। ମାତ୍ର ୩୪ ମିନିଟରେ ସିନ୍ଧୁଙ୍କୁ ପରାସ୍ତ କରି ତାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

ପ୍ରଥମଥର ପାଇଁ ଏସିଆନ ଗେମ୍ସରେ ଦୁଇଜଣ ଭାରତୀୟ କୌଣସି ବ୍ୟକ୍ତିଗତ ଇଭେଣ୍ଟରେ ଦୁଇଟି ପଦକ ଜିତିବାକୁ ସକ୍ଷମ ହୋଇଛନ୍ତି। ପୂର୍ବରୁ ମହିଳା ସିଙ୍ଗଲ୍ସରେ ଅଲିମ୍ପିକ୍ସ ବ୍ରୋଞ୍ଜ୍ ପଦକ ବିଜୟିନୀ ସାଇନା ନେହ୍ୱାଲ ବ୍ରୋଞ୍ଜ ପଦକ ଜିତିଥିଲେ। ସାଇନାଙ୍କୁ ମଧ୍ୟ ତାଇ ଅନୁରୂପ ଢଙ୍ଗରେ ସେମିଫାଇନାଲରେ ପରାସ୍ତ କରିଥିଲେ।

୨୩ ବର୍ଷୀୟା ସିନ୍ଧୁ ଏଥିସହ ଚଳିତ ବର୍ଷ ତୃତୀୟଥର ପାଇଁ କୌଣସି ବଡ଼ ଇଭେଣ୍ଟର ଫାଇନାଲରେ ପରାସ୍ତ ହୋଇଛନ୍ତି। ଏହା ପୂର୍ବରୁ ଗୋଲ୍ଡ କୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଫାଇନାଲରେ ସିନ୍ଧୁ ନିଜ ଦେଶର ସାଇନାଙ୍କଠାରୁ ହାରିଥିଲେ। ସେହିପରି ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ମୁକାମିଲାରେ ସେ ସ୍ପେନର କରୋଲିନା ମାରିନଙ୍କଠାରୁ ପରାସ୍ତ ହୋଇଥିଲେ। ଏଠାରେ ପ୍ରକାଶଯୋଗ୍ୟ ଯେ, ସିନ୍ଧୁ ଗତ ରିଓ ଅଲିମ୍ପିକ୍ସ ମହିଳା ସିଙ୍ଗଲ୍ସ ଫାଇନାଲରେ ମାରିନଙ୍କଠାରୁ ପରାସ୍ତ ହୋଇ ରୌପ୍ୟ ପଦକ ହାସଲ କରିଥିଲେ। ଏହାକୁ ବାଦ୍‌ଦେଲେ ଚଳିତ ବର୍ଷ ସେ ଇଣ୍ଡିଆ ଓପନ୍ ଫାଇନାଲରେ ବେଇୱେନ୍ ଝାଙ୍ଗଙ୍କଠାରୁ ଓ ଥାଇଲାଣ୍ଡ ଓପନ୍ ଫାଇନାଲରେ ନୋଭୋମି ଓକୁହାରାଙ୍କଠାରୁ ମଧ୍ୟ ପରାସ୍ତ ହୋଇ ଟାଇଟଲ ହାସଲରୁ ବଞ୍ଚିତ ହୋଇଥିଲେ।

> ତାରକା। ମହିଳା ବ୍ୟାଡମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଆନ୍ତର୍ଜାତିକସ୍ତରରେ ଆଉ ଏକ ବଡ଼ଧରଣର ସଫଳତା ହାସଲ କରିଛନ୍ତି। ଚଳିତ ଏସିଆନ୍ ଗେମ୍ସରେ ସେ ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ରୌପ୍ୟ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ଫାଇନାଲ ମ୍ୟାଚରେ ସିନ୍ଧୁ ବିଶ୍ୱର ୧ ନମ୍ବର ଖେଳାଳି ଚାଇନିଜ ତାଇପେର ତାଇ ଜୁ- ୟିଙ୍ଗ୍‌ଙ୍କ ଠାରୁ ୧୩- ୨୧, ୧୬- ୨୧ରେ ପରାସ୍ତ ହୋଇ ରୌପ୍ୟରେ ସନ୍ତୁଷ୍ଟ ହୋଇଛନ୍ତି।

ତାଇଙ୍କ ବିପକ୍ଷ ଗତ ୫ଟି ମୁକାବିଲାରେ ସିନ୍ଧୁ ପରାସ୍ତ ହୋଇଛନ୍ତି। ତେଣୁ ବିଜୟୀ ହେବା ପାଇଁ ସିନ୍ଧୁଙ୍କୁ ଅତିରିକ୍ତ କିଛି କରି ଦେଖାଇବାର ଆବଶ୍ୟକତା ଥିଲା। ଅନ୍ୟପଟେ ତାଇ ସିନ୍ଧୁଙ୍କ ଉପରେ ପ୍ରଭାବ ବିସ୍ତାର କରି ଖେଳିଥିଲେ। ସିନ୍ଧୁଙ୍କ ପାଖରେ ଆକ୍ରମଣାତ୍ମକ ଭାବେ ଖେଳିବା ଛଡ଼ା ଅନ୍ୟ ଉପାୟ ନ ଥିଲା। କିନ୍ତୁ ତାଇ ତାଙ୍କୁ କୌଣସି ସୁଯୋଗ ଦେଇ ନ ଥିଲେ। ବିଭିନ୍ନ କୋଣରୁ ଷ୍ଟ୍ରୋକର ଦିଗ ପରିବର୍ତ୍ତନ କରିବା ସହ ବିବିଧତା ଆଣି ସେ ସିନ୍ଧୁଙ୍କୁ ପ୍ରତ୍ୟାବର୍ତ୍ତନ କରିବାର ସୁଯୋଗ ଦେଇ ନ ଥିଲେ। ପ୍ରଥମ ଗେମ୍ ମାତ୍ର ୧୬ ମିନିଟରେ ଶେଷ ହୋଇଥିଲା। ସେହିପରି ଦ୍ୱିତୀୟ ଗେମ୍‌କୁ ତାଇ ୧୮ ମିନିଟରେ ଶେଷ କରିଥିଲେ। ତାଇ ନିଜର ଦକ୍ଷତା ଅନୁରୂପ ଖେଳିଥିଲେ।

ତାଇଙ୍କଠାରୁ କ୍ରମାଗତ ଭାବେ ୬ଥର ପରାସ୍ତ ହୋଇଥିଲେ ମଧ୍ୟ ସିନ୍ଧୁ କୌଣସି ଚାପରେ ନ ଥିଲେ ବୋଲି କହିଛନ୍ତି। ତାଇଙ୍କୁ ପରାସ୍ତ କରାଯାଇ ପାରିବ ଓ ପରାଜୟରେ ସେଭଳି କୌଣସି ବଡ଼ ବ୍ୟବଧାନ ନ ଥିଲା। ସହଜ ନ ଥିଲେ ମଧ୍ୟ ତ୍ରୁଟି ସୁଧାରି ପାରିଲେ ଆଗକୁ ତାଇଙ୍କୁ ପରାସ୍ତ କରିପାରିବି ବୋଲି ସିନ୍ଧୁ ମ୍ୟାଚ ପରେ କହିଛନ୍ତି। ଧୈର୍ଯ୍ୟର ସହିତ ଖେଳିଥିଲେ ଫଳାଫଳ ଅଲଗା ହୋଇଥାନ୍ତା। ଅନ୍ୟପଟେ ତାଇ ନିଜ ଦେଶର ପ୍ରଥମ ଏସିଆନ ଗେମ୍ସ ସିଙ୍ଗଲ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେମିରେ ସାଇନା ଓ ଫାଇନାଲରେ ସିନ୍ଧୁଙ୍କୁ ହରାଇ ପୂରା ପ୍ରଭାବ ବିସ୍ତାର କରି ସେ ବିଜୟୀ ହୋଇଛନ୍ତି। ମିଳିତ ଭାବେ ସିନ୍ଧୁ ଓ ସାଇନା ମୋଟ ଉପରେ ୨୨ଟି ମ୍ୟାଚରେ ତାଇଙ୍କଠାରୁ ପରାସ୍ତ ହୋଇଛନ୍ତି। ତେବେ ରିଓ ଅଲିମ୍ପିକ୍ସରେ ସିନ୍ଧୁ ତାଇଙ୍କୁ ହରାଇବାକୁ ସକ୍ଷମ ହୋଇଥିଲେ। ଇତିମଧ୍ୟରେ ତାଇଙ୍କ ଷ୍ଟ୍ରୋକ୍‌ରେ ଯଥେଷ୍ଟ ଉନ୍ନତି ଘଟିଛି ବୋଲି ସିନ୍ଧୁ କହିଛନ୍ତି। ମୋଟ ଉପରେ ଦେଖିବାକୁ ଗଲେ ସିନ୍ଧୁ ତାଙ୍କ କ୍ୟାରିୟର ଦଶମ ଫାଇନାଲରେ ପରାସ୍ତ ହୋଇଛନ୍ତି। ତେବେ କୋଚ୍ ପୁଲେଲା ଗୋପୀଚାନ୍ଦ ତାଙ୍କୁ ସମର୍ଥନ କରିଛନ୍ତି। ଖୁବ୍‌ଶୀଘ୍ର ସିନ୍ଧୁ ଏହି ଫାଇନାଲ ପରାଜୟ ଧାରାକୁ ରୋକିବାରେ ସଫଳ ହେବେ ବୋଲି ସେ ଆଶାପ୍ରକାଶ କରିଛନ୍ତି।

ହାଇଦ୍ରାବାଦ ଜନ୍ମିତ ସିନ୍ଧୁ ପ୍ରଥମ ଭାରତୀୟ ମହିଳା ଭାବେ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରିଥିଲେ। ଆନ୍ତର୍ଜାତିକ ବ୍ୟାଡମିଣ୍ଟନରେ ସିନ୍ଧୁ ଅସାଧାରଣ ଭାବେ ସଫଳ ରହିଆସିଛନ୍ତି। ସେ ବିଶ୍ୱ ଚାମ୍ପିୟନଶିପ୍‌ରେ ଦୁଇଟି ରୌପ୍ୟ ଓ ଦୁଇଟି ବ୍ରୋଞ୍ଜ ଜିତିଛନ୍ତି। ସେହିପରି ଉବର କପ୍‌ରେ ଭାରତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରି ସେ ଦୁଇଟି ବ୍ରୋଞ୍ଜ୍ ଜିତିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ମିକ୍ସଡ ଟିମ୍ ଇଭେଣ୍ଟରେ ସେ ସ୍ୱର୍ଣ୍ଣ ଜିତିଥିବା ବେଳେ ମହିଳା ସିଙ୍ଗଲ୍ସରେ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏସିଆନ ଗେମ୍ସରେ ଏହି ରୌପ୍ୟ ପଦକ ସହ ପୂର୍ବରୁ ଏକ ବ୍ରୋଞ୍ଜ୍ ମଧ୍ୟ ଜିତିଥିଲେ। ଏସିଆନ ଚାମ୍ପିୟନଶିପ୍‌ରେ ସେ ଗୋଟିଏ ବ୍ରୋଞ୍ଜ ଜିତିଥିବା ବେଳେ ସାଉଥ ଏସିଆନ ଗେମ୍ସରେ ସେ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ଜିତିଥିଲେ। କମନୱେଲ୍‌ଥ ୟଥ୍ ଗେମ୍ସରେ ସେ ଗୋଟିଏ ସ୍ୱର୍ଣ୍ଣ ଜିତିଛନ୍ତି। ସେହିପରି ଏସିଆନ ଜୁନିୟର ଚାମ୍ପିୟନଶିପ୍‌ରେ ସେ ଗୋଟିଏ ସ୍ୱର୍ଣ୍ଣ ଓ ଦୁଇଟି ରୌପ୍ୟ ପଦକ ହାସଲ କରିଥିଲେ। ଆନ୍ତର୍ଜାତିକସ୍ତରରେ ବେଶ୍ ସଫଳ ରହିଥିଲେ ମଧ୍ୟ ସିନ୍ଧୁଙ୍କ ସ୍ୱର୍ଣ୍ଣ ପଦକ ସଂଖ୍ୟା ବେଶ୍ କମ ରହିଛି। ଏବେ ମାତ୍ର ୨୩ ବର୍ଷରେ ପଦାର୍ପଣ କରିଥିବାରୁ ସିନ୍ଧୁ ଆଗକୁ ଆହୁରି ଉଚ୍ଚକୋଟୀର ସଫଳତା ହାସଲ କରିବେ ବୋଲି ଜୋର ଦେଇ କୁହାଯାଇପାରେ। ସିନ୍ଧୁଙ୍କ ମାତାପିତା ପି.ଭି. ରମନା ଓ ପି. ବିଜୟା ଉଭୟ ଜାତୀୟସ୍ତରର ଭଲିବଲ ଖେଳାଳି ହିସାବରେ ବେଶ୍ ସଫଳତା ଅର୍ଜନ କରିଥିଲେ। ମାତାପିତାଙ୍କଠାରୁ ପ୍ରେରଣା ନେଇ ସିନ୍ଧୁ ଏବେ ଏକ ଶ୍ରେଷ୍ଠ କ୍ରୀଡ଼ାବିତ୍‌ରେ ପରିଣତ ହୋଇଛନ୍ତି। ତାଙ୍କ ବଡ଼ ଭଉଣୀ ପି.ପି. ଦିବ୍ୟା ଜଣେ ଜାତୀୟସ୍ତରର ହ୍ୟାଣ୍ଡବଲ୍ ଖେଳାଳି ହୋଇଥିଲେ ମଧ୍ୟ କ୍ରୀଡ଼ାରେ ଆଗକୁ ବଢିପାରି ନ ଥିଲେ ଓ ଜଣେ ଡାକ୍ତର ହୋଇଥିଲେ।

### ସଂକ୍ଷେପରେ.....

- ପୂରା ନାମ: ପୁସର୍ଲା ଭେଙ୍କଟ ରମନା ସିନ୍ଧୁ
- ଜନ୍ମ: ହାଇଦ୍ରାବାଦ, ତେଲେଙ୍ଗାନା
- ବୟସ: ୧୯୯୫ ଜୁଲାଇ ୫ ତାରିଖ (୨୩ ବର୍ଷ)
- ଉଚ୍ଚତା: ୫ ଫୁଟ୍ ୧୦ ଇଞ୍ଚ୍
- ଓଜନ: ୬୫ କେ.ଜି.
- କୋଚ୍: ପୁଲେଲା ଗୋପୀଚାନ୍ଦ
- ପିତା: ପି.ଭି. ରମନା
- ମାତା: ପି. ବିଜୟା
- ଉଚ୍ଚତମ ର୍‍ୟାଙ୍କିଙ୍ଗ: ୨ (୪ ଏପ୍ରିଲ, ୨୦୧୭)
- ଏବେକାର ର୍‍ୟାଙ୍କିଙ୍ଗ: ୩ (୧୯ ଜୁଲାଇ, ୨୦୧୮)

- ପଦକ ରେକର୍ଡ
- ଅଲିମ୍ପିକ୍ସ: ରୌପ୍ୟ (୨୦୧୬ ରିଓ ଡି ଜାନେରିଓ)
- ବିଶ୍ୱଚାମ୍ପିୟନଶିପ୍: ୨ ରୌପ୍ୟ (୨୦୧୭, ୨୦୧୮)
- ୨ ବ୍ରୋଞ୍ଜ୍ (୨୦୧୩, ୨୦୧୪)
- ରାଜ୍ୟଗୋଷ୍ଠୀ କ୍ରୀଡ଼ା: ମିକ୍ସଡ ଟିମ୍ ଇଭେଣ୍ଟ ସ୍ୱର୍ଣ୍ଣ (୨୦୧୮), ରୌପ୍ୟ (୨୦୧୮), ବ୍ରୋଞ୍ଜ୍ (୨୦୧୪)
- ଏସିଆନ ଗେମ୍ସ: ରୌପ୍ୟ (୨୦୧୮), ମହିଳା ଟମ୍ ବ୍ରୋଞ୍ଜ୍ (୨୦୧୪)

# ଆଉ ଏକ ପଦକ ଦ୍ୱାରରେ ଦୂତୀ

**ଭୁବନେଶ୍ୱର, ୨୮।୮(କ୍ରୀଡ଼ା ପ୍ରତିନିଧି)**

ଜାକର୍ତ୍ତାରେ ଚାଲିଥିବା ଏସିଆନ ଗେମ୍ସର ମହିଳା ୧୦୦ ମିଟର ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିବା ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ଏବେ କ୍ୟାରିୟରର ଆଉ ଏକ ସଫଳତା ଦିଗରେ ଅଗ୍ରସର ହୋଇଛନ୍ତି। ସେ ମହିଳା ୨୦୦ ମିଟର ରେସ୍‌ର ଫାଇନାଲରେ ପ୍ରବେଶ କରି ଆଉ ଏକ ପଦକ ଜିତିବା ସମ୍ଭାବନା ସୃଷ୍ଟି କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟରେ ହିଟ୍ ନଂ-୪ରେ ଦୌଡ଼ି ସେ ୨୩.୩୭ ସେକେଣ୍ଡ ସମୟ ନେବାସହ ଶୀର୍ଷସ୍ଥାନରେ ରହି ସେମିଫାଇନାଲରେ ପ୍ରବେଶ କରିଥିଲେ। ସେମିଫାଇନାଲରେ ପ୍ରବେଶ କରିଥିବା ପ୍ରତିଯୋଗୀଙ୍କ ମଧ୍ୟରେ ସେ ଓଭରଅଲ୍ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅପରାହ୍ନରେ ଅନୁଷ୍ଠିତ ସେମିଫାଇନାଲ ରେସ୍‌ରେ କିନ୍ତୁ ସେ ଚମତ୍କାର ପ୍ରଦର୍ଶନ କରିଥିଲେ। ନିଜ ଟାଇମିଂରେ ସେ ଉନ୍ନତି ଆଣି ୨୩.୦୦ ସେକେଣ୍ଡ ସମୟ ନେବାସହ ଅନ୍ୟ ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ଦେଇଥିଲେ। ଫାଇନାଲରେ ପାଇଁ ଯୋଗ୍ୟତା ପାଇଥିବା ୮ ପ୍ରତିଯୋଗୀଙ୍କ ମଧ୍ୟରେ ଶୀର୍ଷସ୍ଥାନ ମଣ୍ଡନ କରିଥିଲେ। ୧୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ବାହାରିନର ଓଡିଅଙ୍ଗ ଇଡିଡିଅଙ୍ଗଙ୍କୁ ଦୂତୀ ଏଠାରେ ୧ ସେକେଣ୍ଡରେ ପଛରେ ପକାଇ ଦେଇଥିଲେ। ଓଡିଅଙ୍ଗ ୨୩.୦୧ ସେକେଣ୍ଡ ସମୟ ସହିତ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଦୂତୀଙ୍କ ସହ ଫାଇନାଲରେ ପ୍ରବେଶ କରିଥିବା ଅନ୍ୟ ପ୍ରତିଯୋଗୀମାନେ ହେଲେ ଚାଇନାର କୋଙ୍ଗ ଲିଙ୍ଗୱେଇ(୨୩.୩୨), କାଜାଖସ୍ତାନର ଓଲ୍‌ଗା ସାଫ୍ରାନୋଭା (୨୩.୪୧), ଚାଇନାର ୱେଇ ୟଙ୍ଗଲି (୨୩.୪୫), ଉଜବେକିସ୍ତାନର ନିଗିନା ଶାରିପୋଭା(୨୩.୪୫), ଫିଲିପାଇନ୍ସର ନଟ୍ କ୍ରିଷ୍ଟିନା ମାରି(୨୩.୬୫) ଓ ଭିଏତନାମର କ୍ୱାଚ୍ ଥି ଲାନ(୨୩.୭୬ ସେକେଣ୍ଡ)। ୧୦୦ ମିଟରରେ ଭାଗ ନେଇଥିବା ଅନ୍ୟତମ ଭାରତୀୟ ପ୍ରତିଯୋଗୀ ହିମା ଦାସ ଫଲ୍ସ ଷ୍ଟାର୍ଟ ଯୋଗୁ ଅଯୋଗ୍ୟ ଘୋଷିତ ହୋଇଥିଲେ।

# ପୂର୍ଣ୍ଣିମାଙ୍କ ପ୍ରଭାବୀ ପ୍ରଦର୍ଶନ

**ଭୁବନେଶ୍ୱର, ୨୮।୮(କ୍ରୀଡ଼ା ପ୍ରତିନିଧି)**

ଜାକର୍ତ୍ତାରେ ଚାଲିଥିବା ଏସିଆନ ଗେମ୍ସର ମହିଳା ହେପ୍ଟାଥଲନ ମଙ୍ଗଳବାର ଆରମ୍ଭ ହୋଇଛି। ୭ ଇଭେଣ୍ଟ ବିଶିଷ୍ଟ ଏହି ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶାର ପୂର୍ଣ୍ଣିମା ହେମ୍ବ୍ରମ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ପ୍ରଥମ ଦିବସରେ ୪ଟି ଇଭେଣ୍ଟ ଅନୁଷ୍ଠିତ ହୋଇଛି। ୧୦୦ ମିଟର ରେସ୍‌କୁ ସେ ୧୩.୮୫ ସେକେଣ୍ଡରେ ଅତିକ୍ରମ କରି ୧୦୦୦ ପଏଣ୍ଟ ପାଇଛନ୍ତି। ହାଇଜମ୍ପରେ ୧.୭୩ ମିଟର କ୍ଲିୟର କରି ୮୯୧ ପଏଣ୍ଟ ପାଇଥିବାବେଳେ ୧୨.୨୪ ମିଟର ଦୂରକୁ ଶଟ୍‌ପୁଟ୍ ଥ୍ରୋ କରି ୬୭୭ ପଏଣ୍ଟ ହାସଲ କରିଛନ୍ତି। ଦିବସର ଅନ୍ତିମ ଇଭେଣ୍ଟ ମହିଳା ୨୦୦ ମିଟର ରେସ୍‌କୁ ସେ ୨୫.୩୪ ସେକେଣ୍ଡରେ ଅତିକ୍ରମ କରି ୮୫୬ ପଏଣ୍ଟ ପାଇଛନ୍ତି। ଏଥିରେ ଭାଗ ନେଇଥିବା ଅନ୍ୟତମ ଭାରତୀୟ ସ୍ୱପ୍ନା ବର୍ମନଙ୍କ ପ୍ରଦର୍ଶନ ମଧ୍ୟ ଭଲ ରହିଛି।

# ୪୦୦ମିଟର ମିକ୍ସଡ ରିଲେରେ ରୌପ୍ୟ

**ଜାକର୍ତ୍ତା, ୨୮।୮(ପି.ଟି.)**

ଏସିଆନ ଗେମ୍ସରେ ପ୍ରଥମ ଥର ସାମିଲ କରାଯାଇଥିବା ୪୦୦ମିଟର ମିକ୍ସଡ ରିଲେ ରେସ୍‌ରେ ବାହାରିନ୍ ପଛକୁ ଦ୍ୱିତୀୟ ସ୍ଥାନ ଅଧିକାର କରି ଭାରତ ଏକ ରୌପ୍ୟ ପଦକ ଜିତିବାରେ ସଫଳ ହୋଇଛି। ମହମ୍ମଦ ଆନାସ, ଏମ୍. ଆର. ପୁଭାମା, ହିମା ଦାସ ଓ ଆରୋକିଆ ରାଜୀବଙ୍କୁ ନେଇ ଭାରତୀୟ ଦଳ ୩ ମିନିଟ୍ ଓ ୧୫.୭୧ ସେକେଣ୍ଡ ଟାଇମିଂରେ ରେସ୍ କରିଥିଲା। ବାହାରିନ ୩:୧୧.୮୯ ଟାଇମିଂରେ ସ୍ୱର୍ଣ୍ଣ ପଦକ ଲଭଭ କରିଥିଲା। କାଜାଖସ୍ତାନ (୩:୧୯.୫୨) ଏହି ଇଭେଣ୍ଟରେ ବ୍ରୋଞ୍ଜ ପଦକ ଲାଭ କରିଥିଲା।ଭାରତ କିନ୍ତୁ ଏହି ଫଳାଫଳ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ବାହାରିନ୍ ଦଳ ବିରୋଧରେ ଅପତ୍ତି ଆଣିଛି। ୪x୪୦୦ ମିଟର ମିକ୍ସଡ ରିଲେ ବେଳେ ପୁଭାମା ୩୦ମିଟର ଅଗ୍ରଣୀ ଲାଭ କରି ଭାରତ ପାଇଁ ସ୍ୱର୍ଣ୍ଣ ସମ୍ଭାବନା କରିଥିଲେ ମାତ୍ର ବାହାରିନ ପ୍ରତିଯୋଗୀ ହିମା ଦାସଙ୍କ ପାଇଁ ସମସ୍ୟା ସୃଷ୍ଟି କରିବାରୁ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଭାରତ ଏନେଇ ବିଚାରକ ମଣ୍ଡଳୀର ଦୃଷ୍ଟି ଆକର୍ଷଣ କରିଛି। ବୁଧବାର ସ୍ଥାନୀୟ ସମୟ ସକାଳ ୧୦ଟା ସମୟରେ ରାୟ ପ୍ରକାଶ ପାଇବ।

## କୁରାଶରେ ଭାରତକୁ ରୌପ୍ୟ, ବ୍ରୋଞ୍ଜ

ଏସିଆନ ଗେମ୍ସ ମହିଳା କୁରାଶ ଇଭେଣ୍ଟରେ ମଧ୍ୟ ଭାରତୀୟ ଖେଳାଳିମାନେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। କେନ୍ଦ୍ର ଏସିଆରେ ଏହା ରେସଲିଂର ଏକ ଭିନ୍ନ ରୂପ ଭାବେ ବେଶ ଲୋକପ୍ରିୟ। ଏହି ଲୋକ କୁସ୍ତିରେ ପ୍ରତିଯୋଗୀମାନେ ତଉଲିଆ ମାଧ୍ୟମରେ ପ୍ରତିପକ୍ଷ ଖେଳାଳିଙ୍କୁ କାବୁ କରିବାକୁ ଚେଷ୍ଟା କରିଥାନ୍ତି। ମଙ୍ଗଳବାର ଅନୁଷ୍ଠିତ ମହିଳା କୁରାଶର ୫୨ କେ.ଜି ବର୍ଗ ଇଭେଣ୍ଟରେ ଭାରତର ପିଙ୍କି ବାଲହାରା ଓ ମାଲାପ୍ରଭା ୟାଲାପ୍ପା ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ସ୍ୱର୍ଣ୍ଣପଦକ ପାଇଁ ଅନୁଷ୍ଠିତ ମୁକାବିଲାରେ ପିଙ୍କି ୦-୧୦ରେ ଉଜ୍‌ବେକିସ୍ତାନର ଗୁଲନୋର ସୁଲୟମାନୋଭାଙ୍କଠାରୁ ପରାସ୍ତ ହୋଇ ରୌପ୍ୟରେ ସନ୍ତୁଷ୍ଟ ହୋଇଛନ୍ତି। ସେ କ୍ୱାର୍ଟରରେ ତାଇପେର ସୋଉ ଚିଆୱେନଙ୍କୁ ୫-୦ରେ ଓ ସେମିରେ ଉଜ୍‌ବେକିସ୍ତାନର ଅବଡଉମାଜିଡୋଭାଙ୍କୁ ୧-୦ରେ ପରାସ୍ତ କରିଥିଲେ। ତେବେ ଏହା ପୂର୍ବରୁ ୟାଲାପ୍ପା ସେମିରେ ସୁଲୟମାନେଭାଙ୍କଠାରୁ ୦- ୧୦ରେ ପରାସ୍ତ ହୋଇ ବ୍ରୋଞ୍ଜ ପଦକ ଜିତିଥିଲେ।

## ତୀରନ୍ଦାଜୀରେ ଭାରତକୁ ଦୁଇ ରୌପ୍ୟ

ଦଳଗତ ତୀରନ୍ଦାଜ କମ୍ପାଉଣ୍ଡ ଇଭେଣ୍ଟରେ ଭାରତକୁ ଦୁଇଟି ରୌପ୍ୟ ପଦକ ମିଳିଛି। ଉଭୟ ପୁରୁଷ ଓ ମହିଳା ଦଳ କୋରିଆଠାରୁ ପରାଜିତ ହୋଇ ଅଳ୍ପକେ ସ୍ୱର୍ଣ୍ଣ ପଦକରୁ ବଞ୍ଚିତ ହୋଇଛନ୍ତି। କମ୍ପାଉଣ୍ଡ ଇଭେଣ୍ଟ ଫାଇନାଲରେ ସୁରେଖା ଜ୍ୟୋତି ଭେନ୍ନାମ, ମୁସ୍କାନ କିରାର ଓ ମଧୁମିତା କୁମାରଙ୍କୁ ନେଇ ଗଠିତ ଭାରତୀୟ ମହିଳା ଦଳ ୨୨୮- ୨୩୧ ବ୍ୟବଧାନରେ କୋରିଆଠାରୁ ହାରି ଯାଇଛନ୍ତି। ସେହିଭଳି ଭାରତ ଓ କୋରିଆ ମଧ୍ୟରେ ଅନୁଷ୍ଠିତ ପୁରୁଷ ଦଳଗତ ଫାଇନାଲ ୨୨୯ ସ୍କୋରରେ ଡ୍ର' ରହିଥିଲା। ପୁରୁଷ ଦଳ ପ୍ରଥମ ଓ ୩ୟ ସେଟ୍‌କୁ ଯଥାକ୍ରମେ ୬୦- ୫୬ ଓ ୫୮-୫୬ ବ୍ୟବଧାନରେ ଜିତିଥିଲେ। କିନ୍ତୁ ୨ୟ ଓ ୪ର୍ଥ ସେଟ୍‌ରେ ପଛରେ ପଡ଼ିଯାଇଥିଲେ। ଉଭୟ ଦଳର ସ୍କୋର ବରାବର ରହିବା କାରଣରୁ ଶୁଟ୍‌ଆଉଟ୍ ରାଉଣ୍ଡର ସହାୟତା ନିଆଯାଇଥିଲା।

### ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୯୭ | ୬୪ | ୪୫ | ୨୦୬ |
| ଜାପାନ | ୪୩ | ୩୮ | ୬୧ | ୧୪୨ |
| ଦକ୍ଷିଣ କୋରିଆ | ୩୨ | ୪୦ | ୪୬ | ୧୧୮ |
| ଇଣ୍ଡୋନେସିଆ | ୨୪ | ୧୯ | ୨୯ | ୭୨ |
| ଇରାନ | ୧୭ | ୧୬ | ୧୬ | ୪୯ |
| ଚାଇନିଜ୍ ତାଇପେ | ୧୩ | ୧୪ | ୨୦ | ୪୭ |
| ଉତ୍ତର କୋରିଆ | ୧୨ | ୮ | ୭ | ୨୭ |
| ଭାରତ | ୯ | ୧୯ | ୨୨ | ୫୦ |
| ଉଜବେକିସ୍ତାନ | ୯ | ୧୫ | ୧୪ | ୩୮ |
| ଥାଇଲାଣ୍ଡ | ୯ | ୧୧ | ୩୩ | ୫୩ |
| କାଜାଖସ୍ତାନ | ୭ | ୮ | ୨୮ | ୪୩ |



ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଟେବୁଲଟେନିସ ଦଳ।

# ଟିଟିରେ ଭାରତକୁ ବ୍ରୋଞ୍ଜ

**ଜାକର୍ତ୍ତା,୨୮।୮**

ଭାରତୀୟ ଟେବୁଲ ଟେନିସ୍ (ଟିଟି) ଦଳ ମଙ୍ଗଳବାର ଐତିହାସିକ ବ୍ରୋଞ୍ଜ ପଦକ ଜିତିଛି। ଚଳିତ ଏସିଆନ୍ ଗେମ୍ସର ଟିଟି ଇଭେଣ୍ଟ ସେମିଫାଇନାଲରେ ଭାରତ ୦-୩ ବ୍ୟବଧାନରେ କୋରିଆଠାରୁ ହାରିଯାଇଛି। ଇଭେଣ୍ଟର ସେମିଫାଇନାଲରେ ପରାସ୍ତ ହୋଇଥିବା ଦଳକୁ ବ୍ରୋଞ୍ଜ ପଦକ ମିଳେ। ଏସିଆନ୍ ଗେମ୍ସ ଇତିହାସରେ ଏହା ଟିଟି ଇଭେଣ୍ଟରେ ଭାରତ ପ୍ରଥମ ପଦକ। ଜି. ସଥ୍ୟନ, ଶରଥ କମଲ ଓ ଏ. ଅମଲରାଜଙ୍କୁ ନେଇ ଗଠିତ ଭାରତୀୟ ଦଳ ଶକ୍ତିଶାଳୀ କୋରିଆ ଆଗରେ ସମ୍ପୂର୍ଣ୍ଣ ରୂପେ ଆତ୍ମସମର୍ପଣ କରିଦେଇଥିଲା। ଟାଇଟଲ ମୁକାବିଲାରେ ପୂର୍ବ ସଂସ୍କରଣର ଦୁଇ ଫାଇନାଲିଷ୍ଟ କୋରିଆ ଓ ଚାଇନା ପରସ୍ପରକୁ ଭେଟିବେ। ରାଇଜିଂ ଷ୍ଟାର ଜି. ସଥ୍ୟନ ୧୧-୯, ୯-୧୧, ୩-୧୧, ୩-୧୧ ଗେମ୍‌ରେ ଲି ସାଙ୍ଗସୁଙ୍କଠାରୁ ପରାସ୍ତ ହୋଇଥିଲେ। ଏହାପରେ ଅଭିଜ୍ଞ ଶରଥ କମଲ ଲଢ଼େଇ କରିଥିଲେ ମଧ୍ୟ ପରାଜୟରୁ ବର୍ତ୍ତିପାରି ନ ଥିଲେ। ତାଙ୍କୁ ୯-୧୧, ୯-୧୧, ୧୧-୬, ୧୧-୭, ୮-୧୧ ଗେମ୍‌ରେ ସିକ ଜେଉଙ୍ଗ ପରାସ୍ତ କରିଥିଲେ। ସମାନ ଦଶା ଅମାଲରାଜଙ୍କୁ ଭୋଗିବାକୁ ପଡ଼ିଥିଲା।





୪୦୦ମିଟର ମିକ୍ସଡ ରିଲେରେ ରୌପ୍ୟ ଜିତିଥିବା ଭାରତୀୟ ଆଥଲେଟ୍।





ପୁରୁଷ ୮୦୦ ମିଟର ସ୍ୱର୍ଣ୍ଣ ବିଜେତା ମନଜିତ୍ ସିଂ (୩୩୨) ଓ ରୌପ୍ୟ ବିଜୟୀ ଜିନସନ ଜନସନ (୩୨୮) ଫିନିଶ ଲାଇନ୍ ଅତିକ୍ରମ କରୁଛନ୍ତି।

ଧରିତ୍ରୀ
DHARITRI
ବ୍ରହ୍ମପୁର, ବୁଧବାର, ୨୯ ଅଗଷ୍ଟ, ୨୦୧୮





"କାଭେଲିନ୍ ଥ୍ରୋରେ ମୁଁ ଦିନେ ନା ଦିନେ ଭାରତର ନୀରଜ ଚୋପ୍ରାଙ୍କୁ ପଛରେ ପକାଇ ଦେବି।"
–ଅର୍ଶାଦ ନଦିମ, ପାକିସ୍ତାନୀ ଜାଭେଲିନ୍ ଥ୍ରୋୟର



"ମୋ ବିଚାରରେ ବର୍ତ୍ତମାନ ଟେଷ୍ଟ କ୍ରିକେଟରେ ଭାରତର ରବିଚନ୍ଦ୍ରନ ଅଶ୍ୱିନ ବିଶ୍ୱର ଶ୍ରେଷ୍ଠ ଅଫ୍ ସ୍ପିନର।"
–ଗ୍ରେମ୍ ସ୍ୱାନ, ଇଂଲଣ୍ଡର ପୂର୍ବତନ ଅଫ୍ ସ୍ପିନର

## ସଂକ୍ଷେପରେ

### ସୁଧାଙ୍କୁ ସରକାରୀ ଚାକିରି

**ଲକ୍ଷ୍ନୌ,୨୮।୮(ପି.ଟି.):** ଏସିଆନ୍ ଗେମ୍ସରେ ରୌପ୍ୟ ପଦକ ଜିତିବା ପରେ ସୁଧା ସିଂଙ୍କୁ ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ସରକାରୀ ଚାକିରି ପ୍ରସ୍ତାବ ଦିଆଯାଇଛି। ଭେଟେରାନ ଲଙ୍ଗ ଡିଷ୍ଟାନ୍ସ ରନର ଏ ସମ୍ପର୍କରେ କହିଛନ୍ତି, ବିଳମ୍ବ ହେଲେ ବି ଚାକିରୀ ମିଳିଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତିରେ ମୁଁ ଖୁସି ନ ଥିଲେ ବି ଦୁଃଖିତ ନୁହେଁ। ମୁଁ ବହୁ ପୂର୍ବରୁ ଚାକିରି ପାଇବା କଥା। ସ୍ପୋର୍ଟ୍ସ କୋଟାରେ ଚାକିରି ପାଇଁ ୨୦୧୪ଠାରୁ ଆବେଦନ କରିଛି। ୩୨ ବର୍ଷୀୟ ସୁଧା ୩୦୦୦ ମିଟର ଷ୍ଟିପଲ ଚେଜ ଇଭେଣ୍ଟରେ ରୌପ୍ୟ ପଦକ ଜିତିଛନ୍ତି। ତାଙ୍କର ଏହି ସଫଳତା ପରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସରକାର ତାଙ୍କୁ ଚାକିରି ଓ ୩୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଦେବା ପାଇଁ ଘୋଷଣା କରିଛି। "୨୦୧୦ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲେ। ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବା ସହ ଏସିଆନ୍ ଚାମ୍ପିୟନଶିପ୍ ଓ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ପଦକ ଜିତି ସାରିଛି। ଏହାବାଦ୍ ଅର୍ଜୁନ ସମ୍ମାନ ମଧ ପାଇସାରିଛି। ଏଣୁ କ୍ରୀଡ଼ା ବିଭାଗରେ ଉପ ନିର୍ଦ୍ଦେଶକ ପଦ ଲାଗି ମୁଁ ଉପଯୁକ୍ତ। ମୁଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଉଛି, ମାତ୍ର ମୋ ଫାଇଲ ଗତ ୪ ବର୍ଷ ହେଲା ସରକାରୀ କାର୍ଯ୍ୟାଳୟରେ ଥିଲା। ଏ ନେଇ ସେ କ'ଣ ଅବଗତ ନ ଥିଲେ" ବୋଲି ସୁଧା ପ୍ରଶ୍ନ କରିଛନ୍ତି। ଉଲ୍ଲେଖଥାଉ କି, ୨୦୧୫ରେ ରାଜ୍ୟ ସରକାର ଘୋଷଣା କରିଥିଲେ ଯେ, ଅଲିମ୍ପିକ୍ସ ଓ ଏସିଆନ ଗେମ୍ସରେ ପଦକଧାରୀଙ୍କୁ ଚାକିରୀ ପ୍ରଦାନ କରାଯିବ। ମାତ୍ର ସୁଧାଙ୍କ ନିକଟରେ ଯୋଗ୍ୟତା ଥିବା ସତ୍ତ୍ୱେ ଏହା ତାଙ୍କ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇ ନ ଥିଲା। ଏପରି କି ସେ ୩ ଥର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବଙ୍କୁ ଭେଟ କରିବାକୁ ଚାହିଁଥିଲେ, ମାତ୍ର ଦେଖା କରି ପାରି ନ ଥିଲେ। ସେ ଏବେ ସେଣ୍ଟ୍ରାଲ ରେଲ୍‌ୱେରେ କାର୍ଯ୍ୟରତ ଅଛନ୍ତି।

### ସେକ୍ରେଟାରିଏଟ କପ୍ ଫୁଟବଲ

**ଭୁବନେଶ୍ୱର, ୨୮।୮(ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ସେକ୍ରେଟାରିଏଟ ଏମ୍ପ୍ଲଇଜ୍ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଫାଇଭ୍-ଏ-ସାଇଡ୍ ଆନ୍ତଃ ବିଭାଗୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ୪ଟି ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ଅନୁସୂଚିତ ଜାତୀ, ଜନଜାତି ଉନ୍ନୟନ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ ୨-୧ ଗୋଲରେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗକୁ, ଖଣି ଏବଂ ଇସ୍ପାତ ବିଭାଗ ପେନାଲ୍ଟି ଶୁଟ୍ ଆଉଟ୍ ୩-୨ ଗୋଲରେ ଗୃହ ଏବଂ ନଗର ଉନ୍ନୟନ ବିଭାଗକୁ, ପଞ୍ଚାୟତିରାଜ ଏବଂ ଡିଡବ୍ଲ୍ୟୁ ବିଭାଗ ୧-୦ ଗୋଲରେ ସ୍ୱରାଷ୍ଟ୍ର ବିଭାଗକୁ ଏବଂ ଉଚ୍ଚଶିକ୍ଷା ବିଭାଗ ୩-୦ ଗୋଲରେ ସୂଚନା ଏବଂ ଲୋକସମ୍ପର୍କ ବିଭାଗକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

# ଭାରତୀୟ ଦଳରେ ରାଜେଶ

**କଟକ ଅଫିସ,୨୮।୮**

**୧୯ ବର୍ଷରୁ କମ୍ ଏସିଆ କପ୍**

ତିନି ବର୍ଷର ବ୍ୟବଧାନ ପରେ ଜାତୀୟ ୧୯ବର୍ଷରୁ କମ୍ କ୍ରିକେଟ ଦଳରେ ପୁର୍ନବାର ଓଡ଼ିଶାର ଜଣେ ଖେଳାଳି ସ୍ଥାନ ପାଇଛନ୍ତି। ଗତ ୨୦୧୫ରେ ଶୁଭମ୍ ନାୟକ ଭାରତୀୟ ୧୯ବର୍ଷରୁ କମ୍ ଦଳରେ ଶେଷ ଓଡ଼ିଆ ଖେଳାଳି ଭାବେ ସାମିଲ ହୋଇଥିଲେ। ବାଲାଂଦେଶର ଢ଼ାକା ଠାରେ ଆସନ୍ତା ସେପ୍ଟେମ୍ବର ୨୯ରୁ ଆରମ୍ଭ ହେବାକୁ ଥିବା ୧୯ବର୍ଷରୁ କମ୍ ଏସିଆ କପ୍‌ରେ ରାଜ୍ୟର ଡାହାଣହାତୀ ପେସ୍ ବୋଲର ରାଜେଶ ମହାନ୍ତି ଏବେ ଜାତୀୟ ଦଳର ଜର୍ସିରେ ଦେଖିବାକୁ ମିଳିବେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ଏସିଆକପ୍ ନିମନ୍ତେ ମଙ୍ଗଳବାର ଜାତୀୟ ଦଳ ଘୋଷଣା କରାଯାଇଥିଲା। ଅନ୍ୟପକ୍ଷରେ ସେପ୍ଟେମ୍ବର ୧୨ ତାରିଖରୁ ଲକ୍ଷ୍ନୌଠାରେ ହେବାକୁ ଥିବା ଚତୁଃରାଷ୍ଟ୍ରୀୟ ଏକଦିବସୀୟ ଟୁର୍ନାମେଣ୍ଟ ନିମନ୍ତେ ଘୋଷିତ ୧୯ବର୍ଷରୁ କମ୍ ଭାରତ-ଏ ଦଳରେ ମଧ ରାଜେଶ ସ୍ଥାନ ପାଇଛନ୍ତି।

ପିତା କିଶୋର ଚନ୍ଦ୍ର ମହାନ୍ତି ଓ ମା' ମନୋରମା ମହାନ୍ତିଙ୍କ ପୁତ୍ର ରାଜେଶଙ୍କ ଘର ନୟାଗଡ଼ ଜିଲା ତୁଳସୀପୁର ଅଞ୍ଚଳରେ। ନୟାଗଡ଼ ଜିଲାରେ ରାଜେଶ ଟେନିସ୍ ବଲ କ୍ରିକେଟରେ ଜଣେ ଚମତ୍କାର ବୋଲର ଭାବେ ଜଣାଶୁଣା ଥିଲେ। ୩ବର୍ଷ ପୂର୍ବେ ଭୁବନେଶ୍ୱରେ ହେଉଥିବା ଏକ ଘରୋଇ ଟୁର୍ନାମେଣ୍ଟ ଖେଳିବାକୁ ଆସିଥିବା ବେଳେ ରାଜ୍ୟର ପୂର୍ବତନ କ୍ରିକେଟର ଦୀପକ ମଙ୍ଗରାଜଙ୍କ ନଜରକୁ ଆସିଥିଲେ। ପରେ



ରାଜେଶ ମହାନ୍ତି

ରାମେଶ୍ୱର ସ୍ପୋର୍ଟିଂରେ ଯୋଗ ଦେଇ ଅଭ୍ୟାସ କରିବା ସହ ରାଜ୍ୟ ୧୯ବର୍ଷରୁ କମ ଦଳରେ ସ୍ଥାନ ପାଇଥିଲେ। ଗତ କୁଚବିହାର ଟ୍ରଫିରେ ରାଜେଶ ୪ଟି ମ୍ୟାଚ ଖେଳି ମୋଟ୍ ୧୧ଟି ଉଇକେଟ ଦଖଲ କରିଥିଲେ। ବରଗଡ଼ଠାରେ ଅନୁଷ୍ଠିତ ଝାଡ଼ଖଣ୍ଡ ବିପକ୍ଷ ମ୍ୟାଚ୍‌ର ୨ଟି ଇନିଂସ୍‌ରେ ତାଙ୍କୁ ମୋଟ୍ ୮ଟି ଉଇକେଟ ମିଳିଥିଲା। ଗତ ଜୁଲାଇରେ ରାଜେଶ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀର ୧୯ବର୍ଷରୁ କମ୍ ଶିବିରରେ ଯୋଗ ଦେଇଥିଲେ। ଏହି ଶିବିରରେ ଭଲ ପ୍ରଦର୍ଶନ ହିଁ ଜାତୀୟ ଦଳରେ ତାଙ୍କୁ ସୁଯୋଗ ଦେଇଛି ବୋଲି ରାଜେଶ କହିଛନ୍ତି। ୨୫ଦିନିଆ ଏନ୍‌ସିଏ ଶିବିରରେ ପେସ୍ ବୋଲିଂ କ୍ଷେତ୍ରରେ ଅନେକ କିଛି ଶିଖିବାକୁ ମିଳିଥିବା ବେଳେ ତ୍ରୁଟି ଗୁଡ଼ିକରେ ସୁଧାର ଆସିଛି। ଆସନ୍ତା ଏସିଆ କପ୍‌ରେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିଲେ ଭଲ ବୋଲିଂ କରି ସିନିୟର ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବି ବୋଲି ରାଜେଶ କହିଥିଲେ।

# ପବନ ଶାହ ଭାରତ ଅଧିନାୟକ

**ନୂଆଦିଲ୍ଲୀ, ୨୮।୮(ପି.ଟି.)**

ଢାକାରେ ସେପ୍ଟେମ୍ବର ୨୯ରୁ ଆରମ୍ଭ ହେବାକୁଥିବା ଏସିଆ କପ୍ ପାଇଁ ଭାରତର ୧୯ ବର୍ଷରୁ କମ୍ କ୍ରିକେଟ ଦଳ ଘୋଷଣା କରାଯାଇଛି। ଆର୍ଯ୍ୟନ ଜୁୟଲଙ୍କ ସ୍ଥାନରେ ମହାରାଷ୍ଟ୍ର ବ୍ୟାଟ୍ସମ୍ୟାନ ପବନ ଶାହଙ୍କୁ ଦଳର ଅଧିନାୟକ ମନୋନୀତ କରାଯାଇଛି। ଦଳରେ ଓଡ଼ିଶାର ରାଜେଶ ମହାନ୍ତି ସ୍ଥାନ ପାଇଛନ୍ତି। ଜୁୟଲଙ୍କ ବ୍ୟତୀତ ଶ୍ରୀଲଙ୍କା ଟୁର୍‌ରେ ଯାଇଥିବା ଭାରତୀୟ ଦଳର ଅଧିକାଂଶ ଖେଳାଳି ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ଜୁୟଲଙ୍କୁ ଯଦିଓ ମାତ୍ର ୧୬ବର୍ଷ ସେ ଆସନ୍ତା ବିଶ୍ୱକପ୍ ଖେଳିବା ଲାଗି ଅଯୋଗ୍ୟ ହେବେ। କାରଣ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିୟମାନୁସାରେ କୌଣସି ଖେଳାଳିଙ୍କୁ କ୍ରମାଗତ ଦୁଇଟି ବିଶ୍ୱକପ୍‌ରେ ଖେଳିବା ଲାଗି ସୁଯୋଗ ଦିଆଯିବ ନାହିଁ। ଅନ୍ୟପକ୍ଷରେ ଶାହ ଓ ବେଦାନ୍ତ ମୁର୍କରଙ୍କୁ ଯଥାକ୍ରମେ ଚତୁଃରାଷ୍ଟ୍ର ଟୁର୍ନାମେଣ୍ଟ ପାଇଁ ଭାରତ ଏ' ଓ ବି' ଦଳର ଅଧିନାୟକ ଭାବେ ମନୋନୀତ କରାଯାଇଛି। ଏଥିରେ ଅନ୍ୟ ଦୁଇ ଦଳ ନେପାଳ ଓ ଆଫଗାନିସ୍ତାନ ଅଂଶଗ୍ରହଣ କରିବେ। ଏହା ଲକ୍ଷ୍ନୌରେ ସେପ୍ଟେମ୍ବର ୧୨ରୁ ୧୮ ପର୍ଯ୍ୟନ୍ତ ଖେଳାଯିବ।

**ଏସିଆ କପ୍ ପାଇଁ ୧୯ ବର୍ଷରୁ କମ୍ ଭାରତୀୟ ଦଳ:** ପବନ ଶାହ (ଅଧିନାୟକ), ଦେବଦୂତ ପାଡିକଲ, ଯଶସ୍ୱୀ ଜଇସ୍ୱାଲ, ଅନୁଜ ରାଓ୍ୱତ (ଉଇକେଟକିପର), ୟାଶ ରାଠୋଡ୍, ଆୟୁଷ ବାଦୋନୀ, ନେହାଲ ୱାଧେରା, ପ୍ରବ ସିମରନ ସିଂ (ଉଇକେଟକିପର), ସିଦ୍ଧାର୍ଥ ଦେଶାଇ, ହର୍ଷ ତ୍ୟାଗୀ, ଅଜୟ ଦେବେଗୌଡ଼, ଯତୀନ ମାଙ୍ଗୱାନୀ, ମୋହିତ ଜାଙ୍ଗ୍ରା, ସମୀର ଚୌଧାରୀ ଓ ରଜେଶ ମହାନ୍ତି।

**ଚତୁଃରାଷ୍ଟ୍ରୀୟ ପାଇଁ ଭାରତ ୧୯ବର୍ଷରୁ କମ୍ ଏ' ଦଳ:** ପବନ ଶାହ (ଅଧିନାୟକ), ଦେବଦୂତ ପାଡିକଲ, ଯଶସ୍ୱୀ ଜଇସ୍ୱାଲ, ଅନୁଜ ରାଓ୍ୱତ (ଉଇକେଟକିପର), ୟାଶ ରାଠୋଡ, ଆୟୁଷ ବାଦୋନୀ, ନେହାଲ ୱାଧେରା, ସିଦ୍ଧାର୍ଥ ଦେଶାଇ, ହର୍ଷ ତ୍ୟାଗୀ, ଅଜୟ ଦେବେଗୌଡ଼, ଯତୀନ ମଙ୍ଗାନୀ, ମୋହିତ ଜାଙ୍ଗ୍ରା, ସମୀର ଚୌଧାରୀ।

**୧୯ ବର୍ଷରୁ କମ୍ ଭାରତ ବି' ଦଳ:** ବେଦାନ୍ତ ମୁର୍କାର (ଅଧିନାୟକ ଓ ଉଇକେଟକିପର), ଠାକୁର ତିଳକ ବର୍ମା, କାମରାନ ଇକବଲ, ଭାମ୍‌ସି କ୍ରିଷ୍ଣା, ପ୍ରଦୋଷ ରଞ୍ଜନ ପଲ୍, ରିଶଭ ଚୌହାନ, ସିଦ୍ଧାନ୍ତ ରାଣା, ସାୟନ ବିଶ୍ୱାସ (ଉଇକେଟକିପର), ଶୁଭାଙ୍ଗ ହେଗ୍‌ଡେ, ସମୀର ରିଜ୍‌ଭି, ପଙ୍କଜ ଯାଦବ, ଆକାଶ ସିଂ, ଅଶୋକ ସାନ୍ଧୁ, ଆୟୂଷ ସିଂ, ନୀତିଶ ରେଡ୍ଡୀ, ସବୀର ଖାଁ, ସାହିଲ ରାଜ୍, ରାଜବର୍ଦ୍ଧନ ହଙ୍ଗର୍ଗକର।



ଅତିଥିଙ୍କ ଗହଣରେ ଦୂରଦର୍ଶୀ କ୍ରୀଡ଼ା ସମ୍ମାନ ପୁରସ୍କାର ବିଜେତା।

# ସପ୍ତମ ଦୂରଦର୍ଶୀ କ୍ରୀଡ଼ା ସମ୍ମାନ ଉତ୍ସବ

**ଭୁବନେଶ୍ୱର, ୨୮।୮(ସ୍ପୋର୍ଟ୍ସ ବ୍ୟୁରୋ)**

ହକି ଯାଦୁଗର ତଥା ଭାରତର ମହାନ କ୍ରୀଡ଼ାବିତ୍ ମେଜର ଧ୍ୟାନଚାନ୍ଦଙ୍କ ୧୧୪ତମ ଜୟନ୍ତୀ ତଥା ଜାତୀୟ କ୍ରୀଡ଼ା ଦିବସ ପାଳନ ଉପଲକ୍ଷେ ସପ୍ତମ ଦୂରଦର୍ଶୀ କ୍ରୀଡ଼ା ସମ୍ମାନ ଉତ୍ସବ-୨୦୧୮ ଓ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଇଉ୍‌କଲ୍ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର କ୍ରୀଡ଼ା ଓ କ୍ରୀଡ଼ାବିତ୍‌ମାନଙ୍କୁ ସମ୍ମାନ ଓ ପ୍ରୋତ୍ସାହନ ଯୋଗାଇବା ତଥା ଉନ୍ନତି ପାଇଁ ମାସିକ ସମ୍ବାଦଭିତ୍ତିକ ପତ୍ରିକା 'ଦୂରଦର୍ଶୀ' ପକ୍ଷରୁ ବିଗତ ୬ବର୍ଷ ଧରି ଏହି ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ଏହି କ୍ରୀଡ଼ା ସମ୍ମାନ ଉତ୍ସବ ଆୟୋଜିତ କରାଯାଇଉଛି। ଏହି ଅବସରରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଲୁକ୍କାୟିତ କ୍ରୀଡ଼ା ପ୍ରତିଭା, ରାଜ୍ୟ, ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ବିଭିନ୍ନ କ୍ରୀଡ଼ାରେ ପ୍ରତିଷ୍ଠା କରିଥିବା ବିଶିଷ୍ଟ କ୍ରୀଡ଼ାବିତ୍, କ୍ରୀଡ଼ା ପ୍ରଶିକ୍ଷକ, କ୍ରୀଡ଼ା ସାମ୍ବାଦିକ ଓ ସମୀକ୍ଷକ ଓ କ୍ରୀଡ଼ାର ପୃଷ୍ଠପୋଷକମାନଙ୍କୁ ଏହିଉପଲକ୍ଷେ ସପ୍ତମ ଦୂରଦର୍ଶୀ କ୍ରୀଡ଼ା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦୂରଦର୍ଶୀର ପୃଷ୍ଠପୋଷକ ଦୂର୍ଗାପ୍ରସାଦ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଖାଦ୍ୟଯୋଗାଣ ଓ ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ।

ଅଲିମ୍ପିଆନ ଦିଲୀପ ତିର୍କୀ, କ୍ରୀଡ଼ା ପ୍ରଶିକ୍ଷକ କିଶୋର ମାଣିଆ, କ୍ରୀଡ଼ାର ପୃଷ୍ଠପୋଷକତା ପାଇଁ ନାଲ୍‌କୋ, ଆନ୍ତର୍ଜାତୀକ କ୍ରୀଡ଼ା ଘୋଷକ ଅମୀୟ କୁମାର ଚାନ୍ଦ, କ୍ରୀଡ଼ା ସଙ୍ଗଠକ ନବରଞ୍ଜନ ପଟ୍ଟନାୟକ, ମନୋଜ କୁମାର ମାନସିଂହ, କ୍ରୀଡ଼ାର ପ୍ରୋତ୍ସାହନ ପାଇଁ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ, ଭାରତୀଭୂଷଣ ମିଶ୍ର, କ୍ରୀଡ଼ାର ପ୍ରମୋଶନ ପାଇଁ ସହୀଦ୍ ସ୍ପୋର୍ଟିଂ କ୍ଲବ, ସୁଶ୍ରୀ ଆରୁଷି ଶ୍ରୀଚନ୍ଦନ, ପୃଥ୍ୱୀରାଜ ସାହୁ, ସୁଶ୍ରୀ ଅନୁରାଧା ପାତ୍ର, ଦୀପ୍ତିରଞ୍ଜନ ବେହେରା, ସ୍ପୋର୍ଟ୍ସ ଏମ୍ପୋରିୟମ (ବେଷ୍ଟ କ୍ରୀଡ଼ା ସପ୍), ତ୍ରିଲୋଚନ ଧଳ, ସୁଶ୍ରୀ ପ୍ରିୟଙ୍କା ମହାନ୍ତି, କିଶନ ବରାଇ ଓ ଖୋର୍ଦ୍ଧା ପାଇକ ଆଖଡ଼ାକୁ ସପ୍ତମ ଦୂରଦର୍ଶୀ କ୍ରୀଡ଼ା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉତ୍ସବରେ ଅନ୍ୟତମ ଅତିଥିଭାବେ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, ରାଜ୍ୟସଭା ଏମ୍‌ପି ସୌମ୍ୟରଞ୍ଜନ ପଟ୍ଟନାୟକ, ପ୍ରାକ୍ତନ ଏମ୍‌ପି ତଥା ଓଟିଡିସି ଅଧକ୍ଷ ଦିଲୀପ ତିର୍କୀ, ବିଧାୟକ ଅତନୁ ସବ୍ୟସାଚୀ ନାୟକ, ଡ. ଶକ୍ତି ସ୍ୱରୂପ ମିଶ୍ର, ନବରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ।

## ଡିଏଭି, ବିଜେବି କ୍ୱାର୍ଟର ଫାଇନାଲରେ

**ଭୁବନେଶ୍ୱର, ୨୮।୮(କ୍ରୀଡ଼ା ପ୍ରତିନିଧି):** ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ୨ଟି ଲିଗ୍ ମ୍ୟାଚରେ ଡିଏଭି ପୋଖରୀପୁଟ ଓ ବିଜେବି ଇଂଲିଶ୍ ମିଡିୟମ ସ୍କୁଲ ବିଜୟ ହାସଲ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚରେ ଡିଏଭି ୪-୧ ଗୋଲରେ ସାଇ ଇଣ୍ଟରନ୍ୟାଶନାଲକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ପ୍ରିୟମ ପଟ୍ଟନାୟକ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଚଳିତ ଟୁର୍ନାମେଣ୍ଟରେ ଏହାଥିଲା ତାଙ୍କର ଦ୍ୱିତୀୟ ହ୍ୟାଟ୍ରିକ। ୪ର୍ଥ ଗୋଲଟି ଆୟୁଷ ମିଶ୍ର ଦେଇଥିଲେ। ସାଇ ପକ୍ଷରୁ ଆଶିଷ ଗୋଟିଏ ଗୋଲ ପରିଶୋଧ କରିଥିଲେ। ବିଜେବି ଇଂଲିଶ୍ ମିଡିୟମ ସ୍କୁଲ ପ୍ରିନ୍ସିପାଲ ସଂନ୍ଧ୍ୟା ଜେନା ଅତିଥିଭାବେ ଯୋଗଦେଇ ପ୍ରିୟମଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ବିଜେବି ସ୍କୁଲ ସତ୍ୟଭାମାପୁରସ୍ଥିତ ବିଜେବି ଇଂଲିଶ୍ ମିଡିୟମ ସ୍କୁଲକୁ ୭-୦ ଗୋଲରେ ପରାସ୍ତ କରିଛି। ବିଜୟୀ ଦଳର ସ୍ମୃତି ସ୍ୱାଗତ ମହାନ୍ତି ହ୍ୟାଟ୍ରିକ ଗୋଲ ସ୍କୋର କରିଛନ୍ତି। ଉର୍ମିଳା ଫୁଟବଲ ଏକାଡେମୀ ଅଧକ୍ଷା ଉର୍ମିଳା ଦାସ ଅତିଥିଭାବେ ଯୋଗଦେଇ ସ୍ମୃତି ସ୍ୱାଗତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

# ଭାରତ-ମାଲେସିଆ ସେମିଫାଇନାଲ

**ଜାକର୍ତ୍ତା, ୨୮।୮ (ପି.ଟି.)**

**ଏସିଆନ୍ ଗେମ୍ସ ହକି**

ଏସିଆନ ଗେମ୍ସ ହକି ପ୍ରତିଯୋଗିତାରେ ଗତଥରର ଚାମ୍ପିୟନ ଭାରତ ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ଶ୍ରୀଲଙ୍କାକୁ ୨୦-୦ ଗୋଲରେ ପରାସ୍ତ କରିଛି। ଏହି ବିଜୟ ଦ୍ୱାରା ପୁଲ୍ ପର୍ଯ୍ୟାୟରେ ଅପରାଜିତ ରହିଥିବା ଭାରତ ସେମିଫାଇନାଲରେ ମାଲେସିଆକୁ ଭେଟିବା ସ୍ପଷ୍ଟ ହୋଇଯାଇଛି। ବିଶ୍ୱର ୫ ନମ୍ବର ର୍ୟାଙ୍କିଂପ୍ରାପ୍ତ ଭାରତ ୩୮ତମ ର୍ୟାଙ୍କିଂ ପ୍ରାପ୍ତ ଶ୍ରୀଲଙ୍କାର ରକ୍ଷଣଭାଗକୁ ସହଜରେ ଭେଦ କରିପାରିଥିଲା ଏବଂ ଇଚ୍ଛା ଅନୁସାରେ ଗୋଲ ସ୍କୋର କରିଥିଲା। ପୁଲ୍ ପର୍ଯ୍ୟାୟରେ ଭାରତ ମାତ୍ର ୩ଟି ଗୋଲ ବରଣ କରିଥିବାବେଳେ ୭୬ଟି ଗୋଲ ସ୍କୋର କରିବାରେ ସମର୍ଥ ହୋଇଥିଲା। ଶ୍ରୀଲଙ୍କା ବିପକ୍ଷରେ ଭାରତ ତରଫରୁ ଆକାଶଦୀପ ସିଂ (୯ମ, ୧୧ତମ, ୧୭ତମ, ୨୨ତମ, ୪୨ତମ) ବ୍ୟକ୍ତିଗତ ୬ଟି ଗୋଲ ସ୍କୋର କରିଥିବାବେଳେ ତାଙ୍କ ୨୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ରୂପିନ୍ଦର ପାଲ ସିଂ (୧ମ, ୫୨ତମ, ୫୩ତମ), ହରମନପ୍ରୀତ ସିଂ (୫ମ, ୨୧ତମ, ୩୩ତମ) ଏବଂ ମନଦୀନ ସିଂ (୩୫ତମ, ୪୩ତମ, ୫୯ତମ) ପ୍ରତ୍ୟେକ ୩ଟି ଲେଖାଏ ଗୋଲ ଦେଇଥିଲେ। ଏହାଛଡ଼ା ଲଳିତ ଉପାଧ୍ୟାୟ (୫୭ତମ, ୫୮ତମ) ଦୁଇଟି ଏବଂ ବିବେକ ସାଗର ପ୍ରସାଦ (୩୧ତମ), ଅମିତ ରୋହିଦାସ (୩୮ତମ) ଏବଂ ଦିଲପ୍ରୀତ ସିଂ (୫୩ତମ) ପ୍ରତ୍ୟେକ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପୁଲ୍ ଏ'ରେ ଭାରତ ସମସ୍ତ ୫ଟି ଗେମ୍‌ରେ ବିଜୟ ହାସଲ କରି ଟେବୁଲର ଶୀର୍ଷ ସ୍ଥାନ ଅଧିକାର କରିଛି। ଦଳ ଗୁରୁବାର ପ୍ରଥମ ସେମିଫାଇନାଲରେ ପୁଲ୍ ବି'ର ଦ୍ୱିତୀୟ ମାଲେସିଆ ସହିତ ମୁକାବିଲା କରିବ।

# ଆଜିର ସଂକଳ୍ପ



**ଭାରତୀ ଭୂଷଣ ମିଶ୍ର**

ଆମ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ ଯେ ଆସନ୍ତା ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ହେବ ମର୍ଯ୍ୟାଦାଜନକ ପୁରୁଷ ହକି ବିଶ୍ୱକପ୍। ଓଡ଼ିଶାରେ ଏହା ହେବ ସର୍ବବୃହତ୍ କ୍ରୀଡ଼ା ପ୍ରତିଯୋଗିତା। ଏହି କ୍ରୀଡା ମହାକୁମ୍ଭରେ ଯୋଗ ଦେବେ ବିଶ୍ୱର ୧୬ ପ୍ରମୁଖ ହକି ଖେଳୁଥିବା ଦେଶର ଖେଳାଳି, ପ୍ରଶାସକ, ଖବରଦାତା ଓ କ୍ରୀଡାପ୍ରେମୀ ଦର୍ଶକ। ୨୦୧୪ରୁ ଆନ୍ତର୍ଜାତୀୟ କ୍ରୀଡା ମାନଚିତ୍ରରେ ଓଡ଼ିଶାକୁ ସ୍ଥାନିତ କରିବାକୁ ହୋଇଥିବା ପ୍ରୟାସ ବର୍ତ୍ତମାନ ଶୀର୍ଷ ସୋପାନରେ ପହଞ୍ଚିଛି। ପ୍ରଥମେ ଚାମ୍ପିୟନ୍ସ ଟ୍ରଫି ହକି, ତା'ପରେ ଇଣ୍ଡୋ-ଜାପାନ ହକି ସିରିଜ, ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍, ୱାର୍ଲ୍ଡ ହକି ଲିଗ ଫାଇନାଲ ଓ ଏବେ ପୁରୁଷ ହକି ବିଶ୍ୱକପ୍। ଓଡ଼ିଶାକୁ ଅନ୍ତର୍ଜାତୀୟ କ୍ଷେତ୍ରରେ ଏକ ପ୍ରମୁଖ ସ୍ଥାନ ଦେବା ପାଇଁ ରାଜ୍ୟ ସରକାରଙ୍କର ଏହି ଉଦ୍ୟମ ଅତ୍ୟନ୍ତ ପ୍ରଶଂସନୀୟ। ଆମ ପାଇଁ ଆହୁରି ଏକ ଗର୍ବର କଥା ହେଲା ଯେ ବର୍ତ୍ତମାନ ଓଡ଼ିଶା ହେଉଛି ଭାରତୀୟ ପୁରୁଷ ଓ ମହିଳା ହକି ଦଳର ପ୍ରାୟୋଜକ। ଯେତେବେଳେ ଏହି ଖେଳାଳିମାନେ ଓଡ଼ିଶା ଲେଖାଥିବା ଜର୍ସି ପରିଧାନ କରି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଭାଗ ନେଉଛନ୍ତି, ସମଗ୍ର ବିଶ୍ୱର ଅଗଣିତ ଜନସାଧାରଣ ଓଡ଼ିଶାକୁ ଚିହ୍ନୁଛନ୍ତି। ଏହା ନିଶ୍ଚିତ ଭାବେ ଆମର ସାମର୍ଥ୍ୟ ଓ ପରାକାଷ୍ଠାର ଜ୍ୱଳନ୍ତ ଉଦାହରଣ। ବିଶ୍ୱ କ୍ରୀଡା ମାନଚିତ୍ରରେ ଓଡ଼ିଶା ତଥା ଭୁବନେଶ୍ୱର ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ହୋଇସାରିଛି ଏଥିରେ ସନ୍ଦେହ ନାହିଁ। ଭୁବନେଶ୍ୱର ଏବେ ଭାରତର କ୍ରୀଡା ରାଜଧାନୀ ପାଲଟିଛି। ଆମେମାନେ ଯେ କ୍ରୀଡାରେ ଆଗକୁ ବଢୁଛୁ ଏଥିରେ ସନ୍ଦେହ ନାହିଁ। ୨୦୧୬ ରିଓ ଅଲିମ୍ପିକ୍ସରେ ଆମ ରାଜ୍ୟର ୬ ଜଣ ମହିଳା କ୍ରୀଡାବିତ୍ ଭାରତର ପ୍ରତିନିଧିତ୍ୱ କରିଥିଲେ। ସେମାନେ ହେଲେ ଦୂତୀ ଚାନ୍ଦ ଓ ଶ୍ରାବଣୀ ନନ୍ଦ (ଆଥଲେଟିକ୍ସ) ଏବଂ ମହିଳା ହକି ଖେଳାଳି ନମିତା ଟପ୍ପୋ, ଲିଲିମା ମିଞ୍ଜ, ଦୀପଗ୍ରେସ୍ ଏକ୍କା ଓ ସୁନିତା ଲାକ୍ରା। ଯଦିଓ ସେମାନେ ପଦକ ଜିଣି ପାରି ନ ଥିଲେ ତଥାପି ଏହା ଆମ ପାଇଁ ଖୁସିର କଥା ଯେ ପ୍ରଥମ କରି ଏତେ ସଂଖ୍ୟକ ଓଡ଼ିଆ ଅଲିମ୍ପିକ୍ସରେ ଭାଗ ନେଇଥିଲେ।

ଇଣ୍ଡୋନେସିଆର ଜାକର୍ତ୍ତା ଓ ପାଲେମବାଙ୍ଗରେ ଚାଲିଥିବା ଏସୀୟ କ୍ରୀଡ଼ା (ଅଗଷ୍ଟ ୧୮ରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ)ରେ ଓଡ଼ିଶାର ୧୨ କ୍ରୀଡାବିତ୍ ବିଭିନ୍ନ କ୍ରୀଡାରେ ଅଂଶଗ୍ରହଣ କରିଛନ୍ତି। ସେମାନେ ହେଲେ ଦୂତୀ ଚାନ୍ଦ, ପୂର୍ଣ୍ଣିମା ହେମ୍ବ୍ରମ୍, ଜଉନା ମୁର୍ମୁ(ଆଥଲେଟିକ୍ସ), ଋତୁପର୍ଣ୍ଣା ପଣ୍ଡା (ବ୍ୟାଡ୍‌ମିଣ୍ଟନ), ରାକେଶ ପାତ୍ର(ଜିମ୍ନାଷ୍ଟିକ୍ସ), ସଂଯୁକ୍ତା ଡୁଙ୍ଗ୍ ଡୁଙ୍ଗ୍ (ରୋଇଂ), ସୁନିତା ଲାକ୍ରା, ଦୀପଗ୍ରେସ୍ ଏକ୍କା, ଲିଲିମା ମିଞ୍ଜ ଓ ନମିତା ଟପ୍ପୋ(ମହିଳା ହକି), ବୀରେନ୍ଦ୍ର ଲାକ୍ରା ଓ ଅମିତ୍ ରୋହିଦାସ(ପୁରୁଷ ହକି)।

ଏତେ ସଂଖ୍ୟକ ଖେଳାଳି ଆମ ରାଜ୍ୟରୁ ପ୍ରତିନିଧିତ୍ୱ କରିବା ଆମ ପାଇଁ ଅତ୍ୟନ୍ତ ଆନନ୍ଦର କଥା। ଦୂତୀ ଚାନ୍ଦଙ୍କ ପରି ଆଥଲେଟ୍ ଏସିଆନ ଗେମ୍ସପରି ସମ୍ମାନଜକ କ୍ରୀଡ଼ାରେ ପଦକ ଜିତି ଆମର ଖୁସିକୁ ଦ୍ୱିଗୁଣିତ କରିଛନ୍ତି। ଦିନ ଥିଲା ଯେତେବେଳେ ଆମ ପାଖରେ କ୍ରୀଡା କାର୍ଯ୍ୟକ୍ରମ ପାଇଁ ଅର୍ଥର ଅଭାବ ଥିଲା, ଆଜି କିନ୍ତୁ ତାହା ଦୂର ହୋଇଛି।

ବିଗତ ରିଓ ଅଲିମ୍ପିକ୍ସରେ ଭାରତ ମାତ୍ର ୨ଟି ପଦକ ହାସଲ କରିଥିଲା। ପି.ଭି. ସିନ୍ଧୁ ମହିଳା ବ୍ୟାଡମିଣ୍ଟନ ସିଙ୍ଗଲ୍ସରେ ରୌପ୍ୟ ପଦକ ଜିଣିଥିଲାବେଳେ ଅନ୍ୟ ଜଣେ ମହିଳା ସାକ୍ଷୀ ମଲ୍ଲିକ କୁସ୍ତିରେ କାଂସ୍ୟପଦକ ହାସଲ କରିଥିଲେ ଓ ଏହି ଦୁଇଜଣ ହିଁ ଭାରତର ସମ୍ମାନ ରକ୍ଷା କରିଥିଲେ। ବିଶ୍ୱର ଅନେକ କ୍ଷୁଦ୍ର ରାଷ୍ଟ୍ର ସ୍ୱର୍ଣ୍ଣପଦକ ହାସଲ କରୁଥିବାବେଳେ ଆମେମାନେ କାହିଁକି ତାହା କରିପାରୁନାହେଁ ତାହାହିଁ ଚିନ୍ତାର ବିଷୟ।

ଜନସଂଖ୍ୟା ଦୃଷ୍ଟିରୁ ଆମେ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଦେଶ। କିନ୍ତୁ କାହିଁକି ଆମେମାନେ କ୍ରୀଡ଼ାରେ ଅନ୍ୟମାନଙ୍କଠାରୁ ପଛରେ ପଡୁଛେ ତା'ର କାରଣ ଅନୁଧ୍ୟାନ କରିବାର ସମୟ ଆସିଛି।

ଏହିଠାରେ ଗୋଟିଏ ପ୍ରସଙ୍ଗର ଅବତାରଣା କରିବାକୁ ଉଚିତ୍ ମନେ କରୁଛି। ୧୯୨୮ ହଲାଣ୍ଡର ଆମ୍‌ଷ୍ଟରଡାମ୍ ଅଲିମ୍ପିକ୍ସରେ ଭାରତ ପ୍ରଥମଥର ପାଇଁ ଅଂଶଗ୍ରହଣ କରୁଥାଏ ପୁରୁଷ ହକିରେ। ସେ ସମୟରେ ଭାରତ ପରାଧୀନ ଥାଏ। ବହୁଲୋକ ଭାରତର ଭାଗ ନେବା ପ୍ରଶ୍ନ ନେଇ ସମାଲୋଚନା କରୁଥିଲେ। କେତେକଙ୍କର ମଧ ହକି ଟିମ୍‌ର ସଫଳତା ନେଇ ସନ୍ଦେହ ଥାଏ। କିନ୍ତୁ ଦଳର ସମସ୍ତ ଖେଳାଳି ଦୃଢ଼ ମନୋବଳ ନେଇ ସମଗ୍ର ବିଶ୍ୱକୁ ଦେଖାଇଦେବାକୁ ଚାହୁଁଥିଲେ ଯେ ହକି କଳାରେ ଭାରତ ମହାନ୍।

ଏହି ଅଲିମ୍ପିକ୍ସରେ ଭାଗ ନେବା ପୂର୍ବରୁ ଭାରତ ଇଂଲଣ୍ଡର ସର୍ବୋତ୍ତମ ହକି ମହୋତ୍ସବ "ଫକ୍ସଟୋନ୍ ଉତ୍ସବ"ରେ ମାର୍ଚ୍ଚ ୩୧ରୁ ଏପ୍ରିଲ ୨୧ ମଧ୍ୟରେ ସର୍ବମୋଟ ୧୧ଟି ମ୍ୟାଚ୍ ଖେଳି ୯ଟିରେ ବିଜୟ, ଗୋଟିକରେ ପରାଜୟ ଓ ଗୋଟିଏ ମ୍ୟାଚ୍ ଅମିମାଂସିତ ରଖିଥିଲା। ଏଥିରେ ଭାରତୀୟ ଦଳ ମୋଟ ୭୨ଟି ଗୋଲ ଦେଇ ୧୮ ଗୋଲ ବରଣ କରିଥିଲା। ଏହି ଉତ୍ସବରେ ନିଜର ଏକ ଅଧସ୍ତନ ଉପନିବେଶଠାରୁ ପରାଜିତ ଇଂଲଣ୍ଡ ୧୯୨୮ ଅଲିମ୍ପିକ୍ସରେ ସେହି ଭାରତଠାରୁ ହାରିବାର ଭୟ ଓ ଲଜ୍ଜାକୁ ଏଡ଼ାଇବାକୁ ଯାଇ ନିଜର ହକି ଦଳକୁ ଭାଗ ନେବାକୁ ପଠାଇ ନ ଥିଲା।

ଭାରତୀୟ ଦଳ ଆମ୍‌ଷ୍ଟରଡାମରେ ପହଞ୍ଚି ଅଲିମ୍ପିକ୍ସରେ ଭାଗ ନେଲେ ଓ ଅଷ୍ଟ୍ରିଆକୁ ୬-୦, ବେଲ୍‌ଜିୟମ୍‌କୁ ୯-୦, ଡେନ୍‌ମାର୍କକୁ ୫-୦ରେ ହରାଇ ସେମିଫାଇନାଲରେ ପ୍ରବେଶ କଲା। ସେମିଫାଇନାଲରେ ୬-୦ ଗୋଲରେ ସୁଇଜରଲାଣ୍ଡକୁ ପରାସ୍ତ କଲା। ମେ ୨୬ରେ ଫାଇନାଲ ଖେଳାଯିବାର ଥାଏ। ଏହି ମ୍ୟାଚ ପୂର୍ବରୁ ଭାରତ ଚାପରେ ରହିଥାଏ। କାରଣ ହଲାଣ୍ଡ ବିରୋଧରେ ତାଙ୍କ ମାଟିରେ ମ୍ୟାଚ ଖେଳାଯିବାକୁ ଥିବାବେଳେ ଭାରତର ଫିରୋଜ ଖାଁ, ସୌକତ୍ ଅଲ୍ଲୀ ଏବଂ ଶେର ସିଂ ବେମାର ଥିଲେ। ଜୟପାଲ ସିଂ ଉପଲବ୍ଧ ନ ଥିଲେ। ଦଳର ମେରୁଦଣ୍ଡ କୁହାଯାଉଥିବା ଧ୍ୟାନ ଚାନ୍ଦ ମଧ ପ୍ରବଳ ଜ୍ୱର ଯୋଗୁ ଅସୁସ୍ଥ ଥିଲେ। ଏହି କଠିନ ପରିସ୍ଥିତିରେ ଦଳର ମ୍ୟାନେଜର ମି. ରୋଜର ସମସ୍ତଙ୍କ ଉଦ୍ଦେଶ୍ୟରେ ଏକ ଆହ୍ୱାନ ଦେଲେ- "କର ନଚେତ୍ ମର"। ଧ୍ୟାନଚାନ୍ଦ ଥିଲେ ଜଣେ ଅଦମ୍ୟ ସେନାନୀ। ସେ ନିଜେ ଏହି ଡାକରାକୁ ହୃଦୟର ସହିତ ନେଇ ଅନ୍ୟ ସାଥୀ ଖେଳାଳିଙ୍କୁ ମଧ ଅନୁପ୍ରାଣିତ କଲେ। ସମସ୍ତ ପ୍ରତିବନ୍ଧକ ସତ୍ତ୍ୱେ ଭାରତ ହଲାଣ୍ଡକୁ ୩-୦ ଗୋଲ୍‌ରେ ପରାଜିତ କରି ଅଲିମ୍ପିକ୍ସ ଚାମ୍ପିୟନ ହେଲା। ଧ୍ୟାନଚାନ୍ଦ ଏହି ମ୍ୟାଚ୍‌ରେ ୨ଟି ଗୋଲ ଦେଇଥିଲେ। ସେହି ଦିନଟି ଭାରତୀୟ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେଲା। ଭାରତ ମାତା ପରାଧୀନ ଥିଲେ ମଧ ଏହାର ସନ୍ତାନମାନେ ବିଶ୍ୱ ହକିକୁ ନିଜ ନିୟନ୍ତ୍ରଣକୁ ନେଇଗଲେ ଓ ତାହା ଦୀର୍ଘ ଦିନ ପର୍ଯ୍ୟନ୍ତ ଅତୁଟ ରହିଲା। ମି. ରୋଜର ତାଙ୍କ ରିପୋର୍ଟରେ ଲେଖିଲେ ଯେ, "ଭାରତୀୟ ଦଳ ନିଜର ହକିର କଳା ଦ୍ୱାରା ୟୁରୋପୀୟ ଦେଶକୁ ପ୍ରଭାବିତ ଓ ମନ୍ତ୍ରମୁଗ୍ଧ କରି ଦେଇଛି। ଏମାନେ ଆଉ ମଧ ପ୍ରମାଣିତ କରିଦେଲେ ଯେ ନିଜର ତୀକ୍ଷ୍ଣ ଦୃଷ୍ଟି, ସ୍ଫୁର୍ତ୍ତି, ଦ୍ରୁତଗତି ଏବଂ ଦଳଗତ ପ୍ରଦର୍ଶନ ବ୍ୟତୀତ ବୈଜ୍ଞାନିକ ଓ କୌଶଳପୂର୍ଣ୍ଣ ହକି ଷ୍ଟିକ୍ ଚାଳନା, ପରସ୍ପର ସହ ତାଳମେଳ ରଖି ଜଣେ ଅନ୍ୟ ଜଣକୁ ବୁଝି ଯଦି ଖେଳିଲା ତେବେ କିଛି ଅସମ୍ଭବ ନୁହେଁ"।

"ଦି ଲିଜେଣ୍ଡ ଲିଭସ୍ ଅନ୍" ପୁସ୍ତକରେ ନିକେତ ଭୂଷଣ ସ୍ୱର୍ଗତ ଧ୍ୟାନଚାନ୍ଦଙ୍କର ସେତେବେଳର ମନୋଭାବ ସମ୍ପର୍କରେ ଲେଖିଛନ୍ତି "ଯେତେବେଳେ ଦେଶର ଇଜ୍ଜତ ବାଜିରେ ଲାଗିଛି ସେତେବେଳେ ଜଣେ ସିପାହି ଭାବେ ଖେଳ ରୂପକ ଯୁଦ୍ଧଭୂମିକୁ ଲମ୍ଫ ଦେଇ ଦେଶର ସମ୍ମାନ ରକ୍ଷା କରିବା ମୋର କାମ, ମୁଁ ତାହାହିଁ କରିଛି"। ଇଂଲଣ୍ଡର ଗୋଟିଏ ଖବରକାଗଜ ସେତେବେଳେ ଲେଖିଥିଲା ଯେ "ଏହା ଧ୍ୟାନ ଦେବା କଥା ନୁହେଁ ଯେ ଧ୍ୟାନ ଚାନ୍ଦ କେତେ ଗୋଲ ଦେଲେ, କିନ୍ତୁ ଏହା ଦେଖିବା କଥା ଯେ ସେ କେଉଁ ଭାବେ ଗୋଲ ଦେଲେ।"

ବ୍ୟକ୍ତିଗତ ହେଉ ଅବା ଦଳଗତ କ୍ରୀଡ଼ା, ସବୁଥିରେ ଉପଯୁକ୍ତ ଯୋଗ୍ୟ ଓ ଦକ୍ଷ ଖେଳାଳି ଚୟନ କରି ସେମାନଙ୍କୁ ଉଚିତ୍ ପ୍ରଶିକ୍ଷଣ, ସରଞ୍ଜାମ ଓ ସମସ୍ତ ଆନୁଷଙ୍ଗିକ ସୁବିଧା ଯୋଗାଇ ଦେଇ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ପ୍ରସ୍ତୁତ କରାଇବା ଆଜିର ଏହି ପବିତ୍ର ଦିବସରେ



ପ୍ରତ୍ୟେକ ଭାରତୀୟଙ୍କର ଧ୍ୟେୟ ହେବା ଉଚିତ୍। ତା ସହିତ ପ୍ରତ୍ୟେକ ଖେଳାଳି ନିଜର ସମସ୍ତ ସାମର୍ଥ୍ୟ ଖଟାଇ ଦୃଢ଼ ମନୋବଳ, ଅଧ୍ୟବସାୟ, କଠିନ ପରିଶ୍ରମ ଓ ସର୍ବୋପରି ଦେଶ ପାଇଁ ପଦକ ଜିତିବାର ମନୋଭାବ ସହ ପ୍ରତିଯୋଗିତାରେ ଭାଗ ନେବା ଉଚିତ୍। ତାହା ହେଲେ ଯାଇ ଭାରତର ସମ୍ମାନ ରକ୍ଷା କରାଯାଇପାରିବ। ୧୯୭୫ରେ ବିଶ୍ୱକପ ହକି ଓ ୧୯୮୦ର ମସ୍କୋ ଅଲିମ୍ପିକ୍ସର ସ୍ୱର୍ଣ୍ଣ ପଦକ ପରେ ଆମ ପାଇଁ ୨୦୧୮ର ପୁରୁଷ ବିଶ୍ୱକପ୍ ହକି ଆଣିଛି ଅନେକ ସୁଯୋଗ। ଏହି ପ୍ରତିଯୋଗିତାରେ ଆମକୁ ସ୍ୱଦେଶ ମାଟିରେ ନିଜର ଲୁପ୍ତ ଗୌରବର ପୁନରୁଦ୍ଧାର କରି ସ୍ୱର୍ଣ୍ଣ ପଦକ ହାସଲ କରିବାକୁ ହେବ ଓ ତାହା ହିଁ ହେବ ଆଜିର ସଂକଳ୍ପ।

2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



MUTUAL FUNDS Sahi Hai
New Fund Offer
SUNDARAM
Services Fund
An open ended equity scheme
investing in Services Sector
NFO PERIOD: AUG 29th 2018 - SEP 12th 2018
Scheme re-opens for ongoing subscriptions / redemption from 26.09.2018
CONTROLLED AGGRESSION
Presenting an opportunity to invest in a sector representing 54%~ of the Indian economy. The Indian Services Sector, among the world's fastest growing @7.6%* in 2018, comprises 15 distinct sub-sectors across Transportation, Healthcare, Retail, BPM, Media & Entertainment, Hospitality & Tourism, Online and Financial Services. The Fund Managers' strategy will be to invest in a multi-cap portfolio of Aggressive Small caps, Midcaps and Defensive Large caps in existing (listed Universe of 193 stocks identified with Market Cap of 40 Lakh Crore) and Potential New listings in New Age Service businesses garnering Private Equity investments in excess of Rs. 1.7 lakh crores^ over the last 5 years.
SUNDARAM MUTUAL
UNEARTHING OPPORTUNITIES
Talk to your investment advisor or Call: 1860-425-7237 Visit:www.sundarammutual.com
/SundaramAMC @SundaramMF /sundarammutualofficial
INVEST NOW! NFO CLOSES ON SEP 12th
Low Moderately Low Moderate Moderately High High
LOW Riskometer HIGH
Investors understand that their principal will be at
Moderately High Risk
This product is suitable for investors who are seeking*
Long term capital growth
Investment in equity / equity related instruments of companies who have businesss predominantly in the Service Sector of the Economy.
*Investors should consult their financial advisors if in doubt about whether the product is suitable for them.
Scan me to visit YouTube
*Source : Morgan Stanley, CEIC, Sundaram Asset Management ~Source : CMIE, Sundaram Asset Management ^Source : CMIE, PE-deals – Jefferies, Sundaram Asset Management
Mutual fund investments are subject to market risks, read all scheme related documents carefully.




HONDA
The Power of Dreams
सच कर देंगे सपने
TIME TO
Livo
₹ 5,999# LOW DOWN PAYMENT
0# PROCESSING FEE
WITH NEW TRENDY FEATURES
Digital Analogue Meter with Service Due Indicator
Low Rolling Resistance Tubeless Tyre (HET Tyre)
Aerodynamic Design with Attractive Graphics
Scheme Partners:
HDFC BANK We understand your world
IndusInd Bank
L&T Financial Services
Honda is HONDA
Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com
BEST DEAL Buy. Sell. Exchange
ALWAYS WEAR HELMET WHILE RIDING
Also available: Annual Maintenance Contract** Road Side Assistance** Engine Health Assurance**
Follow us on
Honda Exclusive Authorized Dealerships: BERHAMPUR: Om Honda - 9937229933, 0680-2229933; BHANJNAGAR: Omkar Honda - 9437382104, 06821-240140; PHULBANI: Manas Honda - 06842253452, 9437063452.
For Bulk/Institutional enquiries, please write us at: institutionalsales@honda2wheelersindia.com